# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ସେପ୍ଟେମ୍ବର ୨୬/୨୦୨୨ (୧୬ ପୃଷ୍ଠା) | Dhenkanal, Monday, September 26/2022 | Page 16 ₹ 7.00 | ★★★★★

୧୮ଶ ଭାଗ ୨୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul | VOLUME 18 ISSUE 220




## କୁଳଦୀପ ଯାଦବଙ୍କ ହ୍ୟାଟ୍ରିକ୍

ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ କୁଳଦୀପ ଯାଦବ ହ୍ୟାଟ୍ରିକ ଅର୍ଜନ କରିଛନ୍ତି।

୧୪

୧୨

## ପିଲାଙ୍କୁ ନେଇ ଯତ୍ନବାନ୍

ବଲିଉଡ୍ ନାୟିକା ସନୀ ଲେଓନ ଅନେକ ଥର ଟ୍ରୋଲ୍ ହେବା ଯୋଗୁ ଘରେ ସୋସିଆଲ ମିଡିଆ ବ୍ୟବହାର କରୁ ନ ଥିବା କହିଛନ୍ତି।



# ହାତୀ ଆକ୍ରମଣ:ଓଡ଼ିଶାରେ ସର୍ବାଧିକ ଜୀବନହାନି

■ଗତ ୩ ବର୍ଷରେ ୩୨୨ଜଣଙ୍କ ମୃତ୍ୟୁ
■ବିଭିନ୍ନ କାରଣରୁ ୨୪୫ ହାତୀଙ୍କ ଜୀବନ ଯାଇଛି



ନୂଆଦିଲ୍ଲୀ, ୨୫।୯

ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ ଶେଷ ହେବା ଭଳି ମନେ ହେଉନାହିଁ। ଏଥିଯୋଗୁ ବ୍ୟାପକ ଧନଜୀବନ ଓ ଫସଲ ହାନି ଘଟୁଛି। ରାଜ୍ୟରେ ଗତ ୩ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୧-୨୨ ଯାଏ ହାତୀ ଆକ୍ରମଣରେ ୩୨୨ଜଣଙ୍କ ମୃତ୍ୟୁ ଘଟିଛି, ଯାହାକି ଦେଶରେ ସର୍ବାଧିକ। ଏହି ସମୟ ମଧ୍ୟରେ ଦେଶରେ ହାତୀ ଆକ୍ରମଣରେ ୧୫୭୮ଜଣଙ୍କ ପ୍ରାଣହାନି ଘଟିଛି। କେବଳ ମଣିଷ ନୁହେଁ, ବିଭିନ୍ନ କାରଣରୁ ହାତୀମୃତ୍ୟୁ ମଧ୍ୟ ଚିନ୍ତାଜନକ ରହିଛି। ପ୍ରାଣୀପ୍ରେମୀମାନଙ୍କ କହିବାନୁଯାୟୀ, ଓଡ଼ିଶାରେ ଘଞ୍ଚ ଜଙ୍ଗଲ ଉଜୁଡୁଥିବା ଯୋଗୁ ବନ୍ୟପ୍ରାଣୀଙ୍କ ବାସସ୍ଥାନ, ଖାଦ୍ୟ ଓ ପାନୀୟ ପ୍ରତି ସଙ୍କଟ ସୃଷ୍ଟି ହୋଇଛି। ତାହାର କୁପରିମାଣ ସ୍ୱରୂପ ମଣିଷଙ୍କୁ ବହୁମୂଲ୍ୟ ଦେବାକୁ ପଡୁଛି। ବନ୍ୟପ୍ରାଣୀ ମଧ୍ୟ ନିଶ୍ଚିହ୍ନ ହେବାକୁ ଲାଗିଲେଣି। ପାର୍ଲାମେଣ୍ଟର ଗତ ଅଧିବେଶନରେ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବଙ୍କ ସୂଚନା ଅନୁଯାୟୀ ହାତୀ ଆକ୍ରମଣରେ ଓଡ଼ିଶାରେ ୨୦୧୯-୨୦ରେ ୧୧୭ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୨୦୨୦-୨୧ ଏବଂ ୨୦୨୧-୨୨ରେ ଯଥାକ୍ରମେ ୯୩ ଏବଂ ୧୧୨ଜଣ ଲୋକ ପ୍ରାଣ ହରାଇଛନ୍ତି। ତେବେ ଏହି ୩ ବର୍ଷ ମଧ୍ୟରେ ଓଡ଼ିଶାରେ ୨୪୫ ହାତୀଙ୍କ ଜୀବନ ଯାଇଛି। ସେଥିମଧ୍ୟରେ ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ଟି ହାତୀଙ୍କ ମୃତ୍ୟୁ ଘଟିଛି। ଢେଙ୍କାନାଳ ଡିଭିଜନରେ ସର୍ବାଧିକ ୩୫, କେନ୍ଦୁଝର ଡିଭିଜନରେ ୨୧, ଅନୁଗୋଳ ଡିଭିଜନରେ ୧୨, ଦେବଗଡ଼ ଓ ଆଠମଲିକ ଡିଭିଜନରେ ୧୧ ଲେଖାଏ ଏବଂ ବାଲେଶ୍ୱର, କଳାହାଣ୍ଡି(ଦକ୍ଷିଣ) ଓ ଖୋର୍ଦ୍ଧା ଡିଭିଜନରେ ୧୦ ଲେଖାଏ ହାତୀମୃତ୍ୟୁ ଘଟିଛି। ଶିକାର, ବିଦ୍ୟୁତ୍ ଆଘାତ, ଟ୍ରେନ୍ ଧକ୍କା ଏବଂ ସଡ଼କ ଦୁର୍ଘଟଣା ଆଦି କାରଣରୁ ଏହି ବୃହଦାକାୟ ☞ପୃଷ୍ଠା-୪




**ସ୍ୱାଧୀନତା ପାଇଁ ସଂଗ୍ରାମ:** ଦୁର୍ଗାପୂଜା ପୂର୍ବରୁ ସ୍ୱାଧୀନତା ସଂଗ୍ରାମର ୭୫ ବର୍ଷ ପୂର୍ତ୍ତି ଥିମ୍‌କୁ ନେଇ କୋଲକାତାର ଏକ ମଣ୍ଡପକୁ ସଜ୍ଜିତ କରାଯାଇଛି।

# ଅଷ୍ଟ୍ରେଲିଆ ବିପକ୍ଷ ସିରିଜ୍ ଜିତିଲା ଭାରତ

ହାଇଦ୍ରାବାଦ, ୨୫।୯

ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବଙ୍କ ଶତକୀୟ ଭାଗୀଦାରି ବଳରେ ଭାରତ ରବିବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ ମ୍ୟାଚରେ ଅଷ୍ଟ୍ରେଲିଆକୁ ୬ ଉଇକେଟରେ ପରାସ୍ତ କରିଛି। ଫଳରେ ଭାରତ ୨-୧ରେ ସିରିଜ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଜିତିଥିବାବେଳେ ବର୍ଷା ବାଧାପ୍ରାପ୍ତ ଦ୍ୱିତୀୟ ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିଥିଲା। ଜବାବରେ ଭାରତ ୧୯.୫ ଓଭରରେ ୪ ଉଇକେଟ ହରାଇ ୧୮୭ ରନ ସଂଗ୍ରହ କରି ନେଇଥିଲା। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ ଆବଶ୍ୟକ ଥିବାବେଳେ ଡାନିଏଲ ସାମ୍ସଙ୍କ ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ ବିରାଟ। ସେ ୪୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା, ୪ ଛକା ସହ ୬୩ ରନ କରିଥିଲେ। ୩ୟ ବଲ୍‌ରୁ ଦୀନେଶ କାର୍ତ୍ତିକ ୧ ରନ କରିଥିବାବେଳେ ୪ର୍ଥ ବଲ୍‌କୁ ଡକ୍ ଖେଳିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ଫଳରେ ଉତ୍କଣ୍ଠା ବଢ଼ିଥିଲା। ମାତ୍ର ୫ମ ବଲ୍‌କୁ ☞ପୃଷ୍ଠା-୪

# କଟକରେ ଆଜି ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚ୍ ମଣିପାଲ ଟାଇଗର୍ସ ବନାମ ଭିଲ୍‌ୱାରା କିଙ୍ଗ୍ସ

ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)

ବାରବାଟୀ ପ୍ରସ୍ତୁତ। କଟକର ଏହି ଐତିହାସିକ ଷ୍ଟାଡିୟମରେ ସୋମବାର ଖେଳାଯିବ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି) ମ୍ୟାଚ୍। ମଣିପାଲ ଟାଇଗର୍ସ ଓ ଭିଲ୍‌ୱାରା କିଙ୍ଗ୍ସ ମଧ୍ୟରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଏଥିପାଇଁ ବାରବାଟୀକୁ ନୂଆରୂପ ଦିଆଯାଇଛି। ପୂର୍ବରୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ର ମୂକସାକ୍ଷୀ ଥିବା ବାରବାଟୀରେ ପ୍ରଥମଥର ପାଇଁ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଖେଳାଯିବ। ସୁରକ୍ଷା ଦୃଷ୍ଟିରୁ ରବିବାର ସନ୍ଧାନୀ କୁକୁର ସହାୟତାରେ ପଡ଼ିଆକୁ ଯାଞ୍ଚ କରାଯାଇଛି। ପୂର୍ବରୁ ପିଚ୍ ପ୍ରସ୍ତୁତ ହୋଇସାରିଥିବାବେଳେ ସ୍କ୍ରିନ, ସ୍କୋରବୋର୍ଡ ଏବଂ ଦର୍ଶକଙ୍କ ମ୍ୟାଚ ଉପଭୋଗ ପାଇଁ ସୁବନ୍ଦୋବସ୍ତ କରାଯାଇଛି। ମ୍ୟାଚ ଖେଳିବା ପାଇଁ ଉଭୟ ଭିଲ୍‌ୱାରା କିଙ୍ଗ୍ସ ଓ ମଣିପାଲ ଟାଇଗର୍ସ ଦଳ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଇରଫାନ ପଠାନ ଭିଲ୍‌ୱାରା କିଙ୍ଗ୍ସ ଏବଂ ହରଭଜନ ସିଂ ମଣିପାଲ ଟାଇଗର୍ସ ଦଳର ନେତୃତ୍ୱ ନେବେ। ଭିଲ୍‌ୱାରା କିଙ୍ଗ୍ସ ପକ୍ଷରୁ ଇରଫାନଙ୍କ ବ୍ୟତୀତ ତାଙ୍କ ଭାଇ ୟୁସୁଫ୍ ପଠାନ୍ ଓ ଏସ୍ ଶ୍ରୀସନ୍ଥ ଏବଂ ମଣିପାଲ ଟାଇଗର୍ସ ପକ୍ଷରୁ ହରଭଜନଙ୍କ ଛଡ଼ା ମହମ୍ମଦ କୈଫ୍ ଓ ମୁଥୟା ମୁରଲୀଧରନଙ୍କ ଭଳି ଲିଜେଣ୍ଡମାନେ ଅଂଶଗ୍ରହଣ କରିବେ।









# ଗେହଲଟ୍ ଗୋଷ୍ଠୀର ୯୨ ବିଧାୟକଙ୍କ ଇସ୍ତଫା

■ରାଜସ୍ଥାନ କଂଗ୍ରେସରେ କ୍ଷମତା ଲଢ଼େଇ
■ପାଇଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ କରାଇ ନ ଦେବା ପାଇଁ ଚାପ

ଜୟପୁର/ନୂଆଦିଲ୍ଲୀ, ୨୫।୯

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଶିବିରରେ ରବିବାର ରାତିରେ ହାଇଡ୍ରାମା ଦେଖିବାକୁ ମିଳିଛି। ଗେହଲଟ୍ ମୁଖ୍ୟମନ୍ତ୍ରୀ ପଦରେ ଥାଇ କଂଗ୍ରେସ ଅଧ୍ୟକ୍ଷ ହୁଅନ୍ତୁ ବୋଲି ତାଙ୍କ ସମର୍ଥକମାନେ ଦାବି କରିଛନ୍ତି। ଗେହଲଟ୍ ଗୋଷ୍ଠୀର ୯୨ ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ସମୂହ ଇସ୍ତଫା ଦେଇଛନ୍ତି। ସେମାନେ ବିଧାନସଭା ବାଚସ୍ପତି ସି.ପି. ଜୋଷୀଙ୍କୁ ଭେଟି ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଫଳରେ ୨୦୦ ଆସନ ବିଶିଷ୍ଟ ରାଜ୍ୟ ବିଧାନଭାରେ ବିଧାୟକଙ୍କ ସଂଖ୍ୟା ୧୦୮କୁ ଖସିଛି। ଏଥିସହ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ମଧ୍ୟ ୫୫କୁ ହ୍ରାସ ପାଇଛି। ଗୃହରେ ଭାଜପା ବିଧାୟକଙ୍କ ସଂଖ୍ୟା ହେଉଛି ୭୦। କଂଗ୍ରେସ ବିଧାୟକମାନେ ସରକାର ଭାଙ୍ଗିବାକୁ ଏପରି ଉଦ୍ୟମ କରିଛନ୍ତି କି ବୋଲି ପ୍ରଶ୍ନ କରାଯିବାରୁ ଜଣେ ଏମ୍‌ଏଲ୍‌ଏ କହିଛନ୍ତି, ଆମେ ଗେହଲଟ୍‌ଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦେଖିବାକୁ ଚାହୁଁ। କେନ୍ଦ୍ରୀୟ ନେତୃତ୍ୱ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ସର୍ତ୍ତରେ ତାଙ୍କୁ ରିହାତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ରାଜ୍ୟରେ ରାଜନୈତିକ ସଙ୍କଟ ସୃଷ୍ଟି କରିଛି। ☞ପୃଷ୍ଠା-୪



ଅଶୋକ ଗେହଲଟ୍

# ପୋର୍ଟାଲ ଖୋଲିଛି, ଇନ୍‌ଭେଷ୍ଟର୍ସ ନାହାନ୍ତି

■ଆଜି ମନ୍ତ୍ରଣାଳୟ, ରାଜ୍ୟ ସରକାରଙ୍କ ଅଧିକାରୀ, ଇନ୍‌ଭେଷ୍ଟର୍ସଙ୍କ ବୈଠକ
■ସ୍କ୍ରାପିଂ ସେଣ୍ଟର ଲାଗି ସରକାର ଯୋଗାଇ ଦେବେ ୧୦ ଏକର ଜମି
■ଏସ୍‌ଜିଏସ୍‌ଟିରେ ଛାଡ଼, ବିଦ୍ୟୁତ୍ ସବ୍‌ସିଡି ପାଇବେ ଇନ୍‌ଭେଷ୍ଟର୍ସ
■ଗାଡ଼ି ମାଲିକଙ୍କ ଲାଗି ରହିଛି ଟ୍ୟାକ୍ସରେ ଛାଡ଼ ପାଇବା ସୁବିଧା

ଭୁବନେଶ୍ୱର,୨୫।୯(ବ୍ୟୁରୋ)

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ରାଜ୍ୟସ୍ତରୀୟ ରେଜିଷ୍ଟ୍ରେଶନ ଭେଇକିଲ ସ୍କ୍ରାପିଂ ଫାସିଲିଟି(ଆର୍‌ଭିଏସ୍‌ଏଫ୍) ଘୋଷଣା ପାଇଁ କୁହଯାଇଛି। ଏଥିଲାଗି ମନ୍ତ୍ରଣାଳୟ ପକ୍ଷରୁ ଏକ ଗେଜେଟ୍ ନୋଟିଫିକେଶନ ଜାରି କରାଯାଇଛି। ଓଡ଼ିଶାରେ ୨୦ ବର୍ଷରୁ ଅଧିକ ୧୪.୭୪ଲକ୍ଷ ନନ୍ ଟ୍ରାନ୍ସପୋର୍ଟ ଏବଂ ୧୫ ବର୍ଷରୁ ଅଧିକ ୩.୬୩ ଲକ୍ଷ ଟ୍ରାନ୍ସପୋର୍ଟ ଗାଡ଼ି ରହିଛି। ସେଗୁଡିକ ସ୍କ୍ରାପିଂ କରାଯିବ। ଏହାକୁ ସ୍କ୍ରାପିଂ କରିବା ଲାଗି ଇନଭେଷ୍ଟର୍ସଙ୍କୁ ରାଜ୍ୟ ସଡ଼କ ପରିବହନ ବିଭାଗ ଆମନ୍ତ୍ରଣ କରିବା ଲାଗି ସବୁ କାମ ସରିଛି। କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ ହୋଇଥିବା ନ୍ୟାଶନାଲ ସିଙ୍ଗଲ୍ ୱିଣ୍ଡୋ ପୋର୍ଟାଲରେ ପୂର୍ବରୁ ରାଜ୍ୟ ସରକାର ଆକ୍ଟିଭ ଅଛନ୍ତି। ଏହି ପୋର୍ଟାଲ୍‌ରେ ଓଡ଼ିଶା ସମେତ ୯ଟି ରାଜ୍ୟରେ ସ୍କ୍ରାପିଂ ସେଣ୍ଟର ଲାଗି ଆବେଦନ କରିବାକୁ ଇନ୍‌ଭେଷ୍ଟର୍ସମାନଙ୍କ ପାଇଁ ସୁବିଧା ରହିଥିଲେ ସୁଦ୍ଧା ଓଡ଼ିଶା ପାଇଁ ଜଣେ ହେଲେ ବି ଆବେଦନ କରି ନ ଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏଭଳିସ୍ଥିତିରେ ଇନ୍‌ଭେଷ୍ଟର୍ସମାନଙ୍କ ସନ୍ଦେହ ଦୂର କରିବା ଲାଗି ସୋମବାର ମନ୍ତ୍ରଣାଳୟ ଅଧିକାରୀ, ରାଜ୍ୟ ସରକାରଙ୍କ ଅଧିକାରୀ ଏବଂ ୭ ଇନଭେଷ୍ଟର୍ସଙ୍କ ମଧ୍ୟରେ ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ବୈଠକ ହେବ। ଏଥିରେ ସେମାନଙ୍କ ସନ୍ଦେହ ଦୂର କରିବା ଲାଗି ଚେଷ୍ଟା କରାଯିବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପରିବହନ ଏବଂ ଶିଳ୍ପ ବିଭାଗ ଏହି କାର୍ଯ୍ୟ ମିଳିତ ଭାବେ ☞ପୃଷ୍ଠା-୪



## ଆଜିର ସମ୍ପାଦକୀୟ

### ନ୍ୟାୟ ଆଶା କ୍ଷୀଣ

## ଅଙ୍ଗନୱାଡି ଶିଶୁକୁ ବଳାତ୍କାର, ଅବସରପ୍ରାପ୍ତ ଶିକ୍ଷକ ଗିରଫ

ଫୁଲବାଣୀ ଅଫିସ, ୨୫।୯: କନ୍ଧମାଳ ଜିଲା ଫୁଲବାଣୀ ସଦର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ଅଙ୍ଗନୱାଡିରେ ପଢୁଥିବା ୪ ବର୍ଷର ଏକ ଶିଶୁକନ୍ୟାକୁ ସେହି ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ସୁବର୍ଣ୍ଣ ମଲ୍ଲିକ। ଗତ ୨୨ ତାରିଖରେ ଶିଶୁକନ୍ୟାଟି ଘର ପାଖରେ ଖେଳୁଥିଲା। ତାଙ୍କ ମା' ଘର ପଛ ପାଖରେ କାମ କରୁଥିଲେ। ଏହାର ସୁଯୋଗ ନେଇ ସୁବର୍ଣ୍ଣ ଝିଅଟିକୁ ଘରକୁ ଡାକି ନେଇ ବଳାତ୍କାର କରିବା ସମୟରେ ମା' ଦେଖି ପାଟି କରିଥିଲେ। ଏହାପରେ ସୁବର୍ଣ୍ଣ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଝିଅର ମା' ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ।

# ଆଜି ପୃଥିବୀର ନିକଟତର ହେବ ବୃହସ୍ପତି

■୬ ଦଶନ୍ଧି ପରେ ପ୍ରଥମ ବିରଳ ଦୃଶ୍ୟ

ୱାଶିଂଟନ୍, ୨୫।୯

ସୌରମଣ୍ଡଳର ବୃହତ୍ତମ ଗ୍ରହ ବୃହସ୍ପତି ପ୍ରାୟ ୬ ଦଶନ୍ଧି ପରେ ସୋମବାର ପୃଥିବୀର ସବୁଠୁ ନିକଟତର ହେବାକୁ ଯାଉଛି। ୧୯୬୩ ପରେ ଏହି ବିଶାଳକାୟ ଗ୍ରହକୁ ଜ୍ୟୋତିର୍ବିଜ୍ଞାନୀମାନେ ରାତିସାରା ପାଖରୁ ଦେଖିପାରିବେ ବୋଲି ଆମେରିକୀୟ ମହାକାଶ ସଂସ୍ଥା ନାସା ପକ୍ଷରୁ କୁହାଯାଇଛି। ଏହି ସମୟରେ ବୃହସ୍ପତି ସୂର୍ଯ୍ୟଙ୍କ ଠିକ୍ ବିପରୀତ ଦିଗରେ ରହିବ। ବୃହସ୍ପତି ଏଭଳି ଦିଗ ବଦଳାଇବା ସ୍ଥିତିକୁ ବୈଜ୍ଞାନିକ ଭାଷାରେ 'ଅପୋଜିଶନ' କୁହାଯାଏ। ଅପୋଜିଶନ ଯୋଗୁ ବୃହସ୍ପତି ପୃଥିବୀ ପୃଷ୍ଠରୁ ପ୍ରତୀୟମାନ ହେବ। ସାଧାରଣ ବାଇନାକୁଲାରରେ ମଧ୍ୟ ଏହି ଦୃଶ୍ୟକୁ ଦେଖିହେବ। ବୃହସ୍ପତି ପାଇଁ ଅପୋଜିଶନ ଏକ ସାଧାରଣ ପ୍ରକ୍ରିୟା। ପ୍ରତି ୧୩ ମାସରେ ଏହି ଗ୍ରହ ସୂର୍ଯ୍ୟଙ୍କ ବିପରୀତ ଦିଗକୁ ଆସିଥାଏ। ଅପୋଜିଶନ ସ୍ଥିତିରେ ଥିବାବେଳେ ବୃହସ୍ପତି ଅନ୍ୟ ଦିନଗୁଡ଼ିକ ତୁଳନାରେ ଅଧିକ ବଡ଼ ଏବଂ ଉଜ୍ଜ୍ୱଳ ଦେଖାଯାଏ। ହେଲେ ୧୯୬୩ ମସିହା ପରଠାରୁ ପ୍ରଥମ ଥର ପାଇଁ ବୃହସ୍ପତି ପୃଥିବୀର ସବୁଠୁ ନିକଟତର ହେବାକୁ ଯାଉଛି। ପୃଥିବୀରୁ ଏହି ଗ୍ରହର ଦୂରତା ୬୦୦ ନିୟୁତ ମାଇଲ୍ ବା ପ୍ରାୟ ୯୬,୫୬,୦୬, ୪୦୦ କିଲୋମିଟର। ତେବେ ସୋମବାର ତାହା ପ୍ରାୟ ୩୬୭ ନିୟୁତ ମାଇଲ ବା ☞ପୃଷ୍ଠା-୪



# ଆହୁରି ଦୁଇଦିନ ବର୍ଷିବ

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ବର୍ଷା ସହିତ ଘଡ଼ଘଡ଼ି ହେଉଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପାଗ ଏହିଭଳି ରହିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, କନ୍ଧମାଳ, ନୟାଗଡ଼, ବୌଦ୍ଧ, ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ପୁରୀ, ଖୋର୍ଦ୍ଧା, କଟକ ଓ ଜଗତ୍‌ସିଂହପୁରରେ ଘଡ଼ଘଡ଼ି ସହ ବର୍ଷା ହେବ। ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ, କଟକ, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ମାଲକାନଗିରିରେ ମଧ୍ୟ ଏପରିସ୍ଥିତି ଲାଗି ରହିବ। ପ୍ରବଳ ବର୍ଷା ଓ ବଜ୍ରପାତ ନେଇ ଏହି ଦୁଇଦିନ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଅପରପକ୍ଷେ ରାଜ୍ୟରେ ଶନିବାରରୁ ରବିବାର ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଭୁବନେଶ୍ୱରରେ ସର୍ବାଧିକ ୪୫.୭ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ରବିବାର ସନ୍ଧ୍ୟା ୬ଟା ସୁଦ୍ଧା କେନ୍ଦୁଝରରେ ସର୍ବାଧିକ ୧୮.୪ ମିମି ବର୍ଷା ହୋଇଥିବାବେଳେ ଜଗତ୍‌ସିଂହପୁରରେ ୧୬.୫, ପୁରୀ ୯.୭, ☞ପୃଷ୍ଠା-୪

## ବାଇକ୍‌ରୁ ପଡ଼ି ରାଜମିସ୍ତ୍ରି ଗୁରୁତର

ଭୁବନ, ୨୫।୯(ଡି.ଏନ୍.ଏ.)-ଢେଙ୍କାନାଳ ଜିଲା ଭୁବନ ଥାନା କୁନ୍ଦିଦା ପାଟଣା ଗ୍ରାମର ରାଜମିସ୍ତ୍ରି ଭାଗବତ ସାହୁ (୪୦) ରବିବାର ଅପରାହ୍ନରେ ବାଇକ୍‌ରୁ ପଡ଼ି ଗୁରୁତର ହୋଇଛନ୍ତି। ସେ ଭୁବନରୁ କାମ ସାରି ଫେରୁଥିବାବେଳେ କୁନ୍ଦିଦା ପାଟଣା ଗ୍ରାମ ଜଙ୍ଗଲ ନିକଟ ଦେଇ ଯାଇଥିବା ରେଙ୍ଗାଳି ବାମ କେନାଲ ଶାଖା ରାସ୍ତାରେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ଏଥିରେ ତାଙ୍କର ମୁଣ୍ଡ ଫାଟିଯିବା ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଛାତିରେ ଗୁରୁତର ଆଘାତ ଲାଗିଛି। ଉକ୍ତ ସମୟରେ ସେହି ରାସ୍ତାଦେଇ ଯାଉଥିବା ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଲେ ରେଳ ସମସ୍ୟା

**ଢେଙ୍କାନାଳ ଅଫିସ, ୨୫।୯:** ଢେଙ୍କାନାଳ ଗସ୍ତରେ ଆସିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଢେଙ୍କାନାଳ-ଅନୁଗୋଳ ରେଳଯାତ୍ରୀ ଆସୋସିଏଶନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଢେଙ୍କାନାଳ ଦେଇ ଯାଉଥିବା ଅନୁଗୋଳ-ପୁରୀ ମେମୁ ଟ୍ରେନ୍‌କୁ ଯାତ୍ରୀଙ୍କ ସୁବିଧା ପାଇଁ ନିର୍ଦ୍ଧାରିତ ସମୟରେ ଚଳାଚଳ କରିବା, ଅନୁଗୋଳ ଏବଂ ତାଳଚେରରୁ ଆଉ ଗୋଟିଏ ଲେଖାଏ ମେମୁ ଟ୍ରେନ୍ ଚଳାଚଳ କରିବା, ଢେଙ୍କାନାଳରୁ ନରାଜ ଏବଂ କଟକ ପର୍ଯ୍ୟନ୍ତ ନୂତନ ଟ୍ରେନ୍ ଚଳାଚଳ ସୁବିଧା କରିବା ଲାଗି ରେଳଯାତ୍ରୀ ଆସୋସିଏଶନ ସଭାପତି ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ସମ୍ପାଦକ ବଦ୍ରି ନାରାୟଣ ମିଶ୍ର ଦାବି କରିଥିଲେ। ସେହିପରି ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ମଧ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସପ୍ତାହର ପ୍ରତି ବୁଧବାର ଭୁବନେଶ୍ୱର-ଇନ୍ଦୋର ଯାଉଥିବା ଦ୍ରୁତଗାମୀ ଟ୍ରେନ୍‌ର ଢେଙ୍କାନାଳରେ ଦୁଇ ମିନିଟ ରହଣି, ସମ୍ବଲପୁରରୁ ପ୍ରତି ଶୁକ୍ରବାର ଶାଲିମାର ଯାଉଥିବା ଟ୍ରେନ୍‌କୁ ସପ୍ତାହକକୁ ଦୁଇଦିନ ଚଳାଇବା ସମ୍ପର୍କରେ ସୁରେନ୍ଦ୍ର ମିଶ୍ର, ଭରତ ଦାସ, ଦୀପକ ପ୍ରସାଦ ପଟ୍ଟନାୟକ ଦାବି କରିଥିଲେ।

### କଟକ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବେ ବିଶ୍ୱଭୂଷଣ

ଭୁବନ, ୨୫।୯(ଡି.ଏନ.ଏ.)-ଢେଙ୍କାନାଳ ଜିଲାର ଯୁବ ଆଥଲେଟ୍ ତଥା ଭୁବନ ବ୍ଲକ ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ବିଶ୍ୱଭୂଷଣ ଜେନା କଟକ କ୍ରୀଡ଼ା ଛାତ୍ରାବାସରେ ପ୍ରଶିକ୍ଷଣ ନେବେ। ଏହା ଜଣାପଡ଼ିବା ପରେ ଅଞ୍ଚଳର କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଉଦୀୟମାନ ଯୁବ କ୍ରୀଡ଼ାବିତ୍ ବିଶ୍ୱଭୂଷଣ ସ୍କୁଲର କ୍ରୀଡ଼ା ଶିକ୍ଷକ ବିପିନ ବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ଦୌଡ଼, ବିଭିନ୍ନ ଆଥଲେଟିକ୍ସ ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇ ଦକ୍ଷତା ଦେଖାଇଛନ୍ତି। ବ୍ଲକସ୍ତରରୁ ଆରମ୍ଭ କରି ରାଜ୍ୟସ୍ତର ଯାଏ କୃତିତ୍ୱ ଅର୍ଜନ କରି ଜିଲାର ଗୌରବ ବଢ଼ାଇଛନ୍ତି। ଉପଯୁକ୍ତ ପ୍ରଶିକ୍ଷଣ ମିଳିଲେ ସେ ଜାତୀୟସ୍ତରରେ ପ୍ରତିଭାର ପ୍ରଦର୍ଶନ କରିପାରିବେ ବୋଲି ଦୃଢ଼



ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ଭୁବନ ବ୍ଲକ ଦାଗି ପଞ୍ଚାୟତର ବିଭୂତି ଭୂଷଣ ଜେନା ଏବଂ ପ୍ରମୋଦିନୀ ମଲ୍ଲିକଙ୍କ ୨ ସନ୍ତାନଙ୍କ ମଧ୍ୟରେ ବିଶ୍ୱଭୂଷଣ ସାନ। ଭଉଣୀ ପ୍ରିୟଙ୍କା ଭୁବନେଶ୍ୱରରେ ପଢୁଛନ୍ତି। ବିଶ୍ୱଭୂଷଣଙ୍କ ଏହି ସଫଳତାରେ ପ୍ରଧାନ ଶିକ୍ଷକ ଗଦାଧର ମିଶ୍ର, କ୍ରୀଡ଼ାପ୍ରେମୀଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀମାନେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ବିପୁଳ ଶାଳପଟା, ୫ କରତ ଜବତ

ପରଜଙ୍ଗ, ୨୫।୯(ଡି.ଏନ୍.ଏ.)

ପରଜଙ୍ଗ ବ୍ଲକ ବାରିହାପୁର ପଞ୍ଚାୟତ ଆଦର୍ଶ ବିଦ୍ୟାଳୟ ନିକଟ ଜଙ୍ଗଲରୁ ରବିବାର ବିପୁଳ ପରିମାଣର ଶାଳପଟା ସହ ୫ କରତ ବନ ବିଭାଗ ଜବତ କରିଛି। ଜଙ୍ଗଲରେ ଶାଳପଟା କଟାଯାଉଥିବା ସୂଚନା ପାଇ ଡିହଡୋଳ ସେକ୍ସନର ବନପାଳ ଅଜିତ ଦଳେଇ, ଫରେଷ୍ଟ ଗାର୍ଡ ଲୁସ୍ମିତା ସିଂ ସଦଳବଳ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ବନପାଳ କୁହନ୍ତି, କାଠ ମାଫିଆମାନେ ମୂଲ୍ୟବାନ ଗଛ କାଟି ନେଉଛନ୍ତି। ସେମାନଙ୍କୁ ଧରିବାକୁ ଗତ ୨ ମାସରେ ୪ରୁ ୫ଥର ଚଢ଼ାଉ କରାଯାଇଛି। ରବିବାର ୩୫ରୁ ୪୦ ସିଏଫ୍‌ଟି ଶାଳ ପଟା ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୬୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଆଗାମୀ ଦିନରେ କାଠ ମାଫିଆଙ୍କୁ ଧରିବାକୁ ଚଢ଼ାଉ ଆହୁରି ଜୋରଦାର ହେବ ବୋଲି ସେ ସୂଚନା ଦେଇଛନ୍ତି।

# ମାଡ଼ିଗଲା ଟ୍ରକ୍: ମହିଳା ମୃତ, ସ୍ୱାମୀ, ପୁଅ ଗୁରୁତର

ଢେଙ୍କାନାଳ ଅଫିସ, ୨୫।୯

ମହାଳୟାରେ ସ୍ୱାମୀ ଏବଂ ୩ବର୍ଷର ଶିଶୁପୁତ୍ରଙ୍କ ସହ ବାପଘରକୁ ଆସୁଥିବା ବେଳେ ଦ୍ରୁତଗାମୀ କୋଇଲା ବୋଝେଇ ଟ୍ରକ୍ ଧକ୍କାରେ ଲିଭିଯାଇଛି ଜଣେ ମହିଳାଙ୍କ ଜୀବନ ଦୀପ। ବାପପୁଅ ଗୁରୁତର ହୋଇଛନ୍ତି। ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ଅଧୀନ ୫୫ନଂ. ଜାତୀୟ ରାଜପଥର ଇଟାପ ଛକ ନିକଟରେ ରବିବାର ମଧ୍ୟାହ୍ନ ୧୨ଟାରେ ଘଟିଥିବା ଏଭଳି ଦୁଃଖଦ ଦୁର୍ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମରଣଯନ୍ତା ପାଲଟିଥିବା ୫୫ନଂ. ଜାତୀୟ ରାଜପଥରେ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିବାବେଳେ ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ତୁରନ୍ତ ରାସ୍ତା ମରାମତି ଏବଂ ଅଭିଯୁକ୍ତ ଟ୍ରକ୍ ଚାଳକଙ୍କୁ ଗିରଫ ଦାବିରେ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ।

ପୋଲିସ ସୂଚନା ଅନୁଯାୟୀ, ଗଁଦିଆ ଥାନା ବନବାସପୁର ଗ୍ରାମର ସୁବାସ ଚନ୍ଦ୍ର ନନ୍ଦ ଅନୁଗୋଳ ଜିଲା ବଅଁରପାଳରେ ଭଡ଼ା ଘରେ ରହି ଏକ ଘରୋଇ କମ୍ପାନୀରେ କାମ କରୁଛନ୍ତି। ରବିବାର

### ମହାଳୟାରେ ବାପଘରକୁ ଆସୁଥିଲେ

ମହାଳୟା ଅବସରରେ ସ୍ତ୍ରୀ ମନୋରମା ମିଶ୍ର ଏବଂ ପୁଅଙ୍କୁ ବାଇକ୍‌ରେ ନେଇ ମୋଟଙ୍ଗା ଥାନା ଧଳପୁରସ୍ଥିତ ତାଙ୍କ ଶ୍ୱଶୁର ଘରକୁ ଆସୁଥିଲେ। ଏହି ସମୟରେ ଇଟାପ ନିକଟରେ ଏକ କୋଇଲା ବୋଝେଇ ଟ୍ରକ୍ ତାଙ୍କୁ ପଛ ପାଖରୁ ଧକ୍କା ଦେଇଥିଲା। ମନୋରମା ଗାଡ଼ିରୁ ଛିଟିକି ପଡି ଟ୍ରକ ପଛଚକା ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୁବାସ ଏବଂ ଶିଶୁପୁତ୍ର ରାସ୍ତାର ବାମ ପର୍ଶ୍ୱକୁ ଛିଟିକି ପରି ଗୁରୁତର ହୋଇଛନ୍ତି। ଉଭୟଙ୍କୁ ମେରାମଣ୍ଡଳୀ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ସମ୍ପର୍କୀୟ ଏବଂ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ସୂଚନା ପାଇ ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ସଦର ଏସ୍‌ଡିପିଓ ଦେବଦତ୍ତକର, କଣ୍ଟାବଣିଆ ଥାନାଧିକାରୀ ସବିତା ପାତ୍ର, ମୋଟଙ୍ଗା ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଦୁର୍ଘଟଣା ଘଟାଇ ଚାଳକ ଫେରାର ହୋଇଯାଇଥିବାବେଳେ ଟ୍ରକ୍ ଜବତ କରି ପୋଲିସ ତଦନ୍ତ କରୁଛି। ଏ ନେଇ ଏକ ମାମଲା ରୁଜୁ ହୋଇଛି।



ଜାତୀୟ ରାଜପଥରେ ଦୁର୍ଘଟଣା।

### ରେଡ୍‌କ୍ରସ୍ ସହାୟତା ରାଶି ଫେରାଇଦେଲେ

ଇଟାପ ଦୁର୍ଘଟଣାରେ ମୃତ ମନୋରମା ମିଶ୍ରଙ୍କ ପରିବାର ସଦସ୍ୟ ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯାଇଥିବା ରେଡ୍‌କ୍ରସ୍ ସହାୟତା ଅର୍ଥରାଶି ଫେରାଇ ଦେଇଛନ୍ତି। ସେମାନଙ୍କ କହିବା କଥା, ୫୫ନଂ. ଜାତୀୟ ରାଜପଥର ଏଭଳି ଦୟନୀୟ ଅବସ୍ଥା ଯୋଗୁ ମନୋରମାଙ୍କ ମୃତ୍ୟୁ ଘଟିଲା। ଏଭଳି ଅନେକ ଧନଜୀବନ ହାନି ହେଉଛି। ଏହି ଅର୍ଥରାଶି ସେମାନଙ୍କ କ୍ଷତିକୁ ଭରଣା କରିପାରିବ ନାହିଁ। ତେଣୁ ସେମାନେ ରେଡ୍‌କ୍ରସ୍ ରାଶି ଗ୍ରହଣ କରିବେ ନାହିଁ ବୋଲି କହିଥିଲେ, ଯାହା ଆଲୋଚନାର ବିଷୟ ହୋଇଛି।

# ୧୦୮ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ଜିଲା ସଦର ବ୍ଲକ ଚାଉଳିଆ ପଞ୍ଚାୟତ କଲ୍ୟାଣମଣ୍ଡପରେ ରବିବାର ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଜୀବନବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋଟ ୧୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଚାଉଳିଆ ସରପଞ୍ଚ ବାବୁଲି ରାଉତ, ସୋଗରପଶି ସରପଞ୍ଚ ତପନ ନାୟକ, ସଭାପତି ସୁରେଶ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ା, ଛାତ୍ର ବିଜେଡି ସଭାପତି ସୁରଜ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ସମିତିସଭ୍ୟା ରଞ୍ଜିତା ନାୟକ, ସମିତିସଭ୍ୟ ସର୍ବେଶ୍ୱର ନାୟକ, ଗଙ୍ଗାଧର ସେଠୀ, ବିଶ୍ୱରଞ୍ଜନ ସାହୁ, ପ୍ରକାଶ ସାହୁ, ସୁଶୀଲ୍ ଗୋଚ୍ଛାୟତ, ଆଶୁତୋଷ କର, ବସନ୍ତ ଦେହୁରୀ, ଧରଣୀଧର ଜେନା, ବାଦଲ ପ୍ରଧାନ, ସନ୍ତୋଷ ରାଉତ, ଗୋପବନ୍ଧୁ ରାଉତ, ଅବନୀ ରାଉତ, ପ୍ରକାଶ ମହାନ୍ତି, ପ୍ରଦୀପ ପରିଡ଼ା, ଛାୟାକାନ୍ତ ବେହେରା, ସୁବାସଗୋଚ୍ଛାୟତ, ଅମିତ ସାହୁ, ବ୍ରହ୍ମାନନ୍ଦ ରାଉତ, ସୁଶାନ୍ତ ରାଉତ, ରସାନନ୍ଦ ମହାଳିକ, ମଳୟ ବିଶ୍ୱାଳ, ସର୍ବେଶ୍ୱର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାର ଟେକ୍ନିସିଆନ୍ ପରମାନନ୍ଦ ପଣ୍ଡା, ରାକେଶ ଦେହୁରୀ, ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।



ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ।

# ଜିଲାପାଳଙ୍କୁ ସମସ୍ୟା ଜଣାଇବେ ଅଙ୍ଗନୱାଡି କର୍ମୀ



ବୈଠକରେ ଅଙ୍ଗନୱାଡି ସଂଘର କର୍ମକର୍ତ୍ତା।

କାମାକ୍ଷାନଗର, ୨୫।୯(ଡି.ଏନ୍.ଏ.)

ସରକାରୀ ଯୋଜନା, ଟିକାକରଣଠାରୁ ଆରମ୍ଭ କରି ଗର୍ଭବତୀ, ପ୍ରସୂତି, ଶିଶୁଙ୍କ ସ୍ୱାସ୍ଥ୍ୟରକ୍ଷା ଲାଗି ଅଙ୍ଗନୱାଡି କର୍ମୀମାନେ ଦିନରାତି କାମ କରୁଛନ୍ତି। ହେଲେ କାମ ତୁଳନାରେ ସେମାନଙ୍କୁ ପାରିଶ୍ରମିକ ମିଳୁନାହିଁ। ଦିନକୁ ଦିନ ସାମଗ୍ରୀ ଦରଦାମ ଆକାଶ ଛୁଆଁ ହେଉଥିବାବେଳେ ତଦନୁଯାୟୀ ଅର୍ଥ ଯୋଗାଣ ହେଉନାହିଁ। ଏଭଳି ଏକାଧିକ ଦାବି ନେଇ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଏବଂ ପରଜଙ୍ଗ ବ୍ଲକର ଅଙ୍ଗନୱାଡି କର୍ମୀମାନେ ଜିଲାପାଳଙ୍କୁ ଭେଟି ଗୁହାରି ଜଣାଇବେ। ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଙ୍ଗନୱାଡି ଆସୋସିଏଶନ ପକ୍ଷରୁ ରବିବାର କଙ୍କଡ଼ାହାଡ଼ରେ ଅନୁଷ୍ଠିତ ଏକ ଜରୁରୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମଣ ଦାସ, ଜିଲା ସଭାପତି କୃଷ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ। କଙ୍କଡ଼ାହାଡ଼ ଓ ପରଜଙ୍ଗ ବ୍ଲକରେ ଚାଲୁଥିବା 'ସୋପାନ' କାର୍ଯ୍ୟକ୍ରମରେ ଟଙ୍କା ବୃଦ୍ଧି ପାଇଁ ସରକାରଙ୍କୁ ଅବଗତ କରାଯିବ। ବଜାରରେ ଅଣ୍ଡାର ମୂଲ୍ୟ ୬ଟଙ୍କା ଥିବାବେଳେ ୫ ଟଙ୍କା ଯୋଗାଣ ହେଉଛି। ପିଲା ପିଚ୍ଛା ୧୫ ଗ୍ରାମ ପରିବା, ୨୫ ଗ୍ରାମ ଡାଲି, ୯୦ ଗ୍ରାମ ଚାଉଳରେ ଖାଇବାକୁ ଦେବା କଷ୍ଟକର ହେଉଛି। ଗ୍ୟାସ୍ ସିଲିଣ୍ଡର ତୁଳନାରେ ଖାତାକୁ କମ୍ ଟଙ୍କା ଆସୁଛି। ଏସବୁ ସମସ୍ୟା ବିଷୟରେ

### କାମ ତୁଳନାରେ ପାରିଶ୍ରମିକ କମ୍

ପ୍ରଶାସନକୁ ଅବଗତ କରାଯାଇଛି। ଅତ୍ୟଧିକ କାର୍ଯ୍ୟଚାପ ପଡୁଥିବାରୁ ଗାଁ କଲ୍ୟାଣ ସମିତିରୁ ସେମାନଙ୍କୁ ବାଦ୍‌ଦେବାକୁ ନିବେଦନ କରାଯାଇଛି। ଏ ସମସ୍ତ ବିଷୟରେ ଆଲୋଚନା କରିବା ପାଇଁ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳଙ୍କୁ ଭେଟିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ସଭାନେତ୍ରୀ ଭାବେ ମାନସୀ ମହାପାତ୍ର, ସମ୍ପାଦିକା ଶାନ୍ତିଲତା ଶତପଥୀ, କୋଷାଧ୍ୟକ୍ଷା କମଳା ସର୍ଦ୍ଦାର, ଦୀପାଞ୍ଜଳି ସିଂ, ସୁଲୋଚନା ସିଂ, ଅନ୍ନପୂର୍ଣ୍ଣା ସିଂ, ଧରିତ୍ରୀବାଳା ସାମଲ, ଗୀତାଞ୍ଜଳି ମହନ୍ତ, ସୁଭଦ୍ରା ସିଂ, ସ୍ନେହଲତା ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି।

## କାଙ୍କଡ଼ପାଳ ଗ୍ରାମରେ ଗୁଳିମାଡ଼ ଘଟଣା
# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ଜିଲା ସଦର ଥାନା କାଙ୍କଡପାଳ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଘଟିଥିବା ଗୁଳିକାଣ୍ଡ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ବି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ଅନ୍ୟପଟେ ଗୁଳିମାଡ଼ ବେଳେ ଜୀବନ ବିକଳରେ ଘର ଛାତରୁ ତଳକୁ ଡେଇଁ ପଡ଼ିଥିବା ଅଜିତ କୁମାର ସାହୁଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଭୟ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଶନିବାର ରାତିରେ କାଙ୍କଡ଼ପାଳ ଗ୍ରାମର କେତେଜଣ ଯୁବକ ରଞ୍ଜା ଛକକୁ ଚିକେନ କିଣିବାକୁ ଯାଇଥିଲେ। ସେଠାରେ ଉପସ୍ଥିତ କେତେଜଣ ଯୁବକ ସେମାନଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଟଙ୍କା ମାଗିଥିଲେ। ତେବେ କାଙ୍କଡ଼ପାଳ ଗ୍ରାମର ଯୁବକମାନେ ଟଙ୍କା ନ ଦେଇ କୌଶଳକ୍ରମେ ଗ୍ରାମକୁ ପଳାଇ ଆସିଥିଲେ। ଏହାପରେ ଅଭିଯୁକ୍ତ ଯୁବକମାନେ ଗାଁକୁ ଆସି ଗ୍ରାମବାସୀଙ୍କୁ ଗାଳିଗୁଲଜ କରିବା ସହ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିଥିଲେ। ଉକ୍ତ ସମୟରେ ସ୍ଥାନୀୟ ବଜରଙ୍ଗ କ୍ଲବ ପକ୍ଷରୁ ଗ୍ରାମର କ୍ଲବ ଘର ଛାତରେ ଗଣେଶ ପୂଜା ହିସାବ ଚାଲିଥିବା ବେଳେ ୩ ଅଭିଯୁକ୍ତ ପହଞ୍ଚି ୩ ରାଉଣ୍ଡ ଗୁଳିଚାଳନା କରି ଫେରାର ହୋଇଯାଇଥିଲେ। ଭୟଭୀତ ଅଜିତ୍ ଜୀବନ ବିକଳରେ ଛାତରୁ ଡେଇଁ ପଡ଼ିବାରୁ ଗୁରୁତର ହୋଇଛନ୍ତି। ସୂଚନା ପାଇ ସଦର ଥାନାଧିକାରୀ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ୩ ଫୁଟା ଗୁଳି ଜବତ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଏ ସଂକ୍ରାନ୍ତରେ ନଂ. ୪୬୮/୨୨ରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି।

# ଲକ୍ଷ୍ମୀପୂଜା: ଇନ୍ଦିପୁରରେ ୨୨ ମଣ୍ଡପ

ଢେଙ୍କାନାଳ ଅଫିସ, ୨୫।୯

ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଲକ୍ଷ୍ମୀପୂଜାର ଶାନ୍ତି କମିଟି ବୈଠକ ରବିବାର ଅପରାହ୍ନରେ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ସଭାପତି ଦାମୋଦର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ରାଜକିଶୋର ରାଉତ, ସମ୍ମାନିତ ଅତିଥି ଗ୍ରାମ ବିକାଶ ପରିଷଦ ସଭାପତି ରଘୁନାଥ ସିଂ, ସମିତିସଭ୍ୟ ଯୁଗଳ ମହାରଣା, ସରପଞ୍ଚଙ୍କ ପ୍ରତିନିଧି କୁଞ୍ଜବିହାରୀ ସାହୁ ପ୍ରମୁଖ ଯୋଗଦେଇ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ଆଲୋଚନା କରିଥିଲେ। ପ୍ରଶାସନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ପୂଜା ଆୟୋଜନ କରାଯିବ। ପରିମଳ ବ୍ୟବସ୍ଥା ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଅକ୍ଟୋବର ୯ରୁ ମା'ଙ୍କ ପୂଜା ଆରମ୍ଭ ହୋଇ ୧୯ରେ ଭସାଣି କରାଯିବ। ୨୨ ମଣ୍ଡପରେ ମା'ଙ୍କ ଆବାହନ ହେବ ବୋଲି ସ୍ଥିର କରାଯାଇଛି। ସମ୍ପାଦକ ଶେଷଦେବ ସାହୁ ବୈଠକ ପରିଚାଳନା କରିଥିଲେ।



ବୈଠକରେ କମିଟି କର୍ମକର୍ତ୍ତା।

# ଅସନ୍ତୋଷ ଝାଡ଼ିଲେ କୁକୁଡ଼ା ଚାଷୀ



ବୈଠକରେ ଯୋଗଦେଇଥିବା କୁକୁଡ଼ା ଚାଷୀ ସଂଘର ସଦସ୍ୟମାନେ।

ପରଜଙ୍ଗ, ୨୫।୯(ଡି.ଏନ.ଏ.)

ନିମ୍ନମାନର ଚିଆଁ ଏବଂ ଦାନା ଯୋଗାଇ ଶୋଷଣ କରୁଥିବା କମ୍ପାନୀ ବିରୋଧରେ ଅସନ୍ତୋଷ ଝାଡ଼ିଛନ୍ତି ପରଜଙ୍ଗ ବ୍ଲକର କୁକୁଡ଼ା ଚାଷୀ। ଏ ନେଇ ଶୁଣ୍ଠିକୋଟେଣି ଗ୍ରାମର ଏକ ଫାର୍ମ ପରିସରରେ ରବିବାର ଏକ ବୈଠକ ଚାଷୀସଂଘ ସଭାପତି ବାଉରୀବନ୍ଧୁ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଭାପତି ନରେନ୍ଦ୍ର ଖଟୁଆ, ସମ୍ପାଦକ ମାନସ ରଞ୍ଜନ ବରାଳ ଅତିଥି ଭାବେ ଯୋଗଦେଇଥିଲେ। କମ୍ପାନୀର ମନମାନି ପାଇଁ କୁକୁଡ଼ା ପାଳକମାନେ ବିପୁଳ କ୍ଷତି ସହୁଥିବାରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। କୁକୁଡ଼ା ଚାଷୀମାନେ କମ୍ପାନୀ ସହ କରିଥିବା ଚୁକ୍ତି ବାତିଲ କରିବା ଏବଂ ସମସ୍ତ ବ୍ଲକ କାର୍ଯ୍ୟକର୍ତ୍ତା ରାଜ୍ୟ ସରକାରଙ୍କୁ ଏ ବିଷୟରେ ଜଣାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କାମାକ୍ଷାନଗର ବ୍ଲକ ସଭାପତି ଦେବୀ ପ୍ରସାଦ ଦାସ, ପରଜଙ୍ଗ ବ୍ଲକ ସମ୍ପାଦକ ବସନ୍ତ ବିଶ୍ୱାଳ, ଉପସଭାପତି ରଞ୍ଜିତ ବିଶ୍ୱାଳ, କୋଷାଧ୍ୟକ୍ଷ ରାଜକିଶୋର ବିଶ୍ୱାଳ, ହେମନ୍ତ ସାହୁଙ୍କ ସମେତ ଶତାଧିକ କୁକୁଡ଼ା ଚାଷୀ ଉପସ୍ଥିତ ଥିଲେ।

# ଶ୍ରବଣବାଧିତଙ୍କୁ ହେୟଜ୍ଞାନ କରନାହିଁ

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ଜିଲା ବଧିର ସଂଘ ଓ ଅକ୍ଷମ କଲ୍ୟାଣ ସମିତି ବଧିର ବିଦ୍ୟାଳୟ ଆନୁକୂଲ୍ୟରେ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ବଧିର ଦିବସ ପାଳିତ ହୋଇଯାଇଛି। ଏମ୍‌ପି ମହେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରବଣ ବାଧିତଙ୍କୁ ହେୟଜ୍ଞାନ କରିବା ପରିବର୍ତ୍ତେ ସେମାନଙ୍କୁ ଆଗକୁ ବଢ଼ିବା ଲାଗି ସୁଯୋଗ ଦେବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର କହିଲେ, ସମସ୍ତେ ସହଯୋଗର ହାତ ବଢ଼ାଇଲେ ଶ୍ରବଣ ବାଧିତଙ୍କ ସମସ୍ୟାର ସମାଧାନ





କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

ହୋଇପାରିବ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ କହିଲେ, ଶ୍ରବଣ ବାଧିତଙ୍କୁ ବିବାହ କଲେ ସରକାରୀସ୍ତରରେ ଅଢେଇ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରାଯିବା ବ୍ୟବସ୍ଥା ରହିଛି। ସେମାନଙ୍କୁ ବିଭିନ୍ନ ବୃତ୍ତି, ସରକାରୀ ଚାକିରିରେ ୩% ସଂରକ୍ଷଣ ସୁବିଧା ରହିଥିବା ସେ ସୂଚନା ଦେଇଥିଲେ। ବଧିର ସଂଘର ଜିଲା ସଭାପତି ମନୋରଞ୍ଜନ ସାମଲ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଶତପଥୀ, ଉପସଭାପତି ରାଜେନ୍ଦ୍ର ନାରାୟଣ ସାମଲ, ଆଇନଜୀବୀ ଦୀପକ ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥାଲେ। ଏହି ଅବସରରେ ଏକ କର୍ମଶାଳ ଅନୁଷ୍ଠିତ ହେବା ସହିତ ପୁରସ୍କାର ବିତରଣ କରାଯାଇଥିଲା।

# ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ





ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

ଢେଙ୍କାନାଳ ଅଫିସ, ୨୫।୯

ଢେଙ୍କାନାଳ ଜିଲା ସ୍ପୋର୍ଟସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ବାର୍ଷିକ ସମ୍ମିଳନୀ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଅନୁଷ୍ଠିତ ହୋଇଛି। ଡିଇଓ ନିବେଦିତା ପାଣିଙ୍କ ସଭାପତିତ୍ୱରେ ସମ୍ବଲପୁର ଜୋନ୍ ଆଞ୍ଚଳିକ ନିର୍ଦ୍ଦେଶକ ବିକାଶ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ଗୁରୁଦାୟିତ୍ୱକୁ ଠିକ୍ ଭାବେ ତୁଲାଇବାକୁ ସେ ପରାମର୍ଶ ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ହିନ୍ଦୋଳ ବିଇଓ ଶାନ୍ତନୁ ମଲ୍ଲିକ, ଓଡ଼ାପଡ଼ା ବିଇଓ ବ୍ରହ୍ମୋତ୍ରୀ ବିଶ୍ୱାଳ, ଢେଙ୍କାନାଳ ବିଇଓ ବ୍ରହ୍ମାନନ୍ଦ ରାଉତ, ଭୁବନ ବିଇଓ ରୁଦ୍ରନାରାୟଣ ରାଉତ, ପରଜଙ୍ଗ ବିଇଓ ହରିହର ଦେହୁରୀ, କଙ୍କଡ଼ାହାଡ଼ ବିଇଓ ମିନତୀ ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତି ପ୍ରସାଦ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହାପରେ ଗ୍ରାମାଞ୍ଚଳରେ ବିଭିନ୍ନ ଖେଳକୁଦ ପ୍ରତିଯୋଗିତା କରିବା ଲାଗି ସ୍ଥାନ ନିରୂପଣ ହୋଇଥିଲା।

ଏହି ଅବସରରେ ଜୁନିୟର ରେଡ୍‌କ୍ରସ୍‌ର ପୂର୍ବତନ ଯୁବ ସମ୍ପାଦକ ବିପିନି ବିହାରୀ ଶତପଥୀଙ୍କ ଲିଖିତ ପୁସ୍ତକ 'ସେବା ଆରତୀ' ଉନ୍ମୋଚିତ ହୋଇଥିଲା। ସଭା ଆରମ୍ଭରେ ଶାରୀରିକ ଶିକ୍ଷା ଶିକ୍ଷକ ସୁଶୀଲ କୁମାର ପଣ୍ଡା ବେଦ ପାଠ କରିଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷକ ବିପିନି କୁମାର ସାହୁ ସଂଯୋଜନା କରିଥିଲେ। ପ୍ରଶାନ୍ତ ସାହୁ, ଶାରୀରିକ ଶିକ୍ଷା ଶିକ୍ଷକ ନରେଶ ମହାରଣା ପରିଚାଳନା କରିଥିଲେ।

# ନାଟକ ଦର୍ଶକ ହୃଦୟକୁ ଅନୁରଣିତ କରେ

ଢେଙ୍କାନାଳ ଅଫିସ, ୨୫।୯

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ରେ ରବିବାର ଜିଲାସ୍ତରୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଡ. ବିଜୟ କୁମାର ଶତପଥୀ ଯୋଗଦେଇ ଓଡ଼ିଆ ନାଟକର ସାମ୍ପ୍ରତିକ ସ୍ଥିତି ଓ ଗତି ସମ୍ପର୍କରେ ଆଲୋଚନା କରିଥିଲେ। ନାଟକ ଦର୍ଶକ ହୃଦୟକୁ ଅନୁରଣିତ କରିଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ନୂଆପଡ଼ା ଜିଲା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ସୁରେଶ୍ୱରୀ



ବାଘ କହିଲେ, ମୂଲ୍ୟବୋଧଭିତ୍ତିକ ନାଟକ କାଳଜୟୀ। ବିଶିଷ୍ଟ ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ନାଟ୍ୟକାରଙ୍କୁ ସଚେତନ ହୋଇ ନାଟକ ରଚନା ଓ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଆଲୋଚକ ସୁବୋଧ ପଟ୍ଟନାୟକ କହିଲେ, ନାଟକ ଗୋଟିଏ ହୃଦୟରୁ ଆଉ ଗୋଟିଏ ହୃଦୟକୁ ସଞ୍ଚରିଗଲେ ଈର୍ଷଣୀୟ ସଫଳତା ପାଇଥାଏ। ନାଟ୍ୟକାର ଦୀନେଶ ଦାସ କହିଲେ, ନାଟକ ରଚନା ଓ ନିର୍ଦ୍ଦେଶନାରେ କ୍ଲିଷ୍ଟତାରୁ ଅତିବୌଦ୍ଧିକତାରୁ ମୁକ୍ତ ହେବା ଉଚିତ।

### ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନକୁ ଅନ୍ୟତମ ସଦସ୍ୟ କବି ବାହାଦୁର ପାଟସାହାଣୀ, କବି ବିଭୂତି ଭୂଷଣ ବେହେରା ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ କବି ମନୋରଞ୍ଜନ ନନ୍ଦଙ୍କ ସଭାପତିତ୍ୱରେ ଶତାଧିକ କବି କବିତା ପାଠ କରିଥିଲେ। ନିବେଦିତା ତ୍ରିପାଠୀ ଏହାର ସଂଯୋଜନା କରିଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୨,୦୧,୬୮,୪୦୭ | ୬୫,୪୦,୨୧୭ | ୬୦,୦୨,୧୦,୫୮୧ |
| ଭାରତ | ୪,୪୫,୬୮,୧୧୪ | ୫,୨୮,୫୧୦ | ୪,୩୯,୯୫,୬୧୦ |
| ଓଡ଼ିଶା | ୧୩,୩୩,୧୬୮ | ୯୧୧୦(+୫୩) | ୧୩,୨୨,୬୪୯ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ନବୀନ ନିବାସ ନିକଟରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଭୁବନେଶ୍ୱର,୨୫।୯ (ବ୍ୟୁରୋ)

ବର୍ଷେ କି ୨ବର୍ଷ ନୁହେଁ, ଦୀର୍ଘ ୨୩ବର୍ଷ ଧରି ନ୍ୟାୟ ପାଇଁ ପୋଲିସଠାରୁ ଆରମ୍ଭ କରି ଗୃହ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଦୌଡିଲେ। ହେଲେ କେଉଁଠୁ ନ୍ୟାୟ ନ ମିଳିବାରୁ ଶେଷରେ ନିରାଶ ହୋଇ ଜଣେ ମହିଳା ରବିବାର ନବୀନ ନିବାସ ନିକଟ ଏକ ଗଛରେ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଭଦ୍ରକ ଜିଲା ହରିପୁର ଗ୍ରାମର ମନୋରମା ବାରିକ। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କମିଶନରେଟ୍ ପୋଲିସ ଓ ଅଗ୍ନିଶମ ବାହିନୀ ନାକେଦମ୍ ହେବା ପରେ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ତେବେ ମନୋରମା ତାଙ୍କ ସଂଘର୍ଷର କାହାଣୀ ଗଣମାଧ୍ୟମ ଆଗରେ ବର୍ଣ୍ଣନା କରିବା ସହ ଭଦ୍ରକ ଓ କମିଶନରେଟ୍ ପୋଲିସ୍ ଉପରେ ବର୍ଷିଛନ୍ତି। ବଳାତ୍କାର ଉଦ୍ୟମ ବେଳେ ତାଙ୍କୁ ରକ୍ଷା କରିବାକୁ ଯାଇଥିବା ତାଙ୍କ ଭାଇଙ୍କୁ କିପରି ହତ୍ୟା କରାଗଲା, ପୋଲିସ ନ୍ୟାୟ ବଦଳରେ କିପରି ତାଙ୍କ ନାଁରେ ମିଛ ମାମଲା ଲଗାଇ ହଇରାଣ କରିଛି, ସେସମ୍ପର୍କରେ ମନୋରମା ଅଭିଯୋଗ ଆଣିଛନ୍ତି। ମନୋରମାଙ୍କ କହିବାନୁଯାୟୀ, ନବମ ଶ୍ରେଣୀରେ ପଢୁଥିବାବେଳେ ଗାଁର କେତେଜଣ ଲୋକ ତାଙ୍କୁ ବଳାତ୍କାର ଉଦ୍ୟମ କରୁଥିଲେ। ଏହି ସମୟରେ ତାଙ୍କ ଭାଇ ସେମାନଙ୍କ କବଳରୁ ଉଦ୍ଧାର କରିଥିଲେ। ଏହି ସମୟରେ ସେମାନେ ତାଙ୍କ ଆଖିଆଗରେ ଭାଇଙ୍କୁ ହତ୍ୟା କରିଥିଲେ। ଏକମାତ୍ର ସାକ୍ଷୀ ଭାବେ ମନୋରମା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରି ନ ଥିଲା। ଫଳରେ ଅଭିଯୁକ୍ତମାନେ ତାଙ୍କୁ ଓ ପରିବାର ଲୋକଙ୍କୁ ବିଭିନ୍ନ ସମୟରେ ହଇରାଣ କଲେ। ପରେ ମନୋରମାଙ୍କ ବିବାହ ହୋଇଯାଇଥିଲା। ହେଲେ ଭାଇ



ଆତ୍ମହତ୍ୟା ଉଦ୍ୟମ କରୁଥିବା ମହିଳାଙ୍କୁ ପୋଲିସ ଗଛରୁ ଓହ୍ଲାଉଛି।

## ନ୍ୟାୟ ପାଇଁ ୨୩ ବର୍ଷ ସଂଘର୍ଷ

■ ଗଛରେ ଚଢ଼ି ଡେଇଁବାକୁ ଯିବାବେଳେ ଉଦ୍ଧାର

ହତ୍ୟାକାରୀଙ୍କୁ ଜେଲ ପଠାଇବାକୁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ବିଚାର ଚାଲିଥିବା ବେଳେ ପୋଲିସ ସହାୟତାରେ ହତ୍ୟାକାରୀମାନେ ମିଛ ମାମଲାରେ ଫସାଇ ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରି ଜେଲ୍ ପଠାଇ ଦେଇଥିଲା। ଏହାପରେ ସେ ଦୋଷମୁକ୍ତ ହୋଇ ଶ୍ୱଶୁର ଘରକୁ ଫେରିବାକୁ ଚାହିଁଥିଲେ। ହେଲେ ତାଙ୍କୁ ଶ୍ୱଶୁର ଘର ଲୋକ ଗ୍ରହଣ କରି ନ ଥିଲେ। ଏପରିକି ଗାଁକୁ ଫେରିବା ପରେ ଅଭିଯୁକ୍ତଙ୍କ ପ୍ରରୋଚନାରେ ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ ଖୁଣ୍ଟରେ ତାଙ୍କୁ ବାନ୍ଧି ମୁହଁରେ ଚୂନକାଳି ବୋଳି ଦିଆଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ବାରମ୍ବାର ଅଭିଯୋଗ କରିଥିଲେ। କିଛି ଫଳ ନ ମିଳିବାରୁ ନ୍ୟାୟ ପାଇଁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖରେ ଗୁହାରି କରିବାକୁ ନବୀନ ନିବାସ ଆସିଥିଲେ। ହେଲେ ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ସବୁଆଡୁ ନିରାଶ ହେବା ପରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି ମନୋରମା କହିଛନ୍ତି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏୟାରପୋର୍ଟ ଥାନା ପୋଲିସ ମନୋରମାଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଏହି ଘଟଣାରେ ମନୋରମାଙ୍କୁ ନ୍ୟାୟ ଦେବାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି ସୁବ୍ରତ ଦାଶ। କମିଶନ ଅଭିଯୋଗକୁ ଗ୍ରହଣ କରି ଡାଏରୀ ନମ୍ବର (୧୬୧୦୦/ଆଇଏନ୍/୨୦୨୨) ରୁଜୁ କରିଛନ୍ତି।

**ଭାରତୀୟ ଜୀବନ ବୀମା ନିଗମ**
LIC ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA
ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ
"ଜୀବନ ଦୀପ", ଏକ୍ଜିବିଶନ୍ ରୋଡ୍, ପାଟନା-୮୦୦୦୦୧
ଫୋନ୍ ନଂ. ୦୬୧୨-୨୫୦୧୧୧୮/୨୫୦୩୦୧୪
ଏକ ଆଇଏସ୍‌ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ

**ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ**

ଭାରତୀୟ ଜୀବନ ବୀମା ନିଗମ ଇସିଜେଡ୍‌ଓ, ପାଟନା ଅଧୀନରେ ବିହାର, ଝାଡ଼ଖଣ୍ଡ ଏବଂ ଓଡ଼ିଶା ରାଜ୍ୟ ପାଇଁ (୧) ସିଭିଲ୍ କାର୍ଯ୍ୟ (୨) ବୈଦ୍ୟୁତିକ କାର୍ଯ୍ୟ (ଏଲ୍‌ଟି) (୩) ବୈଦ୍ୟୁତିକ କାର୍ଯ୍ୟ (ଏଚ୍‌ଟି) (୪) ୱାଟର୍ ପ୍ରୁଫିଂ ଟ୍ରିଟ୍‌ମେଣ୍ଟ କାର୍ଯ୍ୟ (୫) ଏୟାର୍ କଣ୍ଡିସନିଂ (୬) ବିଲ୍‌ଡିଂଗୁଡ଼ିକର ଅଗ୍ନି ସତର୍କତା ଏବଂ ଅଗ୍ନି ନିର୍ବାପକ ପ୍ରଣାଳୀ ନିମନ୍ତେ ଏଜେନ୍ସିଗୁଡ଼ିକର ତାଲିକାଭୁକ୍ତୀକରଣ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛି । ଦୟାକରି ଆମର ୱେବ୍‌ସାଇଟ୍ www.licindia.in (ଟେଣ୍ଡର ପୃଷ୍ଠା) ଏବଂ ସିପିପିପି ପୋର୍ଟାଲ୍ ପରିଦର୍ଶନ କରନ୍ତୁ । ଆଗ୍ରହୀ ଏଜେନ୍ସିଗୁଡ଼ିକ ଆମ ୱେବ୍‌ସାଇଟ୍ ତଥା ସିପିପିପି ପୋର୍ଟାଲରୁ ବିବରଣୀ ଡାଉନ୍‌ଲୋଡ୍ କରିପାରିବେ ଏବଂ କାର୍ଯ୍ୟର ଟ୍ରେଡ୍ ଦର୍ଶାଇ ପୂରଣ କରାଯାଇଥିବା ଦରଖାସ୍ତକୁ ତା୨୦।୧୦।୨୦୨୨ରିଖ ୧୫.୦୦ ଘଟିକା କିମ୍ବା ତାହା ପୂର୍ବ ସୁଦ୍ଧା ଦାଖଲ କରିପାରିବେ ।

ଏଲ୍‌ଆଇସି ସହ ପୂର୍ବରୁ ତାଲିକାଭୁକ୍ତ ଠିକାଦାରମାନଙ୍କୁ ମଧ୍ୟ ନୂଆ କରି ଆବେଦନ କରିବାକୁ ପଡ଼ିବ ।

ତାରିଖ: ୨୬।୦୯।୨୦୨୨ ମୁଖ୍ୟ ଯନ୍ତ୍ରୀ




# ପରୀକ୍ଷା ପାଇଁ ଖାତା ନିଅଣ୍ଟ

ଭୁବନେଶ୍ୱର,୨୫।୯(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜଗୁଡ଼ିକରେ ସୋମବାରଠାରୁ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ଆରମ୍ଭ ହେବ। କିନ୍ତୁ ଏବେ କଲେଜଗୁଡ଼ିକରେ ଉତ୍ତର ଖାତାର ଅଭାବ ଦେଖାଯାଇଛି। ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଶରତ କୁମାର ମାଝୀ ଏନେଇ ସବୁ ଡିଗ୍ରୀ କଲେଜ ଅଧକ୍ଷମାନଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି, ଏହି ପରୀକ୍ଷା ପରିଚାଳନା ପାଇଁ କିଛି କଲେଜରେ ଉତ୍ତର ଖାତା ଅଭାବ ଥିବା ଆମ ନଜରକୁ ଆସିଛି। ଯେଉଁସବୁ କଲେଜରେ ଉତ୍ତର ଖାତା ନାହିଁ, ସେମାନେ ନିକଟସ୍ଥ କଲେଜଗୁଡ଼ିକୁ ଯୋଗଯୋଗ କରି ଉତ୍ତର ଖାତା ଆଣନ୍ତୁ। ନିଜ ଭିତରେ ସମନ୍ୱେ ସହଯୋଗ କରି ପରୀକ୍ଷା ପରିଚାଳନା କରିବାକୁ ଅଧକ୍ଷମାନଙ୍କୁ ପରୀକ୍ଷା ନିୟନ୍ତ୍ରକ ଅନୁରୋଧ କରିଛନ୍ତି। ତେବେ ଆସନ୍ତା ୨୮ ତାରିଖ ଅର୍ଥାତ୍ ବୁଧବାର ପରଠାରୁ କଲେଜଗୁଡ଼ିକରେ ଉତ୍ତର ଖାତା ପହଞ୍ଚିଯିବ। ଯଦି କୌଣସି କଲେଜ ଉତ୍ତର ଖାତା ବ୍ୟବସ୍ଥା କରି ନ ପାରନ୍ତି, ତେବେ ତୁରନ୍ତ ହ୍ୱାଟ୍‌ସଆପ୍ ମାଧ୍ୟମରେ ଜଣାଇବାକୁ ମଧ୍ୟ କୁହାଯାଇଛି। ସେପଟେ ବିଶ୍ୱବିଦ୍ୟାଳୟର ଉତ୍ତର ଖାତା ସଙ୍କଟ ନେଇ ଏଭଳି ଚିଠି ପାଇଁ ଶିକ୍ଷାବିତ୍‌ମାନେ ନିନ୍ଦା କରିଛନ୍ତି। ଶିକ୍ଷାବିତଙ୍କ କହିବାନୁସାରେ, ଛାତ୍ରୀଛାତ୍ର ପରୀକ୍ଷା ଫି' ଦେଉଛନ୍ତି, ଯେଉଁଥିରେ ପ୍ରଶ୍ନପତ୍ର ଓ ଉତ୍ତରଖାତା ପ୍ରସ୍ତୁତ କରାଯାଏ। ତେଣୁ ଉତ୍ତର ଖାତା ନିଅଣ୍ଟ ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟୀ ରହିବେ।

# ମା' ସମଲେଇଙ୍କ ଧବଳମୁଖୀ ବେଶ

ସମ୍ବଲପୁର,୨୫।୯(ବ୍ୟୁରୋ)

ଇଷ୍ଟଦେବୀ ମା' ସମଲେଇ ଧବଳମୁଖୀ ବେଶରେ ରବିବାର ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶରେ ମା'ଙ୍କୁ ଦର୍ଶନ କରି ଗଙ୍ଗାଦର୍ଶନର ଲାଭ କରିଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ଶନିବାର ରାତି ୧୧ଟାରୁ ଏହି ବେଶ ପାଇଁ ପ୍ରସ୍ତୁତି ହୋଇଥିଲା। ପୂଜକମାନେ ମନ୍ଦିର ଗମ୍ଭିରା ସଫା କରିଥିଲେ। ଗୋପୀ ଚିଳକ ଓ ଶଙ୍ଖର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶ କରାଯାଇଥିଲା। ମଧ୍ୟ ରାତ୍ରି ସାଢ଼େ ୨ଟାରେ ବେଶ ଶେଷ ହୋଇଥିଲା। ୩ଟାରେ ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଯାଇଥିଲା। ଏହାପରେ ସମଲେଇଙ୍କୁ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ପରିଧାନ କରାଇଥିଲେ। ପ୍ରାତଃ ୪ଟାରେ ମହାଆଳତି ହୋଇ ଭୁବନେଶ୍ୱରୀଙ୍କ ବିଜମନ୍ତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା। ମୁଗ ଓ ଗୁଡରେ ପ୍ରସ୍ତୁତ (ମୁଗବରା) ଭୋଗ ଲାଗି ହୋଇଥିଲା। ରବିବାର ସକାଳ ୫ଟାରୁ ଭକ୍ତଙ୍କ ଦର୍ଶନ ପାଇଁ



ଦ୍ୱାର ଖୋଲାଯାଇଥିଲା। ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ, ରାତି ୮ଟାରେ ଆଳତି ଓ ୯ଟାରେ ଅନ୍ନଭୋଗ ଲାଗିଥିଲା। ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଏହି ବେଶ ଦର୍ଶନ ନିମନ୍ତେ ଭକ୍ତମାନେ ଧାଡି ବାନ୍ଧି ଛିଡା ହୋଇଥିଲେ। ଦର୍ଶନ ପରେ ଭକ୍ତଙ୍କୁ ଦେବୀଙ୍କ ପ୍ରିୟଭୋଗ ମୁଗବରା ପ୍ରସାଦ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇ ଆସୁଛନ୍ତି। ଏହି ଧବଳମୁଖୀ ବେଶକୁ ଗଙ୍ଗା ଦର୍ଶନ କୁହାଯାଏ। ଭକ୍ତମାନେ ଦର୍ଶନ କଲେ କାର୍ଯ୍ୟସିଦ୍ଧି ହୋଇଥିବା ଲୋକକଥା ରହିଛି। ସମଲେଶ୍ୱରୀ ଦଶହରା ପୂଜା କମିଟି ମନ୍ଦିରରେ ଆଲୋକ ଓ ଫୁଲସଜ୍ଜା କରିଛନ୍ତି। ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ଟ୍ରଷ୍ଟସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ହେମନ୍ତ ମିଶ୍ର, ସନ୍ତୋଷ ପୃଷେଠ, ବୀରେନ୍ଦ୍ର ରାୟ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରେମରାଜ ପାଣିଗ୍ରାହୀଙ୍କ ସମେତ ଦଶହରା ପୂଜା କମିଟି ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ଚକଡ଼ା ପୋକ ଦମନ ପାଇଁ ମାର୍ଗଦର୍ଶିକା ଜାରି

ଭୁବନେଶ୍ୱର, ୨୫।୯(ବ୍ୟୁରୋ)

ଖରିଫ ଧାନରେ ସାଧାରଣତଃ ସେପ୍ଟେମ୍ବର ଓ ଅକ୍ଟୋବରରେ ଚକଡ଼ା ପୋକ ବା ମାଟିମୁଣ୍ଡିଆ ପୋକ ଦେଖାଯାଏ। ତାପମାତ୍ରା ୨୮-୩୦ ଡିଗ୍ରୀ ସେଲସିୟସ ଓ ମଧ୍ୟମ ଧରଣର ବର୍ଷା ତଥା ଅଧିକ ଆର୍ଦ୍ରତା ରହିଲେ ଏହି ପୋକ ଅଧିକ ଲାଗେ। ଅଧିକ ପବନ ହେଲେ ଗୋଟିଏ ବିଲରୁ ଅନ୍ୟ ବିଲକୁ ଚକଡ଼ା ପୋକ ସହଜରେ ଯାଇପାରେ। ତେଣୁ ଏହି ପୋକ ଦମନ ଓ ପରିଚାଳନା ପାଇଁ କୃଷକଙ୍କ ନିମନ୍ତେ ଓୟୁଏଟି ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି କୀଟଗୁଡ଼ିକ ଧାନ ଗଛରୁ ରସ ଶୋଷି ଖାଆନ୍ତି। ସାଧାରଣତଃ ଧାନ କିଆରିରେ ମଧ୍ୟଭାଗରୁ ଏହି ପୋକ ଆକ୍ରମଣ ଆରମ୍ଭ ହୁଏ। ପୋକ ଦ୍ୱାରା ଆକ୍ରାନ୍ତ ଧାନ ଗଛର ପତ୍ରଗୁଡ଼ିକ ହଳଦିଆ ହୋଇଯାଏ। ମୂଳରୁ ରସ ଶୋଷୁଥିବାରୁ ଧାନ ଗଛ ଶୁଖିଯାଏ। କିଆରିରେ ଚକଡ଼ା ଚକଡ଼ା ହୋଇ ଧାନ ଗଛ ମରିଯାଏ। ତେଣୁ ଏଥିରୁ ବର୍ତ୍ତିବା ପାଇଁ ସୁବିଧା ଥିଲେ କିଆରିରୁ ଜଳ ନିଷ୍କାସନ କରନ୍ତୁ ଓ ଦରକାର ପଡ଼ିଲେ ପୁଣି ପାଣି ଭରି କରନ୍ତୁ। ପ୍ରତି ୬ଫୁଟ ଅନ୍ତରରେ ପାହି କରି ଦିଅନ୍ତୁ। ଏହାଦ୍ୱାରା ବୁଦା ମୂଳକୁ ସୂର୍ଯ୍ୟ ଆଲୋକ ଓ ବାୟୁ ଚଳାଚଳ ସହଜ ହେବା ସହିତ କୀଟନାଶକ ପ୍ରୟୋଗ କରିବାରେ ସୁବିଧା ହେବ। ହସ୍ତ ଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ଏକର ପ୍ରତି ୨ଶହ ଲିଟର କୀଟନାଶ ଦ୍ରବଣ ଓ ଶକ୍ତିଚାଳିତ ସ୍ପ୍ରେୟର ବ୍ୟବହାର କରୁଥିଲେ ୬୦-୭୦ଲିଟର କୀଟନାଶକ ଦ୍ରବଣ ସିଞ୍ଚନ କରନ୍ତୁ। ଦରକାର ପଡ଼ିଲେ ୧୦ଦିନ ଅନ୍ତରରେ କୀଟନାଶକ ପରିବର୍ତ୍ତନ କରି ସିଞ୍ଚନ କରନ୍ତୁ। ଗୋଟିଏ କୀଟନାଶକକୁ ବାରମ୍ବାର ବ୍ୟବହାର କରନ୍ତୁ ନାହିଁ। ପୋକ ସଂକ୍ରମଣ ହୋଇଥିଲେ ଯବକ୍ଷାରଜାନଜାତୀୟ ସାର ପ୍ରୟୋଗ ନ କରିବାକୁ ପରାମର୍ଶ ଦିଆଯାଇଛି। ସେହିଭଳି ଧାନ ଅମଳ ଉପଯୋଗୀ ହୋଇଥିଲେ କୀଟନାଶକ ବ୍ୟବହାର କରନ୍ତୁ ନାହିଁ। ପୁଣି ବିନା ଅନୁମୋଦିତ କୀଟନାଶକ ଆଦୌ ପ୍ରୟୋଗ କରନ୍ତୁ ନାହିଁ। ଯଦି ଏହି ପୋକ ଦେଖାଯାଏ, ତେବେ ୯ଟି କୀଟନାଶକ ପକାଇବା ପାଇଁ କୁହାଯାଇଛି। ପ୍ରତି ଏକର ବିଲରେ କେଉଁ କୀଟନାଶକ କେତେ ପରିମାଣରେ ପକାଯିବ ସେ ନେଇ ମଧ୍ୟ ମାର୍ଗଦର୍ଶିକାରେ ଉଲ୍ଲେଖ କରାଯାଇଛି। ଅଧିକ ସୂଚନା ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା ଆମକୃଷି ଦେୟମୁକ୍ତ ନମ୍ବର ୧୫୫୩୩୩ ସହ ଯୋଗାଯୋଗ କରିବା ପାଇଁ ଓୟୁଏଟି ପକ୍ଷରୁ ପରାମର୍ଶ ଦିଆଯାଇଛି।




# ପାହାଡ଼ରେ ବିସ୍ଫୋରକ ଖଞ୍ଜିବା ଧରାପଡ଼ିଲା



ଜବତ ଜିଲୋଟିନ୍

ସୁନାବେଡା/ସେମିଳିଗୁଡା,୨୫।୯ (ସ୍ୱ.ପ୍ର.)

ପାହାଡରେ ପଥର ଫଟାଇବା ଲାଗି ବିସ୍ଫୋରକ ସାମଗ୍ରୀ ଖଞ୍ଜୁଥିବା ବେଳେ ସେମିଳିଗୁଡା ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଉପର ମାନିଆ ଗ୍ରାମର ପ୍ରଦୀପ ବେନିଆଙ୍କ ପୁଅ ତ୍ରିନାଥ ବେନିଆ (୨୬), ଲୁଙ୍ଗୁରି ଗ୍ରାମର ଘାଶି ଖରାଙ୍କ ପୁଅ ଧନୀ ଖରା(୩୦) ଓ ଝିନୁ ଖରାଙ୍କ ପୁଅ ଗୋବିନ୍ଦ ଖରା (୪୨)। ସେମାନଙ୍କଠାରୁ ୯୬ଟି ଜିଲୋଟିନ୍, ୧୭ଟି ଡିଟୋନେଟର ଏବଂ ୪ ବଣ୍ଡଲ ବିଦ୍ୟୁତ୍ ତାର ଜବତ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ଅପରାହ୍ନରେ ସେମିଳିଗୁଡା ଏସ୍‌ଆଇ ଦୀପକ ବାରିକ କର୍ମଚାରୀଙ୍କ ସହ ପାଟ୍ରୋଲିଂ କରୁଥିବା ସମୟରେ ୩ଜଣ ଯୁବକ ଦାମନଯୋଡି ରାସ୍ତାରେ ଥିବା ପାହାଡ଼ରେ ପଥର ଫଟାଇବା ପାଇଁ ବିସ୍ଫୋରକ ସାମଗ୍ରୀ ଖଞ୍ଜୁଥିବା ଦେଖିଥିଲେ। ସେମାନଙ୍କୁ ଧରି ପଚରାଉଚରା କରାଯାଇଥିଲା। ସେମାନଙ୍କ ନିକଟରୁ ଉପରୋକ୍ତ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା। ଏନେଇ ସେମିଳିଗୁଡା ଥାନାରେ କେସ ନଂ ୧୪୦/୨୨ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି। ସୂଚନାଯୋଗ୍ୟ, ଖଣିଖାଦାନ ପାଇଁ ପରିଚିତ ଉକ୍ତ ଅଞ୍ଚଳରେ ପଥର ମାଫିଆମାନେ ସକ୍ରିୟ ରହି ବିଭିନ୍ନ ସମୟରେ ପାହାଡରୁ ପଥର ଫଟାଇ ଚୋରାଚାଲାଣ କରୁଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନ ଉଦାସୀନ ରହୁଥିବାରୁ ଏଥିରୁ ସେମାନେ ଭରପୂର ଫାଇଦା ଉଠାଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି।

**୯୬ ଜିଲୋଟିନ, ୧୭ ଡିଟୋନେଟର୍ ଜବତ: ୩ ଗିରଫ**



**ଆଜିର ମନ୍ତବ୍ୟ**

"ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷା ଲାଗି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଜେଡିୟୁ,ଅକାଳୀ ଦଳ ଏବଂ ଶିବସେନା ବାହାରି ଆସିଛନ୍ତି। ଭାଜପା ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ସବୁଠୁ ମିଛୁଆ ଦଳ।
**-ତେଜସ୍ୱୀ ଯାଦବ, ବିହାର ଉପମୁଖ୍ୟମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ସୁଦର୍ଶନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦିଲ୍ଲୀରେ ନାବାଳକଙ୍କୁ ଗଣବଳାତ୍କାର

## ଗୁପ୍ତାଙ୍ଗରେ ରଡ୍ ପୂରାଇଦେଲେ ୪ ଅଭିଯୁକ୍ତ

ନୂଆଦିଲ୍ଲୀ, ୨୫।୯: ଦିଲ୍ଲୀରେ ଜଣେ ୧୨ ବର୍ଷୀୟ ବାଳକଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଖାଲି ସେତିକି ନୁହେଁ ୪ ଅଭିଯୁକ୍ତ ଅତି ନୃଶଂସ ଭାବେ ନାବାଳକଙ୍କ ଗୁପ୍ତାଙ୍ଗରେ ରଡ୍ ପୂରାଇ ତାଙ୍କୁ ମରିବା ପାଇଁ ଛାଡ଼ିଦେଇଯିବା ଘଟଣା ଚାଞ୍ଚଲ୍ୟ ଖେଳାଇଛି। ଏ ନେଇ ଦିଲ୍ଲୀ ମହିଳା କମିଶନ(ଡିସିଡବ୍ଲ୍ୟୁ) ଅଧ୍ୟକ୍ଷା ସ୍ୱାତୀ ମାଲିୱାଲ ରବିବାର ଟୁଇଟ୍ କରିଛନ୍ତି। ଦିଲ୍ଲୀରେ ଏଣିକି ବାଳକମାନେ ବି ସୁରକ୍ଷିତ ନୁହଁନ୍ତି ବୋଲି ସେ ଲେଖିଛନ୍ତି। ଏ ନେଇ ଡିସିଡବ୍ଲ୍ୟୁ ଥାନାରେ ଏତଲା ଦେବାପରେ ମାମଲା ରୁଜୁ ହୋଇଛି। ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ଆଉ ୩ ଜଣ ଫେରାର ଅଛନ୍ତି। ଘଟଣାଟି ଗତ ୧୮ ତାରିଖର ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ତାଙ୍କ ମାଡ଼ ମାରିବା ସହ ସଙ୍କଟାପନ୍ନ ଅବସ୍ଥାରେ ରାସ୍ତାରେ ଛାଡ଼ିଦେଇଥିଲେ। ଏବେ ତାଙ୍କ ଅବସ୍ଥା ଗୁରୁତର ରହିଛି।

# କାତିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

**ଆସିକା,୨୫।୯(ଡି.ଏନ.ଏ)**

ଗଞ୍ଜାମ ଜିଲା ଆସିକା ଥାନା ମଙ୍ଗଳପୁର ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀ କାତିରେ ମୁଣ୍ଡକୁ ହାଣିଦେବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ମଙ୍ଗଳପୁର ମଝିସାହିର ମଞ୍ଜୁଳା ପ୍ରଧାନ (୪୭)। ପୋଲିସ ମୃତଦେହ ଓ ହତ୍ୟାରେ ବ୍ୟବହୃତ କାତି ଜବତ କରିଛି। ଅଭିଯୁକ୍ତ ସ୍ୱାମୀ ବିଜୟ ପ୍ରଧାନଙ୍କୁ ଅଟକ ରଖାଯାଇଛି। ବିଜୟ ରିତିମତ ଘରେ ଗଣ୍ଡଗୋଳ କରୁଥିଲେ। ରବିବାର ରାତ୍ର ପ୍ରାୟ ୭ଟାରେ ମଧ କୌଣସି କଥାକୁ ନେଇ ସ୍ତ୍ରୀ ମଞ୍ଜୁଳାଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେ ଉତ୍ତ୍ୟକ୍ତ ହୋଇ ଏକ କାତିରେ ମଞ୍ଜୁଳାଙ୍କ ମୁଣ୍ଡକୁ ହାଣି ଦେଇଥିଲେ । ପୋଲିସ ମଙ୍ଗଳପୁର ଗ୍ରାମରେ ପହଞ୍ଚି ତଦନ୍ତ ଚଳାଇଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ନାଇବ ବଉଳ,**
**ମାଛ ଖାଇବ ଶେଉଳ।**

ବଉଳ ଫୁଲଟି ସାଧାରଣତଃ ବାସଯୁକ୍ତ ସୁନ୍ଦର ଫୁଲ। ଠିକ୍ ସେହିପରି ଶେଉଳ ମାଛ ଖାଇବାକୁ ଖୁବ୍ ରୁଚିକର ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଫିରି ଫିରି ବରଷା
ପର ଘରେ ମାଗଣା ରୁଷା
ଏ ସବୁ ତ ଲୋକହସା।

ସାଧାରଣତଃ ରାଗରୁଷା ବା ମାନ ଅଭିମାନ ନିଜ ଲୋକଙ୍କ ଉପରେ କରାଯାଉଥିବା ବେଳେ ପର ଉପରେ ରୁଷିବା ଆଦୌ ଶୋଭା ପାଇନଥାଏ। କାରଣ ପର ଘରେ ରୁଷିଲେ ନିଜ ଗୁମର ପ୍ରକାଶ ପାଇବା ଦ୍ୱାରା ଲୋକହସା ହେବାକୁ ପଡ଼ିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:


# classifieds

**Everyday**
0674-2580101, 2549302




## SALE

**5.700 Acres gharabari projects, 30' road Single Owner, 95 plots immediate registration. sqft.-1050/-. Contact: 9040045759.** D-74125

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ । **Mob.- 9827119799** D-1580

ଭୁବନେଶ୍ୱରରେ ପ୍ଲଟ୍ କିଣନ୍ତୁ। Patrapada 1900/-, Gangapada-850/-, Sundarpada-399/-. 9439493164. D-74123

**Bhubaneswar Engineering College front NH** ଠାରୁ **200 mtr.** ଦୂରତାରେ **Boundary** ପ୍ଲଟ୍ ବିକ୍ରି ହେବ । **7008297827, 9692999455.** D-74105

ଭୁବନେଶ୍ୱର ନଖରା ଘରବାରି SC plot sqft.-130/- general-350/-. 9439660381. D-74124

ନଖରା **East College Front,** ବାଲିଅନ୍ତାରେ **SC/ General plot** କିଣି ତୁରନ୍ତ ଘର କରନ୍ତୁ। **9776846524.** D-74126

ଭୁବନେଶ୍ୱର GITA/ Gandhi College/ Cultural University ପାଖରେ 30' road ଥାଇ sqft. 650/- plot କିଣନ୍ତୁ। 9348767829. D-74117

**Layout approval (30'road)** ସହିତ **Bank Finance** ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି **(100% clean) plot @9,00,000/-**ରେ କିଣନ୍ତୁ। **OD GROUP. 9437033320.** D-74112

**N.H. side ORERA Approved project at Twincity, Telengapentha, Cuttack near Panda Cancer Hospital. 2BHK flats available Unit Price Rs.-61,00,000.00 onwards. Delivery Shortly. Contact Number- 9238315816.** D-73976




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-1420

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295




Ashirvaad Saloon and SPA getgood massage for your health tha best therapy. 7077181074. D-73973

Newly opened full body massage center by expert therapist. 7381172169. D-73648

Newly open Spa positively health benefit with expert. Contact: 7749976301. D-73873

Hearbal full body relax massage by trend ledy therapist. 6371676208. D-73644

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73975

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ପ୍ରଥମ ପୃଷ୍ଠାରୁ...**

## ଆଜି ପୃଥିବୀର ନିକଟତର...

୫୯,୦୬,୨୯,୨୪୮ କିଲୋମିଟର ଦୂରତାକୁ ହ୍ରାସ ପାଇବ। ୧୯୬୩ରେ ମଧ ବୃହସ୍ପତି ପ୍ରାୟ ସମାନ ଦୂରତାରୁ ପ୍ରତୀୟମାନ ହୋଇଥିଲା। ଟେଲିସ୍କୋପ୍‌ରେ କୌଣସି ଉଚ୍ଚ ଏବଂ ଶୁଷ୍କ ସ୍ଥାନରୁ ଅନ୍ଧାରରେ ବୃହସ୍ପତିକୁ ଦେଖିହେବ। ଉଚ୍ଚକୋଟୀର ଟେଲିସ୍କୋପ୍ ଜରିଆରେ ବୃହସ୍ପତି ଚାରିପଟେ ବୁଲୁଥିବା ଉପଗ୍ରହ ମଧ୍ୟରୁ ୩ କିମ୍ବା ୪ଟିକୁ ମଧ ଦେଖାଯାଇପାରିବ ବୋଲି ନାସାରେ ଗବେଷକ ଆଦମ କୋବେଲସ୍କି କହିଛନ୍ତି। ବଡ ଟେଲିସ୍କୋପରେ ବୃହସ୍ପତିର ଗ୍ରେଟ୍ ରେଡ୍ ସ୍ପଟ୍ ଏବଂ ବ୍ୟାଣ୍ଡକୁ ମଧ ଦେଖିହେବ। ପୃଥିବୀ ସୂର୍ଯ୍ୟ ଚାରିପଟେ ସମ୍ପୂର୍ଣ୍ଣ ପରିକ୍ରମା ପାଇଁ ୩୬୫ ଦିନ ସମୟ ନେଇଥାଏ। ବୃହସ୍ପତି ୪୩୩୩ ଦିନରେ ସୂର୍ଯ୍ୟଙ୍କ ଚାରିପଟେ ଥରେ ଘୂର୍ଣ୍ଣନ କରିଥାଏ। ବୃହସ୍ପତିର ଉପଗ୍ରହ ୟୁରୋପାରେ ବରଫ ସମୁଦ୍ର ରହିଥିବା ନାସା ବୈଜ୍ଞାନିକ ଦାବି କରୁଥିବାବେଳେ ସେଠାରେ ଜୀବନ ଧାରଣ କରିବା ଭଳି ପରିବେଶ ରହିଥିବା ସେମାନେ ଆଶା କରୁଛନ୍ତି। ଏ ଦିଗରେ ଅଧିକ ଗବେଷଣା ପାଇଁ ନାସା ୨୦୨୪ ଅକ୍ଟୋବରରେ ୟୁରୋପା କ୍ଲିପର ସ୍ପେସ୍‌କ୍ରାଫ୍ଟ ପଠାଇବାକୁ ଯୋଜନା କରିଛି।

## ଆହୁରି ଦୁଇଦିନ...

ଖୋର୍ଦ୍ଧା ୫, ରାୟଗଡ଼ା ୫ ଓ ପାରଳାଖେମୁଣ୍ଡି ୪.୬ ମିମି ବର୍ଷା ହୋଇଛି। ଏହାଛଡ଼ା ଏହି ସମୟରେ ଚାନ୍ଦବାଲି, ଭୁବନେଶ୍ୱରରେ ମଧ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ହାତୀ ଆକ୍ରମଣ:ଓଡ଼ିଶାରେ...

ଜୀବ ପ୍ରତି ବିପଦ ଘନଉଛି। ଗତ ଦଶନ୍ଧି (୨୦୧୨-୧୩ରୁ ୨୦୨୧-୨୨)ରେ ରାଜ୍ୟରେ ମୋଟ ୭୮୪ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ତଥ୍ୟ କହୁଛି। ସେଥିମଧ୍ୟରେ ଦୁର୍ଘଟଣାଜନିତ ସଂଖ୍ୟା ୩୬ ରହିଛି। ଏଥିରୁ ୩୦ଟି ହାତୀମୃତ୍ୟୁ ଟ୍ରେନ ଧକ୍କାରେ ଘଟିଛି। ହେଲେ ସରକାରୀ ତଥ୍ୟଠାରୁ ବହୁ ଅଧିକ ହାତୀଙ୍କ ଜୀବନହାନି ଘଟିଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ କହୁଛନ୍ତି। କାରଣ ଗତ ଜୁନ୍ ଏବଂ ଜୁଲାଇରେ କଟକ ଜିଲା ଆଠଗଡ଼ ବନଖଣ୍ଡରେ ୫ ହାତୀଙ୍କ ଗଳିତ ମୃତଦେହ ଏବଂ କଙ୍କାଳ ଠାବ ହୋଇଥିଲା। ଉପରୋକ୍ତ ସଂଖ୍ୟାରୁ ସ୍ପଷ୍ଟ ହେଉଛି ଯେ, ଓଡ଼ିଶାରେ ହାତୀ-ମଣିଷ ଲଢ଼େଇ କେତେ ଗୁରୁତର। କେବଳ ଜୀବନହାନି ନୁହେଁ, ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ହାତୀପଲ ବହୁ ଘର ଭାଙ୍ଗିବା ସହ ବ୍ୟାପକ ଫସଲ ଉଜାଡ଼ି ଦେଉଛନ୍ତି। ଓଡ଼ିଶା ଏନ୍‌ଭାଇରନମେଣ୍ଟାଲ ସୋସାଇଟିର ସମ୍ପାଦକ ଜୟକୃଷ୍ଣ ପାଣିଗ୍ରାହୀଙ୍କ କହିବାନୁଯାୟୀ ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ହ୍ରାସ ଏବଂ ଲୋକଙ୍କ ଆଚରଣ ଯୋଗୁ ରାଜ୍ୟରେ ହାତୀ-ମଣିଷ ଲଢ଼େଇ ବଢ଼ିବାରେ ଲାଗିଛି। ଆମ ରାଜ୍ୟରେ ଜଙ୍ଗଲ ରହିଛି। ହେଲେ ଖାଦ୍ୟ ଓ ପାଣି ଅଭାବ ଭଳି ବିଭିନ୍ନ କାରଣରୁ ତାହା ହାତୀଙ୍କ ପାଇଁ ଉପଯୁକ୍ତ ହୋଇ ରହିନାହିଁ। ଫଳରେ ସେମାନେ ଜନପଦମୁହାଁ ହେଉଛନ୍ତି। ଏହାଛଡ଼ା ବନ୍ୟପ୍ରାଣୀଙ୍କ ଚଳପ୍ରଚଳ ପାଇଁ ବନାଞ୍ଚଳଗୁଡ଼ିକ ମଧ୍ୟରେ ଥିବା ପ୍ରାକୃତିକ ଯୋଗାଯୋଗ ବ୍ୟବସ୍ଥା ବିଚ୍ଛିନ୍ନ ହୋଇଯାଇଛି ବୋଲି ପାଣିଗ୍ରାହୀ କହିଛନ୍ତି। ଏଭଳି ପରିସ୍ଥିତିର ନିରାକରଣ ଏହା ଯେ, ଜଙ୍ଗଲରେ ହାତୀଙ୍କ ସମସ୍ତ ଆବଶ୍ୟକତା ଉପଲବ୍ଧ ହେବା। ସେହିପରି ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଅନ୍ୟ ଫସଲ ଚାଷ କରିବାକୁ ପ୍ରବର୍ତ୍ତାଇବା ଏବଂ ହାତୀଙ୍କ ସହ କିଭଳି ଆଚରଣ କରାଯିବା ଉଚିତ ସେନେଇ ସେମାନଙ୍କୁ ଶିଖାଇବାକୁ ହେବ। ହାତୀଙ୍କ ସଂରକ୍ଷଣ ଏବଂ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ଗତ ଜୁଲାଇ ୧୯ରେ ବିଧାନସଭାରେ ଲିଖିତ ଜବାବ ଦେଇଥିଲେ। ୧୪ଟି ହାତୀ କରିଡର ଏବଂ ୩ଟି ହାତୀ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ହାତୀମୃତ୍ୟୁ ରୋକିବାରେ ସହାୟକ ହେବ ବୋଲି ମନ୍ତ୍ରୀ କହିଥିଲେ। ରାଜ୍ୟ ସରକାର ଗତ ୩ ବର୍ଷ ମଧ୍ୟରେ ଓଡ଼ିଶାର ଜଙ୍ଗଲଗୁଡ଼ିକରେ ହାତୀଙ୍କ ପାଇଁ ୪୦୨ ପୋଖରୀ ଖୋଳିଥିବାବେଳେ ୪୨୬ ପୋଖରୀର ପୁନରୁଦ୍ଧାର କରିଥିବା ମନ୍ତ୍ରୀ କହିଥିଲେ। ସେହିପରି ହାତୀ ଶିକାର ରୋକିବା ଲାଗି ୧୭୨୫ଜଣଙ୍କୁ ନେଇ ଗଠିତ ୩୪୩ଟି ଆଣ୍ଟି ପୋଚିଂ ସ୍କ୍ୱାଡ୍‌କୁ ଯୋଜନାବଦ୍ଧ ଭାବେ ନିର୍ଦ୍ଦିଷ୍ଟ ସ୍ଥାନରେ ମୁତୟନ କରାଯାଇଛି। ଡ୍ରୋନ୍ ଏବଂ ୱାଚ୍‌ଟାୱାର ସହାୟତାରେ ହାତୀଙ୍କ ବାସସ୍ଥାନ, ଚଳପ୍ରଚଳ ଏବଂ ଶିକାରୀଙ୍କ ଉପରେ କଡ଼ା ନଜର ରଖାଯାଉଥିବା ମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ ଅଧୀନରେ ଏକ କ୍ରାଇମ୍ ସେଲ୍ ପ୍ରତିଷ୍ଠା କରିଛନ୍ତି, ଯାହାକି ଗୁରୁତ୍ୱପୂର୍ଣ୍ଣ ବନ୍ୟପ୍ରାଣୀ ମାମଲାଗୁଡ଼ିକର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ କରୁଛି। ବନ୍ୟପ୍ରାଣୀଙ୍କ ସୁରକ୍ଷିତ ଯାତାୟାତ ପାଇଁ ୩୫ ସ୍ଥାନର ରେଳପଥ ଏବଂ ୪୯ ସ୍ଥାନର ହାଇୱେରେ ଓଭରପାସ୍ କିମ୍ବା ଅଣ୍ଡରପାସ୍ ନିର୍ମାଣ ନିମନ୍ତେ ପ୍ରସ୍ତାବ ରହିଥିଲା। ସେଥିମଧ୍ୟରୁ ୧୧ଟି ହାଇୱେ ଅଣ୍ଡରପାସ୍ ନିର୍ମାଣ ସରିଥିବାବେଳେ ୧୫ ସ୍ଥାନରେ କାର୍ଯ୍ୟ ଚାଲିଛି। ସେହିପରି ରାଜ୍ୟ ସରକାର ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ରାଶି ୩ ଲକ୍ଷରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି।ରହିଥିଲା। ସେଥିମଧ୍ୟରୁ ୧୧ଟି ହାଇୱେ ଅଣ୍ଡରପାସ୍ ନିର୍ମାଣ ସରିଥିବାବେଳେ ୧୫ ସ୍ଥାନରେ କାର୍ଯ୍ୟ ଚାଲିଛି। ସେହିପରି ରାଜ୍ୟ ସରକାର ବନ୍ୟପ୍ରାଣୀଙ୍କ ଆକ୍ରମଣରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ନିକଟ ସମ୍ପର୍କୀୟଙ୍କୁ କ୍ଷତିପୂରଣ ରାଶି ୩ ଲକ୍ଷରୁ ୪ ଲକ୍ଷ ଟଙ୍କା ବୃଦ୍ଧି କରିଛନ୍ତି।

## ଗେହଲଟ୍ ଗୋଷ୍ଠୀର...

ଅକ୍ଟୋବର ୧୭ରେ ହେବାକୁ ଥିବା କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ମଇଦାନକୁ ଓହ୍ଲାଇବା ପାଇଁ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିରୋଧୀ ଦଳର ସର୍ବୋଚ୍ଚ ପଦ ଅଳଙ୍କୃତ କରିବା ଦୌଡ଼ରେ ମଧ ସେ ଆଗୁଆ ଅଛନ୍ତି। କିନ୍ତୁ ଦଳର ମଙ୍ଗ ଧରିବା ପାଇଁ ନାମାଙ୍କନପତ୍ର ଦାଖଲ ପୂର୍ବରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିବ। ଗେହଲଟ୍ ଚୌକି ଛାଡ଼ିବା ପରେ ତାଙ୍କ ସ୍ଥାନରେ ପ୍ରଦେଶ କଂଗ୍ରେସ କମିଟି (ପିସିସି)ର ପୂର୍ବତନ ସଭାପତି ତଥା ପ୍ରାକ୍ତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କୁ ନୂଆ ମୁଖ୍ୟମନ୍ତ୍ରୀ ନିଯୁକ୍ତ କରାଯିବା ନେଇ ଆଲୋଚନା ଚାଲିଥିବାବେଳେ ତାଙ୍କ ନାମ ଘୋଷଣା ପୂର୍ବରୁ ରବିବାର ଉଭୟ ଜୟପୁର ଓ ଦିଲ୍ଲୀରେ ମାରାଥନ ବୈଠକ ବସିଛି। ମାତ୍ର ଦୁଇଟି ରାଜ୍ୟରେ ସୀମିତ ରହିଯାଇଥିବା ସର୍ବପୁରାତନ ଦଳ ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ସୁଦୃଢ଼ କରି ନୂଆ ଅଧ୍ୟକ୍ଷ ବାଛିବାକୁ ଯାଉଥିବାବେଳେ ଉତ୍ତର ଭାରତର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ରାଜସ୍ଥାନରେ କ୍ଷମତା ପରିବର୍ତ୍ତନର ସୁଯୋଗ ସୃଷ୍ଟି ହୋଇଛି। କାରଣ 'ଭାରତ ଯୋଡ଼ୋ ଯାତ୍ରା'ରେ ଥିବା ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଉଦୟପୁର ଚିନ୍ତନ ଶିବିର ନିଷ୍ପତ୍ତି ଅନୁସାରେ ଗେହଲଟ୍‌ଙ୍କ ଆଗରେ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ସର୍ତ୍ତ ରଖିସାରିଛନ୍ତି। କୁହାଯାଉଛି, ଗେହଲଟ୍ କଂଗ୍ରେସ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ହେବା ପୂର୍ବରୁ ହିଁ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ଏପରି ସ୍ଥଳେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ ରୂପେ ହାଇକମାଣ୍ଡଙ୍କ ପ୍ରଥମ ପସନ୍ଦ ହେଉଛନ୍ତି ସଚିନ ପାଇଲଟ୍, ଯିଏକି ପୂର୍ବରୁ ଏକାଧିକ ଥର କ୍ଷମତାର ଶୀର୍ଷକୁ ଯାଉ ଯାଉ ରହିଯାଇଥିଲେ। ଅନ୍ୟପକ୍ଷେ ୨୦୨୦ ଜୁଲାଇରେ ନିଜ ୧୮ ଅନୁଗତଙ୍କୁ ନେଇ ପାଇଲଟ୍ ବିଦ୍ରୋହୀ ସାଜିଥିବାବେଳେ ରାଜ୍ୟର କଂଗ୍ରେସ ସରକାରଙ୍କୁ ଯେଉଁ ୧୦୨ ବିଧାୟକ ସମର୍ଥନ କରିଥିଲେ, ସେମାନଙ୍କ ମଧ୍ୟରୁ ଜଣଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଗେହଲଟ୍ ଗୋଷ୍ଠୀ ଦାବି କରିଛନ୍ତି। ଗେହଲଟ୍ ଶିବିରର ୫୬ ବିଧାୟକ ରବିବାର ବୈଠକରେ ଏନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଗେହଲଟ୍‌ଙ୍କ ଜୟପୁର ବାସଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ ପୂର୍ବରୁ ତାଙ୍କ ଘନିଷ୍ଠ ମନ୍ତ୍ରୀ ଶାନ୍ତି ଧରିୱାଲଙ୍କ ଘରେ ଆଉ ଏକ ମିଟିଂ ହୋଇଥିଲା। ଉକ୍ତ ବୈଠକରେ ଗେହଲଟ୍‌ଙ୍କ ଟିମ୍‌ର ୧୬ ମନ୍ତ୍ରୀ ସାମିଲ ହୋଇଥିଲେ। ସେପଟେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ କେ.ସି. ବେଣୁଗୋପାଳ, ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଓ ରାଜସ୍ଥାନ ପ୍ରଭାରୀ ଅଜୟ ମାକେନ୍ ଜୟପୁରରେ ପହଞ୍ଚି ଦଳୀୟ ବିଧାୟକମାନଙ୍କ ସହ ବିଚାରବିମର୍ଶ କରିଛନ୍ତି। ଏହି କେନ୍ଦ୍ରୀୟ ନେତାମାନଙ୍କ ଉପସ୍ଥିତିରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବା କଥା, ଯାହାକି ଗେହଲଟ୍‌ଙ୍କ ସମର୍ଥକମାନଙ୍କ ଇସ୍ତଫା ଯୋଗୁ ହୋଇପାରି ନାହିଁ। ବିଧାନସଭାରେ କଂଗ୍ରେସର ୧୦୦ ବିଧାୟକ ଥିବାବେଳେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ୬ ଏମ୍‌ଏଲ୍‌ଏ ଶାସକ ଦଳରେ ସାମିଲ ହୋଇଛନ୍ତି। ସେହିପରି ସ୍ୱାଧୀନ ୧୩ ବିଧାୟକଙ୍କ ମଧ୍ୟରୁ ୧୨ ଜଣ ଗେହଲଟ୍‌ଙ୍କୁ ସମର୍ଥନ କରୁଛନ୍ତି। ୨୦୧୮ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ କରିଥିବା ପାଇଲଟ୍ ରାହୁଲଙ୍କ ଘନିଷ୍ଠ ହୋଇଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। କାରଣ ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ପୂର୍ବ ସଫଳତା ଦୋହରାଇବାକୁ ହେଲେ ଯୁବପିଢ଼ିଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ପଡ଼ିବ। ଗେହଲଟ୍‌ଙ୍କ ନିଜ ସହର ଯୋଧପୁରରେ ଦେଖିବାକୁ ମିଳିଥିବା ପୋଷ୍ଟରଗୁଡ଼ିକରେ ପାଇଲଟ୍‌ଙ୍କ ସମର୍ଥନରେ ସ୍ଲୋଗାନ ଲେଖାଯାଇଛି 'ନୂଆ ଯୁଗର ପ୍ରସ୍ତୁତି'। ଗତ ନିର୍ବାଚନରେ ତତ୍କାଳୀନ ବସୁନ୍ଧରା ରାଜେ ସରକାରରେ ମନ୍ତ୍ରୀ ଥିବା ୟୁନୁସ୍ ଖାନ୍‌ଙ୍କୁ ଟୋଙ୍କ ଆସନରେ ୫୪,୧୭୯ ଭୋଟ ବ୍ୟବଧାନରେ ହରାଇ ବିଜୟୀ ହୋଇଥିବା ପାଇଲଟ୍ ଏଥର ମୁଖ୍ୟମନ୍ତ୍ରୀ ହୋଇପାରିବେ ନା ପୁଣି ନିରାଶ ହେବେ ତାହା ସମୟ କହିବ।

## ପୋର୍ଟାଲ ଖୋଲିଛି, ଇନ୍‌ଭେଷ୍ଟର୍ସ...

କରିବେ। ନନ୍‌ଟ୍ରାନ୍ସପୋର୍ଟ ଗାଡ଼ିକୁ ଯେଉଁ ମାଲିକମାନେ ସ୍କ୍ରାପିଂ କରିବେ ସେମାନଙ୍କୁ ଏକ ସାର୍ଟିଫିକେଟ ମିଳିବ। ଏହାସହ ସେମାନଙ୍କୁ ନୂଆ ଗାଡ଼ି କିଣିଲେ ତାଙ୍କ ଫାଷ୍ଟ ଟାଇମ୍ ଟ୍ୟାକ୍ସ ଉପରେ ୨୫ ପ୍ରତିଶତ ଛାଡ଼ ମିଳିବ। ଟ୍ରାନ୍ସପୋର୍ଟ ଗାଡ଼ି ଯେଉଁମାନେ ସ୍କ୍ରାପିଂ କରିବେ ସେମାନଙ୍କୁ ୮ ବର୍ଷ ପର୍ଯ୍ୟନ୍ତ ୧୫ ପ୍ରତିଶତ ଟ୍ୟାକ୍ସ ଛାଡ଼ କରାଯିବ। ଏହାସହ ନୂଆ ଗାଡ଼ି କିଣିବା ସମୟରେ ସେମାନେ ଗାଡ଼ିର ମୂଲ୍ୟ ଉପରେ ୫ ପ୍ରତିଶତ ଛାଡ଼ ପାଇବେ। ଏନେଇ ଅଟୋ ମୋବାଇଲ ଡିଲରମାନଙ୍କ ପାଇଁ ଏକ ଆଡଭାଇଜରି ଜାରି କରାଯିବ। ସ୍କ୍ରାପିଂ ସେଣ୍ଟର ଲାଗି ୧୦ ଏକର ଜମିର ଆବଶ୍ୟକତା ଥିବାବେଳେ ରାଜ୍ୟ ସରକାର ଏହା ଯୋଗାଇଦେବେ। ଇଡ୍‌କୋ ତରଫରୁ ଯେଉଁ ଇନଭେଷ୍ଟର୍ସ ଏଥିପାଇଁ ଆସିବେ ତାଙ୍କୁ ଜମି ୧୦ ଏକର ମିଳିବ। ଏହାସହ ଇନଭେଷ୍ଟର୍ସମାନଙ୍କୁ ଆହୁରି ଅନ୍ୟାନ୍ୟ ସୁବିଧା ମଧ ରାଜ୍ୟ ସରକାର ଯୋଗାଇଦେବେ ବୋଲି ଜଣାପଡ଼ିଛି। ଇଲେକ୍ଟ୍ରିସିଟି ଉପରେ ସେମାନଙ୍କୁ ସବ୍‌ସିଡି ପ୍ରଦାନ କରାଯିବ। ଯେଉଁ ଗାଡ଼ିକୁ ସେମାନେ ସ୍କ୍ରାପିଂ କରିବେ ଏବଂ କିଣିବେ ତାହା ଉପରେ ଲାଗୁଥିବା ଏସ୍‌ଜିଏସ୍‌ଟିରୁ କିଛି ପ୍ରତିଶତ ମଧ ଛାଡ଼ କରାଯିବ। ଏହାସହ ଏହି ସ୍କ୍ରାପିଂ ସେଣ୍ଟର ଲାଗି ଯେଉଁ ମେଶିନାରି ସେମାନେ କିଣିବେ କେନ୍ଦ୍ର ସରକାର ତା' ଉପରେ ସବ୍‌ସିଡି ଅର୍ଥ ମଧ ଯୋଗାଇଦେବେ। ତେବେ ମେକ୍ ଇନ୍ ଓଡ଼ିଶା ବ୍ୟବସ୍ଥାରେ ରାଜ୍ୟ ସରକାର ଇନଭେଷ୍ଟର୍ସମାନଙ୍କୁ ଏହି ସୁବିଧା ପ୍ରଦାନ କରିବେ ବୋଲି ଜଣାପଡିଛି। ନ୍ୟାଶନାଲ୍ ସିଙ୍ଗିଲ ୱିଣ୍ଡୋ ପୋର୍ଟାଲରେ ଇନଭେଷ୍ଟର୍ସମାନେ ଆପ୍ଲିକେଶନ ପକାଇପାରିବେ। ଏସ୍‌ଟିଏ(ରାଜ୍ୟ ପରିବହନ କର୍ତ୍ତୃପକ୍ଷ) କମିଶନର ଇନଭେଷ୍ଟର୍ସମାନଙ୍କୁ ଲାଇସେନ୍ସ ପ୍ରଦାନ କରିବେ। ତେବେ ଏବେସୁଦ୍ଧା ମୋଟ ୭ ଜଣ ଇନଭେଷ୍ଟର୍ସ ଏଥିଲାଗି ଆପ୍ଲିକେଶନ ପକାଇବାକୁ ଚିନ୍ତା କରୁଥିଲେ ମଧ ସନ୍ଦେହ ଏବଂ ଭୟ ଯୋଗୁ ଆପ୍ଲିକେଶନ ପକାଉ ନ ଥିବା ଜଣାପଡ଼ିଛି। ଦେଶରେ କେବଳ ମହାରାଷ୍ଟ୍ରରେ ଏହି ସ୍କ୍ରାପିଂ ସେଣ୍ଟର ଥିବାବେଳେ ଅନ୍ୟ ରାଜ୍ୟରେ ଏ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ନାହିଁ। ତେଣୁ ଓଡିଶାରେ ଏହି ସେଣ୍ଟର ସ୍ଥାପନ କରିବା ପରେ ଆଗକୁ କ'ଣ ହେବ ଚିନ୍ତା କରି ଇନଭେଷ୍ଟର୍ସ୍ ଆସୁ ନ ଥିବା ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି ସେଣ୍ଟର ସ୍ଥାନ ଲାଗି ପ୍ରାୟ ୧୦ରୁ ୧୨ କୋଟି ଟଙ୍କା ଖର୍ଚ୍ଚ ହେବ। ଯେତେଜଣ ଇନଭେଷ୍ଟର୍ସ ଆପ୍ଲିକେଶନ ପକାଇବେ ସମସ୍ତଙ୍କୁ ଲାଇସେନ୍ସ ପ୍ରଦାନ କରିଦିଆଯିବ ବୋଲି ରାଜ୍ୟ ସରକାର ଚିନ୍ତା କରିଥିବା ଜଣାପଡିଛି। ଆପ୍ଲିକେଶନ ଆସିବା ପରେ ଇଡ୍‌କୋ ତରଫରୁ ତୁରନ୍ତ ସେମାନଙ୍କୁ ଜମି ଯୋଗାଇ ଦିଆଯିବ। ୨୦୨୩ ଜୁନ୍ କିମ୍ବା ଜୁଲାଇ ସୁଦ୍ଧା ଗୋଟିଏ କିମ୍ବା ୨ଟା ସ୍କ୍ରାପିଂ ସେଣ୍ଟର ଆସିବ ବୋଲି ଏସ୍‌ଟିଏ ଚିନ୍ତା କରୁଥିବା ଜଣାପଡିଛି।

## ଅଷ୍ଟ୍ରେଲିଆ ବିପକ୍ଷ ...

ଚୌକାରେ ପରିଣତ କରି ହାର୍ଦ୍ଦିକ ଭାରତକୁ ରୋମାଞ୍ଚକ ବିଜୟ ଦେଇଥିଲେ। ହାର୍ଦ୍ଦିକ ୨୫ (୧୬ ବଲ, ୨ ଚୌକା, ୧ ଛକା) ଓ କାର୍ତ୍ତିକ ୧ ରନକରି ଅପରାଜିତ ରହିଥିଲେ। ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କାମେରନ ଗ୍ରୀନ୍ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ ହେଁ ଟପ୍ ଅର୍ଡରରେ ଅଧିନାୟକ ଆରୋନ ଫିଞ୍ଚ୍ (୭), ଷ୍ଟିଭ୍ ସ୍ମିଥ (୯) ଓ ଗ୍ଲେନ ମ୍ୟାକ୍ସୱେଲ(୬)ଙ୍କ ବିଫଳତା ଯୋଗୁ ଅଷ୍ଟ୍ରେଲିଆ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଗିଲ୍ ୨୧ ବଲ୍‌ରୁ ୭ ଚୌକା ଓ ୩ ଛକା ସହାୟତାରେ ୫୨ ରନ କରିଥିଲେ। ମିଡିଲ ଅର୍ଡରରେ ଜୋଶ୍ ଇଙ୍ଗଲିଶ୍ ୨୪ ରନର ଉପଯୋଗୀ ଇନିଂସ ଖେଳିଥିଲେ। ତେବେ ୭ମ ଉଇକେଟରେ ଟିମ୍ ଡାଭିଡ ଓ ଡାନିଏଲ ସାମ୍ସଙ୍କ ୩୪ ବଲ୍‌ରୁ ୬୮ ରନର ଭାଗୀଦାରି ବଳରେ ଅଷ୍ଟ୍ରେଲିଆ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା। ଡାଭିଡ ୨୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ୫୪ ରନକରି ଆଉଟ ହୋଇଥିବାବେଳେ ସାମ୍ସ ୨୦ ବଲ୍‌ରୁ ୧ ଚୌକା, ୨ ଛକା ସହ ୨୮ ରନରେ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଅକ୍ଷର ପଟେଲ ୩ଟି ଏବଂ ଭୁବନେଶ୍ୱର କୁମାର, ୟୁଜବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଭାରତର ଆରମ୍ଭ ଭଲ ହୋଇ ନ ଥିଲା। ଲୋକେଶ ରାହୁଲ ୧ ଓ ଅଧିନାୟକ ରୋହିତ ଶର୍ମା ୧୭ ରନକରି ଆଉଟ ହୋଇଯିବାରୁ ଭାରତ ୩୦ ରନରେ ୨ଟି ଉଇକେଟ ହରାଇଥିଲା। ବିରାଟ କୋହଲି ଓ ସୂର୍ଯ୍ୟକୁମାର ଯାଦବ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ। ଦୁହେଁ ତୃତୀୟ ଉଇକେଟରେ ୬୨ ବଲ୍‌ରୁ ୧୦୪ ରନ ସଂଗ୍ରହ କରିଥିଲେ। ୩୬ଟି ବଲ୍‌ର ସମ୍ମୁଖୀନ ହୋଇଥିବା ସୂର୍ଯ୍ୟକୁମାର ୩୬ଟି ବଲ୍‌ର ସମ୍ମୁଖୀନ ହୋଇ ୫ଟି ଲେଖାଏ ଚୌକା ଓ ଛକା ସହାୟତାରେ ୬୯ ରନ ସ୍କୋର କରିଥିଲେ। ଶେଷ ଓଭରରୁ ବିଜୟ ପାଇଁ ୧୧ ରନ ଆବଶ୍ୟକ ଥିବାବେଳେ ଡାନିଏଲ ସାମ୍ସଙ୍କ ପ୍ରଥମ ବଲ୍‌କୁ ଛକା ମାରିବା ପରେ ଦ୍ୱିତୀୟ ବଲ୍‌ରେ ଆଉଟ ହୋଇଥିଲେ ବିରାଟ। ସେ ୪୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା, ୪ ଛକା ସହ ୬୩ ରନ କରିଥିଲେ। ୩ୟ ବଲ୍‌ରୁ ଦୀନେଶ କାର୍ତ୍ତିକ ୧ ରନ କରିଥିବାବେଳେ ୪ର୍ଥ ବଲ୍‌କୁ ଡକ୍ ଖେଳିଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ମାତ୍ର ୫ମ ବଲ୍‌କୁ ଚୌକାରେ ପରିଣତ କରି ହାର୍ଦ୍ଦିକ ଭାରତକୁ ରୋମାଞ୍ଚକ ବିଜୟ ଦେଇଥିଲେ।

ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ ୨୦ ଓଭରରେ ୧୮୬/୭ (ଟିମ୍ ଡାଭିଡ-୫୪, କାମେରନ ଗ୍ରୀନ୍-୫୨, ଡାନିଏଲ ସାମ୍ସ-୨୮*, ଜୋଶ୍ ଇଙ୍ଗଲିଶ୍-୨୪, ଅକ୍ଷର ପଟେଲ-୩/୩୩, ଭୁବନେଶ୍ୱର କୁମାର-୧/୩୯, ୟୁଜବେନ୍ଦ୍ର ଚହଲ-୧/୨୨, ହର୍ଷଲ ପଟେଲ-୧/୧୮)। ଭାରତ ୧୯.୫ ଓଭରରେ ୧୮୭/୪ (ସୂର୍ଯ୍ୟକୁମାର ଯାଦବ-୬୯, ବିରାଟ କୋହଲି-୬୩, ହାର୍ଦ୍ଦିକ ପାଣ୍ଡ୍ୟା-୨୫*, ଡାନିଏଲ ସାମ୍ସ-୨/୩୩, ଜୋଶ୍ ହାଜେଲଉଡ୍-୧/୪୦, ପ୍ୟାଟ୍ କମିନ୍ସ-୧/୪୦)।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧନ ସ୍ଥାନରେ ମଙ୍ଗଳ ଗ୍ରହ ଅବସ୍ଥାନ କରି ଅର୍ଥ ସମ୍ପର୍କିତ ସମସ୍ୟାକୁ ସୁଧାରି ନେବାରେ ଚେଷ୍ଟା କରିବେ। ଅବଶ୍ୟ ଏଥିପାଇଁ ଧାରକରଜ କରାଇଦେବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯାଇ ପାରନ୍ତି।

**ବୃଷ** ଲାଲ ଗ୍ରହ ମଙ୍ଗଳ ରାଶିରେ ମାନସିକ ସ୍ଥିତିକୁ ଉତ୍ତେଜନାପ୍ରବଣ କରାଇପାରନ୍ତି। କୌଣସି ନୂତନ ଯୋଜନା କରିବା ସକାଶେ ମନ ବଳାଇ ବ୍ୟସ୍ତତା ଅନୁଭବ କରିବେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି।

**ମିଥୁନ** ନିଚାଭିମୁଖୀ ରବିଙ୍କ କୁପ୍ରଭାବରୁ ପଡ଼ୋଶୀ କିମ୍ବା ଆତ୍ମୀୟଙ୍କ ସହ ସମ୍ପର୍କ ହ୍ରାସ ଘଟିବ। ଜମିଜମା ସମ୍ପର୍କିତ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହି ନ ପାରେ। ବ୍ୟବସାୟ ଓ ପରିବହନ ମଧ ସାମୟିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ରାଶ୍ୟାଧିପ ଭାଗ୍ୟସ୍ଥାନକୁ ଦୃଷ୍ଟି ଦେଉଥିବାରୁ କୌଣସି ନୂତନ କାମରେ ହାତ ଦେଇପାରନ୍ତି। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ରବି ବିଳାସକାରକ ଶୁକ୍ରଙ୍କ ସଂଯୋଗରେ ଥିବାରୁ ପରିବାରର ଦାବି ଅନୁଯାୟୀ ଗୃହକୁ ସୌଖୀନ ପଦାର୍ଥ ଆଣିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମକ୍ଷେତ୍ରରେ ମାମୁଲି ଘଟଣାରେ ସହକର୍ମୀଙ୍କ ସହ ଉଚ୍ଚବାଚ ଘଟିପାରେ। ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ରାଶିରେ ଚତୁଃ ଗ୍ରହ ଏକତ୍ର ସମାବେଶ ହେତୁ ବିଭିନ୍ନ ସମସ୍ୟା ନେଇ ଚିନ୍ତିତ ହେବେ। କର୍ମକ୍ଷେତ୍ରରେ ଧୀରସ୍ଥିର ମନ ନେଇ କାମ କଲେ ସମସ୍ୟା ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ଆତ୍ମୀୟମାନେ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ।

**ତୁଳା** ଶୁକ୍ର ନୀଚାଭିମୁଖୀ ହେବାଜନିତ ସ୍ୱାସ୍ଥ୍ୟ ଭଲ ରହୁ ନ ଥିବାରୁ ମାନସିକ ଅବସ୍ଥା ଖରାପ ଦିଗକୁ ଗତିକରିବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭାସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ବୃଦ୍ଧି ପାଇବ।

**ବିଛା** ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ମଙ୍ଗଳ ପ୍ରଭାବରୁ ଜମିଜମା କ୍ରୟବିକ୍ରୟ ବିଷୟରେ ଆଲୋଚନା କରିପାରନ୍ତି। ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ଶତ୍ରୁଙ୍କ ସକ୍ରିୟତା ବୃଦ୍ଧି ପାଇପାରେ।

**ଧନୁ** ଚନ୍ଦ୍ର କେନ୍ଦ୍ରସ୍ଥ ବୃହସ୍ପତି ଯୋଗୁ ଆଜି କର୍ମକ୍ଷେତ୍ରରେ ଦକ୍ଷତା ବୃଦ୍ଧି ସହ ଆଦରଣୀୟ ରହିବେ। ରାହୁଙ୍କ ସ୍ଥାନ ସ୍ଥିତିଜନିତ ଆପଣ ଭୁଲ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ପାଇବେ। କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ ପୂର୍ବକ ଅଗ୍ରଗତି ଘଟିବ ।

**ମକର** ଭାଗ୍ୟ ସ୍ଥାନରେ ଏକାଧିକ ଗ୍ରହ ସନ୍ନିବେଶିତ ହେତୁ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ସନ୍ଧ୍ୟା ସମୟରେ ପରିବାର ସହ ସୁଖ ଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗିରହିବ।

**କୁମ୍ଭ** ମଙ୍ଗଳ ସ୍ୱଗୃହକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ସମସ୍ୟା ସୃଷ୍ଟି କଲେ ମଧ କୌଣସି ଅସୁବିଧା ହେବ ନାହିଁ। ଭିନ୍ନ ପରିସ୍ଥିତିରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ।

**ମୀନ** ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଅନୁକୂଳ ଗ୍ରହ ପ୍ରଭାବରୁ ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କଠିନ ଶ୍ରମ ଓ ଭ୍ରମଣଜନିତ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି । ଅଟକି ରହିଥିବା କାମଟି ଅପରାହ୍ନେ ସମ୍ପନ୍ନ କରିବେ।



ବାସୁଦେବପୁର ବ୍ଲକ ସାନଜଗନ୍ନାଥପୁର ଗ୍ରାମବାସୀ ପୋଲ ନିର୍ମାଣ କରୁଛନ୍ତି।

# ଖୋର୍ଦ୍ଧା ଆୟକର ଅଧିକାରୀ ଜେଲ ଗଲେ

- ୫ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଥିଲେ
- ପୁଣି ବାସଭବନରେ ଚଢ଼ାଉ, ଚାଲିଛି ତନାଘନା

**ଖୋର୍ଦ୍ଧା ଅଫିସ,୨୫।୯**

ଜଣେ ସୁନାଦୋକାନୀଙ୍କଠାରୁ ୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ଶନିବାର ଖୋର୍ଦ୍ଧା ଆୟକର ଅଧିକାରୀ ସୁମନ ସୁନ୍ଦର ସାହୁ ସିବିଆଇ ହାତରେ ଧରାପଡ଼ିଥିଲେ। ରବିବାର ତାଙ୍କୁ ଗିରଫ କରାଯାଇ ସିବିଆଇ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟ ତାଙ୍କ ଜାମିନ ଆବେଦନ ନାମଞ୍ଜୁର କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପକ୍ଷରେ ରବିବାର ମଧ୍ୟାହ୍ନରେ ପୁଣି ଏକ ୫ଜଣିଆ ଟିମ୍ ସାହୁଙ୍କ ବାସଭବନରେ ଚଢ଼ାଉ କରି ଯାଞ୍ଚ ଚଳାଇଛନ୍ତି। ଏହି ଘଟଣାରେ ସିବିଆଇ ପକ୍ଷରୁ ଅଧିକ ତନାଘନା ଜାରି ରହିଛି।

ସିବିଆଇ ସୂଚନା ମୁତାବକ, ଖୋର୍ଦ୍ଧା ମାରୱାଡ଼ିପଡ଼ିସ୍ଥିତ ଶାନ୍ତି ସୁନା ଅଳଙ୍କାର ଦୋକାନ ସର୍ଭେ ନ କରିବା ପାଇଁ ମାଲିକଙ୍କଠାରୁ ଆୟକର ଅଧିକାରୀ ସୁମନ ସୁନ୍ଦର ସାହୁ ୩୦ଲକ୍ଷ ଟଙ୍କା ଦାବି କରିଥିଲେ। ଲାଞ୍ଚ ଟଙ୍କା ତୁରନ୍ତ ନ ଦେଲେ, ସେ ଦୋକାନରେ ଚଢ଼ାଉ କରିବେ ବୋଲି ଅଭିଯୋଗକାରୀଙ୍କୁ ଧମକ ଦେଇଥିଲେ। ଅଭିଯୁକ୍ତ ସାହୁ ଦୁଇଟି କିସ୍ତିରେ ଟଙ୍କା ନେବେ ବୋଲି



ସୁମନ ସୁନ୍ଦର ସାହୁ

ରାଜି ହୋଇଥିଲେ। ଏନେଇ ସମ୍ପୃକ୍ତ ସୁନାଦୋକାନ ମାଲିକ ସିବିଆଇ ଭୁବନେଶ୍ୱର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ସିବିଆଇ ଜାଲ ବିଛାଇଥିଲା। ଶନିବାର ଅପରାହ୍ନରେ ପୂର୍ବ ଯୋଜନା ମୁତାବକ ଅଭିଯୁକ୍ତ ସାହୁ ଶ୍ରୀରାମନଗରସ୍ଥିତ ନିଜ ବାସଭବନରେ ଅଭିଯୋଗକାରୀଙ୍କଠାରୁ ୫ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ ସିବିଆଇର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ତାଙ୍କୁ ଧରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲେ। ଦୀର୍ଘ ସମୟ ଧରି ଜେରା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ ସିବିଆଇ ଅଫିସକୁ ନିଆଯାଇଥିଲା।

## ପ୍ରଶାସନ ଉପରେ ଭରସା ଉଠିଗଲା

# ପୋଲ ତିଆରି କଲେ ଗାଁ ଲୋକେ

**ପଦ୍ମପୁର,୨୫।୯(ଡି.ଏନ.ଏ.)**

ବାରମ୍ବାର ଗୁହାରି ସତ୍ତ୍ୱେ ପ୍ରଶାସନ ଶୁଣିଲାନି। ଯିବା ଆସିବାରେ ଅସୁବିଧା ଭୋଗୁଥିବା ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଲକ୍ଷ୍ମୀଦାସପୁର ପଞ୍ଚାୟତର ସାନଜଗନ୍ନାଥପୁର ଗ୍ରାମବାସୀ ଆଉ ପ୍ରଶାସନ ଉପରେ ଭରସା ନ କରି ନିଜ ସମସ୍ୟା ନିଜେ ସୁଧାରିବାକୁ ନିଷ୍ପତ୍ତି ନେଲେ। ସେମାନେ ନିଜ ଖର୍ଚ୍ଚରେ ସ୍ଥାନୀୟ କୋଷ୍ଟ କେନାଲ ଉପରେ ଏକ କାଠ ପୋଲ ତିଆରି କରିବାରେ ସଫଳ ହୋଇଛନ୍ତି।

ପ୍ରକାଶ ଯେ, ଏହି ଗ୍ରାମରେ ୭୦ରୁ ଊର୍ଦ୍ଧ୍ୱ ପରିବାରର ୭ଶହରୁ ଅଧିକ ଲୋକ ବାସବାସ କରନ୍ତି। ବିଭିନ୍ନ କାମରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ପାଇଁ ଲୋକଙ୍କୁ ସାନକୃଷ୍ଣପୁର ଦେଇ ପ୍ରାୟ ୫ କି.ମି. ରାସ୍ତା ବୁଲିବାକୁ ପଡୁଥିଲା। ଅପରପକ୍ଷେ ଗ୍ରାମଠାରୁ ମାତ୍ର ୮ଶହ ମିଟର ପରେ କୋଷ୍ଟକେନାଲ ରାସ୍ତା ଅଛି। ହେଲେ ସେହି ରାସ୍ତାକୁ ଯିବା ପାଇଁ କେନାଲ ପାରି ହେବାକୁ ପଡ଼ିବ। କେନାଲ ଉପରେ ଏକ ପୋଲ ଏବଂ ଗ୍ରାମ ସଂଲଗ୍ନ ରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀ ବିଭିନ୍ନ ସମୟରେ ବ୍ଲକ ପ୍ରଶାସନକୁ ଅନୁରୋଧ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଏଣୁ ସମସ୍ତ ଗ୍ରାମବାସୀ ଚଳିତବର୍ଷ ନିଜ ଖର୍ଚ୍ଚରେ ରାସ୍ତା ଓ ପୋଲ ତିଆରି କରିବାକୁ ନିଷ୍ପତ୍ତି ନେଇଥିଲେ। ଗତ ମେ'ରେ ଗ୍ରାମଠାରୁ କୋଷ୍ଟକେନାଲ ପର୍ଯ୍ୟନ୍ତ ୮ଶହ ମିଟର ରାସ୍ତାରେ ବାହାରୁ ଟ୍ରାକ୍ଟର ସାହାଯ୍ୟରେ ମାଟି ବୋହି ଆଣି ପକାଇ ୧୮ଫୁଟ ଚଉଡ଼ା ରାସ୍ତା ନିର୍ମାଣ କରିଥିଲେ। ଏହାପରେ ଜୁଲାଇରେ କାଠ ଖୁଣ୍ଟ କରି କେନାଲରେ ପୋତିଥିଲେ। ଚଳିତମାସରେ ଆବଶ୍ୟକ କାଠ ପଟା ତିଆରି କରି ଶନିବାର ପୋଲ ନିର୍ମାଣ ସାରିଛନ୍ତି। ଗ୍ରାମବାସୀ ଶ୍ରମଦାନ ସହ ୩୫ ଫୁଟ୍ ଲମ୍ବର ଏହି ପୋଲ ପାଇଁ ୫୦ ହଜାର ଓ ରାସ୍ତା ଲାଗି ୨ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। ବଳରାମ ମହାନ୍ତି, ବ୍ରଜକିଶୋର ନାୟକ, ଅଲେଖ କୁମାର ଲେଙ୍କା, ସହଦେବ ନାୟକ, କମଳାକାନ୍ତ ନାୟକ, ରତିକାନ୍ତ ଜେନା, ପ୍ରମୋଦ ଜେନାଙ୍କ ସମେତ ସମସ୍ତ ଗ୍ରାମବାସୀ ପୋଲ ନିର୍ମାଣ କାର୍ଯ୍ୟରେ ସହଯୋଗ କରିଥିଲେ। ଏବେ ସେମାନଙ୍କୁ ଆଉ ପଞ୍ଚାୟତ କିମ୍ବା ବ୍ଲକ କାର୍ଯ୍ୟାଳୟକୁ ଯିବା ପାଇଁ ବୁଲିବାକୁ ପଡ଼ିବ ନାହିଁ। କମ୍ ସମୟରେ ଓ ସ୍ୱଳ୍ପ ଖର୍ଚ୍ଚରେ ସିଧାସଳଖ କୋଷ୍ଟ କେନାଲ ରାସ୍ତାକୁ ଯାଇପାରିବେ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ୧୬ ଜିଲାରେ ଖୋଲିବ ୩୪ ସିଭିଲ ଜଜ୍ କୋର୍ଟ

**କଟକ ଅଫିସ,୨୫।୯**

ରାଜ୍ୟର ୧୬ଟି ଜିଲାରେ ୩୪ ନୂତନ ସିଭିଲ ଜଜ୍‌କୋର୍ଟ (ଜୁନିୟର ଡିଭିଜନ) ତଥା ଜେଏମ୍ଏଫ୍‌ସି ପ୍ରତିଷ୍ଠା ହେବ। ଏଥିପାଇଁ ଉକ୍ତ ଜିଲାଗୁଡ଼ିକର ଜିଲା ଓ ସେସନ୍ସ ଜଜ୍‌ମାନଙ୍କୁ ଅକ୍ଟୋବର ୧୦ ତାରିଖ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନୂତନ କୋର୍ଟ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ସ୍ୱରୂପ ଡାଏସ୍ ସହିତ କୋର୍ଟ ହଲ୍, ସାକ୍ଷ୍ୟ କୋଠରି, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ୍ ହାଜତ, ଟଏଲେଟ୍, ଅଫିସ, ପ୍ରିଜାଇଡିଂ ଅଧିକାରୀଙ୍କ ଚ୍ୟାମ୍ବର ସହିତ ବାସଗୃହ (ସରକାରୀ କିମ୍ବା ବେସରକାରୀ) ବ୍ୟବସ୍ଥା ସମ୍ପର୍କରେ ରିପୋର୍ଟ ଉଲ୍ଲେଖ କରିବାକୁ ନିର୍ଦ୍ଦେଶ ରହିଛି। ରିପୋର୍ଟ ହସ୍ତଗତ ହେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

ବାଲେଶ୍ୱର ଜିଲାର ଔପଦା, ଖଇରା, ବରଗଡ଼ ଜିଲାର ଗାଇସିଲଟ, ପାଇକମାଳ, ବିଜେପୁର, ଭଦ୍ରକ ଜିଲାର ବନ୍ତ, କଟକ ଜିଲାର ନିଶ୍ଚିନ୍ତକୋଇଲି, ଡମପଡ଼ା, ମାହାଙ୍ଗା, ଗଞ୍ଜାମ ଜିଲାର ବେଲଗୁଣ୍ଠା, ଯାଜପୁର ଜିଲାର ବରିପାଲ, ସୁକିନ୍ଦା, ବିଞ୍ଝାରପୁର, ଝାରସୁଗୁଡ଼ା ଜିଲାର ଲାଇକେରା, କିରିମିରା, କଳାହାଣ୍ଡି ଜିଲାର ଗୋଲମୁଣ୍ଡା, ଲାଞ୍ଜିଗଡ଼, କନ୍ଧମାଳ ଜିଲାର ରାଇକିଆ, ଚକାପାଦ, କେଉଁଝର ଜିଲାର ଘଟଗାଁ, ଖୋର୍ଦ୍ଧା ଜିଲାର ବୋଲଗଡ଼, ବେଗୁନିଆ, ବାଲିଅନ୍ତା, ବାଲିପାଟଣା, କୋରାପୁଟ ଜିଲାର ନନ୍ଦପୁର, ନାରାୟଣପାଟଣା, ବୈପାରୀଗୁଡ଼ା, ନୟାଗଡ଼ ଜିଲାର ଗଣିଆ, ପୁରୀ ଜିଲାର କୃଷ୍ଣପ୍ରସାଦ, କାକଟପୁର, ରାୟଗଡ଼ା ଜିଲାର ଚନ୍ଦ୍ରପୁର, ମୁନିଗୁଡ଼ା ଓ ସୁନ୍ଦରଗଡ଼ ଜିଲାର କୋଇଡା(ବଣାଇ), ଲହୁଣିପଡ଼ାରେ ନୂତନ ସିଭିଲ ଜଜ୍ କୋର୍ଟ ପ୍ରତିଷ୍ଠା ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡିଛି।

## ହାତୀପଲ ଧସ୍ତାଧସ୍ତି

# ଚାପି ହୋଇ ଛୁଆ ହାତୀ ମୃତ

**କପ୍ତିପଦା,୨୫।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବନାଞ୍ଚଳର ନଟୋ ସଂରକ୍ଷିତ ଜଙ୍ଗଲର କଟୁରିଆ-ଶାଣଦେଇଠାରେ ହାତୀପଲ ମଧ୍ୟରେ ଧସ୍ତାଧସ୍ତି ହୋଇ ଏକ ଛୁଆହାତୀର ମୃତ୍ୟୁ ହୋଇଛି। ଛୁଆହାତୀ ବୟସ ୪ରୁ ୫ ମାସ ହେବ। ଖବରପାଇ ବନବିଭାଗ ପହଞ୍ଚି ମୃତଦେହ ଜବତ କରିଛି।

ଦୁଇଦିନ ପୂର୍ବେ ଏହି ଘଟଣା ଘଟିଥିବା ବନବିଭାଗ ସୂଚନା ଦେଇଛି। ବନଖଣ୍ଡ ଅଧିକାରୀ ସନ୍ତୋଷ ଯୋଶୀ, ଏଆର୍‌ସିସିଏଫ୍ ଟି. ଅଶୋକ କୁମାର, ଏସିଏଫ୍ ଦିଲ୍ଲୀପ ବାରିକ ଘଟଣାର ଅନୁଧ୍ୟାନ କରିଛନ୍ତି। କପ୍ତିପଦା ପ୍ରାଣୀ ଚିକିତ୍ସାଧିକାରୀ ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାହାକୁ ପୋତି ଦିଆଯାଇଥିଲା। କପ୍ତିପଦା ରେଞ୍ଜ ଅଧିକାରୀ ଅଚ୍ୟୁତାନନ୍ଦ ଦାସ, ବନପାଳ ଅବିନାଶ ଗିରି, ଶରତ ବନପାଳ ଦୀପକ କୁମାର ପାତ୍ର, ନଟୋ ବନପାଳ ଶିରିଶ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



ମୃତ ହାତୀଛୁଆ

## ପୋଖରୀରେ ବୁଡ଼ି ନାବାଳିକାଙ୍କ ମୃତ୍ୟୁ

**ବରୀ,୨୫।୯(ଡି.ଏନ୍.ଏ.)**

ଯାଜପୁର ଜିଲା ବରୀ ରାମଚନ୍ଦ୍ରପୁର ଥାନା କଳାମାଟିଆ ଗ୍ରାମର ଜଣେ ୬ ବର୍ଷୀୟା ନାବାଳିକାଙ୍କ ରବିବାର ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ଦିଲୀପ ଧଳଙ୍କ ଝିଅ ଭାଗ୍ୟଲକ୍ଷ୍ମୀ ଧଳ। ନାବାଳିକା ତାଙ୍କ ଘର ନିକଟରେ ଖେଳୁଥିବାବେଳେ ଗୋଡ଼ ଖସିଯିବାରୁ ସେଠାରେ ଥିବା ପୋଖରୀରେ ବୁଡ଼ି ଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ସଦସ୍ୟମାନେ ଚାରିଆଡ଼େ ଖୋଜାଖୋଜି କରିଥିଲେ, ହେଲେ ପାଇ ନ ଥିଲେ। ଶେଷରେ ପୋଖରୀରୁ ତାଙ୍କୁ ଉଦ୍ଧାର କରି ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପୂର୍ବତନ ୱାର୍ଡ ମେମ୍ବରଙ୍କ ମୃତଦେହ ଜବତ

**ଫୁଲବାଣୀ ଅଫିସ, ୨୫।୯**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କାଶିନିପଦର ପଞ୍ଚାୟତ ମାଝିପଡା ଗ୍ରାମର ପୂର୍ବତନ ୱାର୍ଡ ମେମ୍ବର ରାଇମତି କହଁରଙ୍କ ମୃତଦେହ ଗାଁ ଠାରୁ କିଛି ଦୂର ଏକ ଖାଲରୁ ଜବତ କରାଯାଇଛି। ରାଇମତିଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ରାଇମତି ଗତ ମଙ୍ଗଳବାର ଠାରୁ ନିଖୋଜ ଥିଲେ। ବହୁ ଖୋଜାଖୋଜି ପରେ ବି ତାଙ୍କ ପତ୍ତା ମିଳି ନ ଥିଲା। ଗ୍ରାମର କେତେଜଣ ମଇଁଷି ଚରାଇବାକୁ ଯାଇଥିବା ବେଳେ ମାଝିପଡା- ଭୁଜିଙ୍ଗିବାଲି ରାସ୍ତାର ସାବେରୀ ଘାଟି ପାଖରେ ଥିବା ଏକ ଖାଲରେ ରାଇମତିଙ୍କ ମୃତଦେହ ପଡିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି। ରାଇମତି ୨ର ମାଝିପଡାର ୱାର୍ଡମେମ୍ବର ନିର୍ବାଚିତ ହୋଇଥିଲେ। ତାଙ୍କ ସ୍ୱାମୀ ନାଉତା କହଁର ମଧ୍ୟ ସମିତି ସଭ୍ୟ ଥିଲେ। କିଛି ବର୍ଷ ତଳେ ନାଉତାଙ୍କ ମୃତ୍ୟୁ ହୋଇଥିଲା। ରାଇମତି ଘରେ ଏକୁଟିଆ ରହୁଥିଲେ। ଗତ ସୋମବାର ରାତିରେ ସେ ଘରେ ଶୋଇଥିଲେ। ହେଲେ ମଧ୍ୟ ମଙ୍ଗଳବାର ସକାଳୁ ତାଙ୍କ ପତ୍ତା ମିଳି ନ ଥିଲା।




ଓଡ଼ିଶାର ନଦୀ ଓ ଜଳ ଉତ୍ସଗୁଡିକର ସୁରକ୍ଷା ପାଇଁ ଲୋକଶକ୍ତି ଅଭିଯାନ ଓ ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ ପକ୍ଷରୁ ବାଲେଶ୍ୱରରୁ ବାହାରିଥିବା ନଦୀ ସୁରକ୍ଷା ଯାତ୍ରା ରବିବାର ମହାନଦୀର କଟକ ଗଡ଼ଗଡିଆଘାଟଠାରେ ପହଞ୍ଚିଛି।

# ମୟୂରଭଞ୍ଜରେ ୭ଜଣିଆ ପ୍ରଶାସନିକ ଅଧିକାରୀ

**ବାରିପଦା ଅଫିସ/ ବେତନଟୀ, ୨୫।୯(ଡି.ଏନ.ଏ./ସ୍ୱ.ପ୍ର.)**

ମୟୂରଭଞ୍ଜ ଜିଲାର ସ୍ଥିତି ଅନୁଧ୍ୟାନ ପାଇଁ ରବିବାର ଏକ ୭ଜଣିଆ ପ୍ରଶାସନିକ ଅଧିକାରୀ ଟିମ୍ ପରିଦର୍ଶନରେ ଆସିଛନ୍ତି। ଏହି ଦଳରେ ଆଇଏଏସ୍, ଆଇଆର୍‌ଏସ୍, ଆଇଏଫ୍‌ଏସ୍ ଓ ଆଇପିଏସ୍ ଆଦି ପ୍ରଶାସନିକ ସେବାର ଅଧିକାରୀ ରହିଛନ୍ତି। ପ୍ରତିନିଧି ଦଳରେ ମେହେକ ଜୈନ, ଅନୁଷ୍କା କଳିଆ, ଆପରୁଭ ଦୀକ୍ଷିତ, ଅଥିରା ଏସ୍ କୁମାର, ଜି.ଭେନକଟେସ୍, ଉମା ଶଙ୍କର ପ୍ରସାଦ, ଭିମଲ କୁମାର ପାଠକ ରହିଛନ୍ତି। ଉକ୍ତ ଟିମ୍ ରବିବାର ବାରିପଦାଠାରେ ପହଞ୍ଚିଥିବା ପରେ ଜିଲା ପ୍ରଶାସନ ସହିତ ସମୀକ୍ଷା ବୈଠକ କରିଛନ୍ତି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଫେସିଲିଟେଶନ ଗୃହଠାରେ ଜିଲାର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ଲାଇନ ବିଭାଗ ଅଧିକାରୀମାନଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ପରେ ଉକ୍ତ ଟିମ୍ ବେତନଟୀ ଉପକଣ୍ଠ ସଠିଲୋ ଅଞ୍ଚଳ ପରିଦର୍ଶନ ସହ ସ୍ଥାନୀୟ ହାଇସ୍କୁଲରେ ରହଣିର କାର୍ଯ୍ୟକ୍ରମ ଥିବା ନେଇ ସୂଚନା ମିଳିଛି। ଉକ୍ତ ଟିମ୍ ସଠିଲୋ ହାଇସ୍କୁଲଠାରେ ରହଣି ସମୟରେ ବିଭିନ୍ନ କ୍ଷେତ୍ର ପରିଦର୍ଶନ ସହିତ ତୃଣମୂଳ ସ୍ତରରେ ଲୋକଙ୍କ ସଂସ୍ପର୍ଶରେ ଆସି ଜୀବନ ଜୀବିକା ଉପରେ ମଧ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ବେତନଟୀ ବିଡିଓ ଛବିରାଣୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରୁଥିବା ବେଳେ ସଠିଲୋ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ସହଯୋଗ କରୁଛନ୍ତି। ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସ୍ୱାଗତ ଉତ୍ସବ ଆୟୋଜନ ହୋଇଥିଲା।



ବେତନଟୀଠାରେ ପ୍ରଶାସନିକ ଅଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

# ପିଏମ୍‌ଜିଏସ୍‌ୱାଇ କାମକୁ ଠିକାଦାରଙ୍କ ଅନାଗ୍ରହ

- ମାଓବାଦୀ ଭୟ ରୋକିଛି ରାସ୍ତା ନିର୍ମାଣ
- ଠିକାଦାରଙ୍କୁ ଉତ୍ସାହିତ ପାଇଁ ଓଡ଼ିଶାକୁ ଛତିଶଗଡ଼ର ଚିଠି

**ଯାଜପୁର ଅଫିସ,୨୫।୯**

ଓଡ଼ିଶା-ଛତିଶଗଡ଼ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ଦୀର୍ଘଦିନ ହେଲା ସକ୍ରିୟ ରହିଛନ୍ତି। ବିଭିନ୍ନ ସମୟରେ ବଡ଼ ହିଂସା ଘଟାଇ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ଏଭଳିସ୍ଥିତିରେ ଉଭୟ ରାଜ୍ୟର ସରକାର ସୀମାନ୍ତ ଅଞ୍ଚଳରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ରାସ୍ତା ନିର୍ମାଣ ନେଇ ଚିନ୍ତାରେ ପଡ଼ିଛନ୍ତି। ଛତିଶଗଡ ସରକାର ଓଡ଼ିଶା ସୀମାନ୍ତ କୁକର-ଅମାମୋରା-ଚିଣ୍ଡୋଲା ରାସ୍ତା ଏବଂ ଶିବନାରାୟଣପୁର-ପଣ୍ଡ୍ରିପାଣି-ସିକାସେର ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର ଆହ୍ୱାନ କରିଛନ୍ତି। ଏଥିପାଇଁ ୨୪ ଥର ଟେଣ୍ଡର ଡକାଯାଇଥିଲେ ହେଁ କୌଣସି ଠିକାଦାର ଭାଗ ନେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଓଡ଼ିଶାର ଠିକାଦାରମାନେ ମଧ୍ୟ ମୁହଁ ମୋଡ଼ି ଦେଇଛନ୍ତି। ଏନେଇ ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଅମିତାଭ ଜୈନ ୧୩।୭।୨୦୨୨ରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ରଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଉକ୍ତ ପତ୍ରରେ ସଚିବ ଜୈନ ଦର୍ଶାଇଛନ୍ତି ଯେ, କୁକର-ଅମାମୋରା ରାସ୍ତା ନିର୍ମାଣ ପାଇଁ ମଞ୍ଜୁର ହୋଇସାରିଛି ଏବଂ ସ୍ଥାନୀୟ ପୋଲିସ ଅଧିକାରୀ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ୨୪ ଥର ପଦକ୍ଷେପ ନିଆଯାଇଥିଲେ ହେଁ କୌଣସି ଠିକାଦାର ଏହି ରାସ୍ତା ନିର୍ମାଣ କରିବାକୁ ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଉନାହାନ୍ତି। ତେଣୁ ଛତିଶଗଡ଼ ସରକାର ଉପରୋକ୍ତ ରାସ୍ତା କାର୍ଯ୍ୟକୁ ଭାଗ ଭାଗ କରି ପୁଣି ଟେଣ୍ଡର ଆହ୍ୱାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ଏଥିରେ ଭାଗନେବାକୁ ଓଡ଼ିଶା ଠିକାଦାରମାନଙ୍କୁ ଉତ୍ସାହିତ କରିବା ପାଇଁ ସେ ଅନୁରୋଧ କରିଛନ୍ତି। ସେହିପରି ଶିବନାରାୟଣପୁର- ପଣ୍ଡ୍ରିପାଣି ରାସ୍ତା ନିର୍ମାଣ କରିବାକୁ ବଜେଟ ଜରିଆରେ ମଞ୍ଜୁର ହେବ। ତେଣୁ ଉଭୟ ସରକାରଙ୍କ ପୋଲିସ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି କାର୍ଯ୍ୟ ପାଇଁ ସୁରକ୍ଷା ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ଉକ୍ତ ପତ୍ରରେ ଦର୍ଶାଯାଇଛି। ଏହାକୁ ଭିତ୍ତିକରି ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୪।୯।୨୦୨୨ରେ ଛତିଶଗଡ଼ ସରକାରଙ୍କ ପିଏମ୍‌ଜିଏସ୍‌ୱାଇ ରାସ୍ତା ନିର୍ମାଣ କାର୍ଯ୍ୟରେ ଭାଗନେବା ନିମନ୍ତେ ରାଜ୍ୟ ଠିକାଦାରମାନଙ୍କୁ ଉତ୍ସାହିତ କରିବାକୁ ଗ୍ରାମ୍ୟ ନିର୍ମାଣ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ସ୍କୁଲ୍ ଯିବାକୁ ଡରୁଛନ୍ତି ଛାତ୍ରୀ

- ତାଲା ପକାଇ ମାଡ଼ ମାରୁଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ
- ଅଭିଯୋଗକୁ ଶିକ୍ଷୟିତ୍ରୀଙ୍କ ଖଣ୍ଡନ

**ପାଟଣା,୨୫।୯(ସ୍ୱ.ପ୍ର.)**

ପ୍ରଧାନ ଶିକ୍ଷୟିତ୍ରୀ ଶ୍ରେଣୀ ଗୃହରେ ତାଲା ପକାଇ ରଖି ଦେଉଛନ୍ତି। ପରିସ୍ରା କରିବାକୁ ବି ଛାଡୁ ନାହାନ୍ତି। କବାଟ ବାଡ଼େଇଲେ ମାଡ଼ ମାରୁଛନ୍ତି। ଏଭଳି ଅଭିଯୋଗ କରିଛନ୍ତି କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ଚିନାମାଳି ପଶି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୮ମ ଶ୍ରେଣୀର ୫ ଛାତ୍ରୀ। ଶୁକ୍ରବାର ଶିକ୍ଷୟିତ୍ରୀ ଜଣଙ୍କ ମାଡ଼ ମାରିଥିବା ବେଳେ ଶନିବାର ମାଡ଼ ଭୟରେ ଛାତ୍ରୀମାନେ ସ୍କୁଲ ଯିବାକୁ ଡରିଥିଲେ। ଘଟଣା ସମ୍ପର୍କରେ ଅଭିଭାବକ ଜାଣିବା ପରେ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସରକାର ସମସ୍ତ ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଥିବା ବେଳେ ଶିକ୍ଷୟିତ୍ରୀଙ୍କ ଏଭଳି ଆଚରଣ ଶିକ୍ଷା ବିଭାଗକୁ ଅଡୁଆରେ ପକାଇଛି। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ନ ୨ଟା ସମୟରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପ୍ରକୋଷ୍ଠରେ ଭର୍ତ୍ତିକରି ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସାହୁ ବାହାର ପାର୍ଶ୍ୱରୁ କବାଟର ଶିକୁଳି ଦେଇ ଚାଲିଯାଇଥିଲେ। ପିଲାମାନଙ୍କୁ ପରିସ୍ରା ଲାଗିବାରୁ ୪ଟା ସମୟରେ କେତେ ଜଣ କବାଟ ବାଡ଼େଇଥିଲେ। ଏତିକିରେ ଶିକ୍ଷୟିତ୍ରୀ ଉତକ୍ଷିପ୍ତ ହୋଇ ଏକ ଅମରି ବାଡ଼ିରେ ଅଷ୍ଟମ ଶ୍ରେଣୀର ୫ ଛାତ୍ରୀଙ୍କୁ ନିର୍ଘୃମ ପିଟିବା ସହ ଜାତିଆଣ ଅକ୍ଷେପ କରିଥିଲେ। ମାଡ଼ରେ ପାଲାଣ ଘାଟି ପଞ୍ଚାୟତ କୁମୁଳାବାହାଳ ଗ୍ରାମର ଲୁସି ମହାନ୍ତ, ଲିସା ମହାନ୍ତ, କୁମୁଳାବାହାଳି ଖଇରନ୍ଧା ସାହିର ପୂଜା ମହାନ୍ତ, ପଲାଣଘାଟି ପଞ୍ଚାୟତ ଚିନାମାଳି ପଶି ତଣ୍ଡିଆ ସାହିର ତ୍ରିଶକ୍ତି ନାଏକ ଓ ନୂଆପଡ଼ାର ମିତାଲି ନାଏକ ଆହତ ହୋଇଥିଲେ। ଲୁସି ମହାନ୍ତଙ୍କ ଡାହାଣ ହାତ ଫୁଲି ଯାଇଥିବା ବେଳେ ଲିସା ଓ ତ୍ରିଶକ୍ତିଙ୍କ ପିଠିରେ ଦାଗ ପଡ଼ିଯାଇଥିବା ଦେଖିବାକୁ ମିଳିଛି। ଶିକ୍ଷୟିତ୍ରୀଙ୍କ ମାଡ଼ ଭୟରେ ଛାତ୍ରୀମାନେ ଶନିବାର ସ୍କୁଲ୍ ଯିବାକୁ ମନା କରିଥିଲେ ବୋଲି ଅଭିଭାବକ ଫୁଲମଣି ମହାନ୍ତ ଓ ଫୁଲମଣି ନାଏକ କହିଛନ୍ତି। ଘଟଣା ସମ୍ପର୍କରେ ବୁଝିବାକୁ ଅଭିଭାବକ ସ୍କୁଲ୍ ଯାଇଥିବା ବେଳେ ଶିକ୍ଷୟିତ୍ରୀ ଶନିବାର ବିଦ୍ୟାଳୟ ଆସି ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଶିକ୍ଷୟିତ୍ରୀଙ୍କୁ ସମର୍ଥନ ଯୋଗାଇ ଘଟଣାଟିକୁ ଚପାଇ ଦେବାକୁ ଉଦ୍ୟମ ହେଉଛି। ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ବିଇଓ ପୂର୍ଣ୍ଣଚନ୍ଦ୍ର ଅମାନ୍ତ ଘଟଣାର ନିରପେକ୍ଷ ତଦନ୍ତ କରି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅଭିଭାବକ ଦାବି କରିଛନ୍ତି। ଏ ନେଇ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମାନ୍ତ କହିଛନ୍ତି ଯେ, ଅଭିଯୋଗ ଆସିଲେ ତଦନ୍ତ କରି ବିଚାର କରାଯିବ। ଏ ନେଇ ସମ୍ପୃକ୍ତ ଶିକ୍ଷୟିତ୍ରୀ କୁହନ୍ତି, ପିଲାଙ୍କୁ ଚାବି ପକାଇବା ଓ ମାଡ଼ ମାରିବା କଥା ମିଛ। ବଡ଼ବଡ଼ ପିଲା ସେମାନେ, ଭିତର ପଟୁ ନିଜେ କବାଟ ଦେଇଥିଲେ। ମୋର ୨୬ ବର୍ଷର ଅଭିଜ୍ଞତା, ମୁଁ ମଣିଷ ନା ପଶୁ ଯେ ଏଭଳି ପିଟିବି। ପିଲାମାନେ କ'ଣ କହିଛନ୍ତି ମୁଁ ଜାଣିନାହିଁ। ଶନିବାର ଜ୍ୱର ହୋଇଥିବାରୁ ମୁଁ ଛୁଟିରେ ଥିଲି। ଆସନ୍ତାକାଲି ସରପଞ୍ଚଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ମିଟିଂ ହେବାର ଅଛି ସେଠି ସବୁ କଥା ଆଲୋଚନା ହେବ ବୋଲି ପ୍ରଧାନଶିକ୍ଷୟିତ୍ରୀ ସାହୁ କହିଛନ୍ତି।



ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା



# ନ୍ୟାୟ ଆଶା କ୍ଷୀଣ

ଉତ୍ତରାଖଣ୍ଡ ରଷିକେଶର ଏକ ରିସର୍ଟରେ କାମ କରୁଥିବା ରିସେପ୍ସନିଷ୍ଟ ୧୯ ବର୍ଷୀୟା ଅଙ୍କିତା ଭଣ୍ଡାରୀଙ୍କ ମୃତଦେହ ଏକ ବ୍ୟାରେଜ ନିକଟରୁ ମିଳିବା ପରେ ପାଉରି ଗଡ଼ୱାଲ ଅଞ୍ଚଳରେ ଲୋକେ ଭୟଙ୍କର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିରେ ସମ୍ପୃକ୍ତ ଭାଜପାର ପୂର୍ବତନ ମନ୍ତ୍ରୀ ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟଙ୍କ ସମେତ ୩ ଜଣଙ୍କୁ ଇତିମଧ୍ୟରେ ଗିରଫ କରାଯାଇଛି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି ଭାଜପା ବାପ ଓ ପୁଅଙ୍କୁ ଦଳରୁ ବହିଷ୍କାର କରିଛି। ଉଲ୍ଲେଖ କରାଯାଇପାରେ ଯେ, ଉକ୍ତ ଭନନ୍ତରା ରିସର୍ଟର ମାଲିକ ହେଉଛନ୍ତି ପୁଲକିତ ଆର୍ଯ୍ୟ। ସେଠାରେ ଅତିଥିମାନଙ୍କ ପାଇଁ ଗଣିକାବୃତ୍ତି କରିବାକୁ ଅଙ୍କିତାଙ୍କୁ ବାଧ୍ୟ କରାଯାଉଥିଲା ବୋଲି ଏବେ ଜଣାପଡ଼ିଛି। ଅଙ୍କିତା ତାଙ୍କ ସାଙ୍ଗଙ୍କ ନିକଟକୁ କରିଥିବା ହ୍ୱାଟ୍ସଆପ୍ ବାର୍ତ୍ତାରୁ ଏହି ବିଷୟ ଜଣାପଡ଼ିବା ପରେ ଏଥିରେ ପୁଲକିତ ଆର୍ଯ୍ୟ ଓ ରିସର୍ଟର ମ୍ୟାନେଜରଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହେଉଛି।

ଅଙ୍କିତା ଅନୈତିକ କାର୍ଯ୍ୟ କରିବାକୁ ଅମଙ୍ଗ ହେବାରୁ ତାଙ୍କୁ ପାଣିକୁ ଠେଲି ହତ୍ୟା କରାଯାଇଥିବାର ଅନେକ ପ୍ରମାଣ ମିଳିଛି। ତେବେ ବର୍ତ୍ତମାନ ଯେଉଁ ବିଷୟଟି ବିଷମ ସ୍ଥିତି ସୃଷ୍ଟି କରିଛି, ତାହା ହେଉଛି ପୋଲିସ ଓ ପ୍ରଶାସନର ଭୂମିକା। ଉତ୍ୟକ୍ତ ଲୋକଙ୍କ ପ୍ରତିବାଦ ଦେଖି ପାଉରି ପ୍ରଶାସନ ରିସର୍ଟର କିଛି ଅଂଶ ଭାଙ୍ଗି ଦେଇଥିଲେ। କୁହାଯାଉଛି ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ନିର୍ଦ୍ଦେଶ କ୍ରମେ ଏଭଳି ତତ୍‌କ୍ଷଣାତ୍ ପଦକ୍ଷେପ ନିଆଯାଇଥିଲା। ହେଲେ ଏବେ ଜଣାପଡ଼ିଛି ଯେ, ରିସର୍ଟର ଯେଉଁ ଅଂଶ ଭଙ୍ଗାଯାଇଛି ସେହି କୋଠରିରେ ଅଙ୍କିତା ରହୁଥିଲେ। ତେଣୁ ଶତ ପ୍ରତିଶତ ସନ୍ଦେହ ଉପୁଜିଛି ଯେ ଫୋରେନ୍‌ସିକ୍ ପ୍ରମାଣ ନଷ୍ଟ କରିବା ଲକ୍ଷ୍ୟରେ ଏଭଳି ନିଷ୍ପତ୍ତି ନିଆଯାଇଛି। ପ୍ରଶାସନ ପକ୍ଷରୁ ସଫେଇ ଦିଆଯାଇଛି ଯେ, ଭଙ୍ଗା ଯାଇଥିବା ଅଂଶ ବେଆଇନ ଥିଲା। ଏଠାରେ ସାଧାରଣରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କେବଳ ଅଙ୍କିତା ରହୁଥିବା କୋଠରି କ'ଣ ବେଆଇନ ଥିଲା। ଯଦି ତାହା ଥିଲା ତେବେ ପୂର୍ବରୁ କାହିଁକି ଏଭଳି ନିଷ୍ପତ୍ତି ନିଆଯାଇ ନ ଥିଲା। ଓଡ଼ିଆରେ ଢଗ ଅଛି-ବିଲେଇ ଆଖିବୁଜି କ୍ଷୀର ପିଏ। ଅର୍ଥାତ୍ ପ୍ରଶାସନର ଜାଣତରେ ସେହି ରିସର୍ଟରେ ସବୁକିଛି ବେଆଇନ କାର୍ଯ୍ୟ ହେଉଥିବା ଯେ କେହି ଅନୁମାନ କରିପାରୁଥିବେ। ଇତିମଧ୍ୟରେ ଅଙ୍କିତାଙ୍କ ପିତା ତାଙ୍କ ଝିଅର ମୃତଦେହ ପୋଷ୍ଟମର୍ଟମ୍‌ର ଅନ୍ତିମ ରିପୋର୍ଟ ନ ମିଳିବା ଯାଏ ଅନ୍ତ୍ୟେଷ୍ଟି କରିବେ ନାହିଁ ବୋଲି ଅଡ଼ି ବସିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏମ୍ସ ରଷିକେଶ ପକ୍ଷରୁ ଏହି ପୋଷ୍ଟମର୍ଟମ କାର୍ଯ୍ୟ ତଦାରଖ କରାଯାଉଛି।

> ନା ଯେ କେବଳ ପୋଲିସ ଓ ପ୍ରଶାସନରେ ଭାବମୂର୍ତ୍ତିକୁ ଏହା କ୍ଷୁଣ୍ଣ କରେ, ତାହା ଅପରାଧୀଙ୍କୁ ବେଆଇନ କାର୍ଯ୍ୟ କରିବାର ଦମ୍ଭ ଦେଇଥାଏ। ମାତାପିତା ରାଜନୀତିରେ କୌଣସି ବଡ଼ ପଦପଦବୀରେ ଥିଲେ, ପିଲାଙ୍କୁ ଲାଗେ ଯେ ସେମାନେ ଯାହା କିଛି ଚାହିଁବେ କରିପାରିବେ।

ଭାରତବର୍ଷରେ ବିଭିନ୍ନ ଅପରାଧ ଓ ବେଆଇନ କାର୍ଯ୍ୟରେ ପୋଲିସ ଓ ପ୍ରଶାସନର ସମ୍ପୃକ୍ତି ରହୁଥିବା ଦେଖାଯାଉଛି। କୁହାଯାଇଥାଏ ପୋଲିସର ବିନା ସହଯୋଗରେ ସାଧାରଣ ଅପରାଧଟିଏ ମଧ୍ୟ ଘଟିପାରିବ ନାହିଁ। ଏହାର ଅନେକ ଉଦାହରଣ ଦେଶବ୍ୟାପୀ ଘଟୁଥିବା ଅପରାଧରୁ ଜଣାପଡୁଛି। ଉତ୍ତରପ୍ରଦେଶର ଲଖିମ୍‌ପୁର ଖେରିରେ ଭାଜପାର କେନ୍ଦ୍ର ମନ୍ତ୍ରୀ ଅଜୟ ମିଶ୍ରା ଟେନିଙ୍କ ପୁଅ ଆଶିଷ ମିଶ୍ରା କୃଷକଙ୍କ ଉପରେ ଗାଡ଼ି ମଡ଼ାଇ ୪ ଜଣଙ୍କୁ ହତ୍ୟା କରିବା ବିଷୟ ସମସ୍ତେ ଜାଣନ୍ତି। ଏହି ଘଟଣାର ଭିଡିଓ ପ୍ରମାଣ ଥିବା ସତ୍ତ୍ୱେ ଆଶିଷଙ୍କୁ ଗିରଫ କରିବାକୁ ବହୁଦିନ ଲାଗି ଯାଇଥିଲା। ନା ଯେ କେବଳ ପୋଲିସ ଓ ପ୍ରଶାସନରେ ଭାବମୂର୍ତ୍ତିକୁ ଏହା କ୍ଷୁଣ୍ଣ କରେ, ତାହା ଅପରାଧୀଙ୍କୁ ବେଆଇନ କାର୍ଯ୍ୟ କରିବାର ଦମ୍ଭ ଦେଇଥାଏ। ମାତାପିତା ରାଜନୀତିରେ କୌଣସି ବଡ଼ ପଦପଦବୀରେ ଥିଲେ, ପିଲାଙ୍କୁ ଲାଗେ ଯେ ସେମାନେ ଯାହା କିଛି ଚାହିଁବେ କରିପାରିବେ। ଏହି ଅବସ୍ଥା କେବଳ ଉତ୍ତରପ୍ରଦେଶ ବା ଉତ୍ତରାଖଣ୍ଡରେ ସୀମିତ ନୁହେଁ। ଦେଶର ଚାରିଆଡ଼େ ଏଭଳି ଉଦାହରଣ ଖୋଜିଲେ ଅନେକ ମିଳିବ। ଉତ୍ତରାଖଣ୍ଡ ମାମଲାର ତଦନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ ହେବା ଦରକାର ବୋଲି ଅଙ୍କିତାଙ୍କ ପିତା ଏବେ ଦାବି କରିଛନ୍ତି। ସ୍ଥିତିକୁ ପ୍ରଶମନ କରିବା ଲାଗି ଉତ୍ତରାଖଣ୍ଡ ସରକାର ସ୍ୱତନ୍ତ୍ର ତଦନ୍ତ ଟିମ୍ (ଏସ୍‌ଆଇଟି) ଗଠନ କରିଛନ୍ତି। କିନ୍ତୁ ବାସ୍ତବରେ ଏହି ତଦନ୍ତର ଗତି କେଉଁଆଡ଼େ ଯିବ ଭଲ ଭାବେ ବୁଝି ହେଉଛି। ଅତୀତରେ ଏହିଭଳି ଅନେକ ଘଟଣାକୁ ପ୍ରଶାସନ ଚପେଇ ଦେବାରେ ସକ୍ଷମ ହୋଇଛି। କେବଳ ଲୋକଙ୍କ କ୍ରୋଧକୁ ଟାଳିବା ଲାଗି ସରକାର ଏହିପରି ଉପରଠାଉରିଆ ପଦକ୍ଷେପ ନେଇଥାଆନ୍ତି। ପୁଣି କିଛି ଦିନ ଗଡ଼ିଯିବା ପରେ ଜନସାଧାରଣ ତାହାକୁ ଭୁଲି ଯାଇଥାଆନ୍ତି। ଏ ଦେଶରେ ରାଜନେତା-ପ୍ରଶାସନ ଯଦି କୌଣସି ଘଟଣାକୁ ସମାଧି ଦେବାକୁ ଚାହିଁବେ, ସାଧାରଣ ଲୋକ ଅସହାୟ ହୋଇ ରହିବେ। ଅନ୍ୟପକ୍ଷରେ ବର୍ତ୍ତମାନର ସୂଚନା ଯୁଗରେ ସବୁ ଖବର ତତ୍‌କ୍ଷଣାତ୍ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଉତ୍ତରାଖଣ୍ଡ ଘଟଣାରେ ଘୋର ପ୍ରତିବାଦ ହେଉଥିବାରୁ କିଛି ସମୟ ଏହି ବିଷୟ ଲୋକଲୋଚନରେ ରହିବ। କିନ୍ତୁ ଥରେ ଗଣମାଧ୍ୟମର ଦୃଷ୍ଟି ଆଡୁଆଳକୁ ଏହା ଚାଲିଗଲେ ତଦନ୍ତ ପ୍ରକ୍ରିୟା ମନ୍ଥର ହେବା ଥୟ। ବହୁଚର୍ଚ୍ଚିତ ବିଲ୍‌କିସ୍ ବାନୋ ଘଟଣାରେ ଗୁଜରାଟ ସରକାର ଯେଉଁଭଳି ଭାବେ ସବୁ ଦୋଷୀଙ୍କୁ ନିର୍ଦ୍ଦୋଷରେ ମୁକ୍ତ କରିଦେଲେ, ତାହା ନ୍ୟାୟ ବ୍ୟବସ୍ଥାର ଦୁର୍ବଳତାକୁ ପଦାରେ ପକାଇଥିଲା। ଏଭଳି ବହୁ ଆଲୋଚିତ ଘଟଣାସବୁର ପ୍ରକ୍ରିୟାକୁ ବାଟବଣା କରିଦିଆଯାଉଥିବା ବେଳେ ସାଧାରଣ ଘଟଣାରେ ଲୋକଙ୍କୁ ନ୍ୟାୟ ମିଳିବା ଆଶା କ୍ଷୀଣ।

## su|do|ku Puzzles by Srikant Ghosh ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | | 7 | | 2 | | 1 | 4 |
| | 8 | 6 | 9 | | | | | |
| | | | | | 6 | | | |
| 9 | | | | | | | | |
| | | | 3 | 7 | | | 5 | |
| | | | | | | 2 | 3 | |
| | 2 | | | 3 | 7 | 9 | | |
| 1 | | 5 | 6 | | | 4 | | |
| | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 8 | 3 | 5 | 6 | 2 | 9 | 1 |
| 6 | 2 | 3 | 1 | 9 | 4 | 7 | 5 | 8 |
| 9 | 1 | 5 | 2 | 7 | 8 | 3 | 6 | 4 |
| 1 | 5 | 6 | 9 | 8 | 3 | 4 | 2 | 7 |
| 3 | 9 | 2 | 7 | 4 | 1 | 6 | 8 | 5 |
| 8 | 7 | 4 | 5 | 6 | 2 | 1 | 3 | 9 |
| 5 | 3 | 7 | 4 | 2 | 9 | 8 | 1 | 6 |
| 2 | 8 | 9 | 6 | 1 | 7 | 5 | 4 | 3 |
| 4 | 6 | 1 | 8 | 3 | 5 | 9 | 7 | 2 |

ଗତକାଲିର ଉତ୍ତର

# ପ୍ରାଥମିକ ଶିକ୍ଷା ଓ ମଧ୍ୟାହ୍ନଭୋଜନ



ଡ. ଲକ୍ଷ୍ମଣ ସାହୁ

ଶିକ୍ଷା ହେଉଛି ଦେଶର ମୂଳଦୁଆ। ଭାରତର ନବ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାଠାରୁ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ୧୯୯୦ ବିଶ୍ୱ ସମ୍ମିଳନୀରେ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଘୋଷଣା କରାଗଲା। ସରକାର ଏହାକୁ ଆଖି ଆଗରେ ରଖି ୧୯୯୫ ଅଗଷ୍ଟ ୧୫ରୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯୋଜନା ଆରମ୍ଭ କରିଥିଲେ। ଏହା ମଧ୍ୟରେ 'ଚଲୋ ସ୍କୁଲ ଚଲୋ' ଠାରୁ 'ବେଟି ବଚାଓ , ବେଟି ପଢ଼ାଓ' ଭଳି ଅନେକ ସ୍ଲୋଗାନ୍ ଦିଆଯାଇଛି। ମନରେ ପ୍ରଶ୍ନ ଉଠେ, ଭାରତରେ ପ୍ରାଥମିକ ଶିକ୍ଷାର ସର୍ବୋତ୍ତମ ବ୍ୟବସ୍ଥା ଫଳପ୍ରଦ ହୋଇଛି କି? ଏହାର ଅସମ୍ପୂର୍ଣ୍ଣ ଉତ୍ତର କେବଳ ଚଟାଣରେ ଗଡ଼ୁଛି। ପ୍ରାଥମିକ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବାର ଲକ୍ଷ୍ୟ କ'ଣ ହୋଇପାରେ ?

କୋଭିଡ୍-୧୯ର ଦୁଇ ବର୍ଷ ବିଦ୍ୟାଳୟଗୁଡ଼ିକୁ ବଡ଼ ଆଘାତ ଦେଇଛି। ବଡ଼ କଥା ହେଉଛି, ୨୦୨୦ ମାର୍ଚ୍ଚ ୧୪ରେ ମଧ୍ୟାହ୍ନଭୋଜନ ଯୋଜନା ଉପରେ ପ୍ରତିବନ୍ଧକ ଲାଗିଥିଲା। ବିଦ୍ୟାଳୟକୁ ପଢ଼ିବାକୁ ଆସୁଥିବା ପିଲାମାନଙ୍କ ପାଇଁ ଏହା ବଡ଼ ସମସ୍ୟାଥିଲା। ବର୍ତ୍ତମାନ ମଧ୍ୟାହ୍ନଭୋଜନ ଯୋଜନା ପୁଣି ଥରେ ଚାଲିଛି। କିନ୍ତୁ ଖାଦ୍ୟ ମାଧ୍ୟମରେ କେତେ ପିଲା ବିଦ୍ୟାଳୟକୁ ଫେରି ଆସିଛନ୍ତି, ତାହା ସଠିକ ଅନୁସନ୍ଧାନ ହେଉନାହିଁ। ଏହି ଯୋଜନା ଯୋଗୁ ଛଅରୁ ଚଉଦ ବର୍ଷ ବୟସର ଅର୍ଥାତ୍ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ବାର କୋଟି ପିଲା ଅନ୍ତର୍ଭୁକ୍ତ ଥିବା ଆକଳନ କରାଯାଇଛି। ସୂଚନାଯୋଗ୍ୟ, ସରକାରୀ ତଥା ଅଣ-ସରକାରୀ ବିଦ୍ୟାଳୟ ସମେତ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରେ ଏକରୁ ଅଷ୍ଟମ ଶ୍ରେଣୀର ଛାତ୍ରମାନଙ୍କୁ ସରକାର ମଧ୍ୟାହ୍ନଭୋଜନ ଯୋଗାଉଛନ୍ତି। ୨୦୨୧ରେ ଏହାର ନାମ (PM) ପିଏମ୍ ପୁଷ୍ଟିକର ଯୋଜନାରେ ପରିବର୍ତ୍ତିତ କରାଯାଇଥିଲା। ଲକ୍ଷ୍ୟ ଥିଲା, ଅଧିକରୁ ଅଧିକ ପିଲା ବିଦ୍ୟାଳୟକୁ ଆସିପାରିବେ। କୁହାଯାଇପାରେ କେତେକାଂଶରେ ଏହି ଯୋଜନା ସଫଳ ହୋଇଛି। କିନ୍ତୁ ବାସ୍ତବରେ ସଫଳତା ଯେତିକି ଆକଳନ କରାଯାଏ, ତାହା ସଠିକ୍ ନୁହେଁ। ଆକଳନ ଓ ବାସ୍ତବତା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ସରକାରଙ୍କ ଦାୟିତ୍ୱ। କହିବାବାହୁଲ୍ୟ, ଯୋଜନା ଯେତେ ଶକ୍ତିଶାଳୀ ବା ପ୍ରଭାବଶାଳୀ ହେଉନା କାହିଁକି, ଏହାର କାର୍ଯ୍ୟକାରିତା ନିଶ୍ଚିତ ହେବା ଉଚିତ୍। ରିପୋର୍ଟରେ ଦର୍ଶାଯାଇଛି, ଦେଶରେ ସରକାରୀ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଉଥିବାବେଳେ ଘରୋଇ ବିଦ୍ୟାଳୟ ସଂଖ୍ୟା ବୃଦ୍ଧି ପାଉଛି। ରିପୋର୍ଟ ଅନୁଯାୟୀ, ୨୦୧୮-୧୯ରେ ଦେଶରେ ପଚାଶ ହଜାରରୁ ଅଧିକ ସରକାରୀ ବିଦ୍ୟାଳୟ ବନ୍ଦ ରହିଥିଲା। ମଧ୍ୟାହ୍ନ ଭୋଜନ ଯୋଜନା ସତ୍ତ୍ୱେ ପିଲାମାନଙ୍କ ବିଦ୍ୟାଳୟ ଛାଡ଼ିବା ପ୍ରକ୍ରିୟା ବନ୍ଦ ହୋଇନାହିଁ। ୟୁନେସ୍କୋର ସଦ୍ୟତମ ରିପୋର୍ଟରୁ ସ୍ପଷ୍ଟ ହୋଇଛି ଯେ, କରୋନା ମହାମାରୀ ହେତୁ ପିଲାଙ୍କ ସ୍କୁଲ ଛାଡ଼ିବା ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇଛି। ୧୯୯୭-୯୮ ସୁଦ୍ଧା ଦେଶର ସବୁ ରାଜ୍ୟରେ ମଧ୍ୟାହ୍ନଭୋଜନ ଯୋଜନା କାର୍ଯ୍ୟକାରୀ କରାଯାଇଥିଲା। ୨୦୧୪-୧୫ରେ ଏହି ଯୋଜନା ଏଗାର ଲକ୍ଷ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚାଲିଥିଲା। ଆକଳନରୁ ଜଣାପଡ଼ିଛି, ଏଥିରେ ଦଶ କୋଟି ପିଲା ଉପକୃତ ହେଉଛନ୍ତି। ୨୦୧୧ରେ ଯୋଜନା ଆୟୋଗ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତରେ ସ୍କୁଲ ସଂଖ୍ୟା ୧୫ ଲକ୍ଷ ଥିଲା। ଶିକ୍ଷାର ପ୍ରଗତିଶୀଳ ବିକାଶକୁ ଦେଖିଲେ ବୁଝିହେବ ଯେ, ଏକ ଦଶନ୍ଧି ପରେ ଏହି ସଂଖ୍ୟା ଆହୁରି ଅଧିକ ହୋଇଥାଆନ୍ତା। ଭାରତ ଭଳି ବିଶାଳ ଦେଶରେ ଯେତିକି ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ସମ ପରିମାଣରେ ଅଶିକ୍ଷିତ ଅଛନ୍ତି। ଫଳତଃ ଯୋଜନାଗୁଡ଼ିକର ମୂଲ୍ୟ ବହୁତ ଲମ୍ବା କହିଲେ ଅତ୍ୟୁକ୍ତି ହେବ ନାହିଁ। ଶିକ୍ଷା, ଦାରିଦ୍ର୍ୟ ତଥା ଆର୍ଥିକ ପ୍ରତିବନ୍ଧକ ମଧ୍ୟରେ ଖୁବ୍ କ୍ୱଚିତ୍ ବୃଦ୍ଧି ପାଇଥାଏ। ପ୍ରସଙ୍ଗ ଯେ ପ୍ରଥମରୁ ପଞ୍ଚମ ଶ୍ରେଣୀର ସମସ୍ତ ପିଲାଙ୍କୁ ପ୍ରତିଦିନ ୧୦୦ ଗ୍ରାମ୍ ଶସ୍ୟ, ଡାଲି, ପନିପରିବା ଦିଆଯାଉଥିବା ବେଳେ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ପିଲାମାନଙ୍କୁ ୧୫୦ ଗ୍ରାମ୍ ସମାନ ଖାଦ୍ୟ ସାମଗ୍ରୀ ଦିଆଯାଉଛି। ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କୁ କ୍ୟାଲୋରି, ପ୍ରୋଟିନ୍ ବ୍ୟତୀତ ଆଇରନ୍ ଫୋଲିକ୍ ଏସିଡ୍ ପରି ମାଇକ୍ରୋନ୍ୟୁଟ୍ରିଏଣ୍ଟସ ଯୋଗାଇବା। ସୂଚନାଯୋଗ୍ୟ, ମଧ୍ୟାହ୍ନ ଭୋଜନ ଯୋଜନା କେବଳ ଏକ ଯୋଜନା ନୁହେଁ, ବରଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଅନୁଯାୟୀ ଏହା ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଶ୍ରେଣୀର ପିଲାମାନଙ୍କର ଏକ ଆଇନଗତ ଅଧିକାର। ପ୍ରାଥମିକ ଶିକ୍ଷା ବିସ୍ତାର ତଥା ନବୀକରଣ ପାଇଁ ୧୯୫୭ରେ ସରକାରଙ୍କ ଦ୍ୱାରା ଅଲ୍ ଇଣ୍ଡିଆ ପ୍ରାଥମିକ ଶିକ୍ଷା ଆୟୋଗ ଗଠନ କରାଯାଇଥିଲା।



୧୯୬୫ରେ ରାଷ୍ଟ୍ରୀୟ ଶିକ୍ଷା ଆୟୋଗ ରିପୋର୍ଟରେ ଦର୍ଶାଯାଇଛି, ଶିକ୍ଷା ବ୍ୟବସ୍ଥାରେ କୌଣସି ଭେଦଭାବ ନ ରଖି ପ୍ରତ୍ୟେକ ଧର୍ମ, ଜାତି ଓ ଲିଙ୍ଗର ପିଲାଙ୍କୁ ସମାନ ଗୁରୁତ୍ୱ ଦିଆଯାଇଛି। ଏହି ଆୟୋଗ ଯୋଗୁ ଜାତୀୟ ଶିକ୍ଷା ନୀତି ୧୯୬୮ ସାମ୍ନାକୁ ଆସିଲା। ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରିବା ପାଇଁ ଏଠାରେ ଠୋସ୍ ପଦକ୍ଷେପ ମଧ୍ୟ ନିଆଯାଇଥିଲା। ନ୍ୟାଶନାଲ ପଲିସି ଅଫ୍ ଏଜୁକେଶନ ୧୯୮୬ରୁ ଶିକ୍ଷାଗତ ପରିବେଶରେ ଏକ ନୂତନ ଧାରଣା ସୃଷ୍ଟି ହୋଇଥିବାବେଳେ ୧୯୮୫ର ଅପରେଶନ ବ୍ଲାକ ବୋର୍ଡ ମୌଳିକ ସୁବିଧାରେ ପରିପୂର୍ଣ୍ଣ ଥିଲା। ବର୍ତ୍ତମାନ ନୂତନ ଶିକ୍ଷା ନୀତି ୨୦୨୦ ସହିତ ଜଡ଼ିତ। ମାନବିକ ଶିକ୍ଷା କେବଳ ଶିକ୍ଷା ଦ୍ୱାରା ଉପଯୋଗୀ ହୋଇପାରିବ। ବର୍ତ୍ତମାନର ଯୁଗ ହେଉଛି କେବଳ ସୂଚନା ଓ ତଥ୍ୟ ସଂଗ୍ରହ କରିବା। ଏହାର ଉପଯୋଗମୂଳକ ଉପସ୍ଥାପନା ହେଉଛି ଆଜିର ଦୁନିଆରେ ବୁଦ୍ଧିର ପ୍ରମାଣ ଦେବା। ଏଭଳି ପରିସ୍ଥିତିରେ ପିଲାମାନଙ୍କ ଶିକ୍ଷା ଉପରେ କୌଣସି ଆପୋସ ବୁଝାମଣା କରିବା ଠିକ୍ ନୁହେଁ, ଯାହା ସେମାନଙ୍କ ଶିକ୍ଷାକୁ କ୍ଷତିରେ ପହଞ୍ଚାଇ ଦେବ।

ସ୍କୁଲ ମଧ୍ୟାହ୍ନଭୋଜନ ଯୋଜନାରେ କୌଣସି ଘୋଟାଲା କିମ୍ବା ଅବହେଳା ନ ହେବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏକ କମିଟି ଗଠନ କରିଛି। ଏହି କମିଟି ଜାତୀୟ ସ୍ତରରେ ଯୋଜନା ଉପରେ ତୀକ୍ଷ୍ଣ ନଜର ରଖିଛି। ଯାହା ଫଳରେ ଦେଶର ପ୍ରତ୍ୟେକ ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ଏହା ସତ୍ତ୍ୱେ ଏଥିରେ ଅନେକ ତ୍ରୁଟି ଥିବା ଅଭିଯୋଗ ହେଉଛି। ଅଖାଦ୍ୟ ପରିବେଷଣ ଯୋଗୁ ପିଲାମାନେ ଅସୁସ୍ଥ ହୋଇପଡ଼ିଛନ୍ତି। ଅନେକ ସମୟରେ କେତେକଙ୍କ ମୃତ୍ୟୁ ହେବାର ଦେଖାଯାଉଛି। ଏହି ଯୋଜନାରେ ପିଲାମାନେ ଲାଭ ପାଉଥିବାବେଳେ ଏହାର ଅପବ୍ୟବହାରକୁ ରୋକିବା ସମ୍ଭବ ହୋଇନାହିଁ । ଏହି ଯୋଜନା ପ୍ରାୟ ତିନି ଦଶନ୍ଧି ଧରି ଚାଲିଥିଲେ ମଧ୍ୟ ଆଖିଦୃଶିଆ ଉନ୍ନତି ଆଣିବାରେ ବିଫଳ ହୋଇଛି। ତା' ସତ୍ତ୍ୱେ ମଧ୍ୟାହ୍ନଭୋଜନ ଯୋଜନା ଦ୍ୱାରା ପ୍ରାଥମିକ ଶିକ୍ଷା ସ୍ତରରେ ଉପସ୍ଥାନ ବୃଦ୍ଧି ଘଟିଛି। ଦେଶର ଗରିବ ପୁଷ୍ଟିହୀନ ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବାକୁ ଉତ୍ସାହିତ କରାଯାଉଛି ।

ପ୍ରକୃତରେ ମଧ୍ୟାହ୍ନଭୋଜନ ଯୋଜନା ଦେଶର କୋଟି କୋଟି ପିଲାଙ୍କ ଆଶା ଭରସା। ସେମାନେ ଶିକ୍ଷା ଗ୍ରହଣ କରିବା ସହିତ ପେଟର କ୍ଷୁଧା ଆଂଶିକ ନିବାରଣ କରିଥାଆନ୍ତି। ସେମାନଙ୍କ ସ୍ୱାସ୍ଥ୍ୟ ନିମନ୍ତେ ଆବଶ୍ୟକ ପୁଷ୍ଟିକର ଖାଦ୍ୟ ଯୋଗାଣରେ ଉନ୍ନତି ଘଟିଲେ ଶିକ୍ଷାର ସ୍ତର ନିଃସନ୍ଦେହରେ ବଢ଼ିବ!

**ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ**
**ମୋ: ୯୦୪୦୧୫୧୪୭୫**

# ପୁଞ୍ଜିପତିଙ୍କ ପଳାୟନ କାହିଁକି



ଇପ୍ସିତା ମହାନ୍ତି

ଚଳିତବର୍ଷ ଆଠ ହଜାରରୁ ଊର୍ଦ୍ଧ୍ୱ ପୁଞ୍ଜିପତି ଭାରତ ଛାଡ଼ି ଅନ୍ୟ ଦେଶରେ ବାସ କରିବେ ବୋଲି କୁହାଯାଉଛି। କେବଳ ଭାରତୀୟ ପୁଞ୍ଜିପତି ନୁହନ୍ତି, ଅନ୍ୟତ୍ର ବସତି ପାଇଁ ସାରାଦୁନିଆର ବିଭିନ୍ନ ପ୍ରାନ୍ତର ପୁଞ୍ଜିପତି ଆଜି ବିଦେଶମୁହାଁ ହେଉଛନ୍ତି। ନିଜ ଦେଶର ଶାସନ ବ୍ୟବସ୍ଥା ପ୍ରତି ବୀତସ୍ପୃହ ହୋଇ ନା ପରିବାର ସହ ନିଜେ ଭଲରେ ଜୀବନ ଜିଇବା କାମନାରେ ଏମାନେ ଅନ୍ୟ ଦେଶକୁ ପଳାୟନ କରୁଛନ୍ତି, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦେଶରେ ବସବାସ ପାଇଁ ପୁଞ୍ଜିପତିଙ୍କୁ ସହାୟତା କରୁଥିବା ହେନ୍‌ଲି ଆଣ୍ଡ ପାର୍ଟନର୍ସ କମ୍ପାନୀ ଦ୍ୱାରା ଜାରି ୨୦୨୨ର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁସାରେ ରୁଷ, ୟୁକ୍ରେନ, ଭାରତ ଏବଂ ଚାଇନା ପରି ଦେଶରୁ ବହୁ ସଂଖ୍ୟକ ପୁଞ୍ଜିପତି ଅନ୍ୟ ଦେଶକୁ ପଳାୟନ କରୁଛନ୍ତି।

ଦେଶ ଛାଡ଼ି ଚାଲି ଯାଉଥିବା ଭାରତୀୟ ପୁଞ୍ଜିପତିମାନେ ୟୁରୋପୀୟ ଦେଶ ସମୂହ ପରେ ଦୁବାଇ ଏବଂ ସିଙ୍ଗାପୁରରେ ବସତି ପ୍ରତି ଅଧିକ ଆଗ୍ରହୀ ରହିଥିବା ଉକ୍ତ ରିପୋର୍ଟରୁ ଜଣାପଡ଼ିଛି। ପୂର୍ବରୁ ଲୋକମାନେ ଆମେରିକା ଅବା ବ୍ରିଟେନ୍‌ରେ ରହିବାର ସ୍ୱପ୍ନ ଦେଖୁଥିଲେ, ବର୍ତ୍ତମାନ କିନ୍ତୁ ଏହି ଧାରାରେ ପରିବର୍ତ୍ତନ ଆସିଛି। ୟୁରୋପୀୟ ସଙ୍ଘରୁ ପ୍ରସ୍ଥାନ ନେବା ପରେ ବ୍ରିଟେନ୍‌ରେ ଟିକସର ମାତ୍ରା ଆଶାତୀତ ଭାବେ ବୃଦ୍ଧି ପାଇଛି, ଯେଉଁଥିପାଇଁ ଭାରତୀୟ ପୁଞ୍ଜିପତିମାନେ ବର୍ତ୍ତମାନ ଏଠାରେ ବସତି ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେରିକାରେ ମଧ୍ୟ ଟିକସର ପରିମାଣ ବଢ଼ିଛି, ତତ୍‌ସହିତ ବିଦେଶୀଙ୍କ ପାଇଁ ରହିଥିବା ନୀତିନିୟମ ଓ କଟକଣା ପୂର୍ବାପେକ୍ଷା ଅଧିକ କଠୋର ହୋଇଛି। ରାଷ୍ଟ୍ରପତି ନିର୍ବାଚନରେ ପରାସ୍ତ ହେବା ପରେ ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ଯୁକ୍ତରାଷ୍ଟ୍ରର ରାଜଧାନୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣା ବିଶ୍ୱ ଦରବାରରେ ଆମେରିକାକୁ କେବଳ ନିନ୍ଦିତ କରିନାହିଁ ବରଂ ତା'ର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି। ଏହି କାରଣରୁ ସାରାଦୁନିଆର ପୁଞ୍ଜିପତିମାନେ ଏହି ଦୁଇ ଦେଶଠାରୁ ଦୂରତା ରକ୍ଷା କରୁଛନ୍ତି।

ଦୁବାଇ ଏବଂ ସିଙ୍ଗାପୁର ଭଳି ସ୍ଥାନ ଭାରତର କେବଳ ନିକଟବର୍ତ୍ତୀ ତାହା ନୁହେଁ, ଏଠାରେ ସାରାଦୁନିଆର ବୈଷୟିକ ସଂସ୍ଥା ମଧ୍ୟ ରହିଛି। ଅଧିକାଂଶ ନୂତନ ଭାରତୀୟ ପୁଞ୍ଜିପତି ଯୁବ ବର୍ଗର, ଯେଉଁମାନେ ବୈଷୟିକ ଜଗତ ସହ ଜଡିତ। ତେଣୁ ଏମାନେ ଏହି ଦେଶ ଦ୍ୱୟକୁ ପସନ୍ଦ କରିବା ଚକିତ କରୁନାହିଁ। ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ପ୍ରକାଶ ପାଇବା ପରେ ହେନ୍‌ଲି ଆଣ୍ଡ ପାର୍ଟନର୍ସ କମ୍ପାନୀରେ କାର୍ଯ୍ୟରତା ଇପ୍ସିତା ଭୁବାନିଆ ଉକ୍ତ କମ୍ପାନୀର ୱେବ୍‌ସାଇଟ୍‌ରେ ଏହି ସନ୍ଦର୍ଭରେ ଏକ ଲେଖା ଲେଖିଥିଲେ। ସେ କହିଛନ୍ତି, ଦୁବାଇ ଓ ସିଙ୍ଗାପୁରରେ ଉତ୍କୃଷ୍ଟ ଧରଣର ସ୍ୱାସ୍ଥ୍ୟସେବାର ସୁବିଧା ତ ରହିଛି, ପୁଣି ଏଠାକାର ଆଇନଶୃଙ୍ଖଳା ମଧ୍ୟ ଉନ୍ନତମାନର। ଏହି କାରଣରୁ ଦୁବାଇ ଏବଂ ସିଙ୍ଗାପୁର ଭଳି ଭୂଖଣ୍ଡ ଆଜି ଭାରତୀୟ ପୁଞ୍ଜିପତିଙ୍କ ପସନ୍ଦ ତାଲିକାର ଶୀର୍ଷ ସ୍ଥାନରେ ରହିଛି।

ତୁଳନାତ୍ମକ ଭାବେ ସାରାଦୁନିଆର ଦୃଶ୍ୟପଟକୁ ଯଦି ଆଲୋଚନାର ପରିସରକୁ ନେବା, ତେବେ ପରିସଂଖ୍ୟାନ ଅନୁଯାୟୀ ସାରାଦୁନିଆରେ ଅଧିକ ସଂଖ୍ୟକ ରୁଷୀୟ ପୁଞ୍ଜିପତି ହିଁ ବର୍ତ୍ତମାନ ସ୍ୱଦେଶ ଛାଡ଼ିଛନ୍ତି। ହେନ୍‌ଲି ଗ୍ଲୋବାଲ ସିଟିଜେନ୍ସ ରିପୋର୍ଟରେ ତଥ୍ୟ ଦର୍ଶାଉଛି ଯେ ଚଳିତବର୍ଷର ଶେଷ ସୁଦ୍ଧା ୧୫,୦୦୦ରୁ ଊର୍ଦ୍ଧ୍ୱ ରୁଷୀୟ ଆରବପତି ବା ଅତି ଧନୀବ୍ୟକ୍ତି ବିଶେଷ ଦେଶ ଛାଡ଼ି ଚାଲିଯିବାକୁ ଚାହୁଁଛନ୍ତି। ଏହା ହେଉଛି ବର୍ତ୍ତମାନ ସମୟରେ ରୁଷ ଛାଡୁଥିବା ପୁଞ୍ଜିପତିମାନଙ୍କର ସର୍ବବୃହତ୍ ଚିତ୍ର। ୨୦୧୯ରେ ମଧ୍ୟ ଏହିଭଳି ସମାନ ଧରଣର ଲହରୀ ଦେଖିବାକୁ ମିଳିଥିଲା। ସେତେବେଳେ ୯୫୦୦ ରୁଷୀୟ ପୁଞ୍ଜିପତି ସ୍ୱଦେଶ ଛାଡ଼ି ଚାଲିଯାଇଥିଲେ, ଯାହାର କାରଣ ଥିଲା ମହାମାରୀ କରୋନା। କିନ୍ତୁ ବର୍ତ୍ତମାନର କାରଣ ହେଉଛି ବିଗତ କିଛି ମାସ ଧରି ରୁଷ ଏବଂ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ଯୁଦ୍ଧ। ଏହି ଯୁଦ୍ଧ ହେତୁ ୟୁକ୍ରେନ୍‌ରୁ ମଧ୍ୟ ୨୮୦୦ ଆରବପତି ଅନ୍ୟ ଦେଶକୁ ଚାଲି ଯାଇଛନ୍ତି। ଏହା ଦ୍ୱାରା ୟୁକ୍ରେନ୍‌କୁ ଅଧିକ ମାତ୍ରାରେ କ୍ଷତି ସହିବାକୁ ପଡ଼ିଛି। ୨୦୧୯ରେ ମଧ୍ୟ ଏଠାରୁ ଆରବପତିଙ୍କ ପଳାୟନର ସୁଅ ଛୁଟିଥିଲା, କିନ୍ତୁ ୨୦୨୨ର ସଂଖ୍ୟା ପୂର୍ବର ସମସ୍ତ ରେକର୍ଡକୁ ଭଙ୍ଗ କରିଛି।

ରୁଷ, ଚାଇନା, ଭାରତ, ହଂକଂ, ବ୍ରାଜିଲ, ୟୁକ୍ରେନ୍, ବ୍ରିଟେନ୍, ମେକ୍ସିକୋ, ସାଉଦି ଆରବ ଏବଂ ଇଣ୍ଡୋନେସିଆ ଭଳି ଦେଶ ୨୦୨୨ର ଶ୍ରେଷ୍ଠ-୧୦ଟି ତାଲିକାରେ ରହିଛନ୍ତି। ଏସବୁ ଦେଶରୁ ଅଧିକ ସଂଖ୍ୟକ ପୁଞ୍ଜିପତି ବର୍ତ୍ତମାନ ସ୍ୱଦେଶ ଛାଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ବିଶ୍ୱ ଉପରେ କରୋନା ଆକ୍ରମଣ ନ କରିବା ପର୍ଯ୍ୟନ୍ତ ଗତ ଏକ ଦଶନ୍ଧି ଧରି ବିଭିନ୍ନ ଦେଶରୁ ପୁଞ୍ଜିପତିଙ୍କ ପଳାୟନ ଜାରି ରହିଥିଲା। ୨୦୨୦ ଏବଂ ୨୦୨୧ରେ ଏଥିରେ ଶିଥିଳତା ଦେଖାଦେଇଥିବା ବେଳେ ବର୍ତ୍ତମାନ ପୁଣିଥରେ ଏହା ଦ୍ରୁତ ଗତିରେ ବଢ଼ି ଚାଲିଛି। ତଥ୍ୟ ଅନୁସାରେ ଚଳିତବର୍ଷର ଶେଷ ସୁଦ୍ଧା ବିଶ୍ୱର ବିଭିନ୍ନ ଦେଶର ୮୮ ହଜାର ଆରବପତି ସ୍ୱଦେଶ ଛାଡ଼ି ଅନ୍ୟ ଦେଶରେ ବସବାସ କରିବେ। ଆକଳନ କହୁଛି ଆସନ୍ତା ବର୍ଷ ଅର୍ଥାତ୍ ୨୦୨୩ରେ ଏହି ସଂଖ୍ୟା ୧.୨୫ ଲକ୍ଷକୁ ଛୁଇଁଯିବ।



ବଡ଼ କଥା ହେଉଛି ଦୁନିଆର ଏତେ ସଂଖ୍ୟକ ପୁଞ୍ଜିପତି ଆମେରିକା କିମ୍ବା ବ୍ରିଟେନ୍‌କୁ ବସବାସ ପାଇଁ ଯାଆନ୍ତି ନାହିଁ। ବରଂ ଏଠାରୁ ପୁଞ୍ଜିପତି ପଳାୟନ କରୁଛନ୍ତି। ୨୦୧୭ ପରେ କେବଳ ବ୍ରିଟେନ୍‌ର ହିଁ ୧୨୦୦୦ରୁ ଊର୍ଦ୍ଧ୍ୱ ପୁଞ୍ଜିପତି ଦେଶ ଛାଡ଼ି ଅନ୍ୟତ୍ର ଚାଲିଯାଇଛନ୍ତି। ଭାରତୀୟଙ୍କ ପସନ୍ଦକୁ ବାଦ୍ ଦେଲେ ଅବଶିଷ୍ଟ ବିଶ୍ୱର ଅଧିକାଂଶ ପୁଞ୍ଜିପତିଙ୍କ ପ୍ରଥମ ପସନ୍ଦର ବସତିର ସ୍ଥାନ ହେଉଛି ମାଲ୍ଟା, ମରିସସ୍ ଏବଂ ମୋନାକୋ। ଏସବୁ ଦେଶ ପୂର୍ବରୁ ହିଁ ଟ୍ୟାକ୍ସ ଆଶ୍ରୟସ୍ଥଳ ବା ବିଦେଶୀ ପୁଞ୍ଜିପତିଙ୍କ ଭୂସ୍ୱର୍ଗ ଭାବରେ ଅପଖ୍ୟାତି ଅର୍ଜନ କରିଛନ୍ତି। ଏତଦ୍‌ବ୍ୟତୀତ ସଂଯୁକ୍ତ ଆରବ, ଅଷ୍ଟ୍ରେଲିଆ, ସିଙ୍ଗାପୁର, ଇସ୍ରାଏଲ, ସୁଇଜରଲାଣ୍ଡ, ପର୍ତ୍ତୁଗାଲ, ଗ୍ରୀସ୍, କାନାଡ଼ା ଏବଂ ନ୍ୟୁଜିଲାଣ୍ଡ ଆଦି ଦେଶରେ ଦୁନିଆର ବିଭିନ୍ନ ପ୍ରାନ୍ତର ପୁଞ୍ଜିପତିମାନେ ବସବାସ କରିବାକୁ ପସନ୍ଦ କରୁଛନ୍ତି। ଏହିସବୁ ଦେଶଗୁଡ଼ିକ ମଧ୍ୟରୁ ପୁଞ୍ଜିପତିଙ୍କ ପସନ୍ଦ ତାଲିକାରେ ଇସ୍ରାଏଲ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଏବଂ ସିଙ୍ଗାପୁର ଶୀର୍ଷରେ ରହିଛନ୍ତି।

ବସବାସ ପାଇଁ ଏ ସମସ୍ତ ପୁଞ୍ଜିପତି ଖାଲି ହାତରେ କୌଣସି ଦେଶକୁ ଯାଆନ୍ତି ନାହିଁ। ସେମାନେ ସେଠାକୁ ପରିବାର ସହ ନିଜ ସମ୍ପତ୍ତିକୁ ମଧ୍ୟ ସାଙ୍ଗରେ ନେଇଯାଇଥା'ନ୍ତି। ଏହି କାରଣରୁ ପୁଞ୍ଜିପତିମାନେ ଯେଉଁ ଦେଶକୁ ବସବାସ ପାଇଁ ଯାଇଥା'ନ୍ତି, ସେହି ଦେଶର ଧନ ବୃଦ୍ଧି ହୋଇଥାଏ। ପୁଞ୍ଜିପତିଙ୍କ ପଳାୟନର ଏକମାତ୍ର କାରଣ କେବଳ ସ୍ୱଦେଶର ଅତିରିକ୍ତ ଟିକସ ବୋଝ ନୁହେଁ, ଉତ୍ତମ ସ୍ୱାସ୍ଥ୍ୟସେବା ଏବଂ ନିରାପତ୍ତା ମଧ୍ୟ ଅନ୍ୟତମ ପ୍ରମୁଖ କାରଣ। କଡ଼ା ଆଇନ ପ୍ରଣୟନ ସହ ଏହି କ୍ଷେତ୍ରରେ ଭାରତ ଉନ୍ନତି କଲେ ତାହା ପୁଞ୍ଜିପତିଙ୍କ ପଳାୟନ ଦିଗରେ ଯେ କେବଳ ରୋକ ଲଗାଇବାକୁ ସମର୍ଥ ହେବ ତାହା ନୁହେଁ, ବରଂ ଭାରତର ଅର୍ଥନୀତିକୁ ଏହା ଗତି ପ୍ରଦାନ କରିବ।

**ବୈପାରୀଗୁଡ଼ା, କୋରାପୁଟ**
**ମୋ- ୬୩୭୦୬୭୯୪୦୫**

## ଏଇ ଭାରତରେ

ଆଗ୍ରାର ଐତିହାସିକ ରାମଲୀଳାରେ ହିନ୍ଦୁ-ମୁସଲମାନ ଏକତାର ବାର୍ତ୍ତା ଉଦାହରଣ ସୃଷ୍ଟି କରୁଛି। ଆଗ୍ରାରେ ରାବଣ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ମୂର୍ତ୍ତିଗୁଡ଼ିକ ମଥୁରାର କୋସିକଲାର ମୁସଲମାନ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ଏଥର ଆଗ୍ରା ଦୁର୍ଗ ନିକଟ ରାମଲୀଳା ମୈଦାନରେ ୧୦୦ ଫୁଟର ରାବଣ ମୂର୍ତ୍ତି ତିଆରି ଚାଲିଛି। ୨୫ ଦିନ ଧରି ୫ କାରିଗର ମୂର୍ତ୍ତି ତିଆରିରେ ନିୟୋଜିତ ଅଛନ୍ତି। ରାବଣ, କୁମ୍ଭକର୍ଣ୍ଣ ଏବଂ ମେଘନାଦଙ୍କ ମୂର୍ତ୍ତି ପାଇଁ ୨୦,୦୦୫ ବାଉଁଶ, ଏକ କୁଇଣ୍ଟାଲ କାଗଜ ସହିତ ୫୦ କିଲୋଗ୍ରାମ ସୂତା ଏବଂ ଅନ୍ୟାନ୍ୟ ଜିନିଷ ଲାଗିବ। ଶ୍ରୀ ରାମଲୀଳା କମିଟିର ଉପାଧ୍ୟକ୍ଷ ଆନନ୍ଦ ମଙ୍ଗଳ କହିଛନ୍ତି, ଏଠାରେ ଉଭୟ ହିନ୍ଦୁ ଏବଂ ମୁସଲମାନ ଦଶହରାରେ ପାରସ୍ପରିକ ସହଯୋଗରେ ଉତ୍ସବକୁ ପାଳନ କରିଥାନ୍ତି। ମଥୁରାର କୋସି ନିବାସୀ ଜାଫର ଅଲି କୁହନ୍ତି, ପୂର୍ବରୁ ଆମ ପିତୃପୁରୁଷ ରାବଣ ଓ କୁମ୍ଭକର୍ଣ୍ଣଙ୍କ ମୂର୍ତ୍ତି ତିଆରି କରୁଥିଲେ। ଆମେ ପ୍ରାୟ ୧୩୫ ବର୍ଷ ଧରି ପିଢ଼ି ପରେ ପିଢ଼ି ଏହା କରୁଛୁ। ବର୍ଷା ଲାଗି ରହିଛି, ତେଣୁ ମୂର୍ତ୍ତି ତିଆରି କରିବାରେ ସମସ୍ୟା ହେଉଛି। ଏପଟେ ଦଶହରା ମଧ୍ୟ ପାଖେଇ ଆସୁଛି। ଶୀଘ୍ର ଆମେ ଅଧିକ କାରିଗର ଯୋଗାଡ଼ କରି ଧାର୍ଯ୍ୟ ଦିନ ପୂର୍ବରୁ କାମ ଶେଷ କରିବୁ। ଆମ ପାଇଁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମ ସମାନ। ଯେପରି ଆମ ପାଇଁ ଆଲ୍ଲା ଅଛନ୍ତି, ସେହିପରି ଆମ ପାଇଁ ରାମ ମଧ୍ୟ ଅଛନ୍ତି। କାରଣ ଏଠାରେ କାମ କରି ଆମେ ରୋଜଗାର ପାଇଥାଉ, ଯେଉଁ କାରଣରୁ ଆମ ଘରର ଚୁଲି ଜଳେ। ତେଣୁ ଏହା ଆମ ପାଇଁ ଭାଇଚାରା ଛଡ଼ା ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ନୁହେଁ।

## ୨୫ ବର୍ଷ ତଳର ଧରିତ୍ରୀ

**୨୬ ସେପ୍ଟେମ୍ବର ୧୯୯୭**

- ଜେଏମ୍‌ଏମ୍ ସାଂସଦଙ୍କ ଉତ୍କୋଚ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ସମେତ ୨୦ ଜଣଙ୍କ ନାମରେ ମକଦ୍ଦମା ରୁଜୁ।
- ବିହାରର ଛୋଟି ଗଣ୍ଡକ ନଦୀରେ ଦେଶୀ ନୌକା ବୁଡ଼ି ୨୬ ସ୍କୁଲ୍ ପିଲାଙ୍କ ମୃତ୍ୟୁ।
- ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଇ.ଏସ୍. ଭେଙ୍କଟରାମାୟାଙ୍କ ୭୩ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ପୁରୁଣା ମେଘ ସହି!
ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା।
କହିବି ଜୀବନର
ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା।
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅହିଂସା ରଥ କାହା ପାଇଁ

ମହାଶୟ,
ସ୍ୱାଧୀନତାର ୭୫ ବର୍ଷ ଅତିକ୍ରାନ୍ତ ହୋଇସାରିଛି ; ହେଲେ ସଂଗ୍ରାମୀଙ୍କ ରାମରାଜ୍ୟ ପ୍ରତିଷ୍ଠା ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ଓଡ଼ିଶା ସରକାର ଗାନ୍ଧିଜୀଙ୍କ ନିଶା ନିବାରଣ ନୀତିକୁ ଭୁଲି ଗାଁ-ଗହଳିରେ ଦେଶୀ ବିଦେଶୀ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ଦେଉଛନ୍ତି। ସବୁ ରାଜନୈତିକ ଦଳର ନେତାନେତ୍ରୀଗଣ ଭୋଟ ପାଇଁ ହିଂସାର ମାର୍ଗ ଆପଣାଇବାକୁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି। ବିଧାନସଭା ଓ ସଂସଦରେ ଜନପ୍ରତିନିଧିମାନେ ପିଟାପିଟି ହେଉଛନ୍ତି। ନେତାନେତ୍ରୀଗଣ ଜନତାଙ୍କୁ ଉଚିତ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ଏସବୁ ସତ୍ତ୍ୱେ ରାଜ୍ୟବ୍ୟାପୀ ଅହିଂସା ରଥ ବୁଲାଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟ ଓ ଗୃହ ବିଭାଗର ଛୋଟ କର୍ମଚାରୀଗଣ ରଥକୁ ସ୍ୱାଗତ କରୁଛନ୍ତି। ସ୍କୁଲ ପିଲାମାନଙ୍କୁ ବି ଏଥିରେ ସାମିଲ କରାଯାଉଛି। ଏପରି ହେଲେ ଲୋକେ କଦାପି ଗାନ୍ଧୀ କିମ୍ବା ଗୋପବନ୍ଧୁଙ୍କ ପରି ହୋଇଯିବେ ନାହିଁ। ଲୋକେ ଓ ନେତାମାନେ ସେମାନଙ୍କ ଆଚରଣରେ ପରିବର୍ତ୍ତନ ଆଣିଲେ ଅହିଂସା ରଥ ଏବଂ ରାମ ରାଜ୍ୟର ମହତ୍ତ୍ୱ ପ୍ରତିପାଦିତ ହୋଇପାରିବ।

**- ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଅଁରପାଳ ଅଞ୍ଚଳରେ ୪୦ ହାତୀ

**ବଅଁରପାଳ,୨୫।୯(ଡି.ଏନ.ଏ.):** ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁଳସୀପାଳ, ଲଙ୍ଗୁଳୀୟା ବେଢା, ଘାଢ଼ରଖାଇ, ଆଲୁମିନିୟମ୍ ପାର୍କ ଅଞ୍ଚଳରେ ଗତ ୩ ଦିନ ହେଲା ହାତୀପଲ ଉପଦ୍ରବ ଚଳାଇଛନ୍ତି। ୪୦ ହାତୀ ବିଭିନ୍ନ ଗ୍ରାମାଭିମୁଖୀ ହୋଇ ଚାଷ ଜମିରେ ପଶି ଫସଲ ନଷ୍ଟ କରୁଛନ୍ତି। ହାତୀପଲକୁ ଦେଖି ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ହାତୀପଲଙ୍କୁ ଘଉଡାଇବା ପାଇଁ ବନବିଭଗ ଉଦ୍ୟମ କରୁଥିବା ଜଣାପଡିଛି।

### ଚୋରି ଅଭିଯୁକ୍ତ ଗିରଫ

**ବଅଁରପାଳ,୨୫।୯(ଡି.ଏନ.ଏ.):** ବଅଁରପାଳ ଥାନା ନୂଆହତା ଗ୍ରାମର ମାନସ ସାହୁଙ୍କୁ ବଅଁରପାଳ ପୋଲିସ ଗିରଫ କରିଛି। ମାନସଙ୍କ ନାମରେ ବିଭିନ୍ନ ଥାନାରେ ଚୋରି, ଡକାୟତି ଅଭିଯୋଗ ନେଇ ବହୁ ମାମଲା ରହିଛି। ୨୦୧୦ ମସିହାରେ ଏକ ଚୋରି ମାମଲାରେ ଜାମିନରେ ଆସି ପରବର୍ତ୍ତୀ ସମୟରେ କୋର୍ଟଙ୍କ ସର୍ତ୍ତ ଖିଲାପ କରିଥିଲେ। ପୋଲିସ ରବିବାର ଏହି ଘଟଣାରେ ମାନସଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ନରେଶ ସାହୁ ସୂଚନା ଦେଇଛନ୍ତି।

### ଏଏସ୍ଆଇଙ୍କ ଅକାଳ ବିୟୋଗ



**କଣିହାଁ,୨୫।୯(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନାରେ କାର୍ଯ୍ୟରତ ଏଏସ୍ଆଇ ନରେଶ କୁମାର ସିଂ (୫୨)ଙ୍କ ରବିବାର ମୃତ୍ୟୁ ହୋଇଯାଇଛି। ନରେଶ ବଅଁରପାଳ ଥାନାରୁ ଆସି ଏନ୍‌ଟିପିସି ଟାଉନ ଥାନାରେ ଦୀର୍ଘ ୩ ବର୍ଷ କାର୍ଯ୍ୟ କରିଥିଲେ। ୩ ମାସ ପୂର୍ବରୁ ସମଲ ଥାନାକୁ ବଦଳି ହୋଇଥିଲେ। ଅସୁସ୍ଥତାକୁ ନେଇ ୨ ଦିନ ଛୁଟି ନେଇଥିଲେ। ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ଅଞ୍ଚଳରେ ତାଙ୍କ ବାସସ୍ଥାନ ରହିଥିବାବେଳେ ପରିବାର ଲୋକେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଏ ନେଇ ଜିଲା ପୋଲିସ ମହଲରେ ଶୋଭାର ଛାୟା ଖେଳିଯାଇଛି। ଏଏସ୍ଆଙ୍କ ଅକାଳ ବିୟୋଗ ଜିଲା ପୋଲିସ ପ୍ରଶାସନ ପାଇଁ ଏକ ବଡ଼ କ୍ଷତି ବୋଲି ଆଇଆଇସି ଯାଜ୍ଞସେନୀ ପ୍ରଧାନ, କିଶୋର ସାମଲ, ଅନାମ ଲାକ୍ରା, ସ୍ମିତାଞ୍ଜଳୀ ପ୍ରଧାନ ପ୍ରକାଶ କରିଛନ୍ତି।

### ମନ୍ଦିରରୁ ଦାନ ବାକ୍ସ ଚୋରି

**ଛେଣ୍ଡିପଦା, ୨୫।୯ (ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ପୁରୁଣାଗଡ ବରାଳ ବାଲୁଙ୍କେଶ୍ୱର ଶିବ ମନ୍ଦିରରୁ ଶନିବାର ରାତିରେ ଦାନବାକ୍ସ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୂଜକ ସୁରେଶ ମହାପାତ୍ର ସନ୍ଧ୍ୟା ଆଳତି ପରେ ଠାକୁରଙ୍କ ନୀତିକାନ୍ତି ସାରି ପହୁଡ଼ ପକାଇବା ପରେ ମନ୍ଦିର ବନ୍ଦ କରି ଘରକୁ ଯାଇଥିଲେ। ରବିବାର ଭୋର ୪ଟା ସମୟରେ ସୁରେଶ ମନ୍ଦିରକୁ ଆସି ଦ୍ୱାର ଖୋଲିବା ପରେ ଦାନବାକ୍ସ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ମନ୍ଦିର କମିଟି ସଭାପତିଙ୍କୁ ଜଣାଇ ଥିଲେ। କମିଟି ସଭାପତି ପରିଚାଳନା କମିଟିକୁ ଡାକି ଘଟଣା ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମନ୍ଦିର ପଛ ପାର୍ଶ୍ୱ ଆମ୍ବ ବଗିଚା ମଧରୁ ଭଙ୍ଗା ଅବସ୍ଥାରେ ଥିବା ଦାନ ବାକ୍ସ ଜବତ କରିଛି। ବାଗଡ଼ିଆ ଫାଣ୍ଡି ପକ୍ଷରୁ ତଦନ୍ତ ଜାରି ରହିଛି। ସେହିପରି ଛେଣ୍ଡିପଦା ଥାନା ସମ୍ମୁଖରେ ସଞ୍ଜୟ ବେହେରାଙ୍କ ଦୋକାନରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି।



# ପ୍ରଦର୍ଶିତ ହେବ ରାବଣ ପୋଡ଼ି

- ୫୫ ବର୍ଷରେ ବାମୁର ଦୁର୍ଗାପୂଜା କମିଟି
- ଏଥର ୧୦ ଲକ୍ଷ ଟଙ୍କାର ବ୍ୟୟବରାଦ
- ଦୈନିକ ହଜାରେ ଲୋକଙ୍କୁ ମିଳିବ ପ୍ରସାଦ

**ବଇଣ୍ଡା, ୨୫।୯ (ଡି.ଏନ.ଏ.)**



ପାଖେଇ ଆସୁଛି ଦଶହରା ପର୍ବ। ଏଥିପାଇଁ ଶେଷ ହୋଇଆସୁଛି ପ୍ରସ୍ତୁତି। ମୂର୍ତ୍ତି, ମେଢ଼ ଓ ତୋରଣ ନିର୍ମାଣ ମଧ୍ୟ ଅନ୍ତିମ ପର୍ଯ୍ୟାୟରେ। ମଣ୍ଡପ ନିକଟରେ ଅସ୍ଥାୟୀ ଦୋକାନ ବଜାର ପଡ଼ିବା ଆରମ୍ଭ ହୋଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବନ୍ଧାଯାଉଛି ଷ୍ଟେଜ୍। ଗତ ୨ ବର୍ଷ ହେଲା ଧୁମ୍‌ଧାମରେ ପୂଜା ହୋଇ ନ ଥିବାରୁ ଏଥର ଏହାକୁ ଅଧିକ ଆକର୍ଷଣୀୟ କରିବାକୁ ଲକ୍ଷ୍ୟ ରଖିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକର ବାମୁର ପୂଜା କମିଟି। ଚଳିତବର୍ଷ ୫୫ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ଏହି କମିଟି ୧୦ ଲକ୍ଷ ଟଙ୍କାର ବଜେଟ୍ ରଖିଛି। ଚିତ୍ତାକର୍ଷକ ରାବଣ ପୋଡ଼ି ପାଇଁ ୪୦ ଫୁଟ ଉଚ୍ଚତାର ରାବଣ ପିତୁଳା ପ୍ରସ୍ତୁତ କରାଯାଉଛି। ଏହା ହିଁ ପୂଜାର ପ୍ରମୁଖ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

କମିଟି କର୍ମକର୍ତ୍ତାମାନଙ୍କ କହିବା ଅନୁଯାୟୀ, ୧୯୬୭ ମସିହାରେ ଗ୍ରାମରେ ପ୍ରଥମ କରି ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଗ୍ରାମର କରୁଣାକର ପ୍ରଧାନ, ପ୍ରସାଦି ପ୍ରଧାନ, ବାଶିଷ୍ଠ ପ୍ରଧାନ, ଜିତ ପ୍ରଧାନ, ଯତୀନ୍ଦ୍ର ନାଥ ପ୍ରଧାନ ଏକ ମାଟି ଘରେ ମା' ଦୁର୍ଗାଙ୍କ ଫଟୋ ରଖି ପୂଜା କରିଥିଲେ। ଏଥିପାଇଁ ଖର୍ଚ୍ଚ ହୋଇଥିଲା ୧୨୦ ଟଙ୍କା। ଗ୍ରାମବାସୀଙ୍କ ଠାରୁ ଆଦାୟ ହୋଇଥିବା ଧାନ ଓ ଚାଉଳ ମାଧ୍ୟମରେ ଏହି ଅର୍ଥ ସଂଗ୍ରହ କରାଯାଇଥିଲା। ହେଲେ ସମୟ ଅନୁସାରେ ପୂଜା ଆୟୋଜନରେ ଅନେକ ପରିବର୍ତ୍ତନ ଆସିଛି। ବିଶେଷକରି ସାଜସଜ୍ଜା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ପ୍ରତିବର୍ଷ ଖର୍ଚ୍ଚ ବଢ଼ି ବଢ଼ି ଚାଲିଛି। କରୋନା ପାଇଁ ଗତ ୨ ବର୍ଷ ଧରି ପୂଜା ନିରାଡ଼ମ୍ବର ରହିଥିଲା। ଦର୍ଶକମାନେ ମଧ୍ୟ ପୂଜା ବୁଲି ମଜା ଉଠାଇପାରି ନ ଥିଲେ। ତେଣୁ ଏବର୍ଷ ପୂଜାକୁ ବ୍ଲକ ଅଞ୍ଚଳବାସୀ ଚାହିଁ ବସିଛନ୍ତି। ସେମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ମୂର୍ତ୍ତି ଓ ମେଢ଼ ସାଜସଜ୍ଜାକୁ ଆକର୍ଷଣୀୟ କରିବାକୁ ସମସ୍ତ ବ୍ୟବସ୍ଥା ହୋଇଛି। ବଇଣ୍ଡା ଅଞ୍ଚଳର ମୂର୍ତ୍ତି କାରିଗର ମୁରଲୀ ଶଙ୍ଖାରିଙ୍କ ଦ୍ୱାରା ସାଢେ ୭ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରାଯାଉଛି। ୧୨ ଫୁଟ ଉଚ୍ଚତାର ମେଢ଼ କଟକ ଠାରେ ପ୍ରସ୍ତୁତ କରାଯାଉଛି। ସେହିପରି ପୂଜା ବେଳେ ଲୋକଙ୍କ ମନୋରଞ୍ଜନ ପାଇଁ ଯାତ୍ରା ପରିବେଷଣ କରାଯିବାକୁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପ୍ରତ୍ୟେକ ଦିନ ୧ ହଜାର ଲୋକଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଛି। ରାବଣ ପୋଡ଼ି ବାମୁର ପୂଜା ମଣ୍ଡପର ପ୍ରମୁଖ ଆକର୍ଷଣ ହୋଇଥିବାରୁ ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ୪୦ ଫୁଟ ଉଚ୍ଚତାର ରାବଣ ନିର୍ମାଣ ସହ ଆତସବାଜି ପ୍ରଦର୍ଶନ କରାଯିବ। ସେହିପରି ଭସାଣି ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ବାମୁର ଗ୍ରାମବାସୀ, ମାହେଶ୍ୱରୀ ଅଟୋ ମାଲିକ ସଂଘ, ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତାମାନେ ପୂଜା ଆୟୋଜନରେ ଲାଗିପଡିଛନ୍ତି।

**ଆସୁଛନ୍ତି ମା'**



ମନ ଥିଲେ ବି ପ୍ରଥମେ ଧନ ନ ଥିଲା। ଆଦାୟ ଧାନ, ଚାଉଳ ବିକି କରାଯାଇଥିଲା ପୂଜା ଆୟୋଜନ। ମାଟି ଘରେ ଫଟୋ ରଖାଯାଇ ଆରାଧନା କରାଯାଇଥିଲା ମା'ଙ୍କୁ। ହେଲେ ୫୫ ବର୍ଷ ଭିତରେ ବଦଳିଛି ବାମୁର ପୂଜା କମିଟି ସ୍ଥିତି। ନିର୍ମାଣ ହୋଇଛି ସ୍ଥାୟୀ ମଣ୍ଡପ। ଆଡ଼ମ୍ବର ସହ ବ୍ୟୟ ହେଉଛି ଲକ୍ଷାଧିକ ଟଙ୍କା। ଧନ, ଜନ, ମନ ଆଉ କେଉଁଥିରେ ବି ଅଭାବ ନାହିଁ ଦେବୀ ଦୁର୍ଗାଙ୍କ ପୂଜା ପାଇଁ।

**ପଞ୍ଚାୟତବାସୀ ସହଯୋଗ କରୁଛନ୍ତି**



୫୫ ବର୍ଷ ପୂର୍ବେ କେତେଜଣ ବ୍ୟକ୍ତି ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ। ଏବେ ପଞ୍ଚାୟତବାସୀ ଏହି ପୂଜାରେ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି। କିଭଳି ଧୁମ୍‌ଧାମରେ ମା'ଙ୍କ ପୂଜା ପାଳନ ହେବ ସେ ନେଇ ପୂଜା କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

-ସଞ୍ଜୀବ କୁମାର ପ୍ରଧାନ, କମିଟି ସମ୍ପାଦକ

**ବ୍ଲକବାସୀଙ୍କ ଆକର୍ଷଣ ସାଜିବ**



ବାମୁର ପୂଜା କମିଟି ପକ୍ଷରୁ ଏଥର ମା'ଙ୍କ ପୂଜା ଅତି ଆଡ଼ମ୍ବରରେ ପାଳନ କରାଯିବ। ଏଥିପାଇଁ ୧୦ ଲକ୍ଷ ଟଙ୍କାର ବ୍ୟୟବରାଦ ହେବ। ଉଚ୍ଚକୋଟୀର ସାଜସଜ୍ଜା କରାଯାଉଥିବାରୁ ବାମୁର ଦୁର୍ଗାପୂଜା ମଣ୍ଡପ କିଶୋରନଗର ବ୍ଲକ ବାସୀଙ୍କ ପାଇଁ ମୁଖ୍ୟ ଆକର୍ଷଣ ସାଜିବ।।

-ବଳରାମ ପ୍ରଧାନ, କମିଟି ସଭାପତି

**ଆଡ଼ମ୍ବରରେ ହେବ ପୂଜା**



ପ୍ରତିବର୍ଷ ଦଶହରା ପୂଜା ବେଳେ ବାମୁର ଉତ୍ସବମୁଖର ହୋଇପଡ଼େ। ରାବଣ ପୋଡି ସହ ଅପେରା ପରିବେଷଣ ହୋଇଥାଏ। କରୋନା ପାଇଁ ଗତ ୨ ବର୍ଷ ନିରାଡ଼ମ୍ବରରେ ପୂଜା ହୋଇଥିବା ବେଳେ ଏଥର ଏହା ଅତ୍ୟନ୍ତ ଆକର୍ଷଣୀୟ କରାଯିବାକୁ ଯୋଜନା ରଖାଯାଇଛି।

-ମନୋରଞ୍ଜନ ପ୍ରଧାନ, କମିଟି ସଭ୍ୟ

**ପଡ଼ୋଶୀ ଜିଲାରୁ ଶ୍ରଦ୍ଧାଳୁ ଆସନ୍ତି**



ବାମୁର ଅଞ୍ଚଳର ଦଶହରା ପୂଜା ବେଶ୍ ନିଆରା। ରାବଣ ପୋଡି ଏଠାକାର ପ୍ରମୁଖ ଆକର୍ଷଣ ସାଜୁଥିବାରୁ ଏହାକୁ ଦେଖିବାକୁ ପଡ଼ୋଶୀ ଜିଲାରୁ ଲୋକେ ଆସିଥାନ୍ତି। ଗ୍ରାମବାସୀ ଓ କେତେଜଣ ସାମାଜିକ କର୍ମୀଙ୍କ ଆର୍ଥିକ ସହାୟତାରେ ପ୍ରତିବର୍ଷ ପୂଜା ପାଳନ ହେଉଛି।

-ସଚ୍ଚିଦାନନ୍ଦ ପ୍ରଧାନ, କମିଟି ସଭ୍ୟ

## ପରିତ୍ୟକ୍ତ ଅବସ୍ଥାରେ ଯାତ୍ରୀ ବିଶ୍ରାମାଗାର

**ମାଧପୁର,୨୫।୯**

ଆଠମଲ୍ଲିକ ବ୍ଲକ କିଆକଟା ପଞ୍ଚାୟତ ଅଧୀନ କିଆକଟା ତ୍ରିବେଣୀ ଛକରେ ଥିବା ଯାତ୍ରୀ ବିଶ୍ରାମାଗାର ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇପଡ଼ିଛି। ବିଶ୍ରାମାଗାର ଚାରିପାଖରେ ଅନାବନା ଗଛଲତା ମାଡ଼ିଯାଇଥିବାରୁ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରକାଶ ଯେ, ତ୍ରିବେଣୀ ଛକ ଏକ ଜନଗହଳି ପୂର୍ଣ୍ଣ ଛକ। ଏହି ଛକ ବୌଦ୍ଧ, ଅନୁଗୋଳ, ସମ୍ବଲପୁର, ବଲାଙ୍ଗୀର, ଫୁଲବାଣୀ, ସୋନପୁର ଆଦି ଜିଲାର ସଂଯୋଗ ସ୍ଥଳ। ଏହାସହିତ କିଆକଟା ପଞ୍ଚାୟତର ପାଖାପାଖି ୭ଟି ଗ୍ରାମର ଲୋକ ଏହି ଛକ ଉପରେ ନିର୍ଭରଶୀଳ। ହେଲେ ଛକରେ ଥିବା ବିଶ୍ରାମାଗାର ପରିତ୍ୟକ୍ତ ହୋଇପଡ଼ିଥିବାରୁ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଯାତ୍ରୀ ବିଶ୍ରାମାଗାର ପୁନରୁଦ୍ଧାର କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କିଆକଟା ପଞ୍ଚାୟତ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ କହିଛନ୍ତି, ସମସ୍ୟା ନେଇ ସରପଞ୍ଚଙ୍କୁ ଅବଗତ କରିବି।



## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ

**କଣିହାଁ,୨୫।୯(ଡି.ଏନ.ଏ.)**

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଶନିବାର ମିଶନ ଶକ୍ତି ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ସ୍ୱାବଲମ୍ବୀ ଓ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଅନୁଗୋଳ ଜିଲା ପରିଷଦ ଉପସଭାପତି ରଶ୍ମିତା ସେଠୀ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ଯୋଗଦେଇଥିଲେ। କଣିହାଁ ପ୍ରାଣୀ ସମ୍ପଦ ଚିକିତ୍ସା ଅଧିକାରୀ ରାଜେନ୍ଦ୍ର କବି, ଚିନ୍ମୟୀ ଦାସ ପରିଚାଳନା କରି ୧୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କୁକୁଡା ଚାଷ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। କାର୍ଯ୍ୟାଦେଶ ପାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ ହଜାର କୁକୁଡା ଚାଷ ପାଇଁ ୩ ଲକ୍ଷ ୬୦ ହଜାର ମଞ୍ଜୁର କରାଯାଇଛି। ସରକାରଙ୍କ ତରଫରୁ ପ୍ରତ୍ୟେକ ଗୋଷ୍ଠୀ ପାଇଁ ୧ ଲକ୍ଷ ୪୪ ହଜାର ଟଙ୍କା ସବ୍‌ସିଡ୍ ରଖାଯାଇଥିବା ଜଣାପଡ଼ିଛି।




କାର୍ଯ୍ୟାଦେଶ ବଣ୍ଟନ ସଭାରେ ଉପସ୍ଥିତ ଜନପ୍ରତିନିଧି ଓ ଅଧିକାରୀମାନେ।

# ମଞ୍ଚରୁ ନେଇଗଲା ମୃତ୍ୟୁ

**ଅନୁଗୋଳ ଅଫିସ,୨୫।୯**

ବିଦ୍ୟାଳୟରେ ଚାଲିଥିଲା ବିଦାୟକାଳୀନ ସଭା। ଅବସର ନେଉଥିବା ପ୍ରଧାନଶିକ୍ଷକ ରବିନାରାୟଣ ପାଣିଗ୍ରାହୀଙ୍କୁ ଦିଆଯାଉଥାନ୍ତା ବିଦାୟ ସମ୍ବର୍ଦ୍ଧନା। ଆସନ ଗ୍ରହଣ କରିସାରିଥିଲେ ଅତିଥି ଓ ସମ୍ମାନିତ ଅତିଥି। ନିଜେ ପ୍ରଧାନଶିକ୍ଷକ ମଧ୍ୟ ଉପସ୍ଥିତ ଥିଲେ ମଞ୍ଚରେ। ଚାରିପଟେ ଘେରି ରହି ପ୍ରଶଂସା କରୁଥିଲେ ତାଙ୍କ ଛାତ୍ରୀଛାତ୍ର। ହେଲେ ସଭା ଶେଷ ଯାଏ ଆଉ ଜୀବନ ଧରିପାରି ନ ଥିଲେ ପ୍ରଧାନଶିକ୍ଷକ। ସେହି ମଞ୍ଚ ଉପରେ ହିଁ ଟିଳିପଡ଼ିଥିଲେ ସେ। ଅନୁଗୋଳ ବ୍ଲକ ଶରଧାପୁର ପଞ୍ଚାୟତ ବାଲିଜେରେଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଘଟିଥିବା ଏହି ଅଘଟଣ ଜିଲା ଶିକ୍ଷକ ମହଲ ଓ ପ୍ରଧାନଶିକ୍ଷକଙ୍କ ଗାଁ କଟକ ଜିଲା ନରସିଂହପୁର ବ୍ଲକ ତଗିଲରେ ଶୋକର ଛାୟା ଖେଳାଇ ଦେଇଛି।



ସମ୍ବର୍ଦ୍ଧନା ସଭାରେ ଅନ୍ୟ ଅତିଥିଙ୍କ ସହ ପ୍ରଧାନଶିକ୍ଷକ ରବିନାରାୟଣ ପାଣିଗ୍ରାହୀ।

ସୂଚନା ଅନୁଯାୟୀ, ଆସନ୍ତା ୩୦ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିଥାନ୍ତେ ପ୍ରଧାନଶିକ୍ଷକ ରବିନାରାୟଣ ପାଣିଗ୍ରାହୀ। ହେଲେ ଦୁର୍ଗା ପୂଜା ପାଇଁ ସ୍କୁଲ ଛୁଟିହୋଇଯିବାକୁ ଥିବାରୁ ବିଦ୍ୟାଳୟରେ ଆଗୁଆ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। କିନ୍ତୁ ସଭା ଚାଲିଥିବା ବେଳେ ହଠାତ୍ ହୃଦ୍‌ଘାତର ଶିକାର ହୋଇଥିଲେ ପ୍ରଧାନଶିକ୍ଷକ। ତାଙ୍କୁ ତୁରନ୍ତ ଡାକ୍ତରଖାନା ନେବାକୁ ଶିକ୍ଷକମାନେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ମାତ୍ର ଆମ୍ବୁଲାନ୍ସ ପହଞ୍ଚିବାରେ ବହୁ ବିଳମ୍ବ ହେବାରୁ ଏକ ଟାଟା ମ୍ୟାଜିକ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷକଭାବେ ପ୍ରଧାନ ଶିକ୍ଷକ ପାଣିଗ୍ରାହୀ ଅନୁଗୋଳ ଜିଲାରେ ବେଶ୍ ପରିଚିତ ଥିଲେ। ଅତ୍ୟନ୍ତ ସରଳ, ମିଷ୍ଟଭାଷୀ ଭାବେ ଜଣାଶୁଣା ପ୍ରଧାନଶିକ୍ଷକଙ୍କ ଏପରି ବିୟୋଗ ତାଙ୍କ ସହଯୋଗୀ ଶିକ୍ଷକ, ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ସ୍ତବ୍ଧ କରିଦେଇଛି।

**ଅବସର ସମ୍ବର୍ଦ୍ଧନା ବେଳେ ପ୍ରଧାନଶିକ୍ଷକଙ୍କୁ ହୃଦ୍‌ଘାତ**



# ଉଠାଦୋକାନୀଙ୍କ ଥଇଥାନ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ବିଧାୟକଙ୍କ ସମେତ ଗ୍ରାମବାସୀ।

**ବଇଣ୍ଡା,୨୫।୯(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳ ବଇଣ୍ଡା ଛକରେ ଗତ ଶୁକ୍ରବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଫଳରେ ଅନେକ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏ ନେଇ ରବିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଧାୟକ, କ୍ଷତିଗ୍ରସ୍ତ ବ୍ୟବସାୟୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତାପ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଗ୍ରାମ ସମ୍ପାଦକ ଜିତେନ୍ଦ୍ର ବେହେରା, ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ସାହୁ, ଆଇନଜୀବୀ ଉଗ୍ରସେନ ସେଠୀ, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅର୍ଜୁନ ପ୍ରଧାନ, ସୁନୀଲ ପ୍ରଧାନ, ଗିରିଶ ଚନ୍ଦ୍ର ବେହେରା, ସଞ୍ଜୟ ସାହୁ, ବିଜୟ ସାହୁ, ପରୀକ୍ଷିତ ସାହୁ, ପପୁନା ମହାପାତ୍ର, ରମେଶ ବେହେରା, ତପନ ଦାସଙ୍କ ସମେତ ବହୁ ବ୍ୟବସାୟୀ, ଗ୍ରାମବାସୀ ଯୋଗ ଦେଇଥିଲେ। କିଶୋରନଗର ତହସିଲ ପ୍ରଶାସନ ପକ୍ଷରୁ କରାଯାଇଥିବା ଉଚ୍ଛେଦରେ ଅନେକ ସାମଗ୍ରୀ ନଷ୍ଟ ହୋଇଥିବା ନେଇ ବ୍ୟବସାୟୀମାନେ ବୈଠକରେ ଅଭିଯୋଗ କରିଥିଲେ। ଠିକାସଂସ୍ଥା ପକ୍ଷରୁ ଆପ୍ରୋଚ ରୋଡ୍ ବନାଯାଇ ନ ଥିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ସେହିପରି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସହ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ଅଞ୍ଚଳବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ବଇଣ୍ଡାଠାରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯାଇ ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଏ ନେଇ ରାଜ୍ୟ ସରକାରଙ୍କୁ ବସ୍‌ଷ୍ଟାଣ୍ଡ ନିର୍ମାଣ ବାବଦ ଅର୍ଥ ମଞ୍ଜୁର କରିବାକୁ ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ଅର୍ଥ ମଞ୍ଜୁର ହେବା ସହ ବଇଣ୍ଡାର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ବଇଣ୍ଡାରେ କିଭଳି ଏକ ଥାନା ପ୍ରତିଷ୍ଠା ସହ ବଇଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ମିଳିବ, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ଅଞ୍ଚଳବାସୀଙ୍କୁ ବିଧାୟକ ସୂଚନା ଦେଇଥିଲେ।

SBC ସମ୍ବଲପୁରୀ ବସ୍ତ୍ରାଳୟ
gg-15
ମହାଳୟା, ଦଶହରା ଓ କୁମାରପୂର୍ଣ୍ଣିମା ଉପଲକ୍ଷେ
ବିଶେଷ ସରକାରୀ ରିହାତି
୧୦%+୨୦%
ତା।୨୩।୦୯।୨୦୨୨ରୁ ତା।୦୯।୧୦।୨୦୨୨ ପର୍ଯ୍ୟନ୍ତ
ନୂତନ ବସ୍ତ୍ରର ସମ୍ଭାର
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍‌ଶିଟ୍, ସୁଟ୍ ସେଟ୍ ଇତ୍ୟାଦି
ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧିମାନଙ୍କଠାରେ ଉପଲବ୍ଧ ଅଟେ।
For online purchase visit
www.sambalpuribastralaya.com
Scan the QR code to visit our website.
OIPR-31032/11/0021/2223


**ତହସିଲଦାରଙ୍କ କାର୍ଯ୍ୟାଳୟ, ଶେରଗଡ଼ (ଗଞ୍ଜାମ)**

ବିଜ୍ଞାପନ ସଂଖ୍ୟା:3474 ତାରିଖ:20.09.2022

**ଲଘୁ ଖଣିଜ ଦ୍ରବ୍ୟ ନିଲାମ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଶେରଗଡ ତହସିଲ ଇଲାକାରେ ଥିବା ପଥର ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ ଅର୍ଥାତ୍ ଆର୍ଥିକ ବର୍ଷ ୨୦୨୨-୨୩ ଠାରୁ ୨୦୨୬-୨୭ ପର୍ଯ୍ୟନ୍ତ ଦୀର୍ଘମିଆଦୀ ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ, ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ www.ganjam.nic.inରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ଶେରଗଡ ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ଶେରଗଡଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଥିବା Tender Boxରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା.୧୫.୧୦.୨୦୨୨ ରିଖ ଠାରୁ ତା.୨୬.୧୦.୨୦୨୨ ରିଖ ଅପରାହ୍ନ ଘ.୫.୩୦ ମି. ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବନାହିଁ। ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ତା.୨୭.୧୦.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ମି ସମୟରେ ଶେରଗଡ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଚୂଡାନ୍ତ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

**ସୈରାତ ଉତ୍ସର ବିବରଣୀ**

| କ୍ରମିକ ନଂ. | ସୈରାତ ଉତ୍ସର ନାମ | ମୌଜା | ଖାତା | ପ୍ଲଟ | ରକବା (ହେକ୍ଟର) | କିସମ | ସରକାରୀ ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନ ମି.) (ଟଙ୍କାରେ) | ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ଦେୟ (ପ୍ରତି ଘନ ମି. (ଟଙ୍କାରେ) | ମୋଟ ସର୍ବନିମ୍ନ ଧାର୍ଯ୍ୟ ରୟାଲିଟି ଦେୟ (ପ୍ରତି ଘନ ମି.) (ଟଙ୍କାରେ) | ବାର୍ଷିକ ଲଘୁଜାତ ଦ୍ରବ୍ୟ (M.G.Q.) ଉତ୍ତୋଳନର ପରିମାଣ | ଦରଖାସ୍ତ ପାଉଣା ରାଶିର ପରିମାଣ (ଟଙ୍କାରେ) | ଅମାନତ (EMD) ରାଶି ବାବଦକୁ ଦେୟ (ଟଙ୍କାରେ) ମୋଟ ବିଜ୍ଞାପିତ ଧାର୍ଯ୍ୟ ରୟାଲିଟି ଦେୟର ୫% |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ଲକ୍ଷ୍ମୀପୁର (ବି) ପଥର ଉତ୍ସ | ଲକ୍ଷ୍ମୀପୁର | ୧୯୮ | ୪୮୧ ୪୮୨ | ୧୨.୨୦୯୯ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୨୦,୦୨୫ ଘ.ମି. | ୧,୦୦୦/- | ୨,୩୦,୨୮୮/- |
| ୨ | ଗୋବିନ୍ଦପୁର ପଥର ଉତ୍ସ | ଗୋବିନ୍ଦପୁର | ୬୪୦ | ୫୯୧/ ୨୫ | ୪.୫.୦୦୦ | ପର୍ବତ | ୧୩୦/- | ୧୦୦/- | ୨୩୦/- | ୮୦୬୪ ଘ.ମି. | ୧,୦୦୦/- | ୯୨,୭୩୬/- |

ସ୍ୱା./- ତହସିଲଦାର, ଶେରଗଡ଼

ଧରିତ୍ରୀ
DHARITRI
ସୋମବାର, ୨୬ ସେପ୍ଟେମ୍ବର, ୨୦୨୨

**ଛାତ୍ରଙ୍କ ଦ୍ୱାରା ବହି ବସ୍ତା ବୁହାଇ ୨ପ୍ରଧାନ ଶିକ୍ଷକ ନିଲମ୍ବିତ**

ବିହାର ସମଷ୍ଟିପୁର ଜିଲାର ସ୍କୁଲ ଛାତ୍ରଙ୍କ ମୁଣ୍ଡରେ ବହି ବସ୍ତା ବୁହାଇବା ଯୋଗୁ ଦୁଇଟି ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ହନୁମାନନଗର ମିଡିଲ୍ ସ୍କୁଲ ହେଡ୍‌ମାଷ୍ଟର ଇନ୍‌ଚାର୍ଜ ସୁଚିତ୍ରା ରେଖା ରାୟ ଓ ନାରାୟଣପୁର ପ୍ରଧାନ ଶିକ୍ଷକ ସୁରେଶ ପାଶୱାନ। ସରକାରୀ କାର୍ଯ୍ୟାଳୟରୁ ବହି ବସ୍ତା ମୁଣ୍ଡେଇ ସ୍କୁଲକୁ ଆଣିବା ଲାଗି ପ୍ରଧାନ ଶିକ୍ଷକ ଛାତ୍ରଙ୍କୁ ବାଧ କରୁଥିବା ଖବର ପ୍ରକାଶ ପାଇଛି। ଘଟଣାର ଭିଡିଓ ଇଣ୍ଟରନେଟ୍‌ରେ ବହୁଳ ପ୍ରସାର ହେବା ପରେ ଉଚ୍ଚାଧିକାରୀ ଦୁଇଟିଯାକ ସ୍କୁଲର ହେଡ୍‌ମାଷ୍ଟରଙ୍କୁ ନିଲମ୍ବନ କରିଛନ୍ତି।



# ରିସର୍ଟ ଭାଙ୍ଗି ପ୍ରମାଣ ନଷ୍ଟ

**ଅଙ୍କିତା ହତ୍ୟା ମାମଲା**



ରଷିକେଶ, ୨୫।୯

ଉତ୍ତରାଖଣ୍ଡର ପୌଡ଼ି ଜିଲା ରଷିକେଶ ନିକଟରେ ୧୯ ବର୍ଷୀୟା ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ଗୁମର ଫିଟିବା ପରେ ଅନେକ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବିନୋଦ ଆର୍ଯ୍ୟଙ୍କ ପୁଅ ପୁଲକିତ ଆର୍ଯ୍ୟ ନିଜ ରିସର୍ଟରେ ଦେହବେପାର ଚଳାଇଥିଲେ। ସେ ଏହି ଅନୈତିକ କାର୍ଯ୍ୟରେ ଅଙ୍କିତାଙ୍କୁ ସାମିଲ ହେବା ପାଇଁ ବାଧ କରିଥିଲେ। ଅଙ୍କିତା ପ୍ରତିବାଦ କରିବାରୁ ପୁଲକିତ ନିଜ ସହଯୋଗୀମାନଙ୍କ ସହ ମିଶି ତାଙ୍କୁ ଏକ ବ୍ୟାରେଜକୁ ଠେଲି ହତ୍ୟା କରିଥିଲେ। ହତ୍ୟାର ୬ ଦିନ ପରେ ଶନିବାର ମୃତଦେହ ଚିଲ୍ଲା ବ୍ୟାରେଜରୁ ମିଳିଥିଲା। ମୃତଦେହ ବ୍ୟବଚ୍ଛେଦ କରି ପୋଲିସ ଅଙ୍କିତାଙ୍କ ମା'ବାପାଙ୍କୁ ହସ୍ତାନ୍ତର କରିବାବେଳେ ସେମାନେ ଶେଷକୃତ୍ୟ ସମ୍ପନ୍ନ କରିବାକୁ ମନା କରିଦେଇଥିଲେ। ତେବେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏବଂ ପୋଲିସ ମହାନିର୍ଦ୍ଦେଶକ ଅଶୋକ କୁମାରଙ୍କ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ପରେ ରବିବାର ଅଙ୍କିତାଙ୍କ ଅନ୍ତିମ ସତ୍କାର କରାଯାଇଛି। ଇତିମଧ୍ୟରେ ପୋଲିସ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ ଅଙ୍କିତାଙ୍କ ପରିବାର ପକ୍ଷରୁ ସାଙ୍ଘାତିକ ଅଭିଯୋଗ ଅଣାଯାଇଛି। ଯେଉଁ 'ବନାନ୍ତର' ରିସର୍ଟରେ ଝିଅକୁ ହତ୍ୟା କରାଯାଇଥିଲା, ସେଠାରେ ଅନେକ ପ୍ରମାଣ ମହଜୁଦ ଥିଲା। ସେହି ପ୍ରମାଣ ଆଧାରରେ ଅଭିଯୁକ୍ତ ପୁଲକିତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇପାରିଥାଆନ୍ତା। କିନ୍ତୁ ପ୍ରଭାବଶାଳୀ ରାଜନେତା ବିନୋଦଙ୍କ ଇଙ୍ଗିତରେ ରିସର୍ଟକୁ ଜାଳି, ଭାଙ୍ଗି ସବୁ ପ୍ରମାଣ ନଷ୍ଟ କରିଦିଆଯାଇଛି ବୋଲି ପୀଡ଼ିତାଙ୍କ ବାପା କହିଛନ୍ତି।

ଦେବଭୂମି ନାମରେ ପରିଚିତ ଉତ୍ତରାଖଣ୍ଡରେ ଅନ୍ୟ ରାଜ୍ୟଗୁଡ଼ିକ ଭଳି ବର୍ବର, ନୃଶଂସ କାଣ୍ଡ ଘଟିବା ଆଶା କରାଯାଇ ନ ଥାଏ। ତେବେ ଶାସକ ଦଳର ଜଣେ ନେତାଙ୍କ ପୁଅ ଭିଆଇଥିବା ହତ୍ୟାକାଣ୍ଡ ଏହି ଧାରଣାକୁ ଭୁଲ ପ୍ରମାଣିତ କରିଛି। ଏହି ବହୁଚର୍ଚ୍ଚିତ ମାମଲାର ତଦନ୍ତ ଭାର ହାତକୁ ନେଇଥିବା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ପ୍ରମାଣ ସଂଗ୍ରହରେ ଲାଗିଥିବାବେଳେ ରିସର୍ଟ ଭଙ୍ଗାଯିବା ଘଟଣା ଯାଞ୍ଚକୁ ଦୁର୍ବଳ କରିପାରେ ବୋଲି କୁହାଯାଉଛି। ଏସ୍‌ଆଇଟି ନିକଟରେ ଏବେ ବଳିଷ୍ଠ ପ୍ରମାଣ ହାତେଇବା ପାଇଁ ରହିଛି କେବଳ ହ୍ୱାଟ୍‌ସଆପ୍ ଚାଟ୍। ଅଙ୍କିତା ମୃତ୍ୟୁ ପୂର୍ବରୁ ନିଜ ସାଙ୍ଗମାନଙ୍କୁ ପଠାଇଥିବା ହ୍ୱାଟ୍‌ସଆପ୍ ମେସେଜରେ ଲେଖିଥିଲେ, ରିସର୍ଟରେ ଅତିଥିମାନଙ୍କୁ 'ସ୍ପେଶାଲ ସର୍ଭିସ୍' ଦେଇ ଆପ୍ୟାୟିତ କରିବା ପାଇଁ ପୁଲକିତ ତାଙ୍କୁ ବାଧ କରିଥିଲେ। ଏସ୍‌ଆଇଟିର ନେତୃତ୍ୱ ନେଉଥିବା ଡିଆଇଜି ପି.ଆର୍. ଦେବୀ କହିଛନ୍ତି, ରିସର୍ଟରେ ସମସ୍ତ କର୍ମଚାରୀଙ୍କୁ ଥାନାକୁ ଡାକି ପଚରାଉଚରା କରାଯାଉଛି। ସମସ୍ତଙ୍କ ବୟାନ ରେକର୍ଡ କରାଯିବ। ଅଙ୍କିତାଙ୍କ ହ୍ୱାଟ୍‌ସଆପ୍ ମେସେଜରୁ ଅଧିକ ତଥ୍ୟ ମିଳିବା ନେଇ ସେ ଆଶାବାଦୀ ଥିବା କହିଥିଲେ। ଡିଜିପି ଅଶୋକ କୁମାର କହିଛନ୍ତି, ହତ୍ୟାକାରୀମାନଙ୍କୁ ଫାଶୀଖୁଣ୍ଟରେ ଝୁଲାଇବା ପାଇଁ ପୋଲିସ ଅଦାଲତରେ ପର୍ଯ୍ୟାପ୍ତ ପ୍ରମାଣ ଉପସ୍ଥାପନ କରିବ। କୌଣସି ପ୍ରମାଣ ନଷ୍ଟ ହୋଇନାହିଁ। ରିସର୍ଟରେ ରହୁଥିବା ଅଙ୍କିତାଙ୍କ ରୁମ୍‌ର ଭିଡିଓଗ୍ରାଫି କରାଯାଇଛି। ଫୋରେନ୍‌ସିକ୍ ଏବଂ ସାଇଣ୍ଟିଫିକ୍ ପ୍ରମାଣ ମଧ୍ୟ ସଂଗ୍ରହ ହୋଇଛି, ଯାହାକି ଗିରଫ ଅଭିଯୁକ୍ତମାନଙ୍କୁ ଦୋଷୀ ପ୍ରମାଣିତ କରିବା ପାଇଁ ଯଥେଷ୍ଟ।

## ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ହେଉ: ପ୍ରିୟଙ୍କା

ଅଙ୍କିତା ଭଣ୍ଡାରୀଙ୍କ ହତ୍ୟାକାରୀମାନଙ୍କୁ ଆଇନର କାଠଗଡ଼ାକୁ ଟାଣି ତ୍ୱରିତ ଦଣ୍ଡବିଧାନ ସକାଶେ ଫାଷ୍ଟଟ୍ରାକ୍ କୋର୍ଟରେ ସେମାନଙ୍କ ବିଚାର କରାଯାଉ ବୋଲି ରବିବାର କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦାବି କରିଛନ୍ତି। ସେ କହିଛନ୍ତି, ଉତ୍ତରାଖଣ୍ଡ ସରକାର ଏହି ସମ୍ବେଦନଶୀଳ ମାମଲାକୁ ଗମ୍ଭୀରତାର ସହ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଏହି ଘଟଣା ତାଙ୍କୁ ବ୍ୟଥିତ କରିଛି। କିନ୍ତୁ ଉତ୍ତରାଖଣ୍ଡ ପ୍ରଶାସନ ଲୋକ ଦେଖାଣିଆ ଭାବେ କାମ କରୁଛି। ଝିଅକୁ ହରାଇ ଯେଉଁ ଦୁଃଖଦ ସମୟ ଦେଇ ଅଙ୍କିତାଙ୍କ ମା'ବାପା ଗତି କରୁଛନ୍ତି ତାହା ସେ ହୃଦୟଙ୍ଗମ କରୁଥିବା କହିଛନ୍ତି। ଏହି ଅବସରରେ ପ୍ରିୟଙ୍କା ପ୍ରମାଣ ନଷ୍ଟକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଇତିମଧ୍ୟରେ ସୋସିଆଲ ମିଡିଆରେ ହାଶ୍‌ଟ୍ୟାଗ୍ ଜଷ୍ଟିସ୍ ଫର୍ ଅଙ୍କିତା ଟ୍ରେଣ୍ଡ କରୁଛି। ଅଙ୍କିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ରବିବାର ନୂଆଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ମହିଳା କର୍ମୀମାନେ ବିକ୍ଷୋଭ କରିଛନ୍ତି। ସେହିପରି ଉତ୍ତରାଖଣ୍ଡର ଶ୍ରୀନଗର ଅଞ୍ଚଳରେ ମଧ୍ୟ ବିକ୍ଷୋଭ ବେଳେ ରାସ୍ତାରୋକୋ କରାଯାଇଛି।



ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ପ୍ରତିବାଦରେ ନୂଆଦିଲ୍ଲୀରେ ଏଏପି ପକ୍ଷରୁ ବିକ୍ଷୋଭ ବେଳେ ମହିଳା କର୍ମୀ ସ୍ଲୋଗାନ ଦେଉଛନ୍ତି।

## ମୋ ପୁଅ ସାଦାସିଧା: ବିନୋଦ

ମୋ ପୁଅ ପୁଲକିତ ଜଣେ ସାଦାସିଧା ବାଳକ। ସେ କେବଳ ନିଜ କାମ ଜାଣେ ବୋଲି ରିସେପ୍‌ସନିଷ୍ଟ ଅଙ୍କିତା ଭଣ୍ଡାରୀଙ୍କ ହତ୍ୟା ଅଭିଯୁକ୍ତଙ୍କ ବାପା ତଥା ଭାଜପା ନେତା ବିନୋଦ ଆର୍ଯ୍ୟ କହିଛନ୍ତି। ବିନୋଦ ନିଜ ଦୁଇ ପୁଅ ପୁଲକିତ ଓ ଅଙ୍କିତଙ୍କୁ ନିର୍ଦ୍ଦୋଷ କହି ଉଭୟଙ୍କ ପାଇଁ ନ୍ୟାୟ ଦାବି କରିଛନ୍ତି। ପୁଲକିତ ଦୀର୍ଘ ବର୍ଷ ଧରି ପରିବାରଠାରୁ ଅଲଗା ରହୁଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ନିରପେକ୍ଷ ତଦନ୍ତକୁ ସୁନିଶ୍ଚିତ କରିବା ପାଇଁ ମୁଁ ଓ ଅଙ୍କିତ ଭାଜପାରୁ ଇସ୍ତଫା ଦେଇଛୁ ବୋଲି କହିଛନ୍ତି। ପ୍ରକାଶ ଯେ, ଶନିବାର ଅଙ୍କିତାଙ୍କ ମୃତଦେହ ମିଳିବା ପରେ ଭାଜପା ବିନୋଦ ଓ ଅଙ୍କିତଙ୍କୁ ଦଳରୁ ବହିଷ୍କାର କରିଥିଲା।

## ଜାତୀୟ/ଅନ୍ତର୍ଜାତୀୟ ସଂକ୍ଷେପରେ

**ସଂକ୍ଷେପରେ**

### ହସ୍ପିଟାଲରେ ନିଆଁ ଲାଗି ଡାକ୍ତର, ୨ ପିଲାଙ୍କ ମୃତ୍ୟୁ



**ତିରୁପତି,୨୫।୯:** ଆନ୍ଧ୍ରପ୍ରଦେଶର ତିରୁପତି ନିକଟ ରେନିଗୁଣ୍ଟାଠାରେ ରବିବାର ଏକ ଘରୋଇ ହସ୍ପିଟାଲ୍‌ରେ ନିଆଁ ଲାଗି ଜଣେ ୪୫ ବର୍ଷୀୟ ଡାକ୍ତର ଓ ତାଙ୍କର ଦୁଇ ପିଲାଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଡାକ୍ତର ରବିଶଙ୍କର ରେଡ୍ଡୀ, ତାଙ୍କ ଝିଅ କାର୍ତ୍ତିକ(୮) ଏବଂ ପୁଅ ଭାରତ(୧୨)। ଅଗ୍ନିଶମ କର୍ମଚାରୀମାନେ ଡାକ୍ତରଙ୍କ ସ୍ତ୍ରୀ ଡ. ଅନନ୍ତ ଲକ୍ଷ୍ମୀ ଏବଂ ମା' ରମା ସୁବାମ୍ମାଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଅନ୍ୟ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତର ରେଡ୍ଡୀ ତାଙ୍କ ବାସଭବନକୁ ଘରୋଇ ହସ୍ପିଟାଲ ଭାବେ ବ୍ୟବହାର କରୁଥିଲେ। ତଳ ମହଲାରେ ହସ୍ପିଟାଲ ଚାଲିଥିବାବେଳେ ପ୍ରଥମ ଓ ଦ୍ୱିତୀୟ ମହଲାରେ ଡାକ୍ତରଙ୍କ ପରିବାର ରହୁଥିଲେ।

### ୟୁପିରେ ପ୍ରବଳ ବର୍ଷା: ୩୬ ମୃତ

**ନୂଆଦିଲ୍ଲୀ,୨୫।୯:** ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଓ ବଜ୍ରପାତରେ ୩୬ ଜଣଙ୍କ ମୃତ୍ୟୁ ଘଟିଛି। କାନ୍ଥ ଭୁଶୁଡ଼ି ୨୪ ଜଣଙ୍କ ଜୀବନ ଯାଇଥିବାବେଳେ ବଜ୍ରପାତରେ ୧୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟରେ ୫ ଦିନ ମଧ୍ୟରେ ବଜ୍ରାଘାତରେ ୩୯ ଜଣଙ୍କ ମୃତ୍ୟୁ ଘଟିଲାଣି। ଘଡ଼ଘଡ଼ି ବର୍ଷାବେଳେ କିପରି ସୁରକ୍ଷିତ ରହିବେ, ସେଥିପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପୀକରଣ ଯୋଗୁ ଅଧିକ ବଜ୍ରପାତ ହେଉଥିବା ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାଇରନ୍‌ମେଣ୍ଟର ମହାନିର୍ଦ୍ଦେଶକ ସୁନିତା ନାରାୟଣ କହିଛନ୍ତି।

### ବାଂଲାଦେଶରେ ବୋଟ୍ ବୁଡ଼ି ୨୩ ମୃତ

**ଢାକା,୨୫।୯:** ବାଂଲାଦେଶର ପଞ୍ଚଗଡ଼ ଜିଲାରେ ରବିବାର ଏକ ବୋଟ ଦୁର୍ଘଟଣାରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ନିଖୋଜ ହୋଇଯାଇଛନ୍ତି। ବୋଟ୍‌ରେ ୭୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଥିଲେ। ସେମାନେ ଏକ ମନ୍ଦିର ଦର୍ଶନରେ ଯାଉଥିବାବେଳେ କରାଟୋୟା ନଦୀ ମଝିରେ ବୋଟ୍‌ଟି ହଠାତ୍ ଓଲଟି ପଡ଼ି ବୁଡ଼ିଯାଇଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବାଂଲାଦେଶରେ ବୋଟ୍ ଦୁର୍ଘଟଣାରେ ପ୍ରତିବର୍ଷ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥାଏ। ଗତ ମେ'ରେ ପଦ୍ମା ନଦୀରେ ଏକ ଯାତ୍ରୀବାହୀ ବୋଟ୍ ଅନ୍ୟ ଏକ ବାଲି ବୋଝେଇ ବୋଟ୍ ସହ ଧକ୍କା ହୋଇ ବୁଡ଼ିଯିବାରୁ ୨୬ ଜଣଙ୍କ ଜୀବନ ଯାଇଥିଲା।

### ମହିଳାଙ୍କୁ ଗଣବଳାତ୍କାର

**ହାଇଦ୍ରାବାଦ,୨୫।୯:** ତେଲଙ୍ଗାନାର ସଙ୍ଗାରେଡ୍ଡୀ ଜିଲା ଅନ୍ତର୍ଗତ ଜାହିରାବାଦ ସହରରେ ଜଣେ ବିବାହିତା ମହିଳାଙ୍କୁ ଗଣବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ସିକନ୍ଦରାବାଦର ୨୪ ବର୍ଷୀୟା ମହିଳାଙ୍କୁ ଶୁକ୍ରବାର ରାତିରେ ଜାହିରାବାଦ ସହର ନିକଟ ଡିଡ୍‌ଗି ଗ୍ରାମରେ କେତେଜଣ ଅଜଣା ବ୍ୟକ୍ତି ବଳାତ୍କାର କରିବା ପରେ ଅଟୋରିକ୍ସାରେ ଆଣି ରାସ୍ତାକଡ଼ରେ ପକାଇଦେଇ ଚାଲିଯାଇଥିଲେ। ଶନିବାର ସକାଳେ ସ୍ଥାନୀୟ ଲୋକେ ପୀଡ଼ିତାଙ୍କୁ ସଂଜ୍ଞାହୀନ ଅବସ୍ଥାରେ ପାଇ ପୋଲିସକୁ ଜଣାଇବା ପରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ବୟାନ ରେକର୍ଡ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତାକୁ ରୁଷିଆର ସମର୍ଥନ

ଜାତିସଂଘ,୨୫।୯

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ସ୍ଥାୟୀ ସଦସ୍ୟତା ପାଇଁ ଭାରତ ଏବଂ ବ୍ରାଜିଲ୍‌ର ପ୍ରାର୍ଥିତ୍ୱକୁ ରୁଷିଆ ସମର୍ଥନ ଜଣାଇଛି। ଅନ୍ତର୍ଜାତୀୟ ସ୍ତରରେ ଉଭୟ ଦେଶର ପ୍ରଭାବ ରହିଥିବା ମସ୍କୋ କହିଛି। ଜାତିସଂଘ ସାଧାରଣ ସଭାର ୭୭ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଶନିବାର ୟୁଏନ୍‌ଏସ୍‌ସିରେ ଭାରତର ସ୍ଥାୟୀ ସଦସ୍ୟତାକୁ ସମର୍ଥନ ଜଣାଇଥିଲେ। ସୁରକ୍ଷା ପରିଷଦ ଅଧିକ କୂଟନୈତିକ ହେବା ଆବଶ୍ୟକ। ଏଥିରେ ଆଫ୍ରିକା, ଏସିଆ ଏବଂ ଦକ୍ଷିଣ ଆମେରିକା ଦେଶଗୁଡ଼ିକରୁ ପ୍ରତିନିଧିତ୍ୱ ରହିବା ଆବଶ୍ୟକ ବୋଲି ଲାଭରୋଭ୍ କହିଥିଲେ।

## ୧୫ କୋଟି ଠକିଥିବା ୨ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କର୍ମଚାରୀ ଗିରଫ

ନୂଆଦିଲ୍ଲୀ,୨୫।୯(ପି.ଟି.)

ବିଭିନ୍ନ ରାଜ୍ୟକୁ କୋଭିଡ୍ ଟିକା ପରିବହନ କାମ ଠିକା ଦେବା ନାଁରେ ଲୋକଙ୍କଠାରୁ ୧୫ କୋଟି ଟଙ୍କା ଠକିବା ଅଭିଯୋଗରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ୨ କର୍ମଚାରୀଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ଦିଲ୍ଲୀ ପୋଲିସର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅଭିଯୁକ୍ତ ହରମେନ୍ ସଭେରୱାଲ(୪୩), ଗୋବିନ୍ଦ ଡୁଲ୍‌ସିଆନ୍(୫୨), ଦିପ୍ରାନ୍ ତିୱାରୀ(୩୨), ତ୍ରିଲୋକ ସିଂ(୫୩) ଏବଂ ମୃତ୍ୟୁଞ୍ଜୟ ରାୟ(୪୪)ଙ୍କୁ ଗିରଫ କରିଛି। ସିଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ମଲ୍ଟି ଟାସ୍କିଂ ଷ୍ଟାଫ୍ ଭାବେ ସ୍ଥାୟୀ ନିଯୁକ୍ତି ପାଇଥିବାବେଳେ ତିୱାରୀ ଠିକା ନିଯୁକ୍ତି ପାଇଥିଲେ। ଏସ୍‌ଏସ୍‌ବିରୁ ଡେପୁଟେଶନରେ ଆସିଥିବା ରାୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ରିସେପ୍‌ଶନ ଅଫିସର ଭାବେ ନିର୍ମାଣ ଭବନରେ କାର୍ଯ୍ୟ କରୁଥିଲେ।

# ଭଗତ ସିଂଙ୍କ ନାମରେ ହେବ ଚଣ୍ଡିଗଡ଼ ବିମାନବନ୍ଦର

ନୂଆଦିଲ୍ଲୀ,୨୫।୯ (ପି.ଟି.)

**ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା**



ସେପ୍ଟେମ୍ବର ୨୮ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଜନ୍ମବାର୍ଷିକୀ ହୋଇଥିବାରୁ ଅମୃତ ମହୋତ୍ସବରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଦିବସ। ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଚଣ୍ଡିଗଡ଼ ବିମାନବନ୍ଦର ଭଗତ ସିଂଙ୍କ ନାମରେ ନାମିତ କରାଇବା ଲାଗି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଘୋଷଣା କରିଛନ୍ତି। ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଏହାକୁ ସ୍ୱାଗତ କରିଛନ୍ତି। ପଞ୍ଜାବର ଦୀର୍ଘଦିନର ଦାବି ପୂରଣ ହେଲା ବୋଲି ମାନ୍ କହିଛନ୍ତି। ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ପ୍ରଧାନମନ୍ତ୍ରୀ ଚଣ୍ଡିଗଡ଼ ବିମାନବନ୍ଦର ସମେତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜଳବାୟୁ ପରିବର୍ତ୍ତନ ସାମୁଦ୍ରିକ ପରିବେଶ ପାଇଁ ବଡ଼ ବିପଦ ସୃଷ୍ଟି କରିଛି। ବେଳାଭୂମିରେ ଆବର୍ଜନା ଓ ବର୍ଜ୍ୟବସ୍ତୁ ଫିଙ୍ଗାଯାଉଥିବାରୁ ପ୍ରଧାନମନ୍ତ୍ରୀ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଦୀର୍ଘବର୍ଷ ପରେ ଭାରତକୁ ଚିତାବାଘ ଫେରିଥିବାରୁ ଏହା ୧୩୦ କୋଟି ଦେଶବାସୀଙ୍କୁ ଗର୍ବିତ କରିଛି। ଏକ ଟାସ୍କଫୋର୍ସ ସେମାନଙ୍କର ତଦାରଖ କରୁଛନ୍ତି। ଲୋକମାନଙ୍କୁ ଚିତା ଦେଖିବା ଲାଗି କେବେ ଅନୁମତି ମିଳିବ ତାହା ଟାସ୍କଫୋର୍ସ ରିପୋର୍ଟ ଆଧାରରେ ନିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଚିତାଗୁଡ଼ିକର ନାମକରଣ ଲାଗି ମାଇଁଗଭ୍ ପ୍ଲାଟ୍‌ଫର୍ମରେ ଏକ ପ୍ରତିଯୋଗିତାର ଆୟୋଜନ କରାଯିବ,ଯେଉଁଥିରେ ଜନସାଧାରଣ ସାମିଲ ହୋଇ ସେମାନେ ଚିନ୍ତା କରୁଥିବା ନାମ ପ୍ରସ୍ତାବ ରଖିପାରିବେ। ଏହି ଅବସରରେ ମୋଦି ଭାଜପାର ଆଦର୍ଶ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ୬ ଅଫିସରଙ୍କ ବିରୋଧରେ ହତ୍ୟା ମାମଲା

ବେଙ୍ଗାଲୁରୁ,୨୫।୯

**ବାୟୁସେନା କ୍ୟାଡେଟ୍ ମୃତ୍ୟୁ ଘଟଣା**


ଅଙ୍କିତ କୁମାର ଝା

ବାୟୁସେନା ପାଇଁ ପ୍ରଶିକ୍ଷଣ ନେଉଥିବା ଜଣେ ୨୭ ବର୍ଷୀୟ କ୍ୟାଡେଟ୍‌ଙ୍କ ମୃତଦେହ ଶନିବାର ଜଲାହଲ୍ଲିସ୍ଥିତ ଏୟାରଫୋର୍ସ ଟେକ୍‌ନିକାଲ କଲେଜ କ୍ୟାମ୍ପସ୍‌ରୁ ମିଳିଥିଲା। ଏହି ଘଟଣାରେ ବାୟୁସେନାର ୬ ଜଣ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବା ପୋଲିସ କହିଛି। ଘଟଣାର କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଥିବାବେଳେ ପ୍ରଶିକ୍ଷାର୍ଥୀ କ୍ୟାଡେଟ୍ ଅଙ୍କିତ କୁମାର ଝା ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଏୟାର କମୋଡର, ୱିଙ୍ଗ୍ କମାଣ୍ଡର ଏବଂ ଗ୍ରୁପ୍ କ୍ୟାପ୍‌ଟେନ୍ ଆଦି ର୍‌ୟାଙ୍କ୍‌ର ଅଫିସରମାନେ ତାଙ୍କୁ କ୍ରମାଗତ ଭାବେ ହଇରାଣ କରିବା ସହ ନିର୍ଯାତନା ଦେଉଥିଲେ ବୋଲି ଅଙ୍କିତ୍ ସୁଇସାଇଡ୍ ନୋଟ୍‌ରେ ଲେଖିଛନ୍ତି। ଅଙ୍କିତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରେ ତାଙ୍କୁ ଡ୍ୟୁଟିରୁ ବାହାର କରିଦିଆଯାଇଥିଲା ବୋଲି ତଦନ୍ତକାରୀ ଅଫିସର କହିଛନ୍ତି। ଅଙ୍କିତଙ୍କ ଭାଇ ଅଭିଯୁକ୍ତମାନଙ୍କ ବିରୋଧରେ ଏତଲା ଦାଏର କରିଥିଲେ।

# ମେଲୋନି ହୋଇପାରନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ



**ରୋମ୍, ୨୫।୯:** ନୂଆ ପ୍ରଧାନମନ୍ତ୍ରୀ ପାଇଁ ୟୁରୋପୀୟ ଦେଶ ଇଟାଲୀରେ ରବିବାର ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ଦକ୍ଷିଣପନ୍ଥୀ ନେତ୍ରୀ ତଥା ବ୍ରଦର୍ସ ଅଫ୍ ଇଟାଲୀ(ଏଫ୍‌ଡିଆଇ) ପାର୍ଟିର ଜିଓର୍ଜିଆ ମେଲୋନିଙ୍କ ବିଜୟ ହୋଇପାରେ ବୋଲି ବୁଥ୍‌ଫେରନ୍ତା ମତପ୍ରକାଶ ପାଇଛି। ତେବେ ଜଣେ ଦକ୍ଷିଣପନ୍ଥୀଙ୍କୁ ଇଟାଲୀବାସୀ ନିଜ ନେତା ବାଛିବେ କି ନା ତାହା ଉପରେ ସମଗ୍ର ୟୁରୋପର ନଜର ରହିଛି। ଯଦି ମେଲୋନି ଜିତନ୍ତି ତେବେ ସେ ଇଟାଲୀର ପ୍ରଥମ ପ୍ରଧାନମନ୍ତ୍ରୀ ହେବେ। ସେହିପରି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଇଟାଲୀରେ କୌଣସି ଦକ୍ଷିଣପନ୍ଥୀ ସରକାର ଗଠନ ହେବାକୁ ଯାଉଛି। ମେଲୋନି ଜଣେ ସାମାଜିକକର୍ମୀରୁ ତାଙ୍କ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୨ରେ ଗଠନ ହୋଇଥିବା ଏଫ୍‌ଡିଆଇର ସହପ୍ରତିଷ୍ଠାତା ମେଲୋନି ପରେ ଦଳର ଅଧ୍ୟକ୍ଷା ହୋଇଥିଲେ। ୨୦୧୮ରେ ତାଙ୍କ ଦଳକୁ ମୋଟ ଭୋଟ୍‌ର ମାତ୍ର ୪% ମିଳିଥିଲା। ଜଣେ କଠୋର ଦକ୍ଷିଣପନ୍ଥୀ ନେତା ଭାବେ ଲୋକେ ତାଙ୍କୁ ଜାଣନ୍ତି। ସେ ସମଲିଙ୍ଗୀ ସମ୍ପର୍କର ଘୋର ବିରୋଧୀ ଏବଂ ଅଧିକାଂଶ ସମୟରେ ଏଲ୍‌ଜିବିଟିକ୍ୟୁ ସମ୍ପ୍ରଦାୟ ବିରୋଧରେ ମତ ରଖିଥାନ୍ତି।

# ମହସାଙ୍କ ସମର୍ଥନରେ ମଡେଲ



ତେହରାନ, ୨୫।୯

ଇରାନରେ ମହସା ଆମିନିଙ୍କୁ ନ୍ୟାୟ ଦାବି ଏବଂ ହିଜାବ ବିରୋଧୀ ଆନ୍ଦୋଳନ ତୀବ୍ର ହେବାରେ ଲାଗିଥିବାବେଳେ ବିକ୍ଷୋଭକୁ ସମର୍ଥନ ଜଣାଇଛନ୍ତି ଇରାନୀୟ ସୁପରମଡେଲ ମହଲ୍‌ଗା ଜାବେରୀ। ହିଜାବ ନ ପିନ୍ଧିବାରୁ ଇରାନର ଧର୍ମୀୟ ବ୍ୟାପାର ପୋଲିସ ୨୨ ବର୍ଷୀୟା ଆମିନିଙ୍କୁ ଗିରଫ କରିବା ଏବଂ ବର୍ବରତାରେ ତାଙ୍କ ମୃତ୍ୟୁ ଘଟିବା ଲଜ୍ଜାଜନକ ବୋଲି ଜାବେରୀ କହିଛନ୍ତି। ସେମାନେ ଅନ୍ୟକୁ ଦେଉଥିବା ସ୍ୱାଦ ନିଜେ ଚାଖନ୍ତୁ ବୋଲି ବିକ୍ଷୋଭକାରୀଙ୍କୁ ସମର୍ଥନ କରି ଜାବେରୀ ଲେଖିଛନ୍ତି। ସୋସିଆଲ ମିଡିଆରେ ଏହି ମଡେଲ ଜଣକ ଖୋଲାଖୋଲି ନିଜ ମତ ରଖିବା ପରେ ସମସ୍ତଙ୍କ ପାଇଁ ସେ ଜଣେ ସୁପରଷ୍ଟାର ପାଲଟିଯାଇଛନ୍ତି। ଇସ୍‌ଲାମୀୟ ରାଷ୍ଟ୍ର ଇରାନ ପୋଲିସ ବିରୋଧରେ ଜାବେରୀ ସାହସିକତାର ସହ ମହିଳାଙ୍କ ଅଧିକାର କ୍ଷୁଣ୍ଣ ହେବା ଭଳି କାର୍ଯ୍ୟକଳାପକୁ ନିନ୍ଦା କରିବାକୁ ଅନେକ ପ୍ରଶଂସା କରିଛନ୍ତି। ଫେମିନିଜମ୍ ବା ନାରୀବାଦ ଏବଂ ମାନାବଧିକାରର ସବୁଠୁ ବଡ଼ ଲଢ଼େଇ ଇରାନରେ ଚାଲିଛି। ଯଦି ତୁମେ ପୃଥିବୀରେ ଅଛ କିନ୍ତୁ ଏସବୁ ଦେଖି ନୀରବ ବସିଛ ତେବେ ମହିଳା ଅଧିକାର ବାବଦରେ କିଛି କହିବା ଅଧିକାର ନାହିଁ ବୋଲି ଜାବେରୀ ତାଙ୍କ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି।

> ଆମିନିଙ୍କୁ ଗିରଫ ପରେ ହତ୍ୟା କରିବା ଲଜ୍ଜାଜନକ। ଇରାନ ପୋଲିସ ଅନ୍ୟକୁ ଦେଉଥିବା ସ୍ୱାଦ ନିଜେ ଚାଖୁ।
> –ଇରାନୀୟ ସୁପରମଡେଲ ମହଲ୍‌ଗା ଜାବେରୀ

# ୯୧ ପିଅନ ନିଯୁକ୍ତି ପାଇଁ ୨.୨୫ ଲକ୍ଷ ଆବେଦନ

ରାୟପୁର,୨୫।୯

**ଆଶାୟୀଙ୍କ ମଧ୍ୟରେ ଅନେକ ଇଞ୍ଜିନିୟର, ସ୍ନାତକୋତ୍ତର**



ଛତିଶଗଡ଼ରେ ପିଅନ ନିଯୁକ୍ତି ପାଇଁ ରବିବାର ୬୫୭ ସେଣ୍ଟରରେ କରାଯାଇଥିବା ଲିଖିତ ପରୀକ୍ଷାରେ ଆଶାୟୀଙ୍କ ଲମ୍ବା ଲାଇନ୍ ଦେଖିବାକୁ ମିଳିଛି। ୯୧ ପିଅନ ପଦ ପାଇଁ ୨.୨୫ ଲକ୍ଷ ପିଲା ଆବେଦନ କରିଥିବା ଜଣାପଡ଼ିଛି। ପଦ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ଅଷ୍ଟମ ପାସ୍, ସାଇକେଲ ଚଳାଇପାରୁଥିବା ଏବଂ ଲେଖାପଠା ଜାଣିଥିବା ବ୍ୟକ୍ତିବିଶେଷ ହିଁ ଏହି ପଦ ପାଇଁ ଆବେଦନ କରିପାରିବେ। କିନ୍ତୁ ଏହି ପଦ ପାଇଁ ଅନେକ ଇଞ୍ଜିନିୟର, ସ୍ନାତକୋତ୍ତର ଏବଂ ଉଚ୍ଚଶିକ୍ଷିତ ଯୁବପିଢ଼ି ଆବେଦନ କରିଛନ୍ତି। ମନୋଜ କୁମାର ପଟେଲ ନାମକ ଜଣେ ବିଏସ୍‌ସି ପାସ୍ କରିଥିବା ଯୁବକ ଭବିଷ୍ୟତରେ ଜଣେ ଉପଜିଲାପାଳ ହେବାର ସ୍ୱପ୍ନ ଦେଖିଥିଲେ। କିନ୍ତୁ ରାଜ୍ୟରେ ବେକାରି ସମସ୍ୟା ବଢ଼ିବା ଯୋଗୁ ସେ ଏବେ ପିଅନ ପଦ ପାଇଁ ଆବେଦନ କରିଛନ୍ତି। ଅଗଷ୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ଡାଟା ଅନୁସାରେ ଦେଶରେ ମୋଟ ବେକାରି ହାର ୮.୩% ରହିଥିବାବେଳେ ଛତିଶଗଡରେ ୦.୪% ଯୁବପିଢ଼ି ବେକାର ଅଛନ୍ତି। ରାଜ୍ୟରେ ବଢ଼ିଥିବା ବେକାରି ସମସ୍ୟା ନେଇ ବିରୋଧୀ ଭାଜପା ଶାସକ କଂଗ୍ରେସ ଦଳକୁ ସମାଲୋଚନା କରିଛି। ସରକାର ମିଛ ପ୍ରଘଟ କରିବା ଛଡ଼ା ଆଉ କିଛି କରୁ ନ ଥିବା ଭାଜପା ନେତା ଅଜୟ ଚନ୍ଦ୍ରକାର କହିଛନ୍ତି। ଭାଜପାକୁ ପାଲଟା ଜବାବ୍ ଦେଇ ବରିଷ୍ଠ ମନ୍ତ୍ରୀ ଅମରଜିତ ଭଗତ କହିଛନ୍ତି, ରାଜ୍ୟରେ ୨ କୋଟି ଯୁବପିଢ଼ିଙ୍କୁ ଚାକିରି ଯୋଗାଇ ଦେବା ଲାଗି ନିର୍ବାଚନ ବେଳେ ଭାଜପା ଯେଉଁ ପ୍ରତିଶ୍ରୁତି ଦେଇଥିଲା ସେଥିରେ ସେ ଫେଲ୍ ମାରିଛି।

# ଅମୃତ ମହୋତ୍ସବ ପାଳନ ପ୍ରସ୍ତୁତି



ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

ଛେଣ୍ଡିପଦା,୨୪।୯(ସ୍ୱ.ପ୍ର.)

ଛେଣ୍ଡିପଦା ଉଚ୍ଚବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଅବସରରେ ଅମୃତ ମହୋତ୍ସବ ପାଳନ ନିମନ୍ତେ ଉଚ୍ଚବିଦ୍ୟାଳୟ ପରିସରରେ ପୁରାତନ ଛାତ୍ର କର୍ମକର୍ତ୍ତାମାନଙ୍କୁ ନେଇ ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ବୃନ୍ଦାବନ ପ୍ରଧାନ ସଭାପତିତ୍ୱ କରି ଅନେକ ଉପାଦେୟ ପ୍ରସ୍ତାବକୁ ଗୃହୀତ କରିଥିଲେ। ଆଗାମୀ ୨୦୨୩ ମସିହାରେ ଉକ୍ତ ଉତ୍ସବ ପାଳନ କରାଯିବାକୁ ଥିବାବେଳେ ଏବେ ଠାରୁ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରଖିଥିବା ଆଲୋଚନା ହୋଇଥିଲା। ଉକ୍ତ ପ୍ରସ୍ତୁତି ବୈଠକରେ ଚନ୍ଦ୍ରମଣି ପ୍ରଧାନ, ଦଣ୍ଡଧର ଦେହୁରୀ, ଇନ୍ଦ୍ରମଣି ପ୍ରଧାନ, ଗତିକୃଷ୍ଣ ପ୍ରଧାନ, କାଶୀନାଥ ପ୍ରଧାନ, ବିଦ୍ୟାଧର ସାହୁ, ରାଜକିଶୋର ସାହୁ, ଅଗସ୍ତି ବେହେରା, ସୁଦୀପ୍ତ ପ୍ରଧାନ, ସୁଦର୍ଶନ ନାଏକଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଉପସ୍ଥିତ ଥିଲେ।

# ୧୭ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଖମାର, ୨୫।୯ (ଡି.ଏନ.ଏ.)

ପାଲଲହଡା ବ୍ଲକ ଖମାର ପଞ୍ଚାୟତ ନୂଆପଡାଠାରେ ସୋଲାର ସ୍ପୋର୍ଟ୍ସ କ୍ଲବ ନୂଆପଡା ଓ ସାହୁପଡା ପକ୍ଷରୁ ଆୟୋଜିତ ୧୭ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ସାନସଡା ଓ ଶିଆରୀମାଳିଆ ମଧ୍ୟରେ ଖେଳାଯାଇଥିଲା। ଏଥିରେ ୩/୨ ଗୋଲରେ ସାନସଡା ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ପାଲଲହଡା ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାଏକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଇନ୍ଦ୍ରାଣୀ ହେମ୍ବ୍ରମ, ପାଲଲହଡା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ, ଖମାର ସରପଞ୍ଚ ଚକାଡୋଳା ନାଏକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର କୁମାର ଭୁକ୍ତା, ଭୀଷ୍ମ କୁମାର ଗଡନାୟକ, ଯୁଗଳ କିଶୋର ଜିତ, ଲକ୍ଷ୍ମୀଧର ବିଶ୍ୱାଳ ପ୍ରମୁଖ ମଞ୍ଚାସୀନ ଥିଲେ। ସୋଲାର ସ୍ପୋର୍ଟ କ୍ଲବ ସଭାପତି ନିରଞ୍ଜନ ପ୍ରଧାନ, ସମ୍ପାଦକ ମଦନମୋହନ ସାହୁ, ପବିତ୍ର ମୋହନ ସାହୁ, ନରେଶ କୁମାର ପ୍ରଧାନ, ପୂର୍ଣ୍ଣ ରାଜହଂସ, ଦାନର ରାଜହଂସ, ଅତୁଲ୍ୟ ସାହୁ ଓ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ରାଜେନ୍ଦ୍ର କୁମାର ପ୍ରଧାନ ଖେଳ ପରିଚାଳନା କରିଥିଲେ। ବିଜେତା ଓ ଉପବିଜେତାଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ।

## ଓଡିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3421/LA- I-10/2022 — Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବିକ୍ରମଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୨୧ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବିକ୍ରମଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି — ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Bikramguda*

| SI No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Bikramguda | Jayasingh Sagar & Others | SC | 132 | 1502 | Patita | 0.170 | 0.170 |
| | | | | | 1500 | Patita | 0.100 | 0.100 |
| | | | | | 1498 | Patita | 0.400 | 0.010 |
| | | | | | 56 | Atta | 1.080 | 0.700 |
| | | | | 1 | 4 | | | 0.980 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

## ଓଡିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3441/LA- I-10/2022 — Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଆମ୍ବଗୁଡା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୫୫ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଆମ୍ବଗୁଡା , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି — ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Ambaguda*

| SI No | Village | Land owner | Category | Khata no | Plotno | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Ambaguda | Abhiram Domb & others | SC | 11 | 697 | Mala | 0.440 | 0.290 |
| | | | | | 698 | Mala | 0.850 | 0.500 |
| | | | | | 701 | Mala | 0.110 | 0.110 |
| | | | | 1 | 3 | | | 0.900 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

## ଓଡିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3351/LA- I-10/2022 — Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବେହେରା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା :- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୪୪ ତା- ୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବେହେରା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି — ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

**TAHASIL -DHARAMGARH**

**Private land to be posted to general land acquisition for Mouza-Behera**

| Sl. No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Behera | Kunja Goud & Others | OBC | 47 | 660 | Mala | 0.870 | 0.020 |
| 2 | Behera | Dambaru Domb&others | SC | 201 | 1621 | Mala | 0.640 | 0.080 |
| | | | | | 1622 | Mala | 3.530 | 0.620 |
| 3 | Behera | Chidananda PVT LTD | | 278 | 658 | Mala | 1.140 | 0.490 |
| | | | | | 657 | Mala | 0.980 | 0.470 |
| 4 | Behera | Bhikari Domb & Others | SC | 396 | 1639 | Mala | 0.500 | 0.130 |
| 5 | Behera | Murtsi Goud & Others | Obc | 463 | 640 | Mala | 0.440 | 0.010 |
| 6 | Behera | Rajkumar Bishi | OBC | 516 | 1179 | Bema | 0.430 | 0.180 |
| 7 | Behera | Radheshyam Agrawal | OBC | 52 S | 591 | Berna | 1.900 | 0.660 |
| 8 | Behera | Radheshyam Agrawal | OBC | 526 | 629 | Mala | 0.700 | 0.040 |
| 9 | Behera | Satyaram Panigrahi | SC | 619 | 1608 | Berna | 1.500 | 0.180 |
| | | | | | 1609 | Berna | 1.210 | 0.260 |
| | | | | | 1638 | Mala | 0.870 | 0.440 |
| | | | | | 1637 | Mala | 2.070 | 0.190 |
| 10 | Behera | Ude Goud & Others | OBC | 21 | 348 | Berna | 1.190 | 0.790 |
| 11 | Behera | Padman Gainta& others | ST | 179 | 371 | Atta | 0.780 | 0.160 |
| | | | | | 377 | Mala | 11.900 | 2.210 |
| 12 | Behera | Chhatar Sahu & Others | OBC | 302/94 | 365 | Berna | 3.640 | 0.060 |
| 13 | Behera | Udhaba Goud & Others | OBC | 302/136 | 368 | Mala | 0.760 | 0.370 |
| | | | | | 369 | Atta | 0.400 | 0.240 |
| | | | | | 370 | Mala | 0.140 | 0.060 |
| 14 | Behera | Batabhadra Sahu | Obc | 278/14 | 351 | Atta | 7.250 | 0.210 |
| | | | | 14 | 22 | | | 7.870 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

## ଓଡିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

File No. 3371/LA- I-10/2022 — Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗଡିଆଜୋର, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୧୦ ତା- ୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗଡିଆଜୋର, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

**ତଫସିଲ - କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )**

ଜିଲ୍ଲା :- କଳାହାଣ୍ଡି — ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza-Gadiajore*

| Sl. No. | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Gadiajore | Ash a kuman Naik & Others | GEN | 18 | 561 | Atta | 1.100 | 0.450 |
| 2 | Gadiajore | Dayanidhi Maii | OBC | 179 | 1312 | Bagayat | 2.840 | 0.950 |
| | | | | | 1333 | Berna | 1.250 | 0.630 |
| | | | | | 1334 | Atta | 0.800 | 0.220 |
| 3 | Gadiajore | Indramani Mali | OBC | 22 | 997 | Atta | 0.480 | 0.480 |
| 4 | Gadiajore | Netranand Naik | OBC | 241 | 543 | Mala | 2.340 | 0.490 |
| S | Gadiajore | Sibanand PVT.LTD M.D. Pramila Agrawal | Gen | 264 | 2645 | Atta | 0.660 | 0.040 |
| | | | | | 2647 | Atta | 2.520 | 0.370 |
| 6 | Gadiajore | Madhusudan Naik | OBC | 318 | 954 | Bahal | 1.560 | 0.290 |
| 7 | Gadiajore | Madhusudan Naik & Others | OBC | 320 | 876 | Gharabari | 0.130 | 0.120 |
| | | | | | 877 | Mala | 0.440 | 0.100 |
| | | | | | 927 | Bahal | 0.060 | 0.060 |
| | | | | | 929 | Bahal | 0.050 | 0.050 |
| | | | | | 931 | Atta | 0.370 | 0.050 |
| | | | | | 932 | Bahal | 0.140 | 0.010 |
| | | | | | 934 | Bahal | 3.630 | 0020 |
| 8 | Gadiajore | Laxmidhar Naik | OBC | 396 | 952 | Mala | 0.990 | 0.900 |
| | | | | | 953 | Bahal | 1.540 | 0.280 |
| 9 | Gadiajore | Sradhakara Maii | OBC | 419 | 928 | Bahal | 0.200 | 0.090 |
| 10 | Gadiajore | Sumitra Naik | OBC | 441 | 1612 | Atta | 0.790 | 0.340 |
| 11 | Gadiajore | Phakir charan Naik | OBC | 267 | 1475 | Atta | 1.000 | 0.190 |
| | | | | 11 | 21 | | | 6.130 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

# ବଢୁଛି ଧଳା ଜହର କାରବାର

ଅନୁଗୋଳ ଅଫିସ, ୨୫।୯



ଅନୁଗୋଳ ଜିଲାରେ ବୃଦ୍ଧିପାଉଛି ବ୍ରାଉନସୁଗାର କାରବାର। ବିଶେଷକରି ତାଳଚେର ଅଞ୍ଚଳକୁ ଏହି ନିଶାଦ୍ରବ୍ୟ ଅଧିକ ଚାଲାଣ ହେଉଛି। ରବିବାର ଢେଙ୍କାନାଳରୁ ବ୍ରାଉନ ସୁଗାର ତାଳଚେର ନିଆଯାଉଥିବା ବେଳେ ରେମୁଆଁ ଅଞ୍ଚଳରେ ଅବକାରୀ ବିଭାଗ ଚଢ଼ାଉ କରି ଭିକୁ ଓରଫ ବ୍ରଜ ମୋହନ ପଟ୍ଟନାୟକଙ୍କୁ ଗିରଫ କରିବା ସହ ୨୫ ଗ୍ରାମ ବ୍ରାଉନସୁଗାର ଜବତ କରିଥିବା ଅବକାରୀ ଏସପି ମଧୁସ୍ମିତା ନାୟକ ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ସହରରେ ଦେଶୀମଦ ଚୋରା ଚାଲାଣ ସମୟରେ ମନୋଜ ସାହୁ ଓ ଅନିଲ ସାହୁଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୧୧ ଲିଟର ମଦ ଜବତ ହୋଇଛି।

ପ୍ରକାଶ ଯେ, ଢେଙ୍କାନାଳରୁ ତାଳଚେରକୁ ଧଳା ଜହର ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ତାଳଚେର ଥାନା ରେମୁଣାର ଭିକୁ ଏହି ଧଳା ଜହର ଆଣୁଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ମାଡିବସିଥିଲେ। ସେହିପରି ଢେଙ୍କାନାଳରୁ ଏକ ଚାରି

### ୨୫ ଗ୍ରାମ ବ୍ରାଉନସୁଗାର ଜବତ

ଚକିଆ ଗାଡିରେ ଦେଶୀ ମଦ ଚାଲାଣ ହେଉଥିବା ବେଳେ ଅନୁଗୋଳ ପିଟିସି ଛକରେ ଅବକାରୀ ବିଭାଗ ୩୦୦ ଲିଟର ମଦ ଜବତ କରିଥିଲା। ତେବେ ଚୋରା ବ୍ୟବସାୟୀ ଜଣକ ଚମ୍ପଟ ମାରିଥିଲେ। ତେବେ ଅନୁଗୋଳ ଫରେଷ୍ଟ କଲେଜ ନିକରୁ ଦେଶୀ ଚୋରାମଦ କାରବାର ଘଟଣାରେ ଅବକାରୀ ବିଭାଗ ନୂଆଗାଁର ମନୋଜ ଓ କନ୍ଧବେରିଣୀ ଗ୍ରାମର ଅନିଲଙ୍କୁ ଶିକ୍ଷକପଡା ଅଞ୍ଚଳରୁ ଗିରଫ କରିଥିଲା। ଅବକାରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଇନ୍ସପେକ୍ଟର କୌଶଲ୍ୟ ଜେନା, ଓଆଇସି ଶମ୍ଭୁ ପ୍ରସାଦ ନାଏକଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଠକେଇ ଅଭିଯୋଗରେ ମ୍ୟାନେଜର ଗିରଫ

କଣିହାଁ,୨୫।୯(ଡି.ଏନ.ଏ.)

କଣିହାଁ ଥାନା ପୋଲିସ ଠକେଇ ଅଭିଯୋଗରେ ମଦ କାଉଣ୍ଟର ମ୍ୟାନେଜର କମରେଇ ପଞ୍ଚାୟତ ଦଣ୍ଡସିଙ୍ଗା ଗ୍ରାମର ହର୍ଷ ମହାନ୍ତିଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି କିଶୋର କୁମାର ସାମଲ କହିଛନ୍ତି, କରୋନା ସମୟରେ ଡେରେଙ୍ଗ ଗ୍ରାମସ୍ଥିତ ମଦ କାଉଣ୍ଟର ମାଲିକ ପୁପୁ ରଥ ଅସୁସ୍ଥ ହୋଇପଡ଼ିଥିଲେ। ଏହାପରେ ସେ ମ୍ୟାନେଜର ହର୍ଷଙ୍କୁ ମଦ କାଉଣ୍ଟର ଦାୟିତ୍ୱ ଦେଇଥିଲେ। ଏହି ସମୟରେ ମଦ କାରବାରକୁ ନେଇ ମ୍ୟାନେଜର ଠକେଇ କରିଥିଲେ। ୬୪ ଲକ୍ଷରୁ ଅଧିକ ଟଙ୍କାର ହିସାବ ଦେଇପାରି ନ ଥିଲେ। ଏହାକୁ ନେଇ ମାଲିକ ଥାନାରେ ମାମଲା ରୁଜୁ କରିଥିଲେ। କଣିହାଁ ପୋଲିସ ନଂ.୨୫୫/୨୨ରେ ମାମଲା ରୁଜୁ କରି ଅଭିଯୁକ୍ତ ହର୍ଷ ମହାନ୍ତିଙ୍କୁ ଗିରଫ କରିଥିବା ଆଇଆଇସି ପ୍ରକାଶ କରିଛନ୍ତି।

## ଆଜି କୋଶଳାରେ ଅର୍ଥନୈତିକ ଅବରୋଧ

ଛେଣ୍ଡିପଦା,୨୫।୯(ସ୍ୱ.ପ୍ର.)

ଅନୁଗୋଳରୁ ଛେଣ୍ଡିପଦା ଦେଇ ଯାଇଥିବା ୬୩ ନଂ. ରାଜ୍ୟ ରାଜପଥରେ ଅତ୍ୟଧିକ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୈନିକ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଏ ନେଇ ଜିଲାପାଳଙ୍କଠାରୁ ଆରମ୍ଭ କରି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ସୋମବାର କୋଶଳା ମିଳିତ ଯୁବ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅର୍ଥନୈତିକ ଅବରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। କେବଳ କୋଇଲା ବୋଝେଇ ଓ ବାଲି ବୋଝେଇ ଭାରିଯାନ ବ୍ୟତୀତ ଅନ୍ୟ ସମସ୍ତ ଯାନବାହନ ଚଳାଚଳ କରିବ। କୋଶଳା ଗ୍ରାମର ବିଭିନ୍ନ କ୍ଲବ ଓ ଯୁବଗୋଷ୍ଠୀ ସଙ୍ଗଠନର ଶତାଧିକ ସଦସ୍ୟ ଏଥିରେ ସାମିଲ ହେବେ ବୋଲି ଜଣାପଡ଼ିଛି।




ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3381/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ବ୍ରାହ୍ମଣଛେଣ୍ଡିଆ , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୮୮ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ବ୍ରାହ୍ମଣଛେଣ୍ଡିଆ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza-Brahmancheendia*

| Sl. No. | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Brahmanchhendia | Hemanta Kumar Panda | Gen | 332 | 811 | Bahal | 1.060 | 0.550 |
| | | | | | 810 | Bahal | 0.250 | 0.180 |
| | | | | | 806 | Bahal | 1.630 | 0.250 |
| | | | | | 807 | Berna | 0.320 | 0.230 |
| 2 | Brahmanchhendia | Kishor Ch Mund | Gen | 49 | 21 | Atta | 0.750 | 0.070 |
| | | | | 2 | 5 | | | 1.280 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3401/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଥନଟ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୪୩ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଥନଟ, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza- Thanat*

| Sl.No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Thanat | Dukhalu Mali (bothers) | OBC | 152 | 1537 | Bahal | 0.710 | 0.030 |
| | | | | | 1538 | Bahal | 0.960 | 0.100 |
| | | | | | 1539 | Bahal | 1.080 | 0.810 |
| 2 | Thanat | Labanya Mali & others | 08C | 357 | 1554 | Bahal | 0.500 | 0.190 |
| | | | | | 1549 | Bahal | 2.310 | 0.240 |
| | | | | 2 | 5 | | | 1.370 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3361/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-କେନ୍ଦୁଗୁଡା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୯୯ ତା.୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-କେନ୍ଦୁଗୁଡା, ଥାନା-କୋକସରା, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

**TAHASIL -DHARAMGARH**

**Private land to be posted to general land acquisition for Mouza-Kenduguda**

| Sl No | Village | Land owner | Category | Khata No. | Plot No. | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Kenduguda | Chandra Prasad Meher & Others | OBC | 63 | 342 | Patia | 0.370 | 0.060 |
| | | | | | 340 | Atta | 1.740 | 0.020 |
| | | | | | 626 | Atta | 4.900 | 0.050 |
| | | | | 1 | 3 | | | 0.130 |
| | | | | | | | Grand Total | 30.053 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

ଓଡିଶା ସରକାର

କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

File No. 3391/LA- I-10/2022 Date 16.09.2022

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଚିଲଚିଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୫୪ ତା -୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଚିଲଚିଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।

ତଫସିଲ - କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )

ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )

*TAHASIL - DHARAMGARH*

*Private land to be posted to general land acquisition for Mouza-Chilchila*

| Sl No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Chilchila | Jalandhar Domb & others | SC | 114 | 1243 | Bahal | 1.550 | 0.390 |
| | | | | | 1234 | Berna | 0.220 | 0.150 |
| | | | | | 1235 | Bahal | 0.660 | 0.190 |
| 2 | Chilchila | Jhirendra Naik | SC | 119 | 1448 | Bahal | 2.020 | 0.570 |
| | | | | | 1450 | Atta | 0.890 | 0.090 |
| | | | | | 1451 | Mala | 0.550 | 0.010 |
| | | | | 3 | 7 | | | 1.400 |

Land Acquisition Officer
Kalahandi

Superintending Engineer
Kalahandi (R&B) Division

# ସରକାର ପରିବର୍ତ୍ତନ ପାଇଁ ଏକାଠି ହୁଅ: ପାୱାର

ଫତେହାବାଦ (ହରିୟାଣା), ୨୫।୯ (ପି.ଟି.)

୨୦୨୪ରେ ସରକାର ବଦଳାଇବାକୁ ହେଲେ ସବୁ ବିରୋଧୀ ଦଳ ଏକାଠି କାମ କରିବା ସମୟ ଆସିଛି ବୋଲି ଏନ୍ସିପି ଅଧ୍ୟକ୍ଷ ଶରଦ ପାୱାର ରବିବାର କହିଛନ୍ତି। ହରିୟାଣାର ଫତେହାବାଦରେ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍ଡି) ପକ୍ଷରୁ ଆୟୋଜିତ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇ ପାୱାର କହିଥିଲେ, କୃଷି ଆଇନକୁ ବିରୋଧ କରି ଚାଷୀ ଆତ୍ମହତ୍ୟା କରିବା ସମାଧାନ ନୁହେଁ, ସରକାର ବଦଳାଇବା ଦ୍ୱାରା ପ୍ରକୃତ ସମାଧାନ ଆସିପାରିବ। ରାଲିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଶିରୋମଣି ଅକାଳୀ ଦଳ ନେତା ସୁଖବୀର ସିଂ ବାଦଲ, ଆର୍‌ଜେଡି ନେତା ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ଯୋଗ ଦେଇଥିଲେ।

କଂଗ୍ରେସ ଓ ବାମଦଳ ସମେତ ସମସ୍ତ ଅଣଭାଜପା ଦଳ ଏକାଠି ହେବା ଲାଗି



ଆଇଏନ୍ଏଲ୍ଡି ପକ୍ଷରୁ ଆୟୋଜିତ ରାଲିରେ ଏନ୍ସିପି ଅଧ୍ୟକ୍ଷ ଶରଦ ପାୱାରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ବିରୋଧୀ ଦଳଗୁଡ଼ିକର ଗୋଟିଏ ସାମ୍ମୁଖ୍ୟ ସମୟର ଆବଶ୍ୟକତା: ନୀତୀଶ

ରାଲିରେ ନୀତୀଶ ଆହ୍ୱାନ ଦେଇଥିଲେ। ସବୁ ବିରୋଧୀ ଦଳକୁ ନେଇ ଗୋଟିଏ ସାମ୍ମୁଖ୍ୟ ଗଢ଼ାଗଲେ ୨୦୨୪ ସାଧାରଣ ନିର୍ବାଚନରେ ଗୈରିକ ଦଳକୁ ନିଶ୍ଚୟ ହରାଇପାରିବା ବୋଲି ସେ କହିଥିଲେ। ତୃତୀୟ ସାମ୍ମୁଖ୍ୟର ପ୍ରଶ୍ନ ଉଠୁନାହିଁ। କଂଗ୍ରେସ ସମେତ ସବୁ ଦଳକୁ ନେଇ ଗୋଟିଏ ଫ୍ରଣ୍ଟ ହେବା ସମୟର ଆବଶ୍ୟକତା ବୋଲି ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା କହିଛନ୍ତି। ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହନ୍ତି ବୋଲି ଏହି ଅବସରରେ ନୀତୀଶ ସ୍ପଷ୍ଟ କରିଛନ୍ତି। ରାଲିରେ ତେଜସ୍ୱୀ କହିଥିଲେ, ସମ୍ବିଧାନ ଓ ଗଣତନ୍ତ୍ରର ରକ୍ଷା ଲାଗି ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଜେଡିୟୁ,ଅକାଳୀ ଦଳ ଏବଂ ଶିବସେନା ବାହାରି ଆସିଛନ୍ତି। ଭାଜପା ଦେଶବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଆସୁଛି। ଏହା ସବୁଠୁ ମିଛୁଆ ଦଳ ବୋଲି ତେଜସ୍ୱୀ କହିଛନ୍ତି।

# ପଞ୍ଜାବ ଅଚଳାବସ୍ଥା ଦୂର ହେଲା

## ବିଧାନସଭା ଅଧିବେଶନ ଡାକିବାକୁ ରାଜ୍ୟପାଳଙ୍କ ଅନୁମତି

ନୂଆଦିଲ୍ଲୀ,୨୫।୯

ପଞ୍ଜାବ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ନେଇ ଲାଗି ରହିଥିବା ଅଚଳାବସ୍ଥା ଦୂର ହୋଇଛି। ୨୭ ତାରିଖରେ



ବନୱାରିଲାଲ୍ ପୁରୋହିତ

ତୃତୀୟ ଅଧିବେଶନ ଡାକିବା ଲାଗି ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ ଏଏପି ସରକାରଙ୍କ ଆବେଦନକୁ ଅନୁମୋଦନ କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବ ବୋଲି ରାଜ୍ୟପାଳ ଦେଇଥିବା ପତ୍ରରୁ ଜଣାପଡ଼ିଛି। ଭାଜପା ରାଜ୍ୟରେ ଅପରେଶନ ଲୋଟସ୍ ଚଳାଇଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ତାଙ୍କ ସରକାରର ସଂଖ୍ୟାଗରିଷ୍ଠତା ପ୍ରମାଣ ଦେବା ନିମନ୍ତେ ଗତ ୨୨ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଆବେଦନ କରିଥିଲେ। ଏଥିପାଇଁ ନିର୍ଦ୍ଦିଷ୍ଟ ନିୟମ ନ ଥିବା ଦର୍ଶାଇ ରାଜ୍ୟପାଳ ଅଧିବେଶନ ପାଇଁ ଅନୁମତି ଦେଇ ନ ଥିଲେ। ଏଏପି ଏହାର ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କ ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି କହିଥିଲା। ବନୱାରିଲାଲ୍‌ଙ୍କ ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟ ଯିବା ପାଇଁ ଏଏପି ଚେତାବନୀ ଦେଇଥିଲା।

# ବିଜେଡି-ଭାଜପା ମଧ୍ୟରେ ଅଛି ଗୁପ୍ତ ବୁଝାମଣା

## ଅନୁଗୋଳ ସଭାରେ ପିସିସି ସଭାପତିଙ୍କ ଅଭିଯୋଗ

ଅନୁଗୋଳ ଅଫିସ,୨୫।୯

ରାଜ୍ୟରେ ୯ ବର୍ଷ ବିଜେଡି-ଭାଜପା ଭାଗୁଆଳି ସରକାର ଚାଲିଲା। ଏବେ ବିଜେଡି ସରକାର ଥିଲେ ବି ଦୁଇ ଦଳ ମଧ୍ୟରେ ଗୁପ୍ତ ବୁଝାମଣା ଥିବା ପିସିସି ସଭାପତି ଶରତ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ରବିବାର ଅନୁଗୋଳ କଂଗ୍ରେସ ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ପିସିସି ସଭାପତି କହିଛନ୍ତି, ବେରୋଜଗାରି ଓ ଅତିଶୟ ଦରବୃଦ୍ଧିରେ ସାଧାରଣ ଜନତା ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ସେଥିପାଇଁ ରାଜ୍ୟ ଓ କେନ୍ଦ୍ରରେ ସେମାନେ ସରକାର ବଦଳାଇବା ପାଇଁ ଅଣ୍ଟା ଭିଡିଛନ୍ତି। ତେଣୁ କଂଗ୍ରେସ କର୍ମୀମାନଙ୍କୁ ଏକଜୁଟ ହୋଇ କାମ କରିବାକୁ ପଡ଼ିବ। ଆଗାମୀ ନିର୍ବାଚନ ଜିତି କଂଗ୍ରେସ ନିଶ୍ଚିତ ସରକାର ଗଠନ କରିବ। ଏଥିପାଇଁ କଂଗ୍ରେସ କର୍ମୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସେ ଦେଖିପାରୁଛନ୍ତି ବୋଲି ପିସିସି ସଭାପତି ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେବାକୁ ପିସିସି ସଭାପତି ପଟ୍ଟନାୟକ ଅନୁଗୋଳରେ ପହଞ୍ଚିବା ପରେ ତାଙ୍କୁ ବସ୍‌ଷ୍ଟାଣ୍ଡସ୍ଥିତ ରାଜାଛକଠାରୁ କଂଗ୍ରେସ ଭବନ ଯାଏ କର୍ମୀମାନେ ପାଛୋଟି ନେଇଥିଲେ। ପିସିସି ସଭାପତି ପ୍ରଥମେ ମହାରାଜା ସୋମନାଥ ସିଂହ ଜଗଦ୍ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କଂଗ୍ରେସ ଭବନଠାରେ ଜିଲା ସଭାପତି ବିପ୍ଳବ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଜିଲା କଂଗ୍ରେସ ତଥା ସମସ୍ତ ଛାମୁଆ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା, ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଚିନ୍ମୟ ବେହୁରା, ଆଇଏନଟିୟୁସି ଉପସଭାପତି କିଶୋର ଜେନା, ପୂର୍ବତନ ଜିଲା ସଭାପତି ସଂଗ୍ରାମ ମିଶ୍ର, ନିଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ବିଜୟ ଚାଉଳିଆ ଓ ସୁବ୍ରତ ଗଡନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା କଂଗ୍ରେସ କମିଟିର ସମସ୍ତ କର୍ମକର୍ତ୍ତା, ସମସ୍ତ ବ୍ଲକ କଂଗ୍ରେସ ସଭାପତି, ଛାମୁଆ ସଙ୍ଗଠନର ସଭାପତି ଓ କର୍ମକର୍ତ୍ତା, ବିଭିନ୍ନ ସେଲ୍ ଅଧ୍ୟକ୍ଷଙ୍କ ସହ ଯୁବ, ମହିଳା, ଛାତ୍ର ତଥା ସେବାଦଳର କର୍ମୀ ଉପସ୍ଥିତ ଥିଲେ। ରାଜ୍ୟ ଓବିସି ସେଲ୍ ସମ୍ପାଦକ ଜିତେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା
File No. 3411/LA- I-10/2022 Date 16.09.2022
ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ଗୋଡଭଞ୍ଜା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୩୩୨ ତା -୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ଗୋଡଭଞ୍ଜା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।
ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )
ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )
TAHASIL - DHARAMGARH
Private land to be posted to general land acquisition for Mouza- Godbhanja

| Sl. No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Godbhanja | Maheswar Naik | OBC | 209 | 449 | Berna | 0.100 | 0.040 |
| 2 | Godbhanja | Hari Gond | ST | 271 | 776/968 | Bahal | 0.190 | 0.050 |
| 3 | Godbhanja | Srinibash Agrawal | Gen | 259 | 143 | Atta | 0.240 | 0.033 |
| | | | | 3 | 3 | | | 0.123 |

Land Acquisition Officer
Kalahandi
Superintending Engineer
Kalahandi (R&B) Division

ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା
File No. 3451/LA- I-10/2022 Date 16.09.2022
ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପର୍ଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୭୭ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ପର୍ଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।
ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )
ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )
TAHASIL - DHARAMGARH
Private land to be posted to general land acquisition for Mouza- Parla

| SI No | Village | Land owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Parla | Gangaram Jhankar | ST | 119/17 | 1919 | Atta Khar i | 0.420 | 0.080 |
| | | | | | 1916 | Bahal | 3.850 | 1.080 |
| 2 | Parte | Ganga Gond | ST | 119/39 | 1926 | Atta | 2.000 | 0.340 |
| | | | | | 1927 | Bahal | 2.330 | 0.710 |
| | | | | | 1929 | Atta | 4.610 | 0.420 |
| 3 | Parla | BabrubahanJal & Others | SC | 45 | 921 | Berna | 1.820 | 0.450 |
| | | | | | 917 | Berna | 1.200 | 0.280 |
| | | | | | 891 | Mala | 6.480 | 0.160 |
| | | | | | 919 | Mala | 1.590 | 1.000 |
| | | | | | 967 | Atta | 4.820 | 1.570 |
| | | | | | 924 | Atta | 3.790 | 0.400 |
| | | | | | 895 | Atta | 0.310 | 0250 |
| | | | | | 929 | Atta | 1.940 | 0.120 |
| | | | | | 920 | Atta | 0.340 | 0.340 |
| | | | | | 916 | Atta | 0.950 | 0.500 |
| | | | | | 922 | Atta | 6.509 | 0820 |
| | | | | | 896 | Atta | 0.950 | 0.330 |
| 4 | Parla | Soda Goud & Others | OBC | 79 | 1796 | Atta | 0.500 | 0.010 |
| 5 | Parla | Bhuja Sahu & Others | OBC | 84 | 1801 | Atta | 0.010 | 0.010 |
| | | | | | 1802 | Berna | 0.540 | 0.120 |
| 6 | Parla | Sabetri Dei & Others | OBC | 102 | 962 | Berna | 0.660 | 0.470 |
| | | | | | 965 | Atta | 1.270 | 0.040 |
| | | | | 6 | 22 | | | 9.500 |

Land Acquisition Officer
Kalahandi
Superintending Engineer
Kalahandi (R&B) Division

ଓଡିଶା ସରକାର
କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
ଅଧିସୂଚନା
File No. 3431/LA- I-10/2022 Date 16.09.2022
ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୯ ର ଅଧିନିୟମ ୧ ଏହି ଘୋଷୋଣାନାମା ଦିଆଯାଉଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା-ପିପଲା, ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା:- କଳାହାଣ୍ଡି ଜିଲ୍ଲାରେ "ବିଜୁ ଏକ୍ସପ୍ରେସ ୱେ" ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୨୬୬ ତା-୨୦.୦୪.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି ।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-ପିପଲା , ଥାନା-ଧର୍ମଗଡ, ତହସିଲ-ଧର୍ମଗଡ, ଜିଲ୍ଲା-କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ ।
ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ )
ଜିଲ୍ଲା :- କଳାହାଣ୍ଡି ତହସିଲ :- ଧର୍ମଗଡ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଏଥି ସହିତ ଭୂମି ଅନୁସୂଚି ସଂଲଗ୍ନ କରାଯାଇଛି । | | | | | | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା/- ଜିଲ୍ଲାପାଳ, କଳାହାଣ୍ଡି
(ପି. ଅନ୍ୱେଷା ରେଡ୍ଡୀ, ଭା.ପ୍ର.ସେ )
TAHASIL - DHARAMGARH
Private land to be posted to general land acquisition for Mouza- Pipla

| Sl. No. | Village | Land/ owner | Category | Khata no | Plot no | Kisam | Total Area | Purchase Area |
|---|---|---|---|---|---|---|---|---|
| 1 | Pipla | Dinabandhu Sunani & Others | SC | 108 | 782 | Atta | 0.800 | 0.100 |
| | | | | | 783 | Patita | 0.250 | 0.040 |
| 2 | Pipla | Phulakar Harijan & Others | SC | 166 | 1408 | Mala | 1.310 | 0.230 |
| | | | | 2 | 3 | | | 0.370 |

Land Acquisition Officer
Kalahandi
Superintending Engineer
Kalahandi (R&B) Division

# ଆସିପାରେ ୧୦୦ ବିଲିୟନ ଡଲାରର ଏଫଡିଆଇ

ନୂଆଦିଲ୍ଲୀ,୨୫।୯



ଆସନ୍ତା ୨୦୪୭ ସୁଦ୍ଧା ଭାରତକୁ ବିକାଶଶୀଳ ନୁହେଁ, ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ କେନ୍ଦ୍ର ସରକାର ଦୃଢ଼ତାର ସହ ଲାଗିପଡ଼ିଛନ୍ତି। ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାକୁ ସରକାର ବିଭିନ୍ନ ବାଣିଜ୍ୟିକ ନୀତିନିୟମରେ କୋହଳ ମନୋଭାବ ସହ ଅଧିକ ବିଦେଶୀ ପୁଞ୍ଜି ନିବେଶକୁ ଗୁରୁତ୍ୱ ଦେଉଥିବା ଜଣାପଡିଛି। ଚଳିତ ଆର୍ଥିକବର୍ଷ (୨୦୨୨-୨୩)ରେ ୧୦୦ ବିଲିୟନ ଡଲାର ଭାରତକୁ ଆସିପାରେ ବୋଲି ଆକଳନ କରାଯାଇଛି। ବିଶେଷ କରି ବିଦେଶୀ ପୁଞ୍ଜି ସିଧାସଳଖ ନିବେଶ(ଏଫଡିଆଇ)ମାଧ୍ୟମରେ ଏହାର ପୂରଣ ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ଅର୍ଥନୀତିରେ ସୁଧାର ଓ ବାଣିଜ୍ୟ କାରବାରରେ ସହଜତା ନିୟମ କାରଣରୁ ଚଳିତ ଆର୍ଥିକ ବର୍ଷରେ ୧୦୦ ବିଲିୟନ ଆମେରିକୀୟ ଡଲାରର ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫଡିଆଇ) ଆସିପାରେ ବୋଲି ନିକଟରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି। ଏପରି କି ୨୦୨୧-୨୨ରେ ଦେଶ ସର୍ବାଧିକ ୮୩.୬ ବିଲିୟନ ଡଲାରର ବିଦେଶୀ ନିବେଶ ପାଇଛି ବୋଲି ସରକାର ମତବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ୧୦୧ ଦେଶରୁ ଏହି ଏଫଡିଆଇ ଆସିଛି।

## ଅର୍ଥନୀତିର ସୁଧାର ଯୋଗୁ ବୃଦ୍ଧି ପାଇପାରେ ବିଦେଶୀ ପୁଞ୍ଜିନିବେଶ

ଭାରତର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକର ୫୭ଟି ବିଭାଗରେ ଏହି ସବୁ ପୁଞ୍ଜିନିବେଶ କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତ କିଛିବର୍ଷ ହେବ ଅର୍ଥନୀତିରେ ସୁଧାର ଓ ବ୍ୟାପାରରେ ସହଜତା କାରଣରୁ ଚଳିତ ଆର୍ଥିକ ବର୍ଷରେ ଭାରତ ୧୦୦ ବିଲିୟନ ଏଫଡିଆଇ ଆଣିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ବିଦେଶୀ ପୁଞ୍ଜି ନିବେଶକୁ ଆକୃଷ୍ଟ କରିବା ପାଇଁ କେନ୍ଦ୍ର ସରକାର ସବୁଠାରୁ ସ୍ୱଚ୍ଛ ଓ ଉଦାର ଅର୍ଥନୈତିକ ନିୟମ ପ୍ରଣୟନ କରିଛନ୍ତି। ଯେଉଁଠାରେ ଅଧିକାଂଶ ଏଫଡିଆଇ ସ୍ୱୟଂଚାଳିତ ଭାବେ ନିବେଶ କରିପାରିବେ। ଉକ୍ତ ସୁଧାରରେ କେତେକ ଗାଇଡଲାଇନ୍ସରେ ଉଦାରବାଦୀ ନୀତି, ଅନାବଶ୍ୟକ କଡ଼ା ନିୟମର ଅନୁପାଳନକୁ କମାଇବା, ନିବେଶ ମୂଲ୍ୟ ହ୍ରାସ ଓ ଭାରତରେ ବ୍ୟାପାର ସହଜତା ବଢ଼ାଇବା ଆଦି ଉଲ୍ଲେଖ ରହିଛି ବୋଲି ମନ୍ତ୍ରଣାଳୟ ମତ ପ୍ରକାଶ କରିଛି। ସୂଚନାଯୋଗ୍ୟ ଯେ ଚଳିତ ଆର୍ଥିକବର୍ଷରେ ଏପ୍ରିଲ-ଜୁନ ପିରିୟଡରେ ଏଫଡିଆଇ ୬% ହ୍ରାସ ପାଇଁ ୧୬.୬ ବିଲିୟନ ଆମେରିକୀୟ ଡଲାର ହୋଇଥିଲା। ସେହିପରି ଖେଳନା ଶିଳ୍ପରେ ଭାରତ ଅଭିବୃଦ୍ଧିକୁ ନେଇ ସୂଚନା ଦେଇ ଶିଳ୍ପ ମନ୍ତ୍ରଣାଳୟ କହିଛି, ୨୦୨୧-୨୨ରେ ଖେଳନା ଆମଦାନୀ ୭୦% ହ୍ରାସ ପାଇ ୧୧୦ ମିଲିୟନ ଆମେରିକୀୟ ଡଲାର (୮୭୭.୮କୋଟି) ହୋଇଛି। ସେହିପରି ରପ୍ତାନି ୬୧% ବୃଦ୍ଧି ହୋଇ ୩୨୬ ମିଲିୟନ ଆମେରିକୀୟ ଡଲାର ହୋଇଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛନ୍ତି।

# '୫ମ ବୃହତ୍ ଅର୍ଥନୀତି ପାଲଟିଛି ଭାରତ'

ନୂଆଦିଲ୍ଲୀ,୨୫।୯

୭୫ ବର୍ଷରେ ଭାରତ ଏକ ଗରିବ ଦେଶରୁ ବିଶ୍ୱର ୫ମ ବୃହତ୍ ଅର୍ଥନୀତିରେ ପରିଣତ ହୋଇପାରିଛି ବୋଲି ଆମେରିକା ଗସ୍ତରେ ଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନିକଟରେ ସ୍ୱତନ୍ତ୍ର 'ଇଣ୍ଡିଆ@୭୫' ସୋ' କେସିଂ ଇଣ୍ଡିଆ-ୟୁଏନ୍ ପାର୍ଟନରଶିପ୍ ଇନ୍ ଆକ୍ସନ' କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅଷ୍ଟାଦଶ ଶତାବ୍ଦୀରେ ବିଶ୍ୱର ମୋଟ ଜିଡିପିରେ ଭାରତର ଯୋଗଦାନ ଏକ ଚତୁର୍ଥାଂଶ ରହିଥିଲା। ବିଂଶ ଶତାବ୍ଦୀ ମଧ୍ୟଭାଗ ସୁଦ୍ଧା ଉପନିବେଶ କାରଣରୁ ଭାରତ ଏକ ଗରିବ ଦେଶ ହୋଇଯାଇଥିଲା ଗତ ୨ ବର୍ଷ ହେବ କୋଭିଡ୍-୧୯ ବିରୋଧରେ ଭାରତ କରିଥିବା ଲଢେଇ ସହ ଅନ୍ୟାନ୍ୟ ସଫଳତା ବିଷୟ ସମ୍ପର୍କରେ ଜୟଶଙ୍କର ବିସ୍ତୃତ ମତ ଉପସ୍ଥାପନା କରିଥିଲେ।

# ଲମ୍ୟାନ ପିଜିଣୀର ସ୍ୱତନ୍ତ୍ର ଗାର୍ମେଣ୍ଟ ଷ୍ଟୋର ଉଦ୍‌ଘାଟିତ



କଟକ,୨୫।୯

କେୱାଲ କିରନ କ୍ଲଥିଂ ଲିମିଟେଡ (କେକେସିଏଲ)ର ସ୍ୱତନ୍ତ୍ର ବ୍ରାଣ୍ଡ 'ଲମ୍ୟାନ ପିଜୀ ଏବଂ ଇଣ୍ଟିଗ୍ରିଟି'ର ୫ମ ଏକ୍ସକ୍ଲୁସିଭ ଷ୍ଟୋର ସ୍ଥାନୀୟ ବଜ୍ରକବାଟୀ ରୋଡ୍‌ସ୍ଥିତ କ୍ରିଷ୍ଣା ଆକ୍ରେଡଠାରେ ଉଦ୍‌ଘାଟିତ ହୋଇଯାଇଛି। କେକେସିଏଲ୍‌ର ନ୍ୟାଶନାଲ ସେଲ୍‌ସ ମ୍ୟାନେଜର ହିମାଂଶୁ ପନ୍ଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଡେପୁଟି ମ୍ୟାନେଜର ତାପଶ ଚତୁର୍ବେଦୀଙ୍କ ସମେତ ମାଷ୍ଟର ଫ୍ରାଞ୍ଚାଇଜ୍ ଦୀପକ କୁମାର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ । ଅତ୍ୟାଧୁନିକ ୟୁଥ ବ୍ରାଣ୍ଡ ଭାବେ କେକେସିଏଲ୍‌ର ବ୍ରାଣ୍ଡ ବେଶ୍ ପରିଚିତ। ଏହାର ଗୁଣାତ୍ମକ ସାମଗ୍ରୀ ସାଙ୍ଗକୁ ସବୁ ବର୍ଗକୁ ସୁହାଇବା ଭଳି ମୂଲ୍ୟର ପୋଷାକ ଉପଲବ୍ଧ କରାଇଥାଏ। କେକେସିଏଲ୍ ଯୁବପିଢ଼ିଙ୍କ ଚାହିଦାକୁ ଆଖି ଆଗରେ ରଖି ଲମ୍ୟାନ ପିଜୀ ତା'ର ବ୍ରାଣ୍ଡ ପ୍ରସ୍ତୁତ କରିଥାଏ। ଏହା ଡେନିମ, କ୍ଲବ ଆଣ୍ଡ କାଜୁଆଲ ୱେୟାର ସାଙ୍ଗକୁ ଫ୍ୟାଶନ ବ୍ରାଣ୍ଡ ଉପରେ ଜ୍ୟାକେଟ୍, ଡେନିମ ଆଣ୍ଡ କଟନ ଟ୍ରାଉଜର ଆଦି ସାମଗ୍ରୀ ପ୍ରସ୍ତୁତ କରିଥାଏ। ବଲିଉଡ୍ ଅଭିନେତା ରୋହିତ ସେଚ୍ଚୀ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ ହୋଇଛନ୍ତି। କମ୍ପାନୀର ଆଉ ଏକ ଏକ୍ସକ୍ଲୁସିଭ ଷ୍ଟୋର ଢେଙ୍କାନାଳର କାଞ୍ଚନ ବଜାରଠାରେ ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବରୁ କଟକର ତିନିକୋଣିଆ ବଗିଚା, ରାଣୀହାଟ, ସିଡିଏ ସେକ୍ଟର-୮ ଏବଂ ଲିଙ୍କରୋଡ୍‌ଠାରେ ମଧ୍ୟ କମ୍ପାନୀର ବୃହତ୍ ଆଉଟଲେଟ ରହିଛି।

# ଭାରତ ମସଲାକୁ ଜାଗରଣ ଆଚିଭର ଆୱାର୍ଡ

କଟକ,୨୫।୯

ମସଲା ଜଗତରେ ମାନ ଏବଂ ଗୁଣବତ୍ତାକୁ ଅକ୍ଷୁଣ୍ଣ ରଖି କ୍ଷୁଦ୍ର ମସଲା ଉତ୍ପାଦନକାରୀ ସଂସ୍ଥା ଭାବେ ବିଶ୍ୱରେ ପହଞ୍ଚିପାରିଥିବା 'ଭାରତ ମସଲା'କୁ ଦୁବାଇରେ ସମ୍ମାନିତ କରାଯାଇଛି। ପୂର୍ବ ଭାରତରେ କ୍ରାଓଜେନିକ ପଦ୍ଧତିରେ ମସଲା ଉତ୍ପାଦନ କରି ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଭାରତ ମସଲାକୁ ଏକ୍ସଲେନ୍ସ ଜାଗରଣ ଆଚିଭର ଆୱାର୍ଡ-୨୦୨୨ରେ ସମ୍ମାନିତ କରାଯାଇଛି। ହିନ୍ଦୀ ଖବରକାଗଜ ଦୈନିକ ଜାଗରଣ ପକ୍ଷରୁ ଦୁବାଇରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଜୟ ଭାରତ ସ୍ପାଇସେସ୍ ପ୍ରା. ଲିଃ (ଭାରତ ମସଲା)ର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କୁ ୟୁନାଇଟେଡ୍ ଆରବ ଏମିରେଟ୍ସର ଗୁଡ୍‌ଉଇଲ ଆମ୍ବାସଡର ସଭାନେତ୍ରୀ ଓମେନ ଆଣ୍ଡ ୟୁଥ୍ ଏମ୍‌ପାୱାରମେଣ୍ଟ ଆସୋସିଏଶନ ତଥା ହେଡ୍ ଅଫ ପ୍ରୋଟୋକଲ ଆଣ୍ଡ ଡିପ୍ଲୋମାସି ଏଏସିଆଇଡି ଲୈଲା ରେହାଲ ଏଇ ଆଫାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଆୱାର୍ଡ ପ୍ରଦାନ କରିଛନ୍ତି। ଅଗଣିତ ଗ୍ରାହକ କିଭଳି ସ୍ୱାସ୍ଥ୍ୟକର ଓ ଉତ୍ତମ ମାନର ସାମଗ୍ରୀ ପାଇପାରିବେ ସେଥିପ୍ରତି କମ୍ପାନୀ ସବୁବେଳେ ଧ୍ୟାନ ଦେଇଆସିଥିବା ପଣ୍ଡା କହିଛନ୍ତି।



ୟୁଇଏର ଗୁଡ୍‌ଉଇଲ ଆମ୍ବାସାଡର ସଭାନେତ୍ରୀ ଓମେନ ଆଣ୍ଡ ୟୁଥ୍ ଏମ୍‌ପାୱାରମେଣ୍ଟ ଆସୋସିଏଶନ ତଥା ହେଡ୍ ଅଫ ପ୍ରୋଟୋକଲ ଆଣ୍ଡ ଡିପ୍ଲୋମାସି ଏଏସିଆଇଡିର ଲୈଲା ରେହାଲ ଏଇ ଆଫାନିଙ୍କଠାରୁ ସୁଶାନ୍ତ କୁମାର ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

# ଦିଭିସା ପରିବାର ସହ ଭାବବିନିମୟ କଲେ ଗୁଲସନ



ନୂଆଦିଲ୍ଲୀ,୨୫।୯

ଦେଶର ପ୍ରମୁଖ ଘରୋଇ ଔଷଧୀୟ କମ୍ପାନୀ (ଉଦ୍ୟୋଗ) ଦିଭିସା ହର୍ବାଲ କେୟାର ପ୍ରାଇଭେଟ ଲିମିଟେଡର ବ୍ରାଣ୍ଡ ଆମ୍ବାସାଡର ବଲିଉଡ ଅଭିନେତା ତଥା ବ୍ୟାଡମ୍ୟାନ ଭାବେ ଜଣାଶୁଣା ଗୁଲସନ ଗ୍ରୋଭର ନିକଟରେ କମ୍ପାନୀର ଚଣ୍ଡିଗଡ କ୍ୟାମ୍ପସ ପରିଦର୍ଶନରେ ଆସିଥିଲେ। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୁଲସନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏପରି କି ସେ କମ୍ପାନୀର ନୂତନ ଉତ୍ପାଦ ବ୍ୟାଡମ୍ୟାନ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ଏବଂ ଏହାର ଲୋକପ୍ରିୟତା ବିଷୟରେ ମଧ୍ୟ ମତ ପ୍ରକାଶ କରିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। ଏହି ଅବସରରେ କମ୍ପାନୀର ସିଏମ୍‌ଡି ସଞ୍ଜୀବ ଜୁନେଜା ଗୁଲସନଙ୍କୁ କମ୍ପାନୀର ଚଣ୍ଡିଗଡସ୍ଥିତ ଦିଭିସା କ୍ୟାମ୍ପସ ଓ କାର୍ଯ୍ୟାଳୟ ବୁଲାଇବା ସହ ଉଭୟଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇଥିଲା। ସେହିଭଳି ଗୁଲସନ ଗ୍ରୋଭର ଉଭୟ କମ୍ପାନୀର ଉତ୍ପାଦ ବ୍ୟାଡମ୍ୟାନ ସାଙ୍ଗକୁ ନିଜର ଚଳଚ୍ଚିତ୍ର ଅଭିନୟ ଚରିତ୍ର ବ୍ୟାଡମ୍ୟାନ ଅଭିନୟର ସଫଳତା ସମ୍ପର୍କରେ ଉଭୟ କମ୍ପାନୀ କର୍ମଚାରୀ ଓ ଅନ୍ୟମାନଙ୍କ ସହ ଭାବବିନିମୟ କରି ମତପ୍ରକାଶ କରିଥିଲେ। ଅପରପକ୍ଷରେ ଗୁଲସନ ମଧ୍ୟ ବ୍ୟାଡମ୍ୟାନ ପ୍ରଡକ୍ଟର ବ୍ରାଣ୍ଡ ଆମ୍ବାସାଡର ରହିଥିବାରୁ ଉକ୍ତ ପ୍ରଡକ୍ଟର ଲୋକପ୍ରିୟତା ଏବଂ ଚାହିଦା ସମ୍ପର୍କରେ ମଧ୍ୟ କମ୍ପାନୀ ଅଧିକାରୀଙ୍କଠାରୁ ଅବଗତ ହୋଇଥିଲେ। ଉଲ୍ଲେଖଯୋଗ୍ୟ ଯେ ଦିଭିସାର ନୂତନ ଉତ୍ପାଦ ବ୍ୟାଡମ୍ୟାନରେ କୌଣସି ପ୍ରକାରର ତ୍ରୁଟି ଆଜି ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। ଫଳରେ ଏହାର ଚାହିଦା ଭଲ ରହିଥିବା ବେଳେ ଏଥିରେ କୌଣସି ପ୍ରକାରର ହାନିକାରକ ଉତ୍ପାଦ ନାହିଁ, ଯାହା ଉଭୟ ରୋଗୀ ଓ ଗ୍ରାହକଙ୍କ ଉପରେ କୁପ୍ରଭାବ ପକାଇବ କିମ୍ବା କମ୍ପାନୀର ପ୍ରତିଷ୍ଠା ଉପରେ ସେଭଳି କିଛି ସମସ୍ୟା ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

# ଅସଲି ଔଷଧ କେବଳ ଫାର୍ମାସିଷ୍ଟ କହିପାରିବେ

ଭୁବନେଶ୍ୱର,୨୫।୯

ବାଳକାଟୀସ୍ଥିତ ସାଇ ସବୁରି ହେଲ୍‌ଥ ସାଇନ୍ସ କଲେଜ ପରିସରରେ ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡା. ସାରଦା ମିଶ୍ର ଓ ଅଧ୍ୟାପକମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ରୋଗୀ ସେବା କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ଭୂମିକା ବାବଦରେ ବିସ୍ତୃତ ଆଲୋକପାତ କରିଥିଲେ। ଡା. ମିଶ୍ର କହିଥିଲେ, ହସ୍ପିଟାଲରେ ସବୁଠାରୁ ବଡ ଦାୟିତ୍ୱ ଫାର୍ମାସିଷ୍ଟଙ୍କୁ ତୁଲାଇବାକୁ ପଡିଥାଏ। ବିଶେଷ କରି ବହିର୍ବିଭାଗ ରୋଗୀ ପାଇଁ ଔଷଧ ଚୟନ, ଡୋଜ ପ୍ରସ୍ତୁତ କରିବା, ଷ୍ଟୋର ପରିଚାଳନା, ଔଷଧ ବ୍ୟବହାର ଲାଗି ରୁଟ ବାଛିବା, ପାର୍ଶ୍ୱ ପ୍ରତିକ୍ରିୟା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆଦି ଅନେକ କାମ ଫାର୍ମାସିଷ୍ଟମାନଙ୍କୁ କରିବାକୁ ପଡିଥାଏ । ସେହିପରି ଇନ ପେସେଣ୍ଟଙ୍କ ପାଇଁ ସର୍ଜରି ଏବଂ ନିଶ୍ଚେତକ ପରିଚାଳନା ବେଳେ ଡାକ୍ତରଙ୍କୁ ପୂର୍ଣ୍ଣ ସହଯୋଗ କରିବା, ରୋଗୀଙ୍କ ଶଯ୍ୟା ନିକଟରେ ଠିକ ମେଡିସିନ ପହଞ୍ଚାଇବା, ଅମ୍ଳଜାନ ଗ୍ୟାସ ତିଆରି ଓ ମହଜୁଦ ରଖିବା ଏବଂ ଡିସଚାର୍ଜ ସମୟରେ ରୋଗୀ ଓ ସମ୍ପର୍କୀୟଙ୍କୁ ଔଷଧ ବ୍ୟବହାର ବାବଦରେ ଭଲ ଭାବେ ବୁଝାଇବା ଭଳି ଅତି ଗୁରୁତ୍ୱପୂର୍ଣ୍ଣ କାମ ଫାର୍ମାସିଷ୍ଟମାନେ କରିଥାନ୍ତି। ସବୁଠାରୁ ଗୁରୁତ୍ୱର ବିଷୟ ହେଲା କିଡ୍‌ନୀ, ଯକ୍ଷ୍ମା, ଲିଭର ଆଦି ରୋଗୀଙ୍କୁ ଡାକ୍ତର ପ୍ରେସକ୍ରିପସନରେ ଅନେକ ମେଡିସିନ ଲେଖିଥାନ୍ତି । ଉକ୍ତ ରୋଗୀମାନଙ୍କୁ ଔଷଧର ଠିକ ବ୍ୟବହାର ପାଇଁ ଫାର୍ମାସିଷ୍ଟଙ୍କ ସହଯୋଗ ବିଶେଷ ମହତ୍ତ୍ୱ ରଖିଥାଏ । ଏହା ବ୍ୟତୀତ ଗୁଣ ଚିହ୍ନେ ଗୁଣିଆ ପରିକା ଜଣେ ଫାର୍ମାସିଷ୍ଟ ଲେଭଲ ଦେଖି ସହଜରେ ଅସଲି ଓ ନକଲି ଔଷଧ ଚିହ୍ନିପାରେ। ଉକ୍ତ ଉତ୍ସବରେ କଲେଜର ବିଭିନ୍ନ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ ।

## ଫୁରସତ୍

# ଦିନମଜୁରିଆ ତିଆରି କଲେ ରୋବୋ




**ପଣଜୀ:** ରୁଗ୍ଣା ସ୍ତ୍ରୀ ପକ୍ଷେ ଦିବ୍ୟାଙ୍ଗ ଝିଅଙ୍କୁ ଖାଦ୍ୟ ଖୁଆଇବା କଷ୍ଟକର ହୋଇ ପଡ଼ିଥିବାବେଳେ ଗୋଆର ଦିନମଜୁରିଆ ବିପିନ କଦମ ଝିଅ ପାଇଁ ଏକ ରୋବୋ ତିଆରି କରିଛନ୍ତି। ଏ ନେଇ ବିପିନ କୌଣସି ତାଲିମ ନେଇ ନାହାନ୍ତି। ଏକ ସ୍ୱତନ୍ତ୍ର ପ୍ରକାର ରୋବୋ ତିଆରି କରିଥିବାରୁ ରାଜ୍ୟ ଇନୋଭେସନ୍ କାଉନ୍‌ସିଲ୍ ପକ୍ଷରୁ ତାଙ୍କୁ ପ୍ରଶଂସା କରାଯାଇଛି। ତେବେ ଏହି ରୋବୋର ନାମ ହେଉଛି 'ମା ରୋବୋ'। ଝିଅ ପାଇଁ ତିଆରି କରିଥିବା ଏହି ସ୍ୱତନ୍ତ୍ର ପ୍ରକାର ରୋବୋ ଖାଦ୍ୟ ବାଢ଼ି ପ୍ଲେଟ୍‌ରେ ରଖିପାରିବ। ମା' ରୋବୋ ଝିଅର ଇଚ୍ଛା ଅନୁସାରେ ଭଏସ୍ କମାଣ୍ଡ ଜରିଆରେ ଭାତ, ଡାଲି, ତରକାରିକୁ ଗୋଟି ଗୋଟି କରି ଖୁଆଇ ଦେଇପାରିବ। ୪୦ ବର୍ଷୀୟ ବିପିନଙ୍କ ଘର ଗୋଆର ବେଥୋରା ଗ୍ରାମରେ। ପେସାରେ ସେ ଜଣେ ଦିନ ମଜୁରିଆ। ତାଙ୍କ ୧୪ ବର୍ଷୀୟା ଦିବ୍ୟାଙ୍ଗ ଝିଅ ହାତ ଅଚଳ ହୋଇଥିବାରୁ ସେ ନିଜ ଖାଦ୍ୟ ନିଜେ ଖାଇପାରନ୍ତି ନାହିଁ। ଖାଇବା ଲାଗି ସେ ତାଙ୍କ ମା'ଙ୍କ ଉପରେ ନିର୍ଭର କରନ୍ତି। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ବିଗିଡ଼ିଯିବା ପରେ ସେ ଶଯ୍ୟାଶାୟୀ ହୋଇପଡ଼ିଲେ। ଦିବ୍ୟାଙ୍ଗ ଝିଅ ଖାଦ୍ୟ ନ ଖାଇ ସନ୍ଧ୍ୟା ପର୍ଯ୍ୟନ୍ତ ବାପାଙ୍କ ଆସିବା ବାଟକୁ ଚାହିଁ ବସୁଥିଲା। ଝିଅଙ୍କ ଏ ପ୍ରକାର ଅସୁବିଧାର ସ୍ଥାୟୀ ସମାଧାନ ବାହାର କରିବା ପାଇଁ ବିପିନ ଏକ ରୋବୋ ତିଆରି କରିବାର ନିଷ୍ପତ୍ତି ନେଲେ। ଖାଇବା ବାଢ଼ି ଖୁଆଇ ଦେଲା ଭଳି ରୋବୋ ତାଙ୍କୁ କେଉଁଠାରେ ନ ମିଳିବାରୁ ସେ ନିଜେ ଏକ ରୋବୋ ତିଆରି କଲେ। କିଛିଦିନ ରୋବୋ ତିଆରି ପ୍ରଣାଳୀ ବିଷୟରେ ଜାଣିବା ପରେ ସ୍ୱତନ୍ତ୍ର ପ୍ରକାର ରୋବୋ ପାଇଁ ସେ ଏକ ଡିଜାଇନ୍ ପ୍ରସ୍ତୁତ କଲେ, ଯେଉଁଥିପାଇଁ ତାଙ୍କୁ ପାଖାପାଖି ୪ ମାସ ଲାଗିଥିଲା। ବିନା କୌଣସି ପ୍ରଶିକ୍ଷଣରେ ବିପିନ ରୋବୋ ତିଆରି କରିବାରେ ସଫଳ ହୋଇଛନ୍ତି। ଏବେ ସେ ଅନ୍ୟ ଦିବ୍ୟାଙ୍ଗ ପିଲାଙ୍କ ପାଇଁ ରୋବୋ ତିଆରି କରିବାକୁ ମନ ବଳାଇଛନ୍ତି। ତେବେ ଏ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ସଂସ୍ଥା ସବୁ ବିପିନଙ୍କୁ ଆର୍ଥିକ ସହଯୋଗ ଯୋଗାଇ ଦେବେ ବୋଲି କହିଛନ୍ତି।

## ଦିବ୍ୟାଙ୍ଗ ଝିଅଙ୍କୁ ଖୁଆଇଦେବ ମା' ରୋବୋ



# ପିଲାଙ୍କୁ ନେଇ ଯତ୍ନବାନ୍

ମୁମ୍ବାଇ

ନିଜ ତିନି ପିଲାଙ୍କୁ ନେଇ ଖୁବ୍ ଯତ୍ନବାନ ବଲିଉଡ୍ ଅଭିନେତ୍ରୀ ତଥା ଟେଲି ଜଗତର ଜଣାଶୁଣା ହୋଷ୍ଟ ସନୀ ଲେଓନ୍। ସେଥିପାଇଁ ତ ସେ ଘରେ ଥିବା ସମୟରେ ଆଦୌ ସୋସିଆଲ ମିଡିଆ ବ୍ୟବହାର କରନ୍ତି ନାହିଁ ବୋଲି କହିଛନ୍ତି। ଅନେକ ସମୟରେ ସୋସିଆଲ ମିଡିଆ ୟୁଜର୍ ସନୀଙ୍କ ତିନି ସନ୍ତାନଙ୍କୁ ନେଇ ଖରାପ କମେଣ୍ଟ ଦେଉଥିବାର ଦେଖିବାକୁ ମିଳିଛି। ପିଲାମାନଙ୍କୁ ଏ ପ୍ରକାର ବିବାଦରୁ ଦୂରରେ ରଖିବା ପାଇଁ ସନୀ ଘରେ ସୋସିଆଲ ମିଡିଆ ବ୍ୟବହାର କରନ୍ତି ନାହିଁ। ବର୍ତ୍ତମାନ ସେମାନଙ୍କ ବୟସ ୪ରୁ ୬ ବର୍ଷ ହୋଇଥିବାବେଳେ ସେମାନେ ଏ ପ୍ରକାର ନକାରାତ୍ମକ ଜିନିଷଠାରୁ ଦୂରରେ ରହିବା ଆବଶ୍ୟକ। ବର୍ତ୍ତମାନ ସମୟ ସେମାନଙ୍କ ପାଇଁ ଖେଳିବା, ପାଠ ପଢ଼ିବା ଓ ମା'ବାପାଙ୍କ ସହ ସମୟ କାଟିବାର ବେଳ। ସନୀ ବିଗ୍‌ବସ୍ ରିଆଲିଟି ଶୋ'ରେ ପ୍ରଥମେ ଅଂଶ ଗ୍ରହଣ କରିଥିଲେ। ଏହାପରେ ବଲିଉଡ୍‌ରେ କାମ କରିବା ପାଇଁ ତାଙ୍କୁ ବହୁ ଅଫର୍ ମିଳିବା ଆରମ୍ଭ ହୋଇଥିଲା। ଥ୍ରୀଲର ଫିଲ୍ମ 'ଜିସ୍ମ ୨'ରେ ସନୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ତାଙ୍କ ଅଭିନୀତ ବହୁଚର୍ଚ୍ଚିତ ବେବୀ ଡଲ୍ ଗୀତ ଲୋକଙ୍କ ବେଶ୍ ପସନ୍ଦକୁ ଆସିଥିଲା।



ସନୀ ଲେଓନ୍

# ମା'ଙ୍କ ସୁରକ୍ଷା ଅପରିହାର୍ଯ୍ୟ

**ପ**ରିବାରର ମେରୁଦଣ୍ଡ ହେଉଛନ୍ତି ମା'। ତାଙ୍କ ଉପରେ ସମସ୍ତ ବୋଝ ପଡ଼ିଥାଏ। ମା' ସୁସ୍ଥ ରହିଲେ ପରିବାର ସୁଖୀ ହୋଇଥାଏ। ମା'ଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁରକ୍ଷିତ ପ୍ରଜନନ ବ୍ୟବସ୍ଥା ଜରୁରୀ। ଏ କ୍ଷେତ୍ରରେ ଗର୍ଭ ନିରୋଧକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ମହିଳା ଅଧିକାର ଏବଂ ସେମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ ପାଇଁ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୬ରେ ବିଶ୍ୱ ଗର୍ଭ ନିରୋଧକ ଦିବସ ପାଳନ କରାଯାଇଥାଏ। ଜାତିସଂଘ ଅନୁସାରେ ପ୍ରତ୍ୟେକ ମହିଳା ଏବଂ କିଶୋରୀଙ୍କର ଗର୍ଭନିରୋଧକ ତଥା ପରିବାର ଯୋଜନା ସେବା, ସୂଚନା ଏବଂ ଶିକ୍ଷା ପାଇବାକୁ ଅଧିକାର ରହିଛି। ଅନ୍ତର୍ଜାତୀୟ ମାନବିକ ଅଧିକାର ଆଇନ ଅନୁଯାୟୀ, ଯୌନ ତଥା ପ୍ରଜନନ ସ୍ୱାସ୍ଥ୍ୟ ସେବାକୁ ନିଶ୍ଚିତ କରିବା ଜରୁରୀ। ଏହି ଦିବସର ପାଳନ ୨୦୦୭ରେ ଆରମ୍ଭ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଗର୍ଭ ନିରୋଧକ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଯୁବବର୍ଗମାନଙ୍କୁ ସେମାନଙ୍କର ଯୌନ ଏବଂ ପ୍ରଜନନ ସ୍ୱାସ୍ଥ୍ୟ ଉପରେ ଶିକ୍ଷା ପ୍ରଦାନ କରିବା। ବିଗତ ଦଶନ୍ଧି ମଧ୍ୟରେ ପରିବାର ଯୋଜନା ବିସ୍ତାର କରିବାରେ ବହୁତ ଅଗ୍ରଗତି ସତ୍ତ୍ୱେ ଗର୍ଭ ନିରୋଧକ ଔଷଧର ପ୍ରବେଶ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ହୋଇପାରିନାହିଁ।

## ବିଶ୍ୱ ଗର୍ଭ ନିରୋଧକ ଦିବସ

# ୮ ଦେଶରେ ପାଳନ ହେବ ବାଥୁକମ୍ମା ପର୍ବ

**ହାଇଦ୍ରାବାଦ:** ନବରାତ୍ରି ଅବସରରେ ତେଲଙ୍ଗାନାରେ ପାଳନ ହେଉଥିବା ଫୁଲର ପର୍ବ ବାଥୁକମ୍ମା ଚଳିତ ବର୍ଷ ୮ଟି ଦେଶରେ ପାଳନ ହେବ। ତେଲଙ୍ଗାନାର ଏକ ଅଣଲାଭକାରୀ ସଂଗଠନ ଜାଗୃତି ପକ୍ଷରୁ ଏହାର ଆରମ୍ଭ କରାଯାଇଛି। ଏହି ପର୍ବ ଚଳିତମାସ ୨୫ରୁ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବ। ଉକ୍ତ ପର୍ବରେ ଫୁଲର ଏକ ବିରାଟ ତୋଡ଼ା ପ୍ରସ୍ତୁତ କରାଯାଏ। ଗତବର୍ଷ ବିଶ୍ୱର ସବୁଠାରୁ ବଡ଼ ବିଲ୍ଡିଂ କୁହାଯାଉଥିବା ଦୁବାଇର ବୁର୍ଜ୍ ଖଲିଫାରେ ଏହି ବାଥୁକମ୍ମା ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ତେଲଙ୍ଗାନାରେ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖରଙ୍କ ଝିଅ ଏମ୍‌ଏଲ୍‌ସି କବିତା ବାଥୁକମ୍ମାର ପୋଷ୍ଟର ଉନ୍ମୋଚନ କରିଥିଲେ। ଯେଉଁସବୁ ଜିନିଷ ଆମକୁ ପ୍ରକୃତିଠାରୁ ମିଳେ, ସେ ସବୁ ପୁଣିଥରେ ପ୍ରକୃତି ନିକଟକୁ ପୁଣିଥରେ ଫେରିଯାଏ, ଯାହା ହେଉଛି ଏହି ପର୍ବ ପାଳିବାର ମୂଳ ଉଦ୍ଦେଶ୍ୟ। ବାଥୁ ଶବ୍ଦର ଅର୍ଥ ଜୀବନ ଓ ଆମ୍ମା ମାନେ ମା'। ବିଶେଷ କରି ହିନ୍ଦୁ ସମ୍ପ୍ରଦାୟର ଲୋକେ ଏହି ପର୍ବକୁ ପାଳନ କରୁଥିବାବେଳେ ଏଥିରେ ବହୁ ଦେବା ଦେବୀ ପୂଜା ପାଇଥାନ୍ତି। ଜମିରେ ଭଲ ଫସଲ ସାଙ୍ଗକୁ ଖାଦ୍ୟ ଓ ଜଳକଷ୍ଟ ଦୂର କରିବା ଉଦ୍ଦେଶ୍ୟରେ ଏହି ପର୍ବ ପାଳନ କରାଯାଇଥାଏ।



# ଓଜନ କମାଇଲେ ମିଳିବ ୧୦ ଲକ୍ଷ

**ନୂଆଦିଲ୍ଲୀ:** ଶରୀରକୁ ଫିଟ୍ ରଖିବା ଜରୁରୀ। ସେଥିପାଇଁ ଅନ୍‌ଲାଇନ୍ ବ୍ରୋକରେଜ୍ କମ୍ପାନୀ ଜେରୋଧା ନିଜ କର୍ମଚାରୀଙ୍କ ପାଇଁ ଏକ ରୋଚକ ଚ୍ୟାଲେଞ୍ଜ ନେଇ ଆସିଛି। ୱାର୍କ ଫ୍ରମ୍ ହୋମ୍ ଦ୍ୱାରା କର୍ମଚାରୀମାନେ ମେଦବହୁଳତାର ଶିକାର ହେବା ସହ ମାନ୍ଦା ହୋଇପଡ଼ିଛନ୍ତି। ସେମାନଙ୍କୁ ଆକ୍ଟିଭ୍ କରିବା ଲାଗି କମ୍ପାନୀ ସିଇଓ ନୀତୀନ କମାଥ ଏକ ଚ୍ୟାଲେଞ୍ଜ ଆଣିଛନ୍ତି। ଯେଉଁ କର୍ମଚାରୀ ଶରୀରର ଓଜନ କମାଇବେ ସେମାନଙ୍କ ଦରମା ବଢ଼ିବା ସହ ଜଣେ ଭାଗ୍ୟଶାଳୀ ପ୍ରତିଯୋଗୀ ୧୦ ଲକ୍ଷ ଟଙ୍କାର ପୁରସ୍କାର ଜିତି ପାରିବେ ବୋଲି ସେ କହିଛନ୍ତି। ଚ୍ୟାଲେଞ୍ଜର ନିୟମାବଳୀ ଅନୁସାରେ ପ୍ରତିଯୋଗୀଙ୍କୁ ପ୍ରତ୍ୟେକ ଦିନ ଶରୀରରୁ ୩୫୦ କ୍ୟାଲୋରୀ କମାଇବାକୁ ପଡ଼ିବ। ଚଳିତ ବର୍ଷ ଏପ୍ରିଲରେ ଜେରୋଧା ପକ୍ଷରୁ କର୍ମଚାରୀଙ୍କ ପାଇଁ ଏକ ୱେଟ୍ ଲସ୍ କମ୍ପିଟିଶନ୍‌ର ଆୟୋଜନ କରାଯାଇଥିଲା। ଓଜନ କମାଇଥିବା କର୍ମଚାରୀଙ୍କୁ ମାସିକ ଦରମାର ଅଧା ବୋନସ୍ ଆକାରରେ ମିଳିଥିଲା।



# ଫୋରେନ୍‌ସିକ୍ ଲ୍ୟାବ୍‌କୁ ଗଲା ଜବତ ମୋବାଇଲ

ଭୁବନେଶ୍ୱର,୨୫।୯ (ବ୍ୟୁରୋ)

## ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ରଙ୍କ ମୃତ୍ୟୁ ଘଟଣା

- ସ୍କାନରରେ ଉପର ମହଲାରେ ରହୁଥିବା ରୋଷେୟା
- ପରିବାର ଲୋକଙ୍କୁ ପଚରାଉଚରା କଲା ୭ ଜଣିଆ ପୋଲିସ ଟିମ୍
- ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଦାବିକଲେ କଂଗ୍ରେସ, ଭାଜପା

ପୁରୀ ଜିଲା ନିମାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୧ ନମ୍ବର ଜୋନ୍‌ର ବିଜେଡି ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଭୁବନେଶ୍ୱରରେ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ରବିବାର ୨ଦିନ ବିତିଛି। ମୃତ୍ୟୁକୁ ନେଇ ରହସ୍ୟ ଲାଗି ରହିଥିବାବେଳେ ଏହା ଆତ୍ମହତ୍ୟା ନା ହତ୍ୟା ସେନେଇ ପୋଲିସ ଏଯାଏ କିଛି ସ୍ପଷ୍ଟ କରିନାହିଁ। ଧଉଳି ଥାନାରେ ରୁଜୁ ହୋଇଥିବା ଅପମୃତ୍ୟୁ ମାମଲାରେ ପୋଲିସ ତଦନ୍ତକୁ ଜୋରଦାର କରିବା ସହ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟାଇବା ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ଘଟଣା ପଛରେ ରାଜନୈତିକ ଲିଙ୍କ୍ ପ୍ରସଙ୍ଗ ଉଠୁଥିବାରୁ କମିଶନରେଟ ପୋଲିସ ଏହାକୁ ଗୁରୁତ୍ୱ ସହ ନେଇଛି। ରବିବାର ଜବତ ହୋଇଥିବା ୨ଟି ମୋବାଇଲ ଫୋନ୍‌କୁ ଯାଞ୍ଚ ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବକୁ ପଠାଯାଇଛି। ଏଥିସହ ଘଟଣାସ୍ଥଳରେ ଲାଗିଥିବା ସିସିଟିଭିକୁ ମଧ୍ୟ ଜବତ କରି ଯାଞ୍ଚ ଚାଲିଛି। ଘର ଉପର ମହଲାରେ ରହୁଥିବା ରୋଷେୟା ସନ୍ଦେହଘେରରେ ଥିବାରୁ ପୋଲିସ ତାଙ୍କୁ ତଦନ୍ତ ପରିସରଭୁକ୍ତ କରିଛି।

ଏ ପରିସ୍ଥିତିରେ ନିମାପଡ଼ା ବିଧାୟକ ତଥା ଗଣଶିକ୍ଷା ମନ୍ତ୍ରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ବିରୋଧୀ ଭାଜପା ଓ କଂଗ୍ରେସ ଦାବି କରି ରାସ୍ତାକୁ ଓହ୍ଲାଇଥିବାରୁ ପୋଲିସ ଉପରେ ଚାପ ବଢ଼ିବାରେ ଲାଗିଛି।

ତେବେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ପୋଲିସ ସନ୍ଦେହ କରୁଛି। ଋଣ ଟଙ୍କାର ଚାପ ଓ ପାରିବାରିକ ବିବାଦରୁ ଧର୍ମେନ୍ଦ୍ର ଆତ୍ମହତ୍ୟା କରିଥିବା କୁହାଯାଉଥିଲେ ମଧ୍ୟ ଏହାର ପ୍ରମାଣ ପାଇବାକୁ ପୋଲିସ ଲାଗି ପଡ଼ିଛି। '୨ଟି ଫୋନ୍‌ରେ ସବୁ ଭିଡିଓ ରହିଛି, ତାକୁ ଲୋକଲୋଚନକୁ ଆଣିବେ' ବୋଲି ମୃତ୍ୟୁ ପୂର୍ବରୁ ଧର୍ମେନ୍ଦ୍ର ନିଜ ଫେସ୍‌ବୁକ ପେଜ୍‌ରେ ଏକ ଭିଡିଓ ପୋଷ୍ଟ କରି ଲେଖିଥିଲେ। ତେଣୁ ଉକ୍ତ ୨ଟି ମୋବାଇଲରେ ମୃତ୍ୟୁ ରହସ୍ୟ ସହ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ରହିଥିବା ସ୍ପଷ୍ଟ ଜଣାପଡ଼ୁଛି। ଅପରପକ୍ଷରେ ଧର୍ମେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ଆଉ ଏକ ବଡ଼ କଥା ସାମ୍ନାକୁ ଆସୁଛି। ଗତ ପଞ୍ଚାୟତ ନିର୍ବାଚନରେ ଧର୍ମେନ୍ଦ୍ର ନିମାପଡ଼ା ନିର୍ବାଚନମଣ୍ଡଳୀର ଜଣେ ବରିଷ୍ଠ ନେତାଙ୍କଠାରୁ ୮୦ ଲକ୍ଷ ଟଙ୍କା ଆଣି ଖର୍ଚ୍ଚ କରିଥିଲେ ବୋଲି ଚର୍ଚ୍ଚା ହେଉଛି। ହେଲେ ପରବର୍ତ୍ତୀ ସମୟରେ ଉକ୍ତ ଟଙ୍କା ସେ ଦେଇ ନ ପାରି ଚାପରେ ଥିବା ମଧ୍ୟ ଶୁଣାଯାଉଛି। ତେଣୁ ଉଭୟଙ୍କ ମଧ୍ୟରେ ବିଶୃଙ୍ଖଳା ହେବା ସହ ଏହାକୁ ନେଇ ପରିବାରରେ ମଧ୍ୟ ଝଡ଼ ସୃଷ୍ଟି ହେଉଥିବା କୁହାଯାଉଛି। ତେଣୁ ପୋଲିସ ଏସବୁ ପ୍ରସଙ୍ଗକୁ ନେଇ ଖୋଳତାଡ଼ ଆରମ୍ଭ କରିଛି। ରବିବାର ସନ୍ଧ୍ୟାରେ ତଦନ୍ତ ଦାୟିତ୍ୱରେ ଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲଙ୍କ ସମେତ ୭ ଜଣିଆ ପୋଲିସ ଟିମ୍ ଧର୍ମେନ୍ଦ୍ରଙ୍କ ଘରକୁ ଯାଇଥିଲା। ସେଠାରେ ପୋଲିସ ଟିମ୍ ବିଭିନ୍ନ ଦିଗକୁ ନେଇ ପରିବାର ଲୋକଙ୍କୁ ପଚରାଉଚରା ସହ ବହୁ ତଥ୍ୟ ହାସଲ କରି ଫେରିଛି।

ଧର୍ମେନ୍ଦ୍ରଙ୍କ ଝୁଲନ୍ତା ମୃତଦେହ ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ଼ ଲକ୍ଷ୍ମୀବିହାର ଅଞ୍ଚଳରେ ଥିବା ତାଙ୍କ ବାସଭବନ ସାମ୍ନା ସ୍କେଟିକରୁ ଝୁଲନ୍ତା ଅବସ୍ଥାରେ ମିଳିଥିବାବେଳେ ତାଙ୍କ ମୋବାଇଲ ଆଉ ଏକ ସ୍ଥାନରୁ ମିଳିଲା କେମିତି? ଶୁକ୍ରବାର ରାତି ୧୨ଟା୧୩ରେ ଧର୍ମେନ୍ଦ୍ରଙ୍କ ଘରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଉକ୍ତ ବ୍ୟକ୍ତି ଜଣକ କିଏ? ୮୦ ଲକ୍ଷ ଟଙ୍କା ଦେଇଥିବା ଉକ୍ତ ନେତା ଜଣକ କିଏ ଓ ଏହାକୁ ନେଇ ଉଭୟଙ୍କ ଭିତରେ କେଉଁ ପ୍ରକାର ବିବାଦ ଥିଲା? ଏଭଳି ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନର ଉତ୍ତର ଜାଣିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। ଧର୍ମେନ୍ଦ୍ରଙ୍କ ଶ୍ୱଶୁର ଦୁଃଶାସନ ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି, ଧର୍ମେନ୍ଦ୍ରଙ୍କ ମୃତ୍ୟୁ ପୂର୍ବରୁ ତାଙ୍କ ପୁତୁରା କାହିଁକି ଘର ଛାଡ଼ିଥିଲେ ତାହାର ତଦନ୍ତ ହେଉ। କଲ୍ ରେକର୍ଡ ଯାଞ୍ଚ କରାଯାଉ। ସିସିଟିଭି ଫୁଟେଜରେ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଉକ୍ତ ଯୁବକଙ୍କୁ ସାମ୍ନାକୁ ଅଣାଯାଉ ବୋଲି ସେ କହିଛନ୍ତି। ତେବେ ଏ ସଂକ୍ରାନ୍ତରେ ଡିସିପି ପ୍ରତୀକ ସିଂ କହିଛନ୍ତି, ତଦନ୍ତ ଚାଲୁ ରହିଛି। ଲ୍ୟାବ୍‌କୁ ପଠାଯାଇଥିବା ଧର୍ମେନ୍ଦ୍ରଙ୍କ ୨ଟି ମୋବାଇଲକୁ ସେଠାରେ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

# ଢେଙ୍କାନାଳ ଦେଇ କୋଲକାତାକୁ ଗଡ଼ିବ ଟ୍ରେନ୍

ଢେଙ୍କାନାଳ ଅଫିସ/ତାଳଚେର /କଣିହାଁ, ୨୫।୯

- ନୂଆ ରୂପ ନେବ ଐତିହ୍ୟସମ୍ପନ୍ନ ଢେଙ୍କାନାଳ ରେଳଷ୍ଟେଶନ
- ଢେଙ୍କାନାଳ, ଅନୁଗୋଳ ଜିଲାରେ ୨୫୦୦ କୋଟିର କାମ ଚାଲିଛି


ଢେଙ୍କାନାଳ ରେଳଷ୍ଟେଶନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଖୁବ୍‌ଶୀଘ୍ର ସମ୍ବଲପୁରରୁ ଅନୁଗୋଳ-ତାଳଚେର-ଢେଙ୍କାନାଳ ଦେଇ କୋଲକାତାକୁ ଦୈନିକ ଯାତ୍ରୀବାହୀ ଟ୍ରେନ୍ ଚାଲିବ। ଏଥିସହ ଢେଙ୍କାନାଳ ରେଳଷ୍ଟେଶନର ନବକଳେବର ହେବ। ଅବିଭକ୍ତ ଢେଙ୍କାନାଳ ଜିଲା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହା ବଡ଼ ଉପହାର। କେନ୍ଦ୍ର ରେଳମନ୍ତ୍ରୀ ଏହାର ଶୁଭାରମ୍ଭ କରିବେ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଅପରାହ୍ଣ ପ୍ରାୟ ୪ଟା ୫୦ରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ରେଲୱେର ପଦସ୍ଥ ଅଧିକାରୀଙ୍କ ସହ ଢେଙ୍କାନାଳରେ ପହଞ୍ଚି ଏହି ଐତିହାସିକ ରେଳଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର। ଏ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ସମ୍ବଲପୁରରୁ କୋଲକାତାକୁ ନୂତନ ଟ୍ରେନ୍ ଚାଲିବା ଦ୍ୱାରା ଅଞ୍ଚଳବାସୀଙ୍କ ଅର୍ଥନୀତିର ବିକାଶ ହେବ। ଦଶହରା, ଲକ୍ଷ୍ମୀପୂଜା ଭଳି ପ୍ରସିଦ୍ଧ ପର୍ବପର୍ବାଣି ଦେଖିବା ପାଇଁ ବହୁ ଲୋକ ଆସିବେ। ଢେଙ୍କାନାଳ ଓ ଅନୁଗୋଳ ଜିଲାରେ ୨୫୦୦ କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ତାଳଚେର, ତାଳଚେର ରୋଡ୍, ଅନୁଗୋଳ, ଢେଙ୍କାନାଳ ରେଳଷ୍ଟେଶନର ପୁନରୁଦ୍ଧାର କାମ ଚାଲିଛି। ଏଥିସହ ରେଳପଥ ଦୋହରୀକରଣ, ୩ୟ ଓ ୪ର୍ଥ ଲାଇନ କାମ ଜାରି ରହିଛି। ଖୁବଶୀଘ୍ର ତାଳଚେରରୁ ଅନୁଗୋଳ ପର୍ଯ୍ୟନ୍ତ ଗୋଟିଏ ପାସେଞ୍ଜର ଏବଂ ୨ଟି ମାଲବାହୀ ଟ୍ରେନ୍ ଟ୍ରାକ୍ କାମ ଶେଷ ହେବ। ପ୍ରାୟ ୫୦୦ କୋଟି ଟଙ୍କା ବ୍ୟୟରେ ତାଳଚେରରୁ ଭାୟା ଏଫ୍‌ସିଆଇ ଓ ନାଲ୍‌କୋ ଦେଇ ଅନୁଗୋଳ ପର୍ଯ୍ୟନ୍ତ ଯାତ୍ରୀବାହୀ ରେଳଲାଇନ କାମ ଆସନ୍ତା ନଭେମ୍ବର ସୁଦ୍ଧା ସରିବ। ୧୯୩୨ରେ ଢେଙ୍କାନାଳ ଜିଲା ମେରାମଣ୍ଡଳୀ ରେଳ ଷ୍ଟେଶନରୁ ଜାତିର ପିତା ମହାତ୍ମା ଗାନ୍ଧୀ ଏହି ବାଟ ଦେଇ ଟ୍ରେନ୍‌ରେ ପୁରୀ ଯାଇଥିଲେ। ତେଣୁ ସମ୍ପୃକ୍ତ ଷ୍ଟେଶନଗୁଡ଼ିକର ଗୁରୁତ୍ୱ ରହିଛି। ଅନୁଗୋଳ, ତାଳଚେର ଓ ଢେଙ୍କାନାଳର ଶିଳ୍ପାନୁଷ୍ଠାନ ବୃଦ୍ଧି ଓ କୋଇଲା ଖଣି ଯୋଗୁ ସରକାର ଅଧିକ ରାଜସ୍ୱ ପାଉଛନ୍ତି। ତଦନୁଯାୟୀ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଥିବା ଧର୍ମେନ୍ଦ୍ର ସୂଚନା ଦେଇଛନ୍ତି। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ମନ୍ତ୍ରୀ ଅଞ୍ଜଳି ବେହେରା, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ସୁନୀଲ ଶର୍ମା, ନବକିଶୋର ଗୁରୁ, ରାମଚନ୍ଦ୍ର ପାତ୍ର ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ମେରାମଣ୍ଡଳୀ, ହିନ୍ଦୋଳ ରୋଡ୍, ସଦାଶିବପୁର, ଶ୍ୟାମାଚରଣପୁର, ଯୋରନ୍ଦା ରୋଡ୍ ଷ୍ଟେଶନର ଉନ୍ନତୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ। ପୂର୍ବତଟ ରେଲୱେ ଜିଏମ୍ ଶରତ କୁମାର ଶ୍ରୀବାସ୍ତବ, ଖୋର୍ଦ୍ଧାରୋଡ୍ ଡିଆରଏମ୍ ରିଙ୍କେଶ ରାୟ, ଢେଙ୍କାନାଳ ରେଳଷ୍ଟେଶନ ମ୍ୟାନେଜର ମନୋଜ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ତାଳଚେର ରୋଡ୍, ଅନୁଗୋଳ, ଏମ୍‌ସିଏଲ୍‌ର ବଳରାମ ସାଇଟ, ତାଳଚେର, ସୁନାଖଣି ରେଳ ଷ୍ଟେଶନ ପରିଦର୍ଶନ କରିବା ସହ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ରେଳ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ବଁଅରପାଳ ବ୍ଲକର ବ୍ରିଜ ନଂ ୫ ଏବଂ ନତଡ଼ା ପଞ୍ଚାୟତ ହିଙ୍ଗୁଳା ଅଞ୍ଚଳରେ ନିର୍ମାଣାଧୀନ ରେଲ୍ ଲିଙ୍କର କାର୍ଯ୍ୟ ଦେଖିଥିଲେ। ତାଳଚେର ଗୋପାଳଗଡ଼ କଣିହାଁ ରାସ୍ତାରେ ସାଧାରଣ ଲୋକଙ୍କ ଯାତାୟାତ ଏବଂ କୋଇଲା ପରିବହନ ପାଇଁ ପୃଥକ ରାସ୍ତା କରିବା ନିମନ୍ତେ ଯୋଜନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସେହିପରି ତାଳଚେର -ପୁରୀ ପାସେଞ୍ଜରକୁ ସୁନାଖଣି ଠାରୁ ପୁରୀ ପର୍ଯ୍ୟନ୍ତ ଚଳାଚଳ କରାଇବା, ସୁନାଖଣି ଷ୍ଟେଶନକୁ ସ୍ଥାୟୀ ରାସ୍ତା ନିର୍ମାଣ, ଆଲୋକୀକରଣ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ନିମନ୍ତେ ଭାଜପା ନେତା ଅଶୋକ ମହାନ୍ତି ଦାବି କରିଥିଲେ। ନୂଆ ବଲଣ୍ଡା, ସୁନାଖଣି, ହରିହରପୁର ଓ କଣିହା ଡ୍ରାଇଭର୍ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପୂର୍ବତନ ସରପଞ୍ଚ ବିଜୟ ପ୍ରଧାନ, ପ୍ରଦ୍ୟୁମ୍ନ ପ୍ରଧାନ, ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲ, ତ୍ରିପୁର ପ୍ରଧାନ, ଲିଙ୍ଗରାଜ ଦାସ, ସୁମନ୍ତ ପ୍ରଧାନ, ନିରଞ୍ଜନ ପ୍ରଧାନ, ପ୍ରିୟ ରଞ୍ଜନ, ପୁଷ୍ପଲତା ପ୍ରଧାନ, ନରେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟର ସହ ଲଢ଼ିବାକୁ ଆହ୍ୱାନ

ଭୋଗରାଇ, ୨୫।୯(ଡି. ଏନ.ଏ.)




ସଫଳତାର ଶୀର୍ଷରେ ପହଞ୍ଚିବା ନିମନ୍ତେ ଦୃଢ଼ ମନୋବଳ ଆବଶ୍ୟକ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟର ସହ ଲଢ଼ି ସଫଳ ହୋଇପାରିଲେ ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି ହୋଇପାରିବ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ପାନ୍ଥନିବାସ ସମ୍ମିଳନୀ କକ୍ଷରେ ଧରିତ୍ରୀ, ୟୁନିସେଫ ଓ ପିପୁଲ କଲଚରାଲ ସେଣ୍ଟର (ପିକକ୍) ମିଳିତ ସହଯୋଗରେ ଆୟୋଜିତ ଶିଶୁ ସାମ୍ବାଦିକତା ସମ୍ପର୍କିତ କର୍ମଶାଳାର ଉଦ୍‌ଯାପନୀ ଦିବସରେ ମତପ୍ରକାଶ ପାଇଛି।

ରବିବାର ପ୍ରଥମ ଅଧିବେଶନରେ ପିକକ୍‌ର ସମ୍ପାଦକ ରଞ୍ଜନ ମହାନ୍ତି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ସାମ୍ବାଦିକମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ କିପରି ରିପୋର୍ଟ ପ୍ରସ୍ତୁତ କରିବେ, ସେଥିପାଇଁ କେଉଁ କେଉଁ ଦିଗ ପ୍ରତି ଧ୍ୟାନଦେବେ ସେ ସମ୍ପର୍କରେ ୟୁନିସେଫ୍‌ର କମ୍ୟୁନିକେଶନ କନ୍‌ସୁଲେଟର ସାରଦା ଲାହାଙ୍ଗୀର ଏବଂ ଖବରଦାତା ସି. ଏଚ. ଶାନ୍ତାକାର, ପିକକ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ଅନୁରାଧା ମହାନ୍ତି ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ୪ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୪ଟି ଗ୍ରୁପରେ ବିଭକ୍ତ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି, ପରିବେଶ ସମ୍ପର୍କିତ ବିଷୟବସ୍ତୁ ଉପରେ ରିପୋର୍ଟ ପ୍ରସ୍ତୁତ କରି ପ୍ରଶିକ୍ଷକମାନଙ୍କୁ ଅବଗତ କରାଇଥିଲେ। ପ୍ରସଙ୍ଗଭିତ୍ତିକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ସୁବ୍ରତ ଖଟୁଆ, ଇପ୍‌ସିତା ମହାନ୍ତି, ଗୀତାରାଣୀ ଦାସ, ସୁପ୍ରଭା କର, ଶୁଭମ୍ ବେହେରା, ଗୋପାଳକୃଷ୍ଣ ଗିରି, ରଞ୍ଜିତା ଦେ ପ୍ରମୁଖ ଛାତ୍ରୀଛାତ୍ର ମୁଖ୍ୟଅତିଥି ଅତିରିକ୍ତ ତହସିଲଦାର ରାଜେଶ ପ୍ରିୟଦର୍ଶୀଙ୍କୁ ୧୨ ଦଫା ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଶିଶୁ ସାମ୍ବାଦିକତା କର୍ମଶାଳା ଉଦ୍‌ଯାପିତ

କର୍ମଶାଳାରେ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତିର ପ୍ରୋଗ୍ରାମ ମ୍ୟାନେଜର ପ୍ରୀତିକାନ୍ତ ପଣ୍ଡା ଶିଶୁମାନଙ୍କ ସୁରକ୍ଷା ସମ୍ପର୍କରେ ସୂଚନା ଦେଇଥିବା ବେଳେ ପିକକ୍‌ର ସମର ଦାସ, ଜିଲା ସଂଯୋଜକ ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ। କର୍ମଶାଳାରେ ବଡମନ୍ଦାରୁଣୀ, ନହରା, ବାଲିମ ହାଇସ୍କୁଲ ଓ ସାତସୁଲିଆ ନୋଡାଲ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

### ଫଟୋରେ ଖବର...



ଅନୁଗୋଳ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

# ଡାକ୍ତରଖାନାରେ ୩ ଘଣ୍ଟା ମୃତଦେହ ପକାଇ ରଖିଲେ ସମ୍ପର୍କୀୟ

ପାପଡ଼ାହାଣ୍ଡି,୨୫।୯(ଡି.ଏନ୍.ଏ.)

### ଦୁର୍ଘଟଣାଗ୍ରସ୍ତଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁକୁ ନେଇ ରବିବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଛି। ପରିବାର ଲୋକେ ଦାୟିତ୍ୱରେ ଥିବା ଡାକ୍ତରଙ୍କ ଅବହେଳାକୁ ଦାୟୀ କରି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ କ୍ଷତିପୂରଣ ପ୍ରଦାନ ନିମନ୍ତେ ଦାବି କରିଛନ୍ତି। ଏହାକୁ ନେଇ ୩ ଘଣ୍ଟା ଧରି ସମ୍ପର୍କୀୟମାନେ ମୃତଦେହ ଘରକୁ ନ ନେଇ ଡାକ୍ତରଖାନାରେ ପକାଇ ରଖିଥିଲେ। ଏହାକୁ ନେଇ ରୋଗୀସେବା ପ୍ରଭାବିତ ହୋଇଥିବାବେଳେ ପୋଲିସର ବୁଝାଶୁଝା ପରେ ସନ୍ଧ୍ୟାରେ ମୃତଦେହ ସ୍ୱାସ୍ଥ୍ୟକେନ୍ଦ୍ର ଶବାଗାରକୁ ନିଆଯାଇଛି। ମୃତକଙ୍କ ଭାଇ ସହଦେବ ମୁଦୁଲି ଥାନାରେ ଡାକ୍ତରଙ୍କ ବିରୋଧରେ ଏତଲା ଦେଇଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

ଘଟଣାରୁ ପ୍ରକାଶ, ପାପଡ଼ାହାଣ୍ଡି ବ୍ଲକ ଗାଦବା କତ୍ରା ପଞ୍ଚାୟତ ଖୁଡିଗୁଡ଼ା ଗ୍ରାମର ଲାଇବନ ମୁଦୁଲି ରବିବାର ପୂର୍ବାହ୍ନରେ ତାଙ୍କ ସାଙ୍ଗ ଧନିଆଙ୍କ ସହ ବାଇକ୍‌ରେ ଖୁଡ଼ିଗୁଡ଼ା ଗ୍ରାମରୁ ମଇଦଲପୁର ଯାଉଥିଲେ। ପଖନାଗୁଡ଼ା କାଜୁବାଡ଼ ନିକଟରେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଲାଇବାନ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସକୁ ଯୋଗାଯୋଗ କରିବା ପରେ ମଧ୍ୟ ନ ପହଞ୍ଚିବାରୁ ଲାଇବନଙ୍କୁ ଅଟୋ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ଣ ୩ ଟାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇଥିଲେ। ଦାୟିତ୍ୱରେ ଥିବା ଡାକ୍ତରଙ୍କ ଅବହେଳାରୁ ଲାଇବନଙ୍କ ମୃତ୍ୟୁ ଘଟିଥିବା ସେମାନେ ଅଭିଯୋଗ କରିଥିଲେ। ଏ ନେଇ ପାପଡ଼ାହାଣ୍ଡି ଥାନାରେ ୧୪୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।


ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୃତ ଲାଇବନଙ୍କ ସମ୍ପର୍କୀୟଙ୍କୁ ପୋଲିସ ବୁଝାଶୁଝା କରୁଛି।

# ମଉଜ ମାନସିକତାରେ ଶିଳ୍ପୀ ଗଢ଼ିଥିଲେ ବିଶ୍ୱର ବିସ୍ମୟ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ଦାୟିତ୍ୱ ପ୍ରତି ସଭିଏଁ ସଚେତନ ଥିଲେ
- ସମସ୍ତଙ୍କ ପାଇଁ ଯୋଗାଯାଉଥିଲା ପାଣି, ପାନ



ପଥରବୁହା ନଦୀରୁ ଉଦ୍ଧାର ଶ୍ରୀହନୁମାନ ରୁପାସ- ଗଡ଼ ଶିଳ୍ପୀ ଶିବିରରେ ଉପାସିତ ହେଉଥିଲେ(ବାମ)। ଗଡ଼ ଶିବିରରୁ ମିଳିଥିବା ଗଡ଼ ସାଆନ୍ତଙ୍କ ଖଣ୍ଡା।

ନମସ୍ୟା ସେଇ ନାରୀ ଶ୍ରମିକମାନେ। ପିଲା ପରିବାରଙ୍କୁ ଛାଡ଼ି ଯେମିତି ସମୟକୁ ଖାତିର ନ କରି ଶ୍ରମଦାନ କରିଥିଲେ ତାହା ଜାଣିବା ପରେ ମନରେ ବିସ୍ମୟ ସୃଷ୍ଟି ହୁଏ। ଆମେ 'ଦାନ' ଶବ୍ଦ ଲେଖିଲୁ ସେଥିପାଇଁ ମନକୁ ପ୍ରଶ୍ନ ଆସିବ ବର୍ତ୍ତନ ତ ନେଉଥିଲେ, ଶ୍ରମର ପାଉଣା ତ ନେଉଥିଲେ, ପୁଣି ଶ୍ରମଦାନ କ'ଣ କଲେ! ଆମେ ତନ୍ନ ତନ୍ନ କରି ଅନୁସନ୍ଧାନ କରିଛୁ ଏହା ଉପରେ। କାରଣ ପାଉଣା ତ ନେଉଥିଲେ! ମନ୍ଦିର ନିର୍ମାଣ ଏପରି କାମ, ନିର୍ଦ୍ଦିଷ୍ଟ କାମକୁ ସାରିବାକୁ ହେବ। ଚୂନପଥର ଅଧା ପକାଇ ଯାଇ ହେବ ନାହିଁ, ଭାଟିରେ ଲୁହା ତରଳିବାର ସମୟ ଅଛି। ତରଳିବା ପର୍ଯ୍ୟନ୍ତ ତେଲ ଢାଳିବାକୁ ହେବ। ଗାଈଦୁହାଁ ସରିବା ପରେ ଜଣେ ଯିବ। ଅଧା ଦୁହାଁ ହେଇଥିବ, ସୂର୍ଯ୍ୟ ନଇଁଲେଣି କହି କାମ ଛାଡ଼ି ଯାଇ ହେବନି। କାମ ସାରିବାକୁ ହେବ। ଏଇ ଯେଉଁ ମାନସିକତା, ତ୍ୟାଗ, ନିଷ୍ଠା, ତା'ର ପାଉଣା ଅଛି କି ! ଠିକା ଛିଡ଼ିଲା ଛ' ମାସରେ ଦ୍ୱାରବନ୍ଧ କାମ ସରିବ। ଚାରିଜଣ ଶିଳ୍ପୀ ଓ ୩ଜଣ ସୁଆଁସିଆ ଏହି ଦଳରେ ଥିଲେ। ନା ଶିଳ୍ପୀ ନା ଶ୍ରମିକ, ଛ' ମାସ ଧରି ଗାଁକୁ ଯାଇ ହେନଟେନ କରିପାରିବେ କି? ହିଙ୍ଗିଳିମିଠେଇ ଖାଇ ହେକୁଟି ମାରି ପଶାପାଲି ଖେଳିପାରିବେ କି? ସେମାନେ ନିଜ ତରଫରୁ ଛ' ମାସ ସମୟ ଧାର୍ଯ୍ୟ କରିଛନ୍ତି। କାମ ସାରିବାକୁ ହେବ। ଦାୟିତ୍ୱ ତୁଲାଇବାକୁ ହେବ। ସେହିପରି ପଥରରେ ଶତାଧିକ ଶିଳ୍ପୀ ସୂଚୀକାମ କରୁଥିଲେ। ଏକାଗ୍ରତା ଜରୁରୀ। ମନ-ମଉଜ ବି ଜରୁରୀ। ଶିବିରରୁ ଖାଦ୍ୟ ଖାଇ କାମକୁ ଆସିଲେ, ମଝିରେ ପାଣି, ପାନ ବି ଦରକାର। ସେତେବେଳେ ପାଣି ବୋତଲ ମିଳୁ ନ ଥିଲା କି ପାନଦୋକାନ କୋଣାର୍କ ବାଲିପନ୍ତରା ଝାଉଁ ଜଙ୍ଗଲରେ ନ ଥିଲା। ଗଜପତି ଏ କଥା ବୁଝିଥିଲେ। କାମ ଆରମ୍ଭ ଦିନରୁ ବିଶେଷ ଯାନିଯାତ୍ରାରେ ଆଉରି କେତେଖଣ୍ଡ ଅଧିକ ପାନ ମହାପ୍ରଭୁଙ୍କୁ ସମର୍ପଣ ହୁଏ। ମହାପ୍ରଭୁଙ୍କୁ ସମର୍ପଣ କରାଯାଉଥିବା ପାନରେ ଚୂନ ଲଗାଯାଏ ନାହିଁ। ତେଣୁ ଆମେ ବିଚାର କରିବା କଥା ଗଜପତିଙ୍କ ଗୋଚରରେ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିଲା। କେତୋଟି ନାଟକ କୋଣାର୍କକୁ ନେଇ ଲେଖାଯାଇଛି। ନାଟ୍ୟକାରମାନେ ଶିଳ୍ପୀଙ୍କ ଉପରେ ଅକଥନୀୟ ଅତ୍ୟାଚାରର ଦୃଶ୍ୟ ଦର୍ଶକଙ୍କ ଭାବାବେଗ ଜିତିବାକୁ ରୂପ ଦେଇଛନ୍ତି। ଆମେ ତ ପୋଥି ବର୍ଣ୍ଣନା ଦେଖୁଛେ। ଏହା ଅକଥନୀୟ ଅତ୍ୟାଚାରର ନମୁନା ନା ଗେଲବସରର ନମୁନା! ପାଉଣା ନେବେ, ଜଳଖିଆ ସହିତ ଦୁଇ ବେଳା ଖାଇବେ, ଦୁଧ, ଦହି, ଛେନା ଓ ଘିଅର ବ୍ୟବସ୍ଥା ହୋଇଛି, କାମ ଉପରେ ପାଣି ଓ ପାନ ଯୋଗାଇ ଦିଆଯିବ, ଇୟେ କ'ଣ ଅତ୍ୟାଚାର!

ଆମେ ଆଗକୁ ଆହୁରି ଦେଖିବା ପୁନିଅଁ ପର୍ବରେ ଭୋଜିଭାତ ଓ ଜନ୍ତାଳର ବ୍ୟବସ୍ଥା କିପରି ଗଜପତି ନିଜେ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଆ ଜାତି ମଉଜିଆ ଜାତି। ଭୋଜି ଭାତ ମଉଜରେ ତାଳେ ତାଳେ ବିଶ୍ୱର ବିସ୍ମୟପୂର୍ଣ୍ଣ କଳାକୃତି ଗଢ଼ିଦେଇଥିଲେ। ଅତ୍ୟାଚାରରେ ନୁହେଁ। କାମ ସମୟରେ ଅଘଟଣ ବି ଘଟିଛି। ମୁଖ୍ୟ ମନ୍ଦିରର ପଶ୍ଚିମପଟେ ସୂର୍ଯ୍ୟଙ୍କର ଏକ ପ୍ରତିମା ସ୍ଥାପନ ହେବାର ସ୍ଥିର ହୋଇଥିଲା। ପ୍ରତିମାଙ୍କୁ ଫାଶିକାଠର ମଞ୍ଚା ଉପରକୁ ୧୭ଜଣ ଶ୍ରମିକ ଉଠାଇଲାବେଳେ ଦାମ ଜେନା ମଞ୍ଚାରୁ ଖସିପଡ଼ିଥିଲେ। ମୁଣ୍ଡ ମାଡ଼ ହୋଇଗଲା। ସେ ଚାଲିଗଲେ। ଡକାହେଲା ତାଙ୍କ ପୁଅ ରଘୁଆ ଜେନାଙ୍କୁ। ଜୀବନସାରା ଚଳିବା ପାଇଁ 'ଘଟ-ପୋଷାକ' ଦିଆଗଲା। ଆଦେଶ ହେଲା- ବାଲି ନୂଆଗାଁରେ ଦଶଗୁଣ୍ଠ ଜମି ଦିଅ ରଘୁଆକୁ। ଅଘଟଣକୁ ଅବହେଳା କରାଯାଇ ନାହିଁ। ଦାୟିତ୍ୱର ସହ ନିର୍ବାହ କରାଯାଇଛି। ପିଇବା ପାଣି ଯୋଗାଇବା ପାଇଁ ଶ୍ରମିକ ନିଯୁକ୍ତ କରିଥିଲେ। କାମ ସୁରୁଖୁରୁରେ ସମ୍ପନ୍ନ ହେଉ, ପାଣି ପିଇବା ପାଇଁ ଥରକୁ ଥର କାମରୁ ଶିଳ୍ପୀ ନ ଉଠନ୍ତୁ, ତାଙ୍କର ଏକାଗ୍ରତା ନଷ୍ଟ ନ ହେଉ, ଏୟା ହିଁ ଚିନ୍ତାଧାରା। କାମ ବିକ୍ଷିପ୍ତ ଭାବରେ ବ୍ୟାପକ ଅଞ୍ଚଳରେ ହେଉଥିଲା। ତେଣୁ ପାଣି ସହିତ ପାନ ଯୋଗାଇବା ପାଇଁ ମଧ୍ୟ ସ୍ୱତନ୍ତ୍ର ସୁଆଁସିଆଙ୍କୁ ନିଯୁକ୍ତ କରାଯାଇଥିଲା। କେବଳ ରୂପାସ-ଗଡ଼ ଶିବିରରେ ୩୧୨ଜଣ ସୁଆଁସିଆ ରହୁଥିଲେ, ଦୁଆଇ ଶିବିରରେ ୧୦୮ ଜଣ ରହୁଥିଲେ। ହଜାର ହଜାର ଲୋକ କାମରେ ଲାଗିଥିଲେ। ପାଣି ଯୋଗାଇବା ଓ ପାନ ଭାଙ୍ଗି ଯୋଗାଇବା ସହଜ କଥା ନୁହେଁ। ଆମେ ଏଥିରୁ ବୁଝୁଛେ ଶିଳ୍ପୀ ନିଶ୍ଚୟ ଓଡ଼ିଆ ଥିଲେ। ଓଡ଼ିଆ ଯେପରି ପାନ ଖାଆନ୍ତି ଏବଂ ଆପଣାର ମହାପ୍ରଭୁଙ୍କୁ ପାନ ଖୁଆନ୍ତି ତାହା ଭାରତରେ ବିରଳ। ପ୍ରତିଦିନ ବଲ୍ଲଭ ପୂଜାପରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ୨ଟି ଲେଖାଏଁ ୬ଟି ପାନ, ସକାଳ ଧୂପ ପରେ ୬ଟି ପାନ, ଦ୍ୱିପ୍ରହର ଧୂପ ପରେ ୬ଟି ପାନ, ସନ୍ଧ୍ୟା ଧୂପ ପରେ ୬ଟିପାନ, ବଡ଼ସିଂହାର ବେଶ ପରେ ୬ଟି ପାନ, ପହୁଡ଼ ପରେ ପଲଙ୍କ ତଳେ ରଖାଯାଏ ୬ଟି ପାନ, ଚନ୍ଦନଯାତ୍ରା ସମୟରେ ଚନ୍ଦନ ମଣ୍ଡପରେ ୫୦ ଖଣ୍ଡ ପାନ ଏପରି ମୋଟ ୮୬ ଖଣ୍ଡ ଠାକୁରଙ୍କୁ ଲାଗି କରାଯାଏ।



ହାଇଦ୍ରାବାଦରେ ରବିବାର ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ କ୍ରିକେଟ ମ୍ୟାଚ୍‌ରେ ଶତକୀୟ ଭାଗୀଦାରି ଅବସରରେ ଭାରତର ସୂର୍ଯ୍ୟକୁମାର ଯାଦବ ଓ ବିରାଟ କୋହଲି।

# ମହିଳା ଅଶ୍ୱାରୋହୀ ଦଳକୁ ବ୍ରୋଞ୍ଜ ପଦକ

**ନୂଆଦିଲ୍ଲୀ, ୨୫ା୯ (ପି.ଟି.):** ଜୋର୍ଡାନର ଓ୍ୱାଡି ରମ୍‌ଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଟେଣ୍ଟ୍ ପେଗିଂ ଚାମ୍ପିୟନଶିପ୍‌ରେ ପ୍ରଥମ ଥର ଭାଗ ନେଇଥିବା ଭାରତୀୟ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳରେ ରିତିକା ଦହିୟା, ପ୍ରିୟଙ୍କା ଭରଦ୍ୱାଜ ଓ ଖୁସି ସିଂ ପ୍ରତିନିଧିତ୍ୱ କରୁଥିଲେ। ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ସମସ୍ତ ୧୪ଟି ଦେଶ ମଧ୍ୟରେ ଭାରତୀୟ ଦଳ ପଦାର୍ପଣରେ ଏହାର ଉପସ୍ଥିତି ଜାହିର କରିଥିଲା। ଭାରତ ୧୩୬ ପଏଣ୍ଟ ସହ ସ୍ୱର୍ଣ୍ଣ ବିଜୟୀ ଦକ୍ଷିଣ ଆଫ୍ରିକା (୧୭୦.୫) ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଓମାନ (୧୪୬) ପଛରେ ରହିଥିଲା। ଭାରତ ଅଶ୍ୱାରୋହୀ ମହାସଂଘର ସୂଚନା ଅନୁସାରେ ପ୍ରତିଯୋଗିତାର ପ୍ରଥମ ଦିବସରେ କ୍ୟାପଟେନ ଦହିୟା ଓ ଭରଦ୍ୱାଜ ବ୍ୟକ୍ତିଗତ ଏବଂ ଲାନ୍ସ ଯୋଡ଼ି ବିଭାଗରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ଦଳ ୭ମ ସ୍ଥାନରେ ରହିଥିଲା। ଦ୍ୱିତୀୟ ଦିବସରେ ଭାରତ ବ୍ୟକ୍ତିଗତ ଓ ଟିମ୍ ସୋର୍ଡ ବିଭାଗରେ ଅଂଶଗ୍ରହଣ କରିଥିଲା। ୨୪ ପଏଣ୍ଟ ସହ ଦଳ ଦ୍ୱିତୀୟ ସ୍ଥାନରେ ରହିଥିଲା। ବ୍ୟକ୍ତିଗତ ଇଭେଣ୍ଟରେ ଖୁସି ସିଂ ୧୮ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦ୍ୱିତୀୟ ଦିବସରେ ଭଲ ପ୍ରଦର୍ଶନ ଯୋଗୁ ଭାରତ ଓଭରାଲ ଟେବୁଲରେ ୪ର୍ଥସ୍ଥାନକୁ ଉନ୍ନୀତ ହୋଇଥିଲା। ତୃତୀୟ ଦିବସରେ ଦଳ ରିଙ୍ଗ୍, ପେଗଥ ଏବଂ ସୋର୍ଡ ଇଭେଣ୍ଟରେ ଭାଗ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା।

ଜନ୍ମଦିନ ଶୁଭେଚ୍ଛା



ଶ୍ରୀ ଅମୀୟ ପ୍ରସାଦ ପ୍ରିୟଦର୍ଶୀ (ସିଲୁ)
ପ୍ରହରାଜପୁର, ମଣ୍ଡାସାହି, ଜଗତ୍‌ସିଂହପୁର
ମୋର ଜନ୍ମଦିନର ଶୁଭେଚ୍ଛା ସହ ମୋତେ ୧୭ବର୍ଷ ଚାଲିଲା। ଆଶୀର୍ବାଦ ସହ ବାପା, ଆଇ, ବିଦୂର ଅଙ୍କଲ, ଆଣ୍ଟି, ମୋର ବଡ଼ଭାଇ ତପୁ, ଲିସି, ରାଜା, ଆଣ୍ଟି ମୋର ଚଲାପଥ ସୁଖମୟ ହେଉ ମାଆ ତାରିଣୀଙ୍କ ପାଖରେ ମୋର ପ୍ରାର୍ଥନା।
Mobile No.- 9937796500, 9556972120
ଧ-୧୬୧୫

ଜନ୍ମଦିନ ଶୁଭେଚ୍ଛା



ଗୁଡୁଲ୍ (ଶ୍ୱେତା)
Unit-IX, Road-3, Bhubaneswar
ଆଜି ୨୬।୦୯।୨୦୨୨ ସୋମବାର ତୋର ଜନ୍ମଦିନରେ ମାଆ ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡେଇ ରଖନ୍ତୁ, ନୀରୋଗ ରଖନ୍ତୁ, ବିଦ୍ୟା, ବୁଦ୍ଧି ଦିଅନ୍ତୁ, ଭଲ ମଣିଷଟିଏ କରନ୍ତୁ।
ଶୁଭେଚ୍ଛା ସହ ତୋର ଅଜା: (ଧଡୁ), ଆଈ: (ଅର୍ଚ୍ଚନା), ମାଆ (ରୀତା), ବାପା, ବାବା, ମାମା, ମାଉସୀ (କୁଙ୍ଗାମା), ଗେହ୍ଲୁ ସାନଭାଇ (ଆଶୁ) ଓ ସାନ ଭଉଣୀ (ସାନୁ)।
ଧ-୧୫୭୦

୧୮ତମ ଜନ୍ମ ଦିବସ



Ayush Pratik Mishra
BJB Nagar, Bhubaneswar
ଆଜି ତୋର ୧୮ତମ ଜନ୍ମ ଦିବସ ଶୁଭ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଅଛୁ ସେ ତୋର ଚଲାପଥ ସଦା ସର୍ବଦା କୁସୁମିତ ଓ ସୁରକ୍ଷିତ କରନ୍ତୁ। ପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଅନ୍ୟାନ୍ୟ ଶୁଭେଚ୍ଛୁ ପରିବାର ପରିଜନ ବୃନ୍ଦ।
ଧ-୭୩୭୨୦

# ପୁଣି ଚର୍ଚ୍ଚାରେ ଦୂତୀ-ସରସ୍ୱତୀ କଳି

**ଭୁବନେଶ୍ୱର, ୨୫ା୯(ସ୍ପୋର୍ଟ୍ସ ବ୍ୟୁରୋ)** ରାଜ୍ୟର ଦୁଇ ତାରକା ଆଥଲେଟ୍‌ ତଥା ଦୁଇ ଭଉଣୀ ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦଙ୍କ ମଧ୍ୟରେ ସୋସିଆଲ ମିଡିଆରେ କଳି ଏବେ ପୁଣି ଚର୍ଚ୍ଚାରେ ରହିଛି। ବ୍ୟକ୍ତିଗତ ଏବଂ ପାରିବାରିକ କାରଣରୁ ଦୁଇଜଣଙ୍କ ମଧ୍ୟରେ କଳି ଯଦିଓ ନୂଆ କଥା ନୁହେଁ, ତେବେ ଏଥର ଅତ୍ୟନ୍ତ ଅରୁଚିକର ପୋଷ୍ଟ ୱାର ଏବଂ ଚରିତ୍ର ସଂହାର ସାନି ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ଦୂତୀ ଏବେ ଏକ ଜାତୀୟ ଟେଲିଭିଜନ ଚ୍ୟାନେଲରେ ପ୍ରସାରିତ 'ଝଲକ ଦିଖ୍‌ଲାଜା' ଶୋ'ରେ ଅଂଶଗ୍ରହଣ କରି ଜଜ୍‌ଙ୍କ ମନ ଜିତିଛନ୍ତି ଏବଂ ପ୍ରଶଂସା ମଧ୍ୟ ସାଉଁଟିଛନ୍ତି। ଏହାକୁ କିନ୍ତୁ ଟାର୍ଗେଟ କରିଛନ୍ତି ବଡ଼ ଭଉଣୀ ସରସ୍ୱତୀ। ନାଚରୁ ଦୂତୀକୁ କ'ଣ ମିଳିଲା, ଓଡ଼ିଶା ସ୍ପୋର୍ଟ୍ସକୁ କ'ଣ ମିଳିଲା, ଦୂତୀଙ୍କ କୋଚ୍‌ଙ୍କୁ କ'ଣ ମିଳିଲା। ଦୂତୀ କେତେମାସ ଧରି ନାଚ ଅଭ୍ୟାସ କରୁଥିଲା, ସେହି ସମୟ ମଧ୍ୟରେ ଅଭ୍ୟାସ କିପରି କରୁଥିଲା, ଏଥିରୁ କେତେଟଙ୍କା ମିଳିଲା ଆଦି ପୋଷ୍ଟ କରିବା ସହ ଦୂତୀଙ୍କ ସ୍ପୋର୍ଟ୍ସ କ୍ୟାରିୟର ଶେଷ ହୋଇଗଲା। ଶସ୍ତା ଲୋକପ୍ରିୟତା ପାଇଁ ସେ ଏବେ ମନି ଓ ମୋନାଲିସାଙ୍କ ପଛରେ ପଡ଼ିଛନ୍ତି। ବାପା-ମା'ଙ୍କ ମଥା ଛୋଟ କରିବାକୁ ଚେଷ୍ଟା କରିବୁ ତ.. ତୋତେ ସ୍ୱଏଲ୍ କରିଦେବି ବୋଲି ଉଲ୍ଲେଖ କରିଛନ୍ତି। ଜବାବରେ ଦୂତୀ ସରସ୍ୱତୀଙ୍କ ଚରିତ୍ର ସଂହାର କରିବା ସହ 'ତୁ ବହୁତ କହିଲୁଣି, ମୁଁ ବହୁ ସହିଲିଣି, ଯଦି ଖୁସିରେ ବଞ୍ଚିବାର ଅଛି ତେବେ ସୁଧୁରିଯା, ନ ହେଲେ ତୋର କ'ଣ କରିବି ଭଲଭାବେ ଜାଣିଛୁ' ବୋଲି ଉତ୍ତର ରଖିଛନ୍ତି। ଦୂତୀ ଓ ସରସ୍ୱତୀ ରାଜ୍ୟର ଯେ ଦୁଇଜଣ ତାରକା ଆଥ୍‌ଲେଟ ଏଥିରେ ଦ୍ୱିମତ ନାହିଁ। ଦୂତୀ ୨ ଥର ଅଲିମ୍ପିକ୍ସରେ ପ୍ରତିନିଧିତ୍ୱ ସହ ଏସିଆନ ଗେମ୍ସ ସମେତ ଅନ୍ତର୍ଜାତୀୟସ୍ତରରେ ଅନେକ ପଦକ ହାସଲ କରି ରାଜ୍ୟର ଗୌରବ ବଢ଼ାଇଛନ୍ତି।





ଦୂତୀ ଚାନ୍ଦ ଓ ସରସ୍ୱତୀ ଚାନ୍ଦ।

# ସାମ୍‌ସୋନୋଭାଙ୍କୁ ୨ମାସରେ ତୃତୀୟ ଡବ୍ଲ୍ୟୁଟିଏ ଟାଇଟଲ

**ଟୋକିଓ, ୨୫ା୯ (ଏପି):** ଚାଇନିଜ ଖେଳାଳି ଝେଙ୍ଗ୍ କ୍ୱିନଓ୍ୱେନ୍‌ଙ୍କୁ ୭-୫, ୭-୫ରେ ପରାସ୍ତ କରି ରୁଷିଆର ଲିୟୁଦମିଲା ସାମସୋନୋଭା ଟୋରେ ପ୍ୟାନ ପ୍ୟାସିଫିକ୍ ଓପନ ଟେନିସ ମହିଳା ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଦୁଇମାସ ମଧ୍ୟରେ ଏହା ହେଉଛି ତାଙ୍କର ତୃତୀୟ ଡବ୍ଲ୍ୟୁଟିଏ ଟାଇଟଲ। ୩୦ ର୍‍ୟାଙ୍କିଂପ୍ରାପ୍ତ ସାମ୍‌ସୋନୋଭା ଅଗଷ୍ଟରେ ୱାଶିଂଟନ ଓ କ୍ଲେଭିଲାଣ୍ଡ ଟୁର୍ନାମେଣ୍ଟ ଚାମ୍ପିୟନ ହୋଇଥିଲେ। ୟୁ.ଏସ୍ ଓପନରେ ସେ ୪ର୍ଥ ରାଉଣ୍ଡ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲେ। ୨୩ ବର୍ଷୀୟା ଖେଳାଳିଙ୍କର ଗତ ୧୯ ମ୍ୟାଚରେ ୧୮ତମ ବିଜୟ।

# ଜାତୀୟ ମହିଳା ଫୁଟ୍‌ବଲ କମିଟିରେ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର, ୨୫ା୯ (କ୍ରୀଡ଼ା ପ୍ରତିନିଧି):** ଦେଶରେ ମହିଳା ଫୁଟ୍‌ବଲର ବିକାଶ ପାଇଁ ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଓଡ଼ିଶାରୁ ଜାତୀୟ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସ୍ଥାନ ପାଇଛନ୍ତି। ନିକଟରେ ଏଆଇଏଫ୍‌ଏଫ୍‌ର ନବନିର୍ବାଚିତ ସଭାପତି ଓ ସମ୍ପାଦକ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିଥିଲେ। ଏହି ଅବସରରେ ମହିଳା ଫୁଟ୍‌ବଲର ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟ କ୍ରୀଡ଼ା ପରି ଓଡ଼ିଶା ସରକାର ମହିଳା ଫୁଟ୍‌ବଲକୁ ମଧ୍ୟ ପ୍ରୋତ୍ସାହନ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ଏଆଇଏଫ୍‌ଏଫ୍ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ପଶ୍ଚିମାଞ୍ଚଳକୁ ଦୁଲୀପ୍ ଟ୍ରଫି ଟାଇଟଲ

**କୋଏମ୍ବାଟୁର, ୨୫ା୯(ପି.ଟି.)** ଦକ୍ଷିଣାଞ୍ଚଳକୁ ୨୯୪ ରନ୍‌ରେ ହରାଇବା ସହିତ ଦୁଲୀପ୍ ଟ୍ରଫି ହାତେଇ ନେଇଛି ପଶ୍ଚିମାଞ୍ଚଳ। ରବିବାର ଅନ୍ତିମ ଦିନରେ ପଶ୍ଚିମାଞ୍ଚଳକୁ ବିଜୟ ପାଇଁ ୪ ଉଇକେଟ ଆବଶ୍ୟକ ଥିଲା। ସ୍ପିନର ସାମ୍ସ ମୁଲାନୀଙ୍କ ୪/୫୧ ବୋଲିଂ ବଳରେ ମ୍ୟାଚ୍‌କୁ ପ୍ରଥମ ଦୁଇ ସେସନ ମଧ୍ୟରେ ଜିତି ନେଇଥିଲା ପଶ୍ଚିମାଞ୍ଚଳ। ଦକ୍ଷିଣାଞ୍ଚଳ ସମ୍ମୁଖରେ ଅସମ୍ଭବ ୫୨୯ ରନ୍‌ର ବିଜୟ ଲକ୍ଷ୍ୟ ରହିଥିବା ବେଳେ ଦଳ ୭୧.୨ ଓଭରରେ ୨୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୫୪/୬ରୁ ଖେଳ ଆରମ୍ଭ କରିଥିଲା ଦକ୍ଷିଣାଞ୍ଚଳ। ୪ର୍ଥ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣାଞ୍ଚଳର ଟପ୍ ଅର୍ଡର ବ୍ୟାଟର ଅତୀତ ସେଠ୍ ଜୟଦେବ ଉନାଡ଼କଟଙ୍କ ଶିକାର ହୋଇଥିଲେ। ତେବେ ଦୁଇ ଅପରାଜିତ ବ୍ୟାଟର ଟି. ରବି ତେଜା ଓ ଆର. ସାଇ କିଶୋର ପ୍ରାୟ ଦୁଇ ଘଣ୍ଟା ଧରି ପଶ୍ଚିମାଞ୍ଚଳ ବୋଲରଙ୍କ ମୁକାବିଲା କରିଥିଲେ। ରବି ତେଜା ୯୮ ବଲ ଖେଳି ୫୩ ରନ୍ କରିଥିବା ବେଳେ ସାଇ କିଶୋର ୭ ରନ୍ କରିଥିଲେ। ମାତ୍ର ସାଇ କିଶୋର ୮୨ ବଲ୍ ଖେଳି ପଶ୍ଚିମାଞ୍ଚଳ ବୋଲରଙ୍କ ଦୃଢ଼ ମୁକାବିଲା କରିଥିଲେ। ସାମ୍ସ ମୁଲାନୀ ଅନ୍ତିମ ଦିନରେ ୩ଟି ଉଇକେଟ ନେଇ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରବି ତେଜା ଓ ସାଇ କିଶୋର ୫୭ ରନ୍ ଯୋଡ଼ିଥିଲେ। ପେସର ଚିନ୍ତନ ଗଜାଙ୍କ ବଲରେ ସାଇ କିଶୋର ପ୍ରିୟଙ୍କ ପାଞ୍ଚାଲଙ୍କୁ କ୍ୟାଚ୍ ଦେଇ ପାଭିଲିୟନ ଫେରିଥିଲେ। ପରବର୍ତ୍ତୀ ୩ ଉଇକେଟ ନେବା ସହିତ ସାମ୍ସ ମୁଲାନୀ ମ୍ୟାଚ୍ ସମାପ୍ତ କରିଥିଲେ। କ୍ରିଷ୍ଣାପ୍ପା ଗୋଥାମ୍ ୧୭ ରନ୍ କରିଥିବା ବେଳେ ଏହା କେବଳ ପରାଜୟ ବ୍ୟବଧାନ ହ୍ରାସ କରିଥିଲା। ଦ୍ୱିଶତକୀୟ ଇନିଂସ ପାଇଁ ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଜୟଦେବ ଉନାଡକଟଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଛି। ଏହାକୁ ମିଶାଇ ୧୯ ଥର ପାଇଁ ଦୁଲୀପ୍ ଟ୍ରଫି ଟାଇଟଲ ହାସଲ କରିଛି ପଶ୍ଚିମାଞ୍ଚଳ। ଉତ୍ତରାଞ୍ଚଳ ୧୮ ଥର ଟାଇଟଲ ବିଜୟୀ ହୋଇଥିବା ବେଳେ ଏହି ରେକର୍ଡ ସହିତ ପୂର୍ବରୁ ସମକକ୍ଷ ଥିଲା ପଶ୍ଚିମାଞ୍ଚଳ। ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୫୭ ରନ୍‌ରେ ଅଗ୍ରଣୀ ହାସଲ କରି ଦୃଢ଼ ସ୍ଥିତିରେ ଥିଲା। ତେବେ ଦ୍ୱିତୀୟ ଇନିଂସ୍‌ରେ ପଶ୍ଚିମାଞ୍ଚଳ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ୨୬୫ ଓ ସର୍ଫରାଜ ଖାନ୍‌ଙ୍କ ୧୨୭ ରନ୍ ବଳରେ ଦଳ ୫୨୮ ରନ୍‌ର ଅଗ୍ରଣୀ ହାସଲ କରିଥିଲା।



ଟ୍ରଫି ସହ ପଶ୍ଚିମାଞ୍ଚଳ ଦଳ।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ ପ୍ରଥମ ଇନିଂସ: ୨୭୦/୧୦ (ହିତ୍ ପଟେଲ-୯୮, ଜୟଦେବ ଉନାଡକଟ-୪୭, ଆର. ସାଇ କିଶୋର-୫/୮୬, ବାସିଲ ଥାମ୍ପି-୨/୪୨)। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସ:୩୨୭/୧୦ (ବାବା ଇନ୍ଦ୍ରଜିତ-୧୧୮, ମନୀଷ ପାଣ୍ଡେ-୪୮, ଜୟଦେବ ଉନାଡକଟ-୪/୫୨, ଅତୀତ ସେଠ-୩/୫୧)। ପଶ୍ଚିମାଞ୍ଚଳ ଦ୍ୱିତୀୟ ଇନିଂସ: ୫୮୫/୫ (ଯଶସ୍ୱୀ ଜୟସ୍ୱାଲ-୨୬୫, ସର୍ଫରାଜ ଖାନ୍-୧୨୭, ଆର. ସାଇ କିଶୋର-୨/୧୫୭, କ୍ରିଷ୍ଣାପ୍ପା ଗୋଥାମ-୨/୨୩୫)। ଦକ୍ଷିଣାଞ୍ଚଳ ଦ୍ୱିତୀୟ ଇନିଂସ: ୨୩୪/୧୦ (ରୋହନ୍ କୁନ୍ନୁମଲ-୯୩, ଟି. ରବି ତେଜା-୫୩, ସାମ୍ସ ମୁଲାନୀ-୪/୫୧, ଜୟଦେବ ଉନାଡକଟ-୨/୨୮)।

# ବିଶ୍ୱ ରେକର୍ଡ କଲେ କିପ୍‌ଚୋଗେ

**ବର୍ଲିନ, ୨୫ା୯(ଏପି):** ଦୁଇଥର ଅଲିମ୍ପିକ ଚାମ୍ପିୟନ ଏଲିଉଡ୍ କିପ୍‌ଚୋଗେ ବର୍ଲିନ ମାରାଥନରେ ନିଜ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। କେନିଆର ଏହି ଷ୍ଟାର ଧାବକ ୨ ଘଣ୍ଟା ୧ ମିନିଟ ୯ ସେକେଣ୍ଡରେ ଫିନିଶ ଲାଇନ୍ ଅତିକ୍ରମ କରିଥିଲେ। ଏହାଦ୍ୱାରା ସେ ୨୦୧୮ରେ ସମାନ ଇଭେଣ୍ଟରେ ୨:୦୧:୩୯ ଟାଇମିଂରେ ଯେଉଁ ବିଶ୍ୱ ରେକର୍ଡ କରିଥିଲେ ତାହାକୁ ଭଙ୍ଗ କରିଦେଇଛନ୍ତି। ୩୭ ବର୍ଷୀୟ କିପ୍‌ଚୋଗେ କହିଛନ୍ତି ନିଜର ମାନସିକତା ପରେ ସବୁକିଛି ନିର୍ଭର କରୁଛି। ତାଙ୍କ ଗୋଡ଼ ଓ ଶରୀର ଯୁବକ ମନେ କରୁଛନ୍ତି। ବିଶ୍ୱ ରେକର୍ଡ ଭଙ୍ଗ କରିଥିବାରୁ ସେ ଖୁସି ଅନୁଭବ କରୁଛନ୍ତି। ଇଥିଓପିଆର ଟିଗିଷ୍ଟ ଆସେଫା କୋର୍ସ ରେକର୍ଡ ୨:୧୫:୩୪ ଟାଇମିଂରେ ମହିଳା ରେସ୍ ଜିତିଥିଲେ। ତାଙ୍କର ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନଠାରୁ ସେ ଏଠାରେ ୧୮ ମିନିଟ ଶୀଘ୍ର ରେସ୍ ଶେଷ କରିଛନ୍ତି। ୨୬ ବର୍ଷୀୟ ଆସେଫା କହିଛନ୍ତି ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରତି ତାଙ୍କର ଭୟ ନ ଥିଲା, ଯେଉଁମାନଙ୍କର କି ଏହି ଇଭେଣ୍ଟ ପୂର୍ବରୁ ତାଙ୍କଠାରୁ ଉନ୍ନତ ଶ୍ରେଷ୍ଠ ଟାଇମିଂ ରହିଥିଲା।

# ଭାରତ 'ଏ' ସିରିଜ ବିଜୟୀ

- କୁଲ୍‌ଦୀପ ଯାଦବଙ୍କ ହ୍ୟାଟ୍ରିକ୍
- ଶ'ଙ୍କ ଦ୍ରୁତ ଅର୍ଦ୍ଧଶତକ

**ଚେନ୍ନାଇ, ୨୫ା୯ (ପି.ଟି.):** ବାମହାତୀ ରିଷ୍ଟ ସ୍ପିନର କୁଲ୍‌ଦୀପ ଯାଦବ (୪/୫୧)ଙ୍କ ହ୍ୟାଟ୍ରିକ୍ ଓ ପୃଥ୍ୱୀ ଶ'ଙ୍କ ଦ୍ରୁତ ଅପରାଜିତ ଅର୍ଦ୍ଧଶତକ (୪୮ ବଲ୍‌ରୁ ୭୭ରନ) ସହାୟତାରେ ଭାରତ 'ଏ' ଏଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ 'ଏ' ବିପକ୍ଷ ଦ୍ୱିତୀୟ ଅନ୍‌ଅଫିସିଆଲ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚକୁ ୪ ଉଇକେଟରେ ଜିତିନେଇଛି। ଏଥି ସହିତ ଦଳ ୨-୦ରେ ଅଗ୍ରଣୀ ସହ ୩ ମ୍ୟାଚବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଏ' ୪୭ ଓଭରରେ ୨୧୯ରନ କରି ଅଲ୍‌ଆଉଟ ହୋଇଯାଇଥିଲା। କୁଲ୍‌ଦୀପ ହ୍ୟାଟ୍ରିକ୍ ସହ ଶେଷ ୪ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାଚରେ କୁଲଦୀପଙ୍କ ପ୍ରଥମ ଶିକାର ହୋଇଥିଲେ ସିନ୍ ସୋଲିଆ। ପରେ ସେ ଲୋଗାନ ଭାନ୍ ବିକ୍, ଜୋ ୱାକର ଓ ଜାକବ ଡଫିଙ୍କ ଉଇକେଟ ନେଇ ସେ ତାଙ୍କର ସ୍ମରଣୀୟ ହ୍ୟାଟ୍ରିକ କରିଥିଲେ। ଭାରତ 'ଏ' ୧୬ ଓଭର ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ ୩୪ ଓଭରରେ ୬ଉଇକେଟ ବିନିମୟରେ ୨୨୨ରନ କରିଥିଲା। ଘରୋଇ ଦଳ ଗତ ଗୁରୁବାର ପ୍ରଥମ ମ୍ୟାଚ ୭ଉଇକେଟରେ ଜିତିନେଇଥିଲା। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ମ୍ୟାଚ ମଙ୍ଗଳବାର ଖେଳାଯିବ।

CLASSIFIED DISPLAY
MORE SPACE • SAME PRICE

ଧନ କୁବେର ଫାଇନାନ୍ସ
30000 ରୁ 50 ଲକ୍ଷ ପର୍ଯ୍ୟନ୍ତ ଋଣ। ପ୍ରପର୍ଟି, ପର୍ସନାଲ, ଏଜୁକେଶନ, ଉଦ୍ୟୋଗ, ଗୃହ ଋଣ, ଇଟାଭାଟି ଋଣ, 36 ଘଣ୍ଟାରେ 2% ସୁଧ 50% ରିହାତି (ସିବିଲ ଖରାପ ଥିବା ବ୍ୟକ୍ତି ମଧ୍ୟ ଋଣ ପାଆନ୍ତୁ)
9457203304

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହକିର ପୁରୁଣା ଗଡ଼ ଉପରେ ଦିଲୀପଙ୍କ ନଜର

**ଭୁବନେଶ୍ୱର, ୨୫ା୯(କ୍ରୀଡ଼ା ପ୍ରତିନିଧି)** ହକି ଇଣ୍ଡିଆର ନବନିର୍ବାଚିତ ସଭାପତି ଅଲିମ୍ପିଆନ ଦିଲୀପ ତିର୍କୀଙ୍କୁ ରବିବାର ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ (ଓସ୍‌ଜା) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ୪୧୨ ଆନ୍ତର୍ଜାତିକ ହକି ମ୍ୟାଚ୍ ଖେଳିବାର ରେକର୍ଡ ରଖିଥିବା ଦିଲୀପ ନିକଟରେ ଅନୁଷ୍ଠିତ ନିର୍ବାଚନରେ ନିର୍ବିବାଦରେ ସଭାପତି ନିର୍ବାଚିତ ହୋଇଥିଲେ। ତାଙ୍କ ବାସଭବନରେ ଓସ୍‌ଜାର ସଦସ୍ୟମାନେ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ଉପହାର ପ୍ରଦାନ କରିଥିଲେ। ରାଜ୍ୟ ଓ ଦେଶରେ ହକି ପ୍ରସାର ବାବଦରେ ସଓଜାର ସଦସ୍ୟମାନଙ୍କ ସହ କଥା ହୋଇଥିଲେ ଦିଲୀପ। ଜାନୁଆରୀ ମାସରେ ଓଡ଼ିଶାରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଆୟୋଜନ ତାଙ୍କ ପାଇଁ ପ୍ରଥମ ବଡ଼ ଆହ୍ୱାନ। ଭାରତୀୟ ହକିର ପୁରୁଣା ଗଡ଼ ଭୋପାଳ, ହାଇଦ୍ରାବାଦ ଏବଂ ଲକ୍ଷ୍ନୌ ଆଦିରୁ ପୁଣି ଭଲ ପ୍ରତିଭା ବାହାରନ୍ତି ସେଦିଗରେ ତାଙ୍କ ବିଶେଷ ଦୃଷ୍ଟି ରହିବ ବୋଲି ଦିଲୀପ କହିଥିଲେ। ରବିବାର ବହୁ ରାଜନେତା ଓ ଖେଳାଳି ଦିଲୀପଙ୍କ ବାସଭବନକୁ ଯାଇ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେମାନଙ୍କ ଭିତରେ ସାମିଲ ଥିଲେ ଭାରତୀୟ ହକି ଦଳର ଦୁଇ ସଦସ୍ୟ ଅମିତ ରୋହିଦାସ ଓ ଦିପସାନ ତିର୍କୀ, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ତାଙ୍କ ଝିଅ ଜୁନିୟର ଆଥଲେଟ୍ ଆଶିଂକା। ଓସ୍‌ଜା ସଭାପତି ସନ୍ଦୀପ ମିଶ୍ର, କାର୍ଯ୍ୟକାରୀ ସଭାପତି କେ. ରବିଙ୍କ ସହ ସୁରେଶ ସ୍ୱାଇଁ, ଦେବାଶିଷ ସୁନ୍ଦରାୟ, ସସ୍ମିତ ମହାପାତ୍ର, ତପନ ସ୍ୱାଇଁ, ତନ୍ମୟ ଦାସ, ବେଣୁଧର ଦାସ, ରଞ୍ଜନ ରାୟ, ଚକ୍ରଧର ମାଝି, କୁମାର ବିମଳ ଏବଂ ମହେନ୍ଦ୍ର ସାହୁ ଦିଲୀପଙ୍କୁ ଭେଟିଥିଲେ।



ଦିଲୀପ ତିର୍କୀଙ୍କ ସହ ଓସ୍‌ଜା କର୍ମକର୍ତ୍ତା ଓ ସଦସ୍ୟଗଣ।

## ହକି ଇଣ୍ଡିଆ ସଭାପତିଙ୍କୁ ସମ୍ବର୍ଦ୍ଧିତ କଲା ଓସ୍‌ଜା

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶାରଦା ପ୍ରସାଦ ସେନ୍
ଏ/୭, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ଼ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୩୯
ତିରୋଧାନ: ୧୭।୦୯।୨୦୨୦
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୨୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଜୟକୃଷ୍ଣ ପଣ୍ଡା
ପ୍ଲଟ୍ ନମ୍ବର-୩୨, ସେକ୍ଟର-୪, ନୀଳାଦ୍ରି ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଆବିର୍ଭାବ-୧୪।୦୧।୧୯୩୮
ତିରୋଧାନ- ୦୮।୧୦।୨୦୨୧
ଚାହୁଁ ଚାହୁଁ ଏକବର୍ଷ ବିତିଗଲା। ଆପଣଙ୍କ ଅନୁପସ୍ଥିତି ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଓ କର୍ତ୍ତବ୍ୟ ପରାୟଣତା ଆମମାନଙ୍କ ଜୀବନର ମାର୍ଗ ଦର୍ଶକ ହେଉ। ଆଜି ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆପଣଙ୍କର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୦୬

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୭।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୩୭୨୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଜିତ୍ କୁମାର ପଟ୍ଟନାୟକ
ଠିକଣା- ଜାଗମରା, ଭୁବନେଶ୍ୱର
ଆବିର୍ଭାବ: ୦୩।୦୬।୧୯୬୨
ତିରୋଧାନ: ୦୬।୧୦।୨୦୨୧
ଆପଣଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର: ଆଶୁତୋଷ ପଟ୍ଟନାୟକ, ଅଭିଷେକ ପଟ୍ଟନାୟକ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୧୬୨୫

# ସୌରଜଗତରେ ବୁଦ୍ଧିମାନ ଜୀବ ସନ୍ଧାନ



ଇଂ. ମାୟାଧର ସ୍ୱାଇଁ

କୋଟି କୋଟି ଗାଲାକ୍ସିକୁ ନେଇ ବିଶ୍ୱ ଗଠିତ ଏବଂ ପ୍ରତ୍ୟେକ ଗାଲାକ୍ସିରେ କୋଟି କୋଟି ନକ୍ଷତ୍ର ଅଛନ୍ତି। ଆମ ସୌରଜଗତର ମୁଖ୍ୟ ସୂର୍ଯ୍ୟ ଆକାଶଗଙ୍ଗା ଗାଲାକ୍ସିରେ ଥିବା ଅନେକ ନକ୍ଷତ୍ର ମଧ୍ୟରୁ ଗୋଟିଏ। ସୂର୍ଯ୍ୟଠାରୁ ଅନୁକୂଳ ଦୂରତାରେ ଅବସ୍ଥାନ କରିଥିବାରୁ ପୃଥିବୀରେ ଜୀବଜଗତ ଗଢ଼ିଉଠିଛି। ବିଶ୍ୱର ଅସଂଖ୍ୟ ନକ୍ଷତ୍ର ମଧ୍ୟରେ ପୃଥିବୀ ଭଳି ଗ୍ରହ ମଧ୍ୟ ଥାଇପାରେ ଏବଂ ସେଠାରେ ମଧ୍ୟ ଆମ ଭଳି ଉନ୍ନତ ସଭ୍ୟତା ଥାଇପାରେ। କିନ୍ତୁ ଅତ୍ୟଧିକ ଦୂରତା ଏବଂ ବିଜ୍ଞାନ ବିକାଶ ସୀମିତତା ହେତୁ ଆମେ ସେମାନଙ୍କ ସମ୍ବନ୍ଧରେ ଜାଣିପାରୁନାହୁଁ। ସେମାନଙ୍କର ସନ୍ଧାନ ନେବା ପାଇଁ କିଛି ବର୍ଷ ତଳୁ ଚେଷ୍ଟା ଆରମ୍ଭ ହୋଇଛି। ଏହାର ନାମ ଦିଆଯାଇଛି Search for Extraterrestrial Intelligence ବା ସଂକ୍ଷେପରେ 'ସେଟି'। ଏହାର ଅର୍ଥ ହେଉଛି 'ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ସନ୍ଧାନ'।

ପୃଥିବୀ ବାହାରେ ବୁଦ୍ଧିମାନ ଜୀବର ସମ୍ଭାବନା ସମ୍ପର୍କରେ ମତ ଦେଇଥିବା ବୈଜ୍ଞାନିକମାନଙ୍କ ମଧ୍ୟରେ ଆମେରିକାର ଜ୍ୟୋତିର୍ବିଦ୍ ଫ୍ରାଙ୍କ ଡ୍ରେକ୍ ହେଉଛନ୍ତି ଅନ୍ୟତମ। ସେମାନଙ୍କୁ ଅନ୍ୱେଷଣ କରିବାର ପ୍ରୟାସ ସେ ହିଁ ପ୍ରଥମେ ଆରମ୍ଭ କରିଥିଲେ। ସେ ଗାଣିତିକ ଉପାୟରେ ଆକାଶଗଙ୍ଗା ଗାଲାକ୍ସିରେ ଥିବା ଉନ୍ନତ ସଭ୍ୟତା ସଂଖ୍ୟାର ଏକ ଆକଳନ କରିଥିଲେ। ଏଥିପାଇଁ ସେ ପ୍ରକାଶ କରିଥିବା ସମୀକରଣକୁ ତାଙ୍କ ନାମ ଅନୁସାରେ 'ଡ୍ରେକ୍ ସମୀକରଣ' କୁହାଯାଏ।

ଫ୍ରାଙ୍କ୍ ଡ୍ରେକ୍ ୧୯୩୦ ମେ ୨୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ସିକାଗୋଠାରେ ଭୂମିଷ୍ଠ ହୋଇଥିଲେ। ତିନି ଭାଇଭଉଣୀଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ଥିଲେ। ତାଙ୍କର ପିତା ରିଚାର୍ଡ ଜଣେ ରାସାୟନିକ ଇଞ୍ଜିନିୟର ଓ ମା' ଉଇନଫ୍ରେଡ୍ ଜଣେ ସଙ୍ଗୀତ ଶିକ୍ଷୟିତ୍ରୀ ଥିଲେ। ପିଲାଦିନୁ ତାଙ୍କର ଜ୍ୟୋତିର୍ବିଜ୍ଞାନ ପ୍ରତି ଆଗ୍ରହ ଥିଲା। ସେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରୁ ୧୯୫୨ରେ ଇଞ୍ଜିନିୟରିଂ ପଦାର୍ଥ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ତିନି ବର୍ଷ ନୌବାହିନୀରେ ଇଲେକ୍ଟ୍ରୋନିକ୍ସ ଅଧିକାରୀ ଭାବରେ କାର୍ଯ୍ୟ କରିବା ପରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ସେଠାରୁ ୧୯୫୮ରେ ଜ୍ୟୋତିର୍ବିଜ୍ଞାନରେ ସ୍ନାତକୋତ୍ତର ଓ ପି.ଏଚଡି ଡିଗ୍ରୀ ଲାଭ କରିଥିଲେ।

ଡ୍ରେକ୍ ଏହାପରେ ହାର୍ଭାର୍ଡ ଗ୍ରୀନବ୍ୟାଙ୍କଠାରେ ଥିବା 'ଜାତୀୟ ରେଡିଓ ଜ୍ୟୋତିର୍ବିଜ୍ଞାନ ପର୍ଯ୍ୟବେକ୍ଷଣାଗାର'ରେ କାର୍ଯ୍ୟ କଲେ। ସେଠାରେ ସେ 'ଓଜ୍ମା' ନାମକ ପ୍ରକଳ୍ପରେ ବାହ୍ୟଜଗତରେ ବୁଦ୍ଧିମାନ ଜୀବର ସନ୍ଧାନ ପାଇଁ କାର୍ଯ୍ୟକଲେ। ଆମଠାରୁ ୧୧ ଆଲୋକବର୍ଷ ଦୂରରେ ଥିବା ସୂର୍ଯ୍ୟଭଳି ଦୁଇଟି ନକ୍ଷତ୍ର 'ତାଉସେଟି' ଏବଂ 'ଏପାଲିସନ ଇରିଡାନି'କୁ ଦୂରବୀକ୍ଷଣ ଯନ୍ତ୍ରରେ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିଥିଲେ। ଏହାର ଏକ ବର୍ଷ ପରେ କାର୍ଲ ସାଗନ, ଜନ୍ ଲିଲି ଓ ଅନ୍ୟ କେତେକ ଜ୍ୟୋତିର୍ବିଦ୍‌ଙ୍କ ସହିତ ମିଶି ସେ 'ସେଟି' ସମ୍ବନ୍ଧରେ ଆଲୋଚନା କଲେ।

ଏଭଳି ଏକ ଉଦ୍ଭଟ କଳ୍ପନା କରିଥିବାରୁ ଲୋକମାନଙ୍କ ଦ୍ୱାରା ସମାଲୋଚିତ ହେବା ଭୟରେ ସେ ଏହାକୁ ଗୁପ୍ତ ରଖିଥିଲେ। ଡ୍ରେକ୍ ଏହି ପର୍ଯ୍ୟବେକ୍ଷଣଗାରରେ ତାଙ୍କର ପ୍ରସିଦ୍ଧ ସମୀକରଣକୁ ପ୍ରକାଶ କରିଥିଲେ। ଆଇନଷ୍ଟାଇନଙ୍କ ଶକ୍ତି-ବସ୍ତୁତ୍ୱ ସମୀକରଣ ପରେ ଏହାକୁ ବିଜ୍ଞାନରେ ଦ୍ୱିତୀୟ ଶ୍ରେଷ୍ଠ ସମୀକରଣର ଆଖ୍ୟା ଦିଆଯାଏ।

ଡ୍ରେକ୍ ଏହାପରେ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦରେ ଯୋଗଦେଲେ ଏବଂ ପରେ ପରେ ଜାତୀୟ ଜ୍ୟୋତିର୍ବିଜ୍ଞାନ ଓ ଆୟନମଣ୍ଡଳ କେନ୍ଦ୍ରର ନିର୍ଦ୍ଦେଶକ ହୋଇଥିଲେ। ଏହି କେନ୍ଦ୍ରରେ ଥିବା ବୃହତ୍ ୩୦୦ ମିଟର ଏଣ୍ଟିନା ପୃଥିବୀର ଶ୍ରେଷ୍ଠ 'ସେଟି ଯନ୍ତ୍ର' ଥିଲା। ସେଠାରେ ଥିବାବେଳେ ଡ୍ରେକ୍ ବୃହସ୍ପତି ଗ୍ରହ ଆୟନମଣ୍ଡଳ ଓ ଚୁମ୍ବକମଣ୍ଡଳ ଆବିଷ୍କାର କରିଥିଲେ। ସେ ମଧ୍ୟ ଶୁକ୍ର ଗ୍ରହର ବାୟୁମଣ୍ଡଳ ଉପରେ ବିଷଦ ଅଧ୍ୟୟନ କରିଥିଲେ।

ଅନ୍ୟଗ୍ରହରେ ବୁଦ୍ଧିମାନ ଜୀବର ସନ୍ଧାନର ଗବେଷଣା ପାଇଁ ଅନେକ ବୈଜ୍ଞାନିକ ଓ ଅନୁଷ୍ଠାନ ଆକୃଷ୍ଟ ହେଲେ। ୧୯୭୫ରେ 'ସାଇକ୍ଲୋପ୍ ପ୍ରକଳ୍ପ' ଅଧୀନରେ ସୌରଜଗତରେ ଜୀବର ସନ୍ଧାନ ପାଇଁ ଅଧ୍ୟୟନ କରାଗଲା। ଡ୍ରେକ୍‌ଙ୍କ ଲିଖିତ ପୁସ୍ତକ 'ମହାକାଶ ବୁଦ୍ଧିମାନ ଜୀବ'ର ମୂଳ ବିଷୟବସ୍ତୁ ଥିଲା ବିଶ୍ୱରେ ବୁଦ୍ଧିମାନ ଜୀବଙ୍କୁ ଖୋଜିବା ପାଇଁ। 'ନାସା' ୧୦୦ ମିଟର ବ୍ୟାସବିଶିଷ୍ଟ ୧୦୦୦ଟି ରେଡିଓ ଦୂରବୀକ୍ଷଣ ଯନ୍ତ୍ରର ଏକ ସମାହାର ଯୋଜନା କରିଥିଲା ଏବଂ ଆମଠାରୁ ୧୦୦୦ ଆଲୋକବର୍ଷ ଦୂରତା ପର୍ଯ୍ୟନ୍ତ ବିଶ୍ୱକୁ ଏହାଦ୍ୱାରା ପର୍ଯ୍ୟବେକ୍ଷଣ କରିବା ପାଇଁ ଡିଜାଇନ୍ ହୋଇଥିଲା। ଦଶ ବିଲିୟନ ଡଲାରର ଏହି ପ୍ରକଳ୍ପ ପାଇଁ ଅର୍ଥ ଦେବାକୁ ସରକାର ମନା କରିଦେବାରୁ ଏହା ବନ୍ଦ ହୋଇଗଲା। ମାତ୍ର 'ସେଟି' ପ୍ରତି ଲୋକଙ୍କର ଆଗ୍ରହ ବଢ଼ିଲା। ଅନେକ ବେସରକାରୀ ସଂସ୍ଥା ମଧ୍ୟ ଏଥିପାଇଁ ଆଗେଇ ଆସିଲେ। 'ସେଟି ଇନ୍‌ଷ୍ଟିଚ୍ୟୁଟ୍' ସ୍ଥାପିତ ହୋଇ ଏହା ସମ୍ବନ୍ଧରେ ଅଧ୍ୟୟନ ଓ ଗବେଷଣା ହେଉଛି। 'ନାସା' ମହାକାଶକୁ ୧୯୭୨ ଓ ୧୯୭୩ରେ ଯଥାକ୍ରମେ 'ପାଇଓନିୟର-୧୦' ଏବଂ 'ପାଇଓନିୟର-୧୧' ଯାନ ପ୍ରେରଣ କରିଥିଲା। ଡ୍ରେକ୍ ଓ କାର୍ଲ ସାଗନ୍ ଡିଜାଇନ୍ କରିଥିବା ଗୋଟିଏ ଫଳକ ଏଥିରେ ଥିଲା। ଏଥିରେ ଜଣେ ପୁରୁଷ ଓ ମହିଳାର ନଗ୍ନ ଚିତ୍ର ସହିତ ଏହା କେଉଁଠାରୁ ଯାଇଛି ତାହାର ମାନଚିତ୍ର ଥିଲା। ସେହିପରି ୧୯୭୭ରେ 'ନାସା'ର 'ଭୋୟେଜର-୧' ଏବଂ 'ଭୋୟେଜର-୨' ଯାନରେ ମଧ୍ୟ ଡ୍ରେକ୍ ଓ ସାଗନ ୧୨ ଇଞ୍ଚର ସୁନା ପ୍ରଲେପିତ ତମ୍ବା ରେକର୍ଡ ଥାଳିଆ ଖଞ୍ଜିଥିଲେ, ଯେଉଁଥିରେ ପୃଥିବୀ ପୃଥିବୀବାସୀଙ୍କ ଶବ୍ଦ ଓ ଦୃଶ୍ୟ ଥିଲା। ଡ୍ରେକ୍ ୧୯୭୪ ନଭେମ୍ବର ୧୬ରେ 'ଏମ୍-୧୩' ନକ୍ଷତ୍ରମଣ୍ଡଳ ଆଡ଼କୁ ୨୦ ଟ୍ରିଲିୟନ ୱାଟ୍ କ୍ଷମତାର ଏକ ବାର୍ତ୍ତା ପଠାଇଥିଲେ। ଉଦ୍ଦେଶ୍ୟ ଥିଲା ଯଦି ପୃଥିବୀ ବାହାରର ବୁଦ୍ଧିମାନ ଜୀବନ ଏସବୁକୁ ପାଇବେ, ତାହାହେଲେ ସେମାନେ ଆମର ଅନେଷ୍ୱଣ କରି ଆମ ସହିତ ସମ୍ପର୍କ ସ୍ଥାପନ କରିପାରିବେ।

ଡ୍ରେକ୍ ୧୯୮୪ରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ଯୋଗଦେଲେ ଏବଂ 'ସେଟି' ଇନ୍‌ଷ୍ଟିଚ୍ୟୁଟର ସଭାପତି ମଧ୍ୟ ହେଲେ। ସେହି ବର୍ଷ ସେପ୍ଟେମ୍ବର ୨ ତାରିଖରେ ସେ ୯୨ ବର୍ଷ ବୟସରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ସମ୍ମାନରେ ଗୋଟିଏ ଗ୍ରହାଣୁର ନାମ '୪୭୭୨ ଫ୍ରାଙ୍କ୍ ଡେଡ୍' ରଖାଯାଇଛି। ସେଟି ଇନ୍‌ଷ୍ଟିଚ୍ୟୁଟ୍ ପ୍ରତିବର୍ଷ ସେଟି ସମ୍ବନ୍ଧରେ ଉନ୍ନତ ଗବେଷଣା କରିଥିବା ବୈଜ୍ଞାନିକଙ୍କୁ 'ଡ୍ରେକ୍ ପୁରସ୍କାର' ପ୍ରଦାନ କରୁଛି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧,
ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

"ଅନ୍ୟ ଗ୍ରହରେ ବୁଦ୍ଧିମାନ ଜୀବ ସନ୍ଧାନର ଗବେଷଣା ପାଇଁ ଅନେକ ବୈଜ୍ଞାନିକ ଓ ଅନୁଷ୍ଠାନ ଆକୃଷ୍ଟ ହେଲେ। ୧୯୭୫ରେ 'ସାଇକ୍ଲୋପ୍ ପ୍ରକଳ୍ପ' ଅଧୀନରେ ସୌରଜଗତରେ ଜୀବର ସନ୍ଧାନ ପାଇଁ ଅଧ୍ୟୟନ କରାଗଲା। ଫ୍ରାଙ୍କ୍ ଡ୍ରେକ୍‌ଙ୍କ ଲିଖିତ ପୁସ୍ତକ 'ମହାକାଶ ବୁଦ୍ଧିମାନ ଜୀବ'ର ମୂଳ ବିଷୟବସ୍ତୁ ଥିଲା ବିଶ୍ୱରେ ବୁଦ୍ଧିମାନ ଜୀବଙ୍କୁ ଖୋଜିବା ପାଇଁ। 'ନାସା' ୧୦୦ମିଟର ବ୍ୟାସ ବିଶିଷ୍ଟ ୧୦୦୦ଟି ରେଡିଓ ଦୂରବୀକ୍ଷଣ ଯନ୍ତ୍ରର ଏକ ସମାହାର ଯୋଜନା କରିଥିଲା ଏବଂ ଆମଠାରୁ ୧୦୦୦ ଆଲୋକବର୍ଷ ଦୂରତା ପର୍ଯ୍ୟନ୍ତ ବିଶ୍ୱକୁ ଏହାଦ୍ୱାରା ପର୍ଯ୍ୟବେକ୍ଷଣ କରିବା ପାଇଁ ଡିଜାଇନ୍ ହୋଇଥିଲା।"








ଫ୍ରାଙ୍କ୍ ଡ୍ରେକ୍

# ଜାଣି ରଖନ୍ତୁ



ହୃଦ୍‌ଘାତ(ହାର୍ଟ ଆଟାକ୍) ବର୍ତ୍ତମାନ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଗଲାଣି। ତେବେ ଯଦି ଆମେ ଏହାର ଲକ୍ଷଣ ବିଷୟରେ ଅବଗତ ହେବା ତେବେ ତାହାର ଚିକିତ୍ସା ଠିକ୍ ସମୟରେ କରାଇପାରିବା। ଆଜିକାଲି ହୃଦ୍‌ଘାତର ଚିକିତ୍ସା ପାଇଁ ଅନେକ ପ୍ରକାର ନୂତନ ପ୍ରଣାଳୀ ଅନୁସରଣ କରାଯାଉଛି। ଫଳରେ ଏଥିଜନିତ ମୃତ୍ୟୁହାର କେତେକାଂଶରେ କମିପାରିଛି। ହୃଦ୍‌ଘାତର କେତୋଟି ଲକ୍ଷଣ ବିଷୟରେ ଜଣେ ବ୍ୟକ୍ତି ଜାଣିବା ନିହାତି ଦରକାର। ଛାତିରେ ହଠାତ୍ ଖୁବ୍ ଯନ୍ତ୍ରଣା ହେବା, ଝାଳ ବୋହିବା, ଧଇଁ ସଇଁ ହେବା ଏହାର ପ୍ରମୁଖ ଲକ୍ଷଣ। କିନ୍ତୁ କେତେକ ଏହା ଅନ୍ୟ କାରଣରୁ ଯଥା-ଗ୍ୟାଷ୍ଟ୍ରିକ୍ କିମ୍ବା ଡାଇବେଟିସ୍ ପାଇଁ ହେଉଛି ଭାବି ସେତେଟା ଗୁରୁତ୍ୱ ଦେଇନଥାନ୍ତି। କିନ୍ତୁ ଏଭଳି ଲକ୍ଷଣ ବିଷୟରେ ସୂଚନା ପାଇବା ମାତ୍ରେ ବିଳମ୍ବ ନ କରି ତୁରନ୍ତ ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଦରକାର। ଯେଉଁମାନଙ୍କର ଡାଇବେଟିସ୍, ବ୍ଲଡପ୍ରେସର କିମ୍ବା ଅଧିକ କୋଲେଷ୍ଟରଲ ଥାଏ, ସେମାନେ ହୃଦ୍‌ଘାତର ଶିକାର ହେବାର ଆଶଙ୍କା ଅଧିକ ରହିଛି। ଆଉ ଏକ କଥା ହେଲା ନିଶାଦ୍ରବ୍ୟ ସେବନ। ଏଭଳି ଅଭ୍ୟାସଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ। ବେଳେବେଳେ ହୃଦ୍‌ରୋଗ ଆମ ଶରୀରକୁ ଜିନ୍ ମାଧ୍ୟମରେ ବାପା, ମା' ଜେଜେଙ୍କଠାରୁ ବି ଆସିପାରେ। ତେଣୁ ନିଜକୁ ହୃଦ୍‌ଘାତରୁ ରକ୍ଷା କରିବା ପାଇଁ ଉପରୋକ୍ତ ବିଷୟରେ ଜାଣି ରଖନ୍ତୁ।

## ରୋଗପ୍ରତିରୋଧକ ଶକ୍ତି ଓ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ସ, ଫାଇବର୍ ଓ ଆଣ୍ଟି ଅକ୍ସିଡାଣ୍ଟ ଉପାଦାନ ଭରିହୋଇ ରହିଛି। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ହାଡ଼, ଅସ୍ଥି ଓ ମଜ୍ଜାକୁ ଶକ୍ତ କରିଥାଏ। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଦୃଷ୍ଟି ଶକ୍ତିକୁ ଆହୁରି ମଜଭୁତ କରିଥାଏ। ଏଥିରେ ଥିବା ଭିଟାମିନ୍-ସି ଶରୀରରେ ଆଣ୍ଟିବଡ଼ି ଗଠନ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଏହା ରକ୍ତରେ ଶର୍କରାର ପରିମାଣକୁ ସନ୍ତୁଳନ ରଖିବା ସହ ଉଚ୍ଚ ରକ୍ତଚାପକୁ ସନ୍ତୁଳିତ ରଖିଥାଏ। ଏଥିରେ ଥିବା ଫାଇବର ତତ୍ତ୍ୱ ଓଜନକୁ ସନ୍ତୁଳିତ ରଖେ। କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ।

## ରୋଟାଭାଇରସ୍ ଇନ୍‌ଫେକ୍‌ଶନ



ଆଜିକାଲି ଡାଇବେଟିସ୍ ବା ମଧୁମେହ ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ପୁଣି ଆମ ଦେଶରେ ଏହି ରୋଗୀଙ୍କ ସଂଖ୍ୟା ଏତେ ବେଶି ଯେ ଭାରତକୁ 'ଡାଇବେଟିସ୍‌ର ରାଜଧାନୀ' ବୋଲି କୁହାଯାଇଥାଏ। ତେବେ ଡାଇବେଟିସ୍‌କୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ, ଯଥା: ଟାଇପ୍-୧ ଡାଇବେଟିସ୍ ଏବଂ ଟାଇପ-୨ ଡାଇବେଟିସ୍। ଏକ ସର୍ଭେରୁ ଜଣାପଡ଼ିଛି ଯେ, ରୋଟାଭାଇରସ ଇନ୍‌ଫେକ୍‌ଶନ ଯୋଗୁ ଟାଇପ-୧ ଡାଇବେଟିସ୍ ଆଶଙ୍କା ଅଧିକ ରହିଛି। ଏଭଳି ବିଷୟବସ୍ତୁକୁ ନେଇ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ରୋଟାଭାଇରସ ଇନ୍‌ଫେକ୍‌ଶନ ଥିବା ବ୍ୟକ୍ତିଙ୍କଠାରେ ଟାଇପ-୧ ଡାଇବେଟିସର ଲକ୍ଷଣ ଅଧିକ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ହେଲେ ଏହି ରୋଗୀଙ୍କ ପାଇଁ ଏକ ଖୁସି ଖବର- ଏଥିପାଇଁ ଟିକା ରହିଛି, ଯାହାକୁ ନେଇଥିଲେ ଏଭଳି ଆଶଙ୍କା କେତେକାଂଶରେ କମ୍ ରହିଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# କାର୍ଯ୍ୟଶୈଳୀକୁ ପ୍ରଭାବିତ କରେ ନିଦ୍ରାହୀନତା

କୌଣସି କାମକୁ ସୁଚାରୁ ରୂପେ ସମ୍ପାଦନ କରିବା ନିଜର ଦକ୍ଷତା ଏବଂ ପ୍ରସ୍ତୁତ ଯୋଜନା ଉପରେ ନିର୍ଭର କରେ। ହେଲେ ନିଦ୍ରାହୀନତା ପରି ସମସ୍ୟା ଏ କ୍ଷେତ୍ରରେ ଅସୁବିଧା ସୃଷ୍ଟି କରିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'କାର୍ଯ୍ୟଶୈଳୀ ଏବଂ ନିଦ୍ରାହୀନତା' ବିଷୟ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହେଉଥିଲେ ସେମାନଙ୍କର କାର୍ଯ୍ୟଶୈଳୀକୁ ତନ୍ନ ତନ୍ନ କରି ସେମାନେ ସମୀକ୍ଷା କରିଥିଲେ। ଏମାନଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧାଧିକ ବ୍ୟକ୍ତିଙ୍କର କାର୍ଯ୍ୟଶୈଳୀରେ ତାରତମ୍ୟ ଲକ୍ଷ୍ୟ କରାଯାଇଥିଲା। ଆଉ ଏହାର କାରଣ କ'ଣ ଥିଲା ଜାଣନ୍ତି? ସେମାନେ ରାତିରେ ଠିକ୍ ଭାବରେ ଶୋଇ ପାରୁ ନ ଥିଲେ, ଯାହାର ପ୍ରଭାବ ସେମାନଙ୍କ ମାନସିକତା ଉପରେ ପଡୁଥିଲା। ଫଳରେ ସେମାନେ ନିଜ କାମକୁ ଠିକ୍ ଭାବରେ ତୁଲାଇ ପାରୁ ନ ଥିଲେ। ତେଣୁ ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଭଲ ଭାବରେ ଶୋଇବା ଦରକାର ବୋଲି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



# ଇନ୍‌ସୁଲିନର ଆବିଷ୍କାର: ସ୍ୱପ୍ନରୁ ସୂଚନା

(ଶେଷ ଭାଗ)

ସମ୍ପୂର୍ଣ୍ଣ ଅନଭିଜ୍ଞ ଏ ଗବେଷକର କଥା ଶୁଣି ମ୍ୟାକ୍‌ଲିଓଡଙ୍କର ପ୍ରତ୍ୟୟ ଜନ୍ମିଲା। ସେ ନିଜ ବିଭାଗରେ ବ୍ୟାଣ୍ଟିଙ୍ଗ୍‌ଙ୍କ ଗବେଷଣା ପାଇଁ ଜାଗାର ବ୍ୟବସ୍ଥା କରିଦେଲେ। ଦଶଟି କୁକୁର ଦେଲେ ଏବଂ ସହକାରୀ ହିସାବରେ ଜଣେ ଛାତ୍ରକୁ ଦେବାର ପ୍ରତିଶ୍ରୁତି ଦେଲେ। ଦୁଇ ସହପାଠୀ ଏଡ୍‌ୱାର୍ଡ କ୍ଲାର୍କ ନୋବେଲ ଏବଂ ଚାର୍ଲସ ବେଷ୍ଟ ନିଜ ଭିତରେ ଟସ୍ କରି ଠିକ୍ କଲେ, ବ୍ୟାଣ୍ଟିଙ୍ଗ୍‌ଙ୍କ ସହକାରୀ ହେବେ ବେଷ୍ଟ। ତାଙ୍କୁ ସାଙ୍ଗରେ ନେଇ ୧୯୨୧ ମସିହାରେ ଗ୍ରୀଷ୍ମରେ ବ୍ୟାଣ୍ଟିଙ୍ଗ୍ କାମ ଆରମ୍ଭ କଲେ। ଦେଖାଗଲା, ବ୍ୟାଣ୍ଟିଙ୍ଗ୍‌ଙ୍କ ପରିକଳ୍ପନା ସମ୍ପୂର୍ଣ୍ଣ ନିର୍ଭୁଲ। ସେହି କୁକୁରଟିର ରକ୍ତରେ ଗ୍ଲୁକୋଜର ମାତ୍ରା ସ୍ୱାଭାବିକ ହୋଇଗଲା। ୭୦ଦିନ ପରେ ନିର୍ଯ୍ୟାସର ଭଣ୍ଡାର ଶେଷ ହୋଇଯିବାରୁ ଚିକିତ୍ସିତ ହୋଇ ନ ପାରି କୁକୁରଟି ମରିଗଲା। ଲିୟୋନାର୍ଡ ଟମ୍‌ସନ୍ ନାମକ ଏକ ୧୪ବର୍ଷ ବୟସ୍କ ବାଳକ ଟମ୍‌ସନ୍ ଯିଏ ଥିଲା ଜଣେ ଟାଇପ୍-୧ ଡାଇବେଟିସ୍ ରୋଗୀ। ୧୯୨୨ ମସିହା ଜାନୁୟାରୀ ୧୧ ତାରିଖରେ ତା' ଉପରେ ପରୀକ୍ଷାମୂଳକ ଭାବରେ ପ୍ରୟୋଗ କରାହେଲା କୁକୁରର ଇନ୍‌ସୁଲିନ୍। ଟମ୍‌ସନ୍‌ଠାରେ ସାମାନ୍ୟ ଆଲର୍ଜି ଲକ୍ଷଣ ପ୍ରକାଶ ପାଇଲା। ଏହାର କିଛିଦିନ ପରେ ତା'ର କିଡ୍‌ନୀ ମଧ୍ୟ ଫେରିଲା ସୁସ୍ଥତା ଆଡ଼କୁ।

ଇନ୍‌ସୁଲିନ୍ ଆବିଷ୍କାରର ମାତ୍ର ଗୋଟିଏ ବର୍ଷ ପରେ ସୁଇଡିଶ୍ ଏକାଡେମୀ ବ୍ୟାଣ୍ଟିଙ୍ଗ ଏବଂ ମ୍ୟାକ୍‌ଲିଓଡ୍‌ଙ୍କୁ ୧୯୨୩ ମସିହାର ଚିକିତ୍ସାବିଜ୍ଞାନ ନୋବେଲ ପୁରସ୍କାରରେ ଭୂଷିତ କଲେ। ଏହାର ପରବର୍ତ୍ତୀ ଏକଶହ ବର୍ଷ ଧରି ଇନ୍‌ସୁଲିନ୍‌ର ଦୀର୍ଘ ଯାତ୍ରାପଥ ମଧ୍ୟମିଆଦୀ ଏବଂ ଦୀର୍ଘମିଆଦୀ। କ୍ରିୟାଶୀଳ ଇନ୍‌ସୁଲିନ୍ ପ୍ରାୟତଃ ଯନ୍ତ୍ରଣାବିହୀନ। ସେସବୁର ବିସ୍ତାରିତ ଆଲୋଚନା ଭିତରକୁ ନ ଯାଇ କୁହାଯାଇପାରେ ଯେ ଆବିଷ୍କୃତ ହେବାର ପରଠାରୁ ଡାଇବେଟିସ୍ ଚିକିତ୍ସାରେ ଇନ୍‌ସୁଲିନ୍‌ର ଉପଯୋଗିତା କ୍ରମବର୍ଦ୍ଧମାନ। ନିତ୍ୟ ପରିବର୍ତ୍ତନଶୀଳ ଔଷଧ-ଦୁନିଆରେ ଏକଶହ ବର୍ଷ ଧରି କୌଣସି ଔଷଧର ପ୍ରାସଙ୍ଗିକତା ଅତୁଟ ରହିଥିବାର ବିରଳ କୃତିତ୍ୱ କେବଳ ହୁଏତ ଇନ୍‌ସୁଲିନ୍‌ର!

-ଡା. ନିତ୍ୟାନନ୍ଦ ସ୍ୱାଇଁ
'ଅଭୀପ୍ସା', ସେକ୍ଟର-୭, ପ୍ଲଟ ନଂ. ୧୧୩୧, ସିଡିଏ, କଟକ-୧୪

# ଜଳାତଙ୍କ: କିଛି କଥା

ଡାକ୍ତରୀ ଭାଷାରେ ଜଳାତଙ୍କ ରୋଗକୁ 'ହାଇଡ୍ରୋଫୋବିଆ' କିମ୍ବା 'ରାବିଜ୍' ବୋଲି କହିଥାଆନ୍ତି। ଏକ ଭୂତାଣୁ ଦ୍ୱାରା ଏହି ରୋଗ ବ୍ୟାପିଥାଏ ଏବଂ ତାହା ରୋଗୀର ମସ୍ତିଷ୍କ ଏବଂ ସୁଷୁମ୍ନାକାଣ୍ଡକୁ ଆକ୍ରାନ୍ତ କରିଥାଏ। ଏହି ଭୂତାଣୁ ଦ୍ୱାରା ସଂକ୍ରମିତ କୁକୁର, ବିରାଡ଼ି, ବିଲୁଆ, ଗଧିଆ, ମାଙ୍କଡ଼, ବାଦୁଡ଼ି, ଗୋରୁ, ଘୋଡ଼ା, ମେଣ୍ଢା, ଛେଳି ଏବଂ ମୂଷାମାନଙ୍କ ଲାଳରେ ନିଷ୍କାଷିତ ହୋଇଥାଏ।



ଏହି ଜନ୍ତୁମାନେ କାମୁଡ଼ିଲେ ହିଁ ଜଳାତଙ୍କ ରୋଗ ବ୍ୟାପିଥାଏ। ବିଶେଷଭାବରେ ପାଗଳା କୁକୁର କାମୁଡ଼ିବା ଦ୍ୱାରା ଉକ୍ତ ରୋଗର ଆଶଙ୍କା ଅଧିକ ରହିଛି। ଏହା କାମୁଡ଼ିବାର ୨୦-୬୦ଦିନ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇଥାଏ। ଦେହହାତ ଘୋଳାବିନ୍ଧା ହେବା, ତଣ୍ଟିରେ ଘାଆ, ସାମାନ୍ୟ ଜ୍ୱର ହେଉଛି ଏହାର ପ୍ରମୁଖ ଲକ୍ଷଣ। ଏହି ରୋଗର କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ବ୍ୟବସ୍ଥା ନାହିଁ। ରୋଗୀକୁ ଟିଟାନସ ଟିକା ଏବଂ ଆଣ୍ଟିବାୟୋଟିକ୍ ଔଷଧ ଦିଆଯାଇଥାଏ। କୌଣସି ବ୍ୟକ୍ତିଙ୍କୁ କୁକୁର କାମୁଡ଼ିଦେଲେ ସେହି ସ୍ଥାନକୁ ପରିଷ୍କାର ପାଣିରେ ଭଲ ଭାବରେ ଧୋଇ ଦିଅନ୍ତୁ। ତାହାକୁ ସାବୁନ୍ ମାରି ପରିଷ୍କାର କରିଦିଅନ୍ତୁ। ତା'ପରେ ତାଙ୍କୁ ତୁରନ୍ତ ହସପିଟାଲ ନେଇଯାଆନ୍ତୁ। ଜଳାତଙ୍କ ରୋଗ ଅତିମାତ୍ରାରେ ସଂକ୍ରାମକ। ତେଣୁ ଏପରି ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଏବଂ ନର୍ସ ମାସ୍କ, ଗ୍ଲୋଭ୍‌ସ, ରଙ୍ଗିନ ଚଷମା ଓ ଆପ୍ରନ ପିନ୍ଧିବା ଦରକାର। ଏହି ରୋଗ ବିଷୟରେ ଜନସାଧାରଣଙ୍କୁ ସତର୍କ କରାଇବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୨୮ ତାରିଖକୁ 'ବିଶ୍ୱ ଜଳାତଙ୍କ ଦିବସ' ବା ୱାର୍ଲ୍ଡ ରାବିଜ୍ ଡେ' ଭାବରେ ପାଳନ କରାଯାଇ ଆସୁଅଛି।

# ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଏକ ରୁଟିନ୍ ଲାଇଫ ବିତାଇବାକୁ ଚେଷ୍ଟା କରନ୍ତୁ। ପ୍ରତିଦିନ କ'ଣ କରିବେ ପୂର୍ବଦିନ ଏ ନେଇ ପ୍ରସ୍ତୁତ ହୁଅନ୍ତୁ।
- ସାଧାରଣତଃ ବୟସ୍କ ବ୍ୟକ୍ତିମାନେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ତେଣୁ ନିୟମିତ ସମୟ ଅନ୍ତରାଳରେ ନିଜ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ।
- ଯଦି ଡାକ୍ତର ଆପଣଙ୍କୁ କୌଣସି ଔଷଧ ମାସାଧିକ ଖାଇବାକୁ ପରାମର୍ଶ ଦେଇଛନ୍ତି ତେବେ ତାହାକୁ ମଝିରେ ବନ୍ଦ କରନ୍ତୁ ନାହିଁ। କିଛି ସମସ୍ୟା ହେଲେ ବିଳମ୍ବ ନ କରି ସଂପୃକ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଦାନ୍ତ ଘଷିବାର ଏକ ସମୟ ଅବଧି ରହିଛି। ଆପଣ ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ। ପ୍ରତି ଛଅ ମାସରେ ଥରେ ଟୁଥ୍ ବ୍ରଶ ବଦଳାନ୍ତୁ। ସବୁବେଳେ ଫ୍ଲୋରାଇଡ୍‌ଯୁକ୍ତ ଟୁଥ୍‌ପେଷ୍ଟ ବ୍ୟବହାର କରନ୍ତୁ।



- ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ। ସେଥିପାଇଁ ଖାଦ୍ୟପେୟ ପ୍ରତି ସତର୍କ ରହିବା ସହ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ।
- ଯେ କୌଣସି କାର୍ଯ୍ୟ କଲାବେଳେ ଖୁସି ମନରେ କରନ୍ତୁ। ଚିନ୍ତାଠାରୁ ମଧ୍ୟ ଯେତେ ସମ୍ଭବ ନିଜକୁ ଦୂରେଇ ରଖନ୍ତୁ।
- ଅଣ୍ଟାଜନିତ କିଛି ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। କୌଣସି ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ସେପ୍ଟେମ୍ବର ୨୬/୨୦୨୨ Dhenkanal, Monday, September 26/ 2022



ଲିଜେଣ୍ଡସ୍ ଲିଗ୍ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତ କଟକର ବାରବାଟୀ ଷ୍ଟାଡିୟମ।

# ଟାଇଗର୍ସଠାରୁ ମଧୁର ପ୍ରତିଶୋଧ ଲକ୍ଷ୍ୟରେ କିଙ୍ଗ୍ସ

**ଭୁବନେଶ୍ୱର, ୨୫।୯(କ୍ରୀଡ଼ା ପ୍ରତିନିଧି)** ଅନେକ ଜାତୀୟ ଅନ୍ତର୍ଜାତୀୟ କ୍ରିକେଟର ମୂକସାକ୍ଷୀ ପାଲଟିଥିବା କଟକର ବାରବାଟୀ ଷ୍ଟାଡିୟମରେ ପ୍ରଥମଥର ପାଇଁ ହେବାକୁ ଯାଉଛି ଲିଜେଣ୍ଡସ୍ ଲିଗ୍ କ୍ରିକେଟ। ସୋମବାର ଏହି ଗ୍ରାଉଣ୍ଡରେ ଭିଲ୍‌ୱାରା କିଙ୍ଗ୍ସ ଓ ମଣିପାଲ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଏହା ବ୍ୟତୀତ ୨୭ରେ ଗୁଜରାଟ ଜାଏଣ୍ଟସ୍-ଭିଲ୍‌ୱାରା କିଙ୍ଗ୍ସ ଏବଂ ୨୯ରେ ଇଣ୍ଡିଆ କ୍ୟାପିଟାଲ୍ସ-ମଣିପାଲ ଟାଇଗର୍ସ ମ୍ୟାଚ୍ ମଧ୍ୟ ଏଠାରେ ଖେଳାଯିବ। ଏହାପରେ ୨ଟି ଲିଗ୍ ମ୍ୟାଚ୍ ଏବଂ ପ୍ଲେ-ଅଫ୍ ଯୋଧପୁରରେ ଅନୁଷ୍ଠିତ ହେବାପରେ ଅକ୍ଟୋବର ୫ରେ ଫାଇନାଲ ପୁଣି ବାରବାଟୀରେ ଅନୁଷ୍ଠିତ ହେବ। ମ୍ୟାଚ୍ ଖେଳିବା ପାଇଁ ଭିଲ୍‌ୱାରା କିଙ୍ଗ୍ସ ଓ ମନିପାଲ ଟାଇଗର୍ସ ଦଳ ରବିବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଅଭ୍ୟାସ ପାଇଁ ସମୟ ନ ଥିବାରୁ ଏହି ଦୁଇ ଦଳ ସିଧାସଳଖ ମ୍ୟାଚ୍ ଖେଳିବାକୁ ବାରବାଟୀ ଯିବେ। ପୂର୍ବତନ ଭାରତୀୟ ଅଲ୍‌ରାଉଣ୍ଡର ଇର୍‌ଫାନ ପଠାନ ଭିଲ୍‌ୱାରା କିଙ୍ଗ୍ସ ଦଳର ନେତୃତ୍ୱ ନେଉଛନ୍ତି। ସେହିପରି ମଣିପାଲ ଟାଇଗର୍ସ ଦଳର ଅଧିନାୟକ ହେଉଛନ୍ତି ପୂର୍ବତନ ତାରକା ସ୍ପିନର ହରଭଜନ ସିଂ।

ଭିଲ୍‌ୱାରା କିଙ୍ଗ୍ସ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଗେମ୍‌ରେ ବିଜୟ ଓ ପରାଜୟ ସ୍ୱାଦ ଚାଖିଥିବାବେଳେ ଅନ୍ୟ ମ୍ୟାଚ୍‌ଟି ବର୍ଷା ଯୋଗୁ ବାତିଲ ହୋଇଛି। ଫଳରେ ଏହି ଦଳ ୩ ପଏଣ୍ଟ ପାଇଛି। ଅନ୍ୟପକ୍ଷରେ ମଣିପାଲ ଟାଇଗର୍ସ ୩ଟି ମ୍ୟାଚ୍ ଖେଳିସାରିଥିବାବେଳେ ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ। ୨ଟି ମ୍ୟାଚ୍‌ରେ ପରାଜିତ ହୋଇଥିବାବେଳେ ଅନ୍ୟ ମ୍ୟାଚ୍‌ଟି ବାତିଲ ହୋଇଥିବାରୁ ଦଳ ମାତ୍ର ୧ ପଏଣ୍ଟ ପାଇ ଟେବୁଲର ନିମ୍ନରେ ରହିଛି। ପ୍ରଥମ ରାଉଣ୍ଡରେ କିଙ୍ଗ୍ସ ଓ ଟାଇଗର୍ସ ମଧ୍ୟରେ ସେପ୍ଟେମ୍ବର ୧୮ରେ ଲକ୍ଷ୍ନୌରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିଲ୍‌ୱାରା କିଙ୍ଗ୍ସ ୩ ଉଇକେଟରେ ବିଜୟୀ ହୋଇଥିଲା। ମହମ୍ମଦ କୈଫ୍‌ଙ୍କ ଦ୍ରୁତ ୭୩ ରନ୍ ସତ୍ତ୍ୱେ ମଣିପାଲ ଟାଇଗର୍ସ ୨୦ ଓଭରରେ ୭ ଉଇକେଟ



ସନ୍ଧାନୀ କୁକୁର ସାହାଯ୍ୟରେ ପଡ଼ିଆ ଯାଞ୍ଚ୍ କରାଯାଉଛି।

**ଲିଜେଣ୍ଡସ୍ ଲିଗ୍ କ୍ରିକେଟ**

ହରାଇ ୧୫୩ ରନ୍ କରିଥିଲା। ବିପକ୍ଷ ଦଳର ଫିଦେଲ ଏଡ୍‌ୱାର୍ଡ୍ସ ୪ ଉଇକେଟ ସଫଳତା ପାଇଥିଲେ। ଜବାବରେ ଭିଲ୍‌ୱାରା କିଙ୍ଗ୍ସ ୧୯.୪ ଓଭରରେ ୭ ଉଇକେଟ ହରାଇ ୧୫୬ ରନ୍ ସଂଗ୍ରହ କରି ନେଇଥିଲା। କୌଣସି ଖେଳାଳି ଅର୍ଦ୍ଧଶତକ ହାସଲ କରି ନ ଥିଲେ ହେଁ ୟୁସୁଫ୍ ପଠାନ ୨୮ ବଲ୍‌ରୁ ୪୪ ରନ୍ କରି ଦଳର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହାପରେ ଗୁଜରାଟ ଜାଏଣ୍ଟସ୍‌ଠାରୁ ମନିପାଲ ଟାଇଗର୍ସ ଏବଂ ଇଣ୍ଡିଆ କ୍ୟାପିଟାଲ୍ସଠାରୁ ଭିଲ୍‌ୱାରା କିଙ୍ଗ୍ସ ଦଳ ପରାଜିତ ହୋଇଥିଲେ। ଜାଏଣ୍ଟସ୍-ଟାଇଗର୍ସ ଏବଂ କ୍ୟାପିଟାଲ୍ସ-କିଙ୍ଗ୍ସ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ତେଣୁ ଆଗାମୀ ମ୍ୟାଚ୍ ପାଇଁ ଭିଲ୍‌ୱାରା କିଙ୍ଗ୍ସ ଫେଭରାଇଟ ବିବେଚିତ ହେଉଛି। ଅନ୍ୟପକ୍ଷରେ କିଙ୍ଗ୍ସକୁ ହରାଇ ପରାଜୟର ମଧୁର ପ୍ରତିଶୋଧ ନେବାକୁ ଟାଇଗର୍ସ ନିକଟରେ ସୁଯୋଗ ରହିଛି।

**ଭିଲ୍‌ୱାରା କିଙ୍ଗ୍ସ ଦଳ:** ଇର୍‌ଫାନ ପଠାନ (ଅଧିନାୟକ), ଟିନୋ ବେଷ୍ଟ, ରାଜେଶ ବିଷ୍ଣୋଇ, ଟିମ୍ ବ୍ରେସନାନ, ନିକ୍ କମ୍ପଟନ, ଫିଦେଲ ଏଡ୍‌ୱାର୍ଡ୍ସ, ନମନ ଓଝା, ମଣ୍ଟି ପନିସର, ସ୍ମିତ ପଟେଲ, ୟୁସୁଫ୍ ପଠାନ, ୱିଲିୟମ ପୋର୍ଟରଫିଲ୍ଡ, ମ୍ୟାଟ୍ ପ୍ରାୟର, ଦୀନେଶ ସାଲୁଙ୍ଖେ, ଓ୍ୱାଇସ୍ ଶାହ, ଏସ୍. ଶ୍ରୀସନ୍ଥ, ତନ୍ମୟ ଶ୍ରୀବାସ୍ତବ, ସୁଦୀପ ତ୍ୟାଗୀ, ଶେନ୍ ୱାଟ୍‌ସନ।

**ମଣିପାଲ ଟାଇଗର୍ସ ଦଳ:** ହରଭଜନ ସିଂ (ଅଧିନାୟକ), କୋରେ ଆଣ୍ଡରସନ, ସ୍ୱପ୍ନିଲ ଅସନୋଦକର, ପରବିନ୍ଦର ଅୱାନା, ଇମ୍ରାନ୍ ତାହିର, ମହମ୍ମଦ କୈଫ, ମୁଥୟା ମୁରଲୀଧର, ରମେଶ କାଲୁୱିଥରଣା, ଲାନ୍ସ କ୍ଲୁଜନର, ବ୍ରେଟ୍ ଲୀ, ଦିମିତ୍ରି ମାସ୍କରହାନ୍ସ, କ୍ରିସ୍ ମୋପୋଫୁ, ଫିଲ୍ ମଷ୍ଟାର୍ଡ, ରିକାର୍ଡୋ ପାୱେଲ, ରବିକାନ୍ତ ଶୁକ୍ଳା, ପ୍ରଦୀପ ସାହୁ, ଡାରେନ ସାମି, ର୍ୟାନ ସାଇଡ୍‌ବଟମ, ଟାଟେଣ୍ଡା ଟାଇବୁ।





କଟକର ବାରବାଟୀ ଷ୍ଟାଡିୟମରେ ଲିଜେଣ୍ଡସ୍ ଲିଗ୍ କ୍ରିକେଟ ମ୍ୟାଚ ଖେଳିବା ପାଇଁ ରବିବାର ଭୁବନେଶ୍ୱରରେ ଭିଲଓ୍ୱାରା କିଙ୍ଗ୍ସ ଓ ମଣିପାଲ ଟାଇଗର୍ସ ଦଳର ଖେଳାଳି।

# ମେଓ୍ୱେଦର ଜୁନିୟରଙ୍କ ସହଜ ବିଜୟ

**ସାଇତାମା (ଜାପାନ), ୨୫।୯ (ଏ.ପି)** ଜାପାନରେ ରବିବାର ଅନୁଷ୍ଠିତ ଏକ ପ୍ରଦର୍ଶନୀ ମ୍ୟାଚରେ ଫ୍ଲଏଡ୍ ମେଓ୍ୱେଦର ଜୁନିୟର ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦ୍ୱିତୀୟ ରାଉଣ୍ଡରେ ସହଜରେ ନକ୍‌ଆଉଟ କରିଦେଇଛନ୍ତି। ଏହି ୪୦ ବର୍ଷୀୟ ବକ୍ସିଂ କିମ୍ବଦନ୍ତୀ ତାଙ୍କର ସମସ୍ତ ୫୦ ପ୍ରଫେସନାଲ ଫାଇଟ୍‌ରେ ବିଜୟ ହାସଲ କରିଛନ୍ତି। ଟୋକିଓର ଉତ୍ତରାଞ୍ଚଳରେ ଅବସ୍ଥିତ ସାଇତାମା ସୁପର ଆରେନାଠାରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଅନୁଷ୍ଠିତ ମୁକାବିଲାରେ ଜାପାନର ଲୋକପ୍ରିୟ ମିକ୍ସଡ ମାର୍ଶଲଆର୍ଟ ଫାଇଟର ୩୦ ବର୍ଷୀୟ ମିକୁରୁ ଆସାକୁରା ବକ୍ସିଂରେ ତାଙ୍କ ପ୍ରଥମ ପଦାର୍ପଣରେ ମାତ୍ର କେତୋଟି ପଞ୍ଚ୍ ମାରିବାରେ ସମର୍ଥ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡରେ ମେଓ୍ୱେଦର ଅଧିକ ଆକ୍ରମଣାତ୍ମକ ହୋଇପଡ଼ିଥିଲେ। ଏହି ରାଉଣ୍ଡର ଶେଷ ଭାଗରେ ମେଓ୍ୱେଦର ଜାପାନିଜ ବକ୍ସରଙ୍କ ମୁହଁର ବାମ ପାର୍ଶ୍ୱରେ ଏକ ଶକ୍ତିଶାଳୀ ପଞ୍ଚ ମାରିବାରେ ଆସାକୁରା ଧରାଶାୟୀ ହୋଇଯାଇଥିଲେ ଏବଂ ତଳୁ ଉଠିବାରେ ଅସମର୍ଥ ହୋଇଥିଲେ। ରବିବାରର ଏହିଇଭେଣ୍ଟ ପରେ ଉଭୟ ବକ୍ସର ଟେନିସ ଷ୍ଟାର ନାଓମି ଓସାକା ଓ ପୂର୍ବତନ ପ୍ରଫେସନାଲ ବକ୍ସର ଫିଲପାଇନ୍ସର ମ୍ୟାନି ପାକ୍ୱିଓଙ୍କ ଭଳି



ଫ୍ଲଏଡ୍ ମେଓ୍ୱେଦର ଜୁନିୟର ଓ ମିକୁରୁ ଆସାକୁରାଙ୍କ ମଧ୍ୟରେ ଲଢ଼େଇ।

୧ ନିୟୁତ ୟେନ (୭,୦୦୦ ଡଲାର) ଲେଖାଏ ପକେଟସ୍ଥ କରିଛନ୍ତି। ଲାସ୍‌ଭେଗାସ୍ଥିତ ମେଓ୍ୱେଦର ପ୍ରମୋଶନ୍ସ ଓ ଜାପାନର ରିଜିନ ଫାଇଟିଂ ଫେଡେରେଶନର ମିଳିତ ଉଦ୍ୟମରେ ଏହି ପ୍ରଦର୍ଶନୀ ଫାଇଟ୍‌ର ଆୟୋଜନ ହୋଇଥିଲା। ଏଥିରେ ଓଜନ କଟକଣା ନ ଥିଲା। ବାଉଟଟି ୩ ରାଉଣ୍ଡ ବିଶିଷ୍ଟ କରାଯାଇଥିଲା। ଏହା ପୂର୍ବରୁ ମେଓ୍ୱେଦର ୨୦୧୯ରେ ଜାପାନକୁ ଏକ ପ୍ରଦର୍ଶନୀ ମ୍ୟାଚ ଖେଳିବାକୁ ଆସିଥିଲେ। ସେତେବେଳ ସେ କିକ୍‌ବକ୍ସର ଟେନ୍‌ଶିନ୍ ନାକୁକାୱାଙ୍କୁ ଆହୁରି ଶୀଘ୍ର ପ୍ରଥମ ରାଉଣ୍ଡରେ ହରାଇ ଦେଇଥିଲେ।

## ଆଡ୍‌ଭାନୀ, କୋଠାରୀ, ସିଟ୍‌ୱାଲାଙ୍କୁ ସିଧାସଳଖ ଏଣ୍ଟ୍ରି

**ନୂଆଦିଲ୍ଲୀ, ୨୫।୯ (ପି.ଟି.):** ଅକ୍ଟୋବର ୪ରୁ ୮ ପର୍ଯ୍ୟନ୍ତ କୁଆଲାଲମ୍ପୁରରେ ହେବାକୁଥିବା ଆଇବିଏସ୍‌ଏଫ୍ ୱାର୍ଲ୍ଡ ବିଲିୟାର୍ଡ୍ସ ଚାମ୍ପିୟନଶିପ୍ ଲାଗି ଭାରତର ଟପ୍ ଖେଳାଳି ପଙ୍କଜ ଆଡଭାନୀ, ସୌରଭ କୋଠାରୀ ଓ ଧ୍ରୁବ ସିଟ୍‌ୱାଲାଙ୍କୁ ସିଧାସଳଖ ଏଣ୍ଟ୍ରି ମିଳିଛି। ଚାମ୍ପିୟନଶିପ୍‌ରେ ଭାଗ ନେଉଥିବା ଅନ୍ୟ ଭାରତୀୟମାନେ ହେଲେ ଧ୍ୱଜ ହାରିଆ, ଲୋକିକ୍ ପଠାରେ, ଏସ୍. ଶ୍ରୀକ୍ରିଷ୍ଣା ଓ ରୋହନ ଜାମ୍ବୁସାରିଆ। କୋଭିଡ୍ ଯୋଗୁ ଏହି ଚାମ୍ପିୟନଶିପ୍ ଦୁଇବର୍ଷ ବ୍ୟବଧାନରେ ଅନୁଷ୍ଠିତ ହେଉଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ